# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୩୦/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, July 30/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 246 | ମୂଲ୍ୟ ₹୭/-




**'କେଡି ଦି ଡେଭିଲ୍'ରେ ସଞ୍ଜୟଙ୍କ ଫାଷ୍ଟ ଲୁକ୍ ଆଉଟ୍**

ଅଭିନେତା ସଞ୍ଜୟ ଦତ୍ତ ତାଙ୍କ ଆଗାମୀ ଚଳଚ୍ଚିତ୍ର 'କେଡି ଦି ଡେଭିଲ୍'ରେ ନିଜ ଲୁକ୍‌କୁ ସୋମବାର ଶେୟାର କରିଛନ୍ତି।

୦୨

୧୫

**ସମ୍ମାନ ରଖିଲେ ହରମନପ୍ରୀତ୍**

ଅଧିନାୟକ ହରମନପ୍ରୀତ୍ ସିଂଙ୍କ ବିଳମ୍ବିତ ଗୋଲରେ ଆର୍ଜେଣ୍ଟିନା ବିପକ୍ଷ ଅଲିମ୍ପିକ୍ସ ପୁରୁଷ ହକି ମ୍ୟାଚକୁ ଡ୍ର ରଖିପାରିଛି ଭାରତ।





ଭୁବନେଶ୍ୱରର ରସୁଲଗଡ଼ ଛକରେ ସୋମବାର ସନ୍ଧ୍ୟାରେ ଭୀଷଣ ବର୍ଷାର ଦୃଶ୍ୟ। (ଫଟୋ: ବିକାଶ ନାୟକ)

# ପିଲା ଗାଡ଼ି ଚଳାଇଲେ ମା'ବାପାଙ୍କୁ ଜେଲ

## ଏସ୍‌ଟିଏ ପକ୍ଷରୁ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ

- ୩ ବର୍ଷ ଜେଲଦଣ୍ଡ ସହ ୨୫ ହଜାର ଜରିମାନା
- ପ୍ରଥମ ଦିନରେ ୧୫୩ ମାମଲାରେ ଚାଲାଣ, ୬୦ ଗାଡ଼ି ଜବତ

କଟକ,୨୯।୭ (କାର୍ତ୍ତିକ ସାହୁ)

ଏଣିକି ୧୬ ବର୍ଷ ବୟସରୁ କମ୍ ନାବାଳକଙ୍କ ଗାଡ଼ି ଚାଳନା ଉପରେ ଲାଗିବ ରୋକ୍। ଏହି ନାବାଳକମାନେ ଗାଡ଼ି ଚଳାଉଥିବାବେଳେ ଧରାପଡ଼ିଲେ ସେମାନଙ୍କ ମା' ବାପା ଜେଲ ଯିବେ। ଏଥିସହ ସମ୍ପୃକ୍ତ ନାବାଳକଙ୍କୁ ୨୫ ବର୍ଷ ନ ହେବା ପର୍ଯ୍ୟନ୍ତ କୌଣସି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ ନାହିଁ। ସେହିପରି ମା' ବାପା ବା ଅଭିଭାବକ ଗାଡ଼ି ଦେଇଥିଲେ ସେମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ଏମ୍‌ଭି ଆକ୍ଟ ୧୯୯(କ) ଧାରା ଅନୁଯାୟୀ ରହିଥିବା ଦଣ୍ଡବିଧାନ ବ୍ୟବସ୍ଥା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)। ସୋମବାରଠାରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ। ରାଜ୍ୟର ୩୫ଟି ଆର୍‌ଟିଓ ଏବଂ ୩ଟି ଏଆର୍‌ଟିଓ ଅଧୀନରେ ଏହିଅଭିଯାନ ଆଗାମୀ ୩ଦିନ ଯାଏ ଚାଲିବ। ପ୍ରଥମ ଦିନରେ ମୋଟ ୧୫୩ଟି ମାମଲା ରୁଜୁ ହୋଇ ଚାଲାଣ କଟାଯାଇଥିବାବେଳେ ୬୦ଟି ଗାଡ଼ି ଜବତ କରାଯାଇଛି।

ସୂଚନା ଅନୁସାରେ, ବିଭିନ୍ନ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ ନିକଟରୁ ସୋମବାର ଅପରାହ୍ନ ୧ଟା ସୁଦ୍ଧା ମିଳିଥିବା ତଥ୍ୟ ହସ୍ତଗତ ହୋଇଛି। ଦିନତମାମ ହୋଇଥିବା ଚଢ଼ାଉର ତଥ୍ୟ ଏସ୍‌ଟିଏ ନିକଟରେ ପରବର୍ତ୍ତୀ ଦିବସରେ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ, କଳାହାଣ୍ଡିରେ ସର୍ବାଧିକ ୧୨, ଭୁବନେଶ୍ୱର(୨)ରେ ୧୧, କଟକ ୧୦, କୋରାପୁଟରେ ୮ଟି ଚାଲାଣ କଟାଯାଇଛି। ସେହିପରି ବଡ଼ବିଲରେ ୧, ଦେବଗଡ଼ ୩, ଅନୁଗୋଳ ୬, ଢେଙ୍କାନାଳ ୪, କେନ୍ଦୁଝରରେ ୫, ☞ପୃଷ୍ଠା-୪

# ସ୍ୱାଧିକାର ଭଙ୍ଗ ତାତି

## ଅଗ୍ନିବୀର ପ୍ରସଙ୍ଗରେ ବିରୋଧୀ-ଶାସକ ମୁହାଁମୁହିଁ

ଭୁବନେଶ୍ୱର,୨୯।୭(ଅନିଲ ଦାସ/ସୁନିତ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍‌କୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ କଂଗ୍ରେସ ଓ ବିଜେଡି ଏହି ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି। ଗୃହ ବାହାରେ ଅଗ୍ନିବୀରଙ୍କ ପାଇଁ ଘୋଷଣାକୁ ନେଇ କଂଗ୍ରେସ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ ଗୃହରେ କ୍ଷମା ମାଗନ୍ତୁ ବୋଲି ବିଜେଡି ଦାବି କରିଛି। ଏହି ପ୍ରଙ୍ଗକୁ ନେଇ ବିଧାନସଭା ଶୂନ୍ୟକାଳରେ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରି ଗୃହକୁ ଅଚଳ କରିଦେଇଛନ୍ତି। ପ୍ରବଳ ହଙ୍ଗାମା ଯୋଗୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ବାରମ୍ବାର ମୁଲତବୀ କରିଛନ୍ତି।

ସୋମବାର ବିଧାନସଭା ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ବିବୃତି ରଖିବାକୁ କହିଥିଲେ। ମନ୍ତ୍ରୀ ଅଗ୍ନିବୀରମାନଙ୍କୁ ରାଜ୍ୟ ସରକାର ରାଜ୍ୟର ସମସ୍ତ ୟୁନିଫର୍ମ ସେବାରେ ନିଯୁକ୍ତି ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ଦେବା ସହିତ ସେମାନଙ୍କ ପାଇଁ ବୟସସୀମା ମଧ୍ୟ ୫ ବର୍ଷ କୋହଳ କରାଯିବ ବୋଲି ଘୋଷଣା କରିଥିଲେ। ଏହି ସମୟରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ପ୍ରତିବାଦ କରି ଗୃହର ମଧ୍ୟଭାଗକୁ ଉଠି ଆସିଥିଲେ। ତାଙ୍କ ସହିତ କଂଗ୍ରେସର ଅନ୍ୟ ସଦସ୍ୟମାନେ ମଧ୍ୟ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ତାରା ଅଭିଯୋଗ କରିଥିଲେ, ଗୃହ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଗତ ୨୬ ତାରିଖରେ ଲୋକସେବା ଭବନରେ ଅଗ୍ନିବୀରଙ୍କୁ ରାଜ୍ୟ ସରକାର ଚାକିରିରେ ସଂରକ୍ଷଣ ଓ ବୟସସୀମା କୋହଳ କରିବେ ଘୋଷଣା କରିଥିଲେ। ଗୃହ ଚାଲିଥିବା ବେଳେ ଗୃହ ବାହାରେ ଏପରି ଘୋଷଣା କରି ମୁଖ୍ୟମନ୍ତ୍ରୀ ଗୃହର ମର୍ଯ୍ୟାଦା ହାନି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଦିଆଯାଇଛି, ଏହାକୁ କାହିଁକି ଗ୍ରହଣ କରାଯାଇ ନାହିଁ କହି କଂଗ୍ରେସ ସଦସ୍ୟମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ। ବିଜେଡି ସଦସ୍ୟମାନେ ମଧ୍ୟ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ସିଟ୍‌କୁ ଯିବାକୁ ଅନୁରୋଧ କରିଥିଲେ। ମାତ୍ର ବାଚସ୍ପତିଙ୍କ ଅନୁରୋଧକୁ ବିରୋଧୀ କର୍ଣ୍ଣପାତ ନ କରି ହଙ୍ଗାମା ଜାରି ରଖିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୨ଟାରୁ ୨୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଗୃହ ଆରମ୍ଭ ହେବା ମାତ୍ରେ ବାଚସ୍ପତି ତାରା ବାହିନୀପତିଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ତାରା କହିଥିଲେ, ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଲୋଚନା ପୂର୍ବରୁ ମନ୍ତ୍ରୀଙ୍କୁ ମନ୍ତବ୍ୟ ଦେବାକୁ ସୁଯୋଗ ଦେଇ ବାଚସ୍ପତି ବିଧାନସଭାରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଗୃହ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ କଥା ଗୃହ ବାହାରେ ଘୋଷଣା କଲେ। ମୁଖ୍ୟମନ୍ତ୍ରୀ ପୂର୍ବରୁ ମୁଖ୍ୟ ସଚେତକ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ଦୁଇଦିନ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଧାନସଭାରେ ଘୋଷଣା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଗୃହକୁ ବିଶ୍ୱାସକୁ ନେଉନାହାନ୍ତି। ବିଧାନସଭାକୁ ବାସିଖାଦ୍ୟ ପରିବେଷଣ କରାଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଧାନସଭାର ଊର୍ଦ୍ଧ୍ୱରେ କେହି ନୁହନ୍ତି। ସ୍ୱାଧିକାର ଭଙ୍ଗ ନୋଟିସ୍‌କୁ ଗ୍ରହଣ କରାଯାଉ। ଏହାକୁ ସ୍ୱାଧିକାର ଭଙ୍ଗ କମିଟିକୁ ପଠାଯାଉ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଗୃହ ଚାଲିବା ସମୟରେ ବାହାରେ କୌଣସି ଘୋଷଣା ହୋଇପାରିବ ନାହିଁ। ଏହା ବିଧାନସଭାର ପରମ୍ପରା। ଅଗ୍ନିବୀରଙ୍କୁ ☞ପୃଷ୍ଠା-୪

### ପୋଡିୟମ ଉପରକୁ କାଗଜ ଫିଙ୍ଗିଲେ ତାରା

## ଋଷିଆ-ୟୁକ୍ରେନ୍ ଯୁଦ୍ଧରେ ଲଢୁଥିବା ହରିୟାଣା ଯୁବକଙ୍କ ମୃତ୍ୟୁ

ଚଣ୍ଡିଗଡ଼,୨୯।୭

ଋଷିଆ ସେନାର ଫ୍ରଣ୍ଟଲାଇନରେ ରହି ୟୁକ୍ରେନ୍ ସୈନ୍ୟଙ୍କ ବିରୋଧରେ ଯୁଦ୍ଧ ଲଢୁଥିବା ହରିୟାଣାର ଜଣେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ରବି ମୌନ ନାମକ ଏହି ଯୁବକଙ୍କ ମୃତ୍ୟୁ ସମ୍ପର୍କରେ ମସ୍କୋସ୍ଥିତ ଭାରତୀୟ ଦୂତାବାସ ସ୍ପଷ୍ଟ କରିଛି। ତାଙ୍କ ଘର ହରିୟାଣା କୈଥଲ ଜିଲା ଅନ୍ତର୍ଗତ ମାଟୌର ଗ୍ରାମରେ। ପରିବହନ ସେବାରେ ନିଯୁକ୍ତି ପାଇଁ ଗତ ଜାନୁଆରୀ ୧୩ରେ ରବିଙ୍କୁ ଋଷିଆ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ସୈନ୍ୟବାହିନୀରେ ଭର୍ତ୍ତି କରାଯାଇଥିଲା ବୋଲି ତାଙ୍କ ଭାଇ ଅଜୟ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଋଷିଆ ଗସ୍ତରେ ଯାଇ ସେଠାର ସୈନ୍ୟବାହିନୀରେ କାର୍ଯ୍ୟରତ ଭାରତୀୟଙ୍କ ସମ୍ପର୍କରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କୁ ତୁରନ୍ତ ଫେରାଇଦିଆଯିବ ବୋଲି ରାଷ୍ଟ୍ରପତି ପୁଟିନ୍ ପ୍ରତିଶ୍ରୁତି ଦେଇଥିବା ଖବର ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ଋଷିଆ ସୈନ୍ୟବାହିନୀରେ ଏବେ ବି ଭାରତୀୟ ରହିଥିବା ହରିୟାଣା ଯୁବକଙ୍କୁ ମୃତ୍ୟୁ ଘଟଣାରୁ ସ୍ପଷ୍ଟ ହୋଇଛି।

**ଆଜିର ସମ୍ପାଦକୀୟ**

ଧନୀ ଟିକସ

# 'ଭୟର ଚକ୍ରବ୍ୟୂହ' ଭାଙ୍ଗିବେ ବିରୋଧୀ: ରାହୁଲ

ନୂଆଦିଲ୍ଲୀ,୨୯।୭

ଦେଶରେ ଭୟର 'ଚକ୍ରବ୍ୟୂହ' ସୃଷ୍ଟି କରାଯାଇଥିବା ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। କେନ୍ଦ୍ର ସରକାର ଆଣିଥିବା ବଜେଟର ମୁଖ୍ୟ ଲକ୍ଷ୍ୟ ହେଲା ଏକାଧିକାର ପୁଞ୍ଜି ରୂପରେଖକୁ ସୁଦୃଢ଼ କରିବା। ରାଜନୈତିକ ମନମାନି ଏବଂ ସରକାରଙ୍କ ନୀତିକୁ କେତେଜଣ ପ୍ରଭାବଶାଳୀ ଲୋକ ନିୟନ୍ତ୍ରଣ କରିବା ବଜେଟର ଲକ୍ଷ୍ୟ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

ଲୋକ ସଭାରେ ୨୦୨୪-୨୫ ବର୍ଷର କେନ୍ଦ୍ର ବଜେଟ ଆଲୋଚନାରେ ଭାଗନେଇ ରାହୁଲ କହିଥିଲେ, ଏକ ଚକ୍ରବ୍ୟୂହ ମାଧ୍ୟମରେ ଭୟର ପ୍ରସାର କରାଯାଉଛି, ଯେଉଁଥିରେ ଭାଜପା ଏମ୍‌ପି, କୃଷକ, ଶ୍ରମିକଙ୍କ ସମେତ ସମସ୍ତେ ଫସିରହିଛନ୍ତି। ଅନେକ ହଜାର ବର୍ଷ ପୂର୍ବେ କୁରୁକ୍ଷେତ୍ରରେ ୬ ଜଣ ମହାରଥି ଚକ୍ରବ୍ୟୂହ ରଚନା କରି ଅଭିମନ୍ୟୁଙ୍କୁ ମାରିଥିଲେ। ଚକ୍ରବ୍ୟୂହରେ ହିଂସା ଏବଂ ଆତଙ୍କ ରହିଛି। ରାହୁଲ କହିଛନ୍ତି, ଚକ୍ରବ୍ୟୂହ ହେଉଛି ତଥାକଥିତ 'ପଦ୍ମବ୍ୟୂହ' ଯାହା ପଦ୍ମ(ଭାଜପାର ଚିହ୍ନ) ଭଳି ଦେଖାଯାଉଥିବା ବହୁସ୍ତରୀୟ ଢାଞ୍ଚା। ଭାଜପା ଗଠନ କରିଥିବା ଚକ୍ରବ୍ୟୂହକୁ ବିରୋଧୀ ଜାତି ଜନଗଣନା ଦ୍ୱାରା ଭାଙ୍ଗିଦେବେ ବୋଲି କଂଗ୍ରେସ ନେତା କହିଛନ୍ତି। ସେ କହିଛନ୍ତି, ଭାରତକୁ ନିୟନ୍ତ୍ରଣ କରିଥିବା ୩ଟି ଶକ୍ତି ହେଲା ଏକାଧିକାର ପୁଞ୍ଜି ଚିନ୍ତାଧାରା ଏବଂ ଆର୍ଥିକ କ୍ଷମତାର କେନ୍ଦ୍ରୀକରଣ ; ସିବିଆଇ, ଇଡି, ଆୟକର ବିଭାଗ ଭଳି ଏଜେନ୍ସି ଏବଂ ରାଜନୈତିକ କାର୍ଯ୍ୟକର୍ତ୍ତା। ଏମାନେ ଚକ୍ରବ୍ୟୂହର କେନ୍ଦ୍ରରେ ରହି ଦେଶକୁ ଧ୍ୱଂସ କରୁଛନ୍ତି। ଏହା କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟକୁ ଧ୍ୱଂସ କରିଦେଉଛି, ଯାହା ବିମୁଦ୍ରୀକରଣ ଏବଂ ଟିକସ ଆତଙ୍କବାଦ ଦ୍ୱାରା କରାଯାଇଥିଲା। ଟ୍ୟାକ୍ସ ଟେରୋରିଜମ୍‌ର ଅନ୍ତଃ ଘଟାଇବା ପାଇଁ ବଜେଟରେ କିଛି ନାହିଁ। ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ଗୋଟିଏ ଶବ୍ଦ ମଧ୍ୟ କହିନାହାନ୍ତି।

ବିରୋଧୀ ଦଳ ନେତା କହିଛନ୍ତି, ଇଣ୍ଡିଆ ବ୍ଲକ୍ କୃଷକମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସୁନିଶ୍ଚିତ ପ୍ରଦାନ କରିବ। ମଧ୍ୟବିତ୍ତ ବର୍ଗ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କଠାରୁ ନିରାଶ ହୋଇ ଏବେ ଇଣ୍ଡିଆ ବ୍ଲକ୍ ଆଡ଼କୁ ଢଳିଛନ୍ତି। ଏହି ମେଣ୍ଟ ଭାଜପାର ଭୟର ଚକ୍ରବ୍ୟୂହକୁ ଭାଙ୍ଗିବାକୁ ଯାଉଛି ବୋଲି ରାହୁଲ କହିଛନ୍ତି।

ଲୋକ ସଭାରେ ରାହୁଲ ସରକାରଙ୍କ ଅଗ୍ନିପଥ ଯୋଜନାକୁ କଡ଼ା ସମାଲୋଚନା କରିବାରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା। ବିରୋଧୀ ଦଳ ନେତା ଭୁଲ୍ ତଥ୍ୟର ପ୍ରସାର କରାଇ ଏହି ଯୋଜନା ସମ୍ପର୍କରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ରାଜନାଥ କହିବା ସହ ଏହା ଉପରେ ଗୃହରେ ଆଲୋଚନା ଦାବି କରିଥିଲେ। ରାହୁଲ କହିଥିଲେ ଅଗ୍ନିପଥ ଯୋଜନା ଦେଶର ସୈନ୍ୟ ଓ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ଓ ସମ୍ମାନ ଛଡ଼ାଇନେଇଛି। ଏହା ସରକାରଙ୍କ ଯୁବ ବିରୋଧୀ ଏବଂ କୃଷକ ବିରୋଧୀ ମାନସିକତାକୁ ପଦାରେ ପକାଇଛି। ସୂଚନାଯୋଗ୍ୟ, ଜୁଲାଇ ୧ରେ ମଧ୍ୟ ଲୋକ ସଭାରେ ରାହୁଲ ଏବଂ ରାଜନାଥଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା।



# ଜଙ୍ଗଲରୁ ଉଦ୍ଧାର ହେଲେ ଆମେରିକୀୟ ମହିଳା

### ୪୦ ଦିନ ଧରି ଖାଇ ନ ଥିଲେ

ମୁମ୍ବାଇ, ୨୯।୭

ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲାର ଏକ ଜଙ୍ଗଲରେ ଥିବା ଗୋଟିଏ ଗଛରେ ଜଣେ ଆମେରିକୀୟ ମହିଳା(୫୦) ଚେନ୍ ଯୋଗେ ବନ୍ଧା ହୋଇ ପଡ଼ିଥିବାବେଳେ ତାଙ୍କୁ ସୋମବାର ପୋଲିସ ଉଦ୍ଧାର କରିଛି। ଉକ୍ତ ଜଙ୍ଗଲ ନିକଟରେ ଥିବା ସୋନୁରଲି ଗ୍ରାମର ଜଣେ ମେଣ୍ଢା ଚରାଳି ମହିଳାଙ୍କ କାନ୍ଦ ଶୁଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ ସାୱନ୍ତୱାଡ଼ି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲା। ମହିଳା ଜଣକ ମାନସିକ ଭାବେ



ପୀଡ଼ିତ ଥିବା ନେଇ ଉକ୍ତ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି। ସେ କିଛି କହିବାକୁ ସକ୍ଷମ ହେଉ ନ ଥିବାବେଳେ ଏକ କାଗଜରେ ଲେଖି ନିଜ ସମସ୍ୟା ଜଣାଉଥିଲେ। ଘରୋଇ ଝଗଡ଼ା ପରେ ସ୍ୱାମୀ ତାଙ୍କୁ ଗଛରେ ବାନ୍ଧି ଦେଇଥିଲେ ବୋଲି ଉକ୍ତ ମହିଳା କାଗଜରେ ଲେଖି ପୋଲିସକୁ ଜଣାଇଛନ୍ତି। ସେହିପରି ସେ ଗତ ୪୦ ଦିନ ଧରି କିଛି ଖାଇ ନ ଥିବା ମଧ୍ୟ ଲେଖିକରି ଜଣାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଏଫ୍‌ଆଇଆର୍ ରୁଜୁ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ଉକ୍ତ ମହିଳାଙ୍କ ନିକଟରୁ ଆମେରିକାର ପାସପୋର୍ଟ ଜବତ ☞ପୃଷ୍ଠା-୪

# ପୋଲାଭରମ୍ ଉପରେ ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକ ହେବ: ମୋହନ

ଭୁବନେଶ୍ୱର,୨୯।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ ଶେଷ କରି ସୋମବାର ଭୁବନେଶ୍ୱର ଫେରିଛନ୍ତି। ଦିଲ୍ଲୀ ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନୀତି ଆୟୋଗ ଗଭର୍ନିଂ କାଉନ୍‌ସିଲ ବୈଠକରେ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ ଯାହାସବୁ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଦାବି ଉପସ୍ଥାପିତ କରାଯାଇଛି। ୨୦୩୬ ପାଇଁ ଆସନ୍ତା ୧୨ ବର୍ଷ ମଧ୍ୟରୁ ପ୍ରଥମ ୫ ବର୍ଷରେ ଆମ ପାଇଁ ଗୁରୁଦାୟିତ୍ୱ ରହିଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଯୋଜନାରେ ଓଡ଼ିଶା ପ୍ରଥମ ଗୁରୁତ୍ୱ ବହନ କରୁଛି। ଡବଲ ଇଞ୍ଜିନ୍‌ର ଯେଉଁ ବଗି କଥା କୁହାଯାଉଛି, ସେଥିରେ ମଧ୍ୟ ଓଡ଼ିଶା ହେବ ପ୍ରଥମ ବଗି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଉଛନ୍ତି । ନୀତି ଆୟୋଗ ବୈଠକରେ ଦେଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ୫ ବର୍ଷରେ ଓଡ଼ିଶାରେ ନିଶ୍ଚିତଭାବେ ବିରାଟ ପରିବର୍ତ୍ତନ ଆସିବ। ଓଡ଼ିଶାର ବିକାଶ ପାଇଁ ୪୮୦ କିଲୋମିଟର ବେଳାଭୂମିର ବିକାଶ, ବନ୍ଦରଭିତ୍ତିକ ଶିଳ୍ପ, ପର୍ଯ୍ୟଟନର ବିକାଶ, ଆଇଟି କ୍ଷେତ୍ରର ବିକାଶ, ଜନଜାତିମାନଙ୍କ ବିକାଶ ଉପରେ ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



### ଚିଠି ଲେଖା ଉପରେ ମୋର ବିଶ୍ୱାସ ନାହିଁ: ମୁଖ୍ୟମନ୍ତ୍ରୀ

ଆଳୁ ସମସ୍ୟା ଉପରେ ମତାମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ଚିଠି ଲେଖିବାରେ ବିଶ୍ୱାସ କରନ୍ତି ନାହିଁ। ଦିଲ୍ଲୀରେ ସିଧାସଳଖ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

**୫ ବର୍ଷରେ ବିଦେଶରେ ଯାଇଛି ୬୩୩ ଭାରତୀୟ ଛାତ୍ରଙ୍କ ଜୀବନ**

ଗତ ୫ ବର୍ଷ ମଧ୍ୟରେ ବିଦେଶରେ ୬୩୩ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ସୋମବାର ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ରଖି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ସୂଚନା ଦେଇଛନ୍ତି। କାନାଡାରେ ସର୍ବାଧିକ ୧୭୨ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଆମେରିକାରେ ଦ୍ୱିତୀୟ ସର୍ବାଧିକ ୧୦୮ ଛାତ୍ର ପ୍ରାଣ ହରାଇଛନ୍ତି।

## ସଂକ୍ଷେପରେ

### କେଜ୍‌ରିୱାଲଙ୍କ ଜାମିନ ଆବେଦନ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୨୯।୭(ପି.ଟି.)

ଅବକାରୀ ନୀତି ସହ ଜଡ଼ିତ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର ରାୟ ସଂରକ୍ଷିତ ରଖିଛନ୍ତି। ଆପ୍ ନେତା ଏବଂ ତଦନ୍ତକାରୀ ସଂସ୍ଥା ସିବିଆଇ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ନୀନା ବଂଶଲ କ୍ରିଷ୍ଣାଙ୍କ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ। କେଜ୍‌ରିୱାଲଙ୍କୁ ଅବକାରୀ ଦୁର୍ନୀତିର ସୂତ୍ରଧର ଦର୍ଶାଇ ସିବିଆଇ ତାଙ୍କ ଜାମିନକୁ ବିରୋଧ କରିଥିଲା। କିଛି ଘଣ୍ଟା ପୂର୍ବରୁ ସିବିଆଇ କେଜ୍‌ରିୱାଲଙ୍କ ବିରୋଧରେ ରାଉସ୍ ଆଭେନ୍ୟୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା।

**ଭେନେଜୁଏଲା ନିର୍ବାଚନ**

### ବିଜୟୀ ଦାବିକଲେ ଶାସକ, ବିରୋଧୀ




ନିକୋଲାସ ମାଦୁରୋ  ଏଡମୁଣ୍ଡୋ ଗୋଞ୍ଜାଲେଜ୍

କାରାକାସ୍,୨୯।୭

ଭେନେଜୁଏଲା ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିବାବେଳେ ଶାସକ ଓ ବିରୋଧୀ ଉଭୟ ବିଜୟୀ ହୋଇଥିବା ଦାବି କରିଛନ୍ତି। ସରକାରୀ ଭାବେ ଘୋଷିତ ଫଳାଫଳ ଉପରେ ଆମେରିକା ସମେତ ବିଦେଶୀ ରାଷ୍ଟ୍ରଗୁଡ଼ିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିରୋଧୀ ପ୍ରାର୍ଥୀ ଏଡମୁଣ୍ଡୋ ଗୋଞ୍ଜାଲେଜ୍ ସୋମବାର ନିଜକୁ ବିଜୟୀ ଦାବି କରିବା ଫଳରେ ନିର୍ବାଚନ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି। ୫୧% ଭୋଟ ସହ ମାଦୁରୋ ତୃତୀୟ ପାଳି ପାଇଁ ବିଜୟୀ ହୋଇଥିବା ନିର୍ବାଚନ କର୍ତ୍ତୃପକ୍ଷ ରବିବାର ମଧ୍ୟରାତ୍ରରେ ଘୋଷଣା କରିଥିଲେ। ତେବେ ନିରପେକ୍ଷ ଏକ୍‌ଜିଟ୍ ପୋଲ୍ ଗୋଞ୍ଜାଲେଜ୍‌ଙ୍କ ସପକ୍ଷରେ ମତ ଦେଇଛି। ଗୋଞ୍ଜାଲେଜ୍‌ଙ୍କୁ ୭୦ ପ୍ରତିଶତ ଭୋଟ ମିଳିଥିବା ବିରୋଧୀ ନେତା ମାରିଆ କୋରିନା ମାଚାଡୋ ଦାବି କରିଛନ୍ତି।



କୋଚିଂ ସେଣ୍ଟରରେ ୩ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ପ୍ରତିବାଦରେ ଆପ୍ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ କରୁଥିବା ଭାଜପା କର୍ମୀଙ୍କୁ ପୋଲିସ ପାଣି ମାଡ଼ କରୁଛି।



ନୂଆଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗର ଅଞ୍ଚଳର ବେଆଇନ ଜବରଦଖଲ ଉଚ୍ଛେଦ କରାଯାଉଛି।

# କୋଚିଂ ସେଣ୍ଟର ଟ୍ରାଜେଡି: ୫ ଗିରଫ

**ଜବରଦଖଲ ଉପରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ**

**ତଦନ୍ତ କରିବ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କମିଟି**

ନୂଆଦିଲ୍ଲୀ,୨୯।୭

ନୂଆଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗରସ୍ଥିତ ରାଓସ୍ ଷ୍ଟଡି ସର୍କଲ ବେସ୍‌ମେଣ୍ଟକୁ ଶନିବାର ନର୍ଦ୍ଦମା ପାଣି ପଶିଯିବାରୁ ୩ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ସୋମବାର ଆଉ ୫ ଜଣଙ୍କୁ ଗିରଫ କରାଯିବା ସହ ବୁଲ୍‌ଡୋଜର ଦ୍ୱାରା ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଯେଉଁମାନଙ୍କ ଅବହେଳା ପାଇଁ କୋଚିଂ ସେଣ୍ଟରରେ ୩ ଆଇଏଏସ୍ ଆଶାୟୀଙ୍କ ଅକାଳ ମୃତ୍ୟୁ ଘଟିଲା, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲୋକ ସଭାରେ ଦଳମତ ନିର୍ବିଶେଷରେ ସଦସ୍ୟମାନେ ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି। ୩୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ଉକ୍ତ କମିଟିକୁ କୁହାଯାଇଛି।

କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଛାତ୍ରୀଛାତ୍ରମାନେ ବିକ୍ଷୋଭ ଜାରି ରଖିଥିବାବେଳେ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ସୋମବାର ସେମାନଙ୍କୁ ଭେଟି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟିର କେତେଜଣ ନେତା ଓ କର୍ମୀ ଉପରାଜ୍ୟପାଳଙ୍କ ସଚିବାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହି ଘଟଣା ପାଇଁ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର ଅଧ୍ୟକ୍ଷ ଓ ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

କୋଚିଂ ସେଣ୍ଟର ମାଲିକ ଅଭିଷେକ ଗୁପ୍ତା ଓ କୋ-ଅର୍ଡିନେଟର ଦେଶପାଲ ସିଂଙ୍କୁ ରବିବାର ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଯେଉଁ ଏସ୍‌ୟୁଭି ପାଇଁ ଡ୍ରେନ୍ ପାଣି କୋଚିଂ ସେଣ୍ଟର ଫାଟକକୁ ଠେଲିଦେଇ ଭିତରେ ପ୍ରବେଶ କଲା, ତାହାର ଡ୍ରାଇଭରକୁ ସୋମବାର ଗିରଫ କରାଯାଇଛି। ଏହା ବ୍ୟତୀତ ଅନ୍ୟ ୪ ଜଣ ଗିରଫ ହୋଇଛନ୍ତି। କୋଚିଂ ସେଣ୍ଟର ମାଲିକ ଏବଂ ସହଯୋଗୀଙ୍କ ବିରୋଧରେ ଉଦ୍ଦେଶ୍ୟବିହୀନ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ସେମାନଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଦାୟିତ୍ୱହୀନତା ଅଭିଯୋଗ ପରେ କର୍ତ୍ତବ୍ୟରେ ତ୍ରୁଟି ପାଇଁ ମ୍ୟୁନିସିପାଲ କର୍ପୋରେଶନ ଜଣେ ଜୁନିୟର ଇଞ୍ଜିନିୟରଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଜଣେ ସହକାରୀ ଯନ୍ତ୍ରୀଙ୍କୁ ନିଲମ୍ବନ କରିଛି। ଡ୍ରେନ୍ ପାଣି ଜମିବା ପାଇଁ ଦାୟୀ ଜବରଦଖଲକୁ ଭାଙ୍ଗିଦିଆଯାଇଥିବା ଏମ୍‌ସିଡି କମିଶନର ଅଶ୍ୱିନୀ କୁମାର କହିଛନ୍ତି।

ସୂଚନାଯୋଗ୍ୟ, ବର୍ଷାଜନିତ ନର୍ଦ୍ଦମା ପାଣି ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲରେ ପ୍ରବେଶ କରିବାରୁ ବେସ୍‌ମେଣ୍ଟରେ ଥିବା ଉତ୍ତରପ୍ରଦେଶ ଆମ୍ବେଡକର ନଗର ବାସିନ୍ଦା ଶ୍ରେୟା ଯାଦବ, ତେଲଙ୍ଗାନାର ତାନ୍ୟା ସୋନି ଓ କେରଳ ଏର୍ନାକୁଲମ୍‌ର ନବୀନ ଦଲୱିନ୍‌ଙ୍କ ମୃତ୍ୟୁ ଘଟିଥିଲା। ଦିଲ୍ଲୀ ମେୟର ଶେଲୀ ଓବରୟ ଏମ୍‌ସିଡି କମିଶନରଙ୍କୁ ବେଆଇନ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଉକ୍ତ ଅଞ୍ଚଳରେ ଥିବା ୧୩ଟି କୋଚିଂ ସେଣ୍ଟରକୁ ସିଲ୍ କରିଦିଆଯାଇଛି। ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲର ଭୂତଳକୁ ଷ୍ଟୋର ରୁମ୍ ଭାବେ ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। କିନ୍ତୁ ସେମାନେ ବ୍ୟବସାୟିକ ଉଦ୍ଦେଶ୍ୟରେ ଏହାକୁ ଶ୍ରେଣୀଗୃହ ବା ଲାଇବ୍ରେରି ରୂପେ ବ୍ୟବହାର କରୁଥିଲେ। ଏହା ଅଗ୍ନିଶମ ନିୟମଗୁଡ଼ିକର ଖୋଲା ଉଲ୍ଲଂଘନ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କାର୍ଯ୍ୟାନୁଷ୍ଠାନ ଦାବିରେ ପାର୍ଲାମେଣ୍ଟରେ ହୋହଲ୍ଲା

କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ଡ୍ରେନ୍ ପାଣି ପଶି ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ୩ ଛାତ୍ରୀଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିବା ଘଟଣାରେ ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦଳମତ ନିର୍ବିଶେଷରେ ସବୁ ସଦସ୍ୟ ଘଟଣାର ଉପଯୁକ୍ତ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଟ୍ରାଜେଡି ପାଇଁ ଭାଜପା ଦିଲ୍ଲୀର ଏଏପି ସରକାରଙ୍କୁ ଦାୟୀ କରିଥିଲା। ୩ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଉପଯୁକ୍ତ ତଦନ୍ତ ମାଧ୍ୟମରେ ଚିହ୍ନଟ କରାଯିବାକୁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାବି କରିଥିଲେ। ଉତ୍ତରପ୍ରଦେଶ ଭଳି ଏଠାରେ ମଧ୍ୟ ଦୋଷୀଙ୍କ ବିରୋଧରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି ବୋଲି ଅଖିଳେଶ ପ୍ରଶ୍ନ କରିଥିଲେ। ପ୍ରଶ୍ନୋତ୍ତର କାଳରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ଘଟଣା ସମ୍ପର୍କିତ ପ୍ରଶ୍ନର ସିଧାସଳଖ ଉତ୍ତର ନ ଦେଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ ପାଇଁ ଗତ ଜାନୁଆରୀରେ ସରକାର ଗାଇଡ୍‌ଲାଇନ ଜାରି କରିଥିବା କହିଥିଲେ। ବହୁ କୋଚିଂ ସେଣ୍ଟର ବିନା ଅନୁମୋଦିତ ବିଲ୍ଡିଂ ଏବଂ ସୁବିଧାରେ ଚାଲିଥିବା କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ଅଭିଯୋଗ ଆଣି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି ବୋଲି ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପାଇଁ ନୂଆଦିଲ୍ଲୀ ଭାଜପା ଏମ୍‌ପି ବାଂଶୁରୀ ସ୍ୱରାଜ ଆପ୍ ସରକାରଙ୍କୁ ଦାୟୀ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯିବାକୁ ସେ ଦାବି କରିଥିଲେ। ସେହିପରି ରାଜ୍ୟ ସଭାରେ କଂଗ୍ରେସ ଏମ୍‌ପି ରଣଦୀପ ସୁର୍ଯେୱାଲା କୋଚିଂ ସେଣ୍ଟରଗୁଡ଼ିକର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନ ଆଣିବାକୁ ଦାବି କରିଥିଲେ।

### ହେମନ୍ତ ସୋରେନ୍‌ଙ୍କ ଜାମିନ ସୁପ୍ରିମକୋର୍ଟରେ କାଏମ



ନୂଆଦିଲ୍ଲୀ,୨୯।୭(ପି.ଟି.)

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ମନିଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡ ହାଇକୋର୍ଟ ଦେଇଥିବା ଜାମିନକୁ ସୋମବାର ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ହାଇକୋର୍ଟ ଜୁନ୍ ୨୮ରେ ହେମନ୍ତଙ୍କୁ ଜାମିନ ଦେଇଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ହେମନ୍ତଙ୍କୁ ଜାମିନ ଯୁକ୍ତିଯୁକ୍ତ ରାୟ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଜମି ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଇଡି ଜାନୁଆରୀ ୩୧ରେ ହେମନ୍ତଙ୍କୁ ଗିରଫ କରିବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜାମିନରେ ବାହାରିବା ପରେ ସେ ଜୁଲାଇ ୪ରେ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ହେମନ୍ତ କ୍ଷମତାର ଦୁରୁପଯୋଗ କରିପାରନ୍ତି ବୋଲି ଇଡି ଅଭିଯୋଗ କରି ଜାମିନକୁ ବିରୋଧ କରିଥିଲା।

## ପ୍ରେମ ପାଇଁ ସୀମା ପାର୍ ହୋଇ ଭାରତ ଆସିଲେ ପାକିସ୍ତାନୀ ମହିଳା

ଜୟପୁର, ୨୯।୭

ପୁଣି ଥରେ ଏକ ସୀମା ପାର୍ ପ୍ରେମକାହାଣୀ ଦେଖିବାକୁ ମିଳିଛି। ମେହବିଶ୍ ନାମ୍ନୀ ଜଣେ ୩୩ ବର୍ଷୀୟା ପାକିସ୍ତାନୀ ମହିଳା ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାକୁ ପାର୍ ହୋଇ ରାଜସ୍ଥାନର ବିକାନେର ନିବାସୀ ରେହମାନଙ୍କୁ ଭେଟିବାକୁ ଆସିଛନ୍ତି। ଦୁହେଁ ଗତ କିଛିବର୍ଷ ଧରି ସୋସିଆଲ ମିଡିଆରେ ପରସ୍ପରକୁ ଭଲପାଇ ଆସୁଥିଲେ। ପାକିସ୍ତାନର ଇସ୍‌ଲାମାବାଦରେ ରହୁଥିବା ମେହବିଶ୍ ୨୦୦୬ରେ ଲାହୋରର ବାଦାମୀବାଘସ୍ଥିତ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ପୁଅ ମଧ୍ୟ ରହିଛନ୍ତି। ୧୨ ବର୍ଷ ଧରି ଦାମ୍ପତ୍ୟ ଜୀବନ ବିତାଇବା ପରେ ୨୦୧୮ରେ ମେହବିଶ୍ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିଲେ। ପରେ କିଛିଦିନ ଏକାନ୍ତ ଜୀବନ ବିତାଇବା ପରେ ମେହବିଶ୍ କୁଏଟ୍‌ରେ ଟ୍ରାନ୍ସପୋର୍ଟରେ କାର୍ଯ୍ୟରତ ରେହମାନ ନାମକ ଜଣେ ଭାରତୀୟ ଯୁବକଙ୍କ ସହ ସୋସିଆଲ ମିଡିଆରେ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ଏହି ବନ୍ଧୁତ୍ୱ ଧୀରେ ଧୀରେ ଭଲପାଇବାରେ ପରିଣତ ହୋଇଥିଲା।



ମେହବିଶ୍‌ଙ୍କ ସହ ରେହମାନ୍।

୨୦୨୨ ମାର୍ଚ୍ଚ ୧୩ରେ ରେହମାନଙ୍କୁ ପ୍ରଥମଥର ପାଇଁ ମେହବିଶ୍ ବିବାହ ନିବେଦନ କରିଥିଲେ। ଏହାର ୩ ଦିନ ପରେ ଦୁହେଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିବାହ କରିଥିଲେ। ପରେ ୨୦୨୩ରେ ଏହି ଯୋଡ଼ି ଆନୁଷ୍ଠାନିକ ଭାବେ ସାଉଦି ଆରବର ମକ୍କାସ୍ଥିତ ଉମ୍ରା ଅଞ୍ଚଳରେ ବିବାହ କରିଥିଲେ। ରିପୋର୍ଟ ଅନୁଯାୟୀ, ମେହବିଶ୍ ରବିବାର ୱାଘା ବର୍ଡର ଦେଇ ଭାରତ ଆସିଛନ୍ତି। ଭାରତ ଆସିବା ପାଇଁ ତାଙ୍କୁ ପାକିସ୍ତାନ ସରକାରଙ୍କ ଦ୍ୱାରା ୪୫ ଦିନିଆ ଟୁରିଷ୍ଟ ଭିଜା ମିଳିଛି। ସୀମାରେ ଉଭୟ ପାକିସ୍ତାନ ଓ ଭାରତ ସରକାରଙ୍କ ଦ୍ୱାରା ତାଙ୍କ ଡକ୍ୟୁମେଣ୍ଟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ସେ ୱାଘା ବର୍ଡରରୁ ରାଜସ୍ଥାନର ଚୁରୁସ୍ଥିତ ରେହମାନଙ୍କ ପୈତୃକ ଗ୍ରାମକୁ ଯାଇ ସେଠାରେ ନିଜ ଶ୍ୱଶୁର ଘର ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

## ଅଦାଲତଙ୍କ ନିଷ୍ପତ୍ତି ଉପରେ ଝୁଲୁଛି ବାଇଜୁସ୍ ଷ୍ଟାର୍ଟଅପ୍‌ର ଭାଗ୍ୟ

ନୂଆଦିଲ୍ଲୀ,୨୯।୭

ଶିକ୍ଷକରୁ ବିଲିୟନେୟାର ଷ୍ଟାର୍ଟଅପ୍‌ର ମାଲିକ ହୋଇଥିବା ଭାରତୀୟ ମ୍ୟାଥ୍‌ମେଟିକ୍ସ ୱିଜ୍ ବାଇଜୁ ରବୀନ୍ଦ୍ରନ୍‌ଙ୍କ ଶିକ୍ଷା-ପ୍ରଯୁକ୍ତି କମ୍ପାନୀ ଚଳିତବର୍ଷ ଭୁଶୁଡ଼ି ପଡ଼ିଛି। ଫଳରେ ବାଇଜୁ ସବୁଠୁ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ନାମରେ ପରିଚିତ ହୋଇଥିବା ବାଇଜୁସ୍ ଅନ୍‌ଲାଇନ କୋଚିଂ ଫାର୍ମର ଭବିଷ୍ୟତ ଅଦାଲତଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଏକଦା ଭାରତର ସର୍ବବୃହତ୍ ଷ୍ଟାର୍ଟଅପ୍‌ର ପରିଚୟ ଲାଭ କରିଥିବା ବାଇଜୁସ୍ କୋଚିଂ ଫାର୍ମରେ ବିଦେଶୀ ନିବେଶକମାନେ ପୁଞ୍ଜିନିବେଶ କରିବାକୁ ଖୁବ୍ ଆଗ୍ରହୀ ଥିଲେ। ୨୨ ବିଲିୟନ ଡଲାର ଷ୍ଟାର୍ଟଅପ୍‌ରେ ପରିଣତ ହୋଇଥିବା ଉକ୍ତ କୋଚିଂ ସଂସ୍ଥା ଏବେ ୨ ବିଲିୟନ ଡଲାରକୁ ଖସିଆସିଛି। ଏକ ଟ୍ରିବ୍ୟୁନାଲ ଏହା ବିରୋଧରେ ଇନ୍‌ସଲ୍‌ଭେନ୍ସି ପ୍ରକ୍ରିୟା ଆରମ୍ଭ କରିବା ଫଳରେ ୬୬ ବର୍ଷୀୟ ବାଇଜୁ କମ୍ପାନୀ ଉପରୁ ନିୟନ୍ତ୍ରଣ ହରାଇଛନ୍ତି।




ଭାରତୀୟ କ୍ରିକେଟ ଫେଡେରେଶନକୁ ୧୯ ନିୟୁତ ଡଲାର ସ୍ପୋନ୍‌ସରଶିପ୍ ଦେୟ ପୈଠ କରି ନ ପାରିବାରୁ ଟ୍ରିବ୍ୟୁନାଲ ଏହାର ବୋର୍ଡକୁ ନିଲମ୍ବିତ କରିବା ସହ ଅଦାଲତଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟିକୁ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଇନ୍‌ସଲ୍‌ଭେନ୍ସି ପ୍ରକ୍ରିୟା ରଦ୍ଦ ହେବ କି ନାହିଁ ଏହା ଉପରେ ଟ୍ରିବ୍ୟୁନାଲ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ। କମ୍ପାନୀ ନିଜକୁ ଟିକସ ପ୍ରଦାନକ୍ଷମ ବୋଲି ଯୁକ୍ତି ବାଢ଼ିଛି। ଇନ୍‌ସଲ୍‌ଭେନ୍ସି ଏହାକୁ ତଳିତଳାନ୍ତ କରିଦେବା ସହ ଶିକ୍ଷକଙ୍କ ସମେତ ୨୭,୦୦୦ କର୍ମଚାରୀ ନିଯୁକ୍ତି ହରାଇବେ ବୋଲି କମ୍ପାନୀ ଦର୍ଶାଇଛି।

ସୂଚନାଯୋଗ୍ୟ, ବାଇଜୁସ୍ କମ୍ପାନୀ ଋଣ ପରିଶୋଧ କରୁ ନ ଥିବା ଏବଂ ବିଦେଶୀ ନିବେଶକଙ୍କ ସହ ବିବାଦ ଘଟଣା ପଦାକୁ ଆସିବା ପରେ ଏହା ମକଦ୍ଦମାର ସମ୍ମୁଖୀନ ହୋଇଥିଲା। ତେବେ କମ୍ପାନୀ ପକ୍ଷରୁ କୌଣସି ଭୁଲ୍ କରାଯାଇ ନ ଥିବା ଏବଂ ପରିଚାଳନାଗତ ତ୍ରୁଟି ନ ଥିବା ରବୀନ୍ଦ୍ରନ କହିଛନ୍ତି। କମ୍ପାନୀରେ ବିଶ୍ୱାସର ଅଭାବ ଥିଲା ବୋଲି ଗତବର୍ଷ ବାଇଜୁସ୍ ଛାଡ଼ିଥିବା ଜଣେ ବରିଷ୍ଠ ଉପାଧ୍ୟକ୍ଷ କହିଛନ୍ତି। ରବୀନ୍ଦ୍ରନ ୨୦୧୧ରେ କୋଚିଂ ସେଣ୍ଟର ଆରମ୍ଭ କରିଥିଲେ। ପରେ ଏହା ଅନ୍‌ଲାଇନ୍ କୋଚିଂ ଫାର୍ମରେ ପରିଣତ ହୋଇ ସାରା ଦେଶରେ ଖ୍ୟାତି ଅର୍ଜନ କରିଥିଲା।

## ବନ୍ଧୁତା ଏକ ପବିତ୍ର ସମ୍ପର୍କ

**ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ**

ବନ୍ଧୁତା ହେଉଛି ଏକ ମୂଲ୍ୟବାନ ଏବଂ ପବିତ୍ର ସମ୍ପର୍କ। ଏହି ସମ୍ପର୍କକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ଜୁଲାଇ ୩୦ରେ ପାଳନ କରାଯାଏ। କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏହି ଦିନକୁ ଧୂମଧାମରେ ପାଳନ କରାଯାଏ। ଏହି ଦିନ ବନ୍ଧୁତାକୁ ସ୍ୱତନ୍ତ୍ର କରିବା ପାଇଁ, ସାଙ୍ଗମାନେ ପରସ୍ପର ହାତରେ ଏକ ବନ୍ଧୁତା ଡୋର ବାନ୍ଧନ୍ତି।

ଜୁଲାଇ ୩୦, ୧୯୫୮ରେ, ପାରାଗୁଏରେ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଜୁଲାଇ ୩୦, ୨୦୧୧ରେ ମିଳିତ ଜାତିସଂଘ ସରକାରୀ ଭାବେ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳନ କରିବାକୁ ଘୋଷଣା କରିଥିଲା। ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସରେ ଲୋକମାନେ ଭାବପ୍ରବଣତା, ମାନସିକ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ବିକାଶରେ ବନ୍ଧୁତା ଏବଂ ଏହାର ମୂଲ୍ୟ ପାଳନ କରନ୍ତି। ବନ୍ଧୁତା ଜୀବନକୁ ସୁଖୀ, କମ ଚାପଗ୍ରସ୍ତ କରିଥାଏ ଏବଂ ଲୋକଙ୍କୁ ନିଜକୁ ଅନୁଭବ କରିବାରେ ସାହାଯ୍ୟ କରେ।



**ଫୁରସତ୍**

### ସେଣ୍ଟ୍ରାଲ ଆକ୍ସିସ୍, ସାଡୋ ସୁନା ଖଣିକୁ ବିଶ୍ୱ ଐତିହ୍ୟ ମାନ୍ୟତା

**ନୂଆଦିଲ୍ଲୀ:** ବେଜିଂର ପର୍ଯ୍ୟଟନ ସ୍ଥଳ 'ସେଣ୍ଟ୍ରାଲ ଆକ୍ସିସ୍' ଓ ଜାପାନର ସାଡୋ ଦ୍ୱୀପରେ ଅବସ୍ଥିତ ପ୍ରାଚୀନ ସୁନା ଖଣି 'ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ'ର ମାନ୍ୟତା ପାଇଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ୟୁନେସ୍କୋ ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନରେ ଏହି ଘୋଷଣା କରାଯାଇଛି। 'ସେଣ୍ଟ୍ରାଲ ଆକ୍ସିସ୍' ଚାଇନାର ଐତିହାସିକ ସ୍ଥଳ ହୋଇଥିବାବେଳେ ଏଠାରେ ଅନେକ ରାଜକୀୟ ମହଲ, ଉଦ୍ୟାନ, ପୁରାତନ ସର୍ବସାଧାରଣ ଅଟ୍ଟାଳିକା ପ୍ରମୁଖ ରହିଛି। ସେହିପରି ଏକଦା ବିଶ୍ୱର ସର୍ବବୃହତ ସୁନା ଉତ୍ପାଦକ ଥିବା ସାଡୋ ସୁନା ଖଣିକୁ ୧୯୮୯ରେ ବନ୍ଦ କରିଦିଆଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କୋରିଆର ଶ୍ରମିକମାନଙ୍କୁ ଏଠାରେ ଅତ୍ୟାଚାର କରାଯାଉଥିଲା।

## 'କେଡି ଦି ଡେଭିଲ୍'ରେ ସଞ୍ଜୟଙ୍କ ଫାଷ୍ଟ ଲୁକ୍ ଆଉଟ୍

ମୁମ୍ବାଇ

ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ସୋମବାର ନିଜର ୬୫ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ଅବସରରେ ସେ ତାଙ୍କ ପ୍ରଶଂସକଙ୍କୁ ଏକ ବିଶେଷ ଉପହାର ଦେଇଛନ୍ତି। ସଞ୍ଜୟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'କେଡି ଦି ଡେଭିଲ୍'ରେ ନିଜ ପ୍ରଥମ ଲୁକ୍‌ର ଝଲକ୍‌କୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ସେ ଏକ ଅଜବ ଅବତାରରେ ନଜର ଆସିଛନ୍ତି। 'କେଡି ଦି ଡେଭିଲ୍'ରେ ସେ ପୁଣି ଥରେ ଖଳନାୟକ ଭୂମିକାରେ ନଜର ଆସିବେ। ଫିଲ୍ମରେ ତାଙ୍କ ଚରିତ୍ରର ନାମ 'ଧାକ୍ ଦେବା' ରହିଛି। ସଞ୍ଜୟଙ୍କ ଏହି ଅଦ୍ଭୁତ ଅବତାରକୁ ତାଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ଏଥିସହ ପ୍ରଶଂସକମାନେ ନିଜ ପ୍ରିୟ ସୁପରଷ୍ଟାରଙ୍କୁ ଜନ୍ମଦିନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।



'କେଡି ଦି ଡେଭିଲ୍' ଚଳଚ୍ଚିତ୍ରରେ ସଞ୍ଜୟଙ୍କ ସହ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ, ନୋରା ଫତେହି ଏବଂ ଅଭିନେତା ଭି. ରବିଚନ୍ଦ୍ରନ, ରମେଶ ଅରବିନ୍ଦ ଓ ଧ୍ରୁଭ୍ ସରଜା ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଆସନ୍ତା ନଭେମ୍ବର ୧୩ରେ ଏହି ଫିଲ୍ମ ରିଲିଜ୍ ହେବ।







# ଅବକାରୀ ଯୁଗ୍ମ କମିଶନରଙ୍କ ୫୨ ପ୍ଲଟ୍

## ଭୁବନେଶ୍ୱର, ବଲାଙ୍ଗୀର, ସୋନପୁରର ୧୦ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର/ବଲାଙ୍ଗୀର,୨୯।୭
(ସତ୍ୟଜିତ୍ ରାଉତ/ବୀରେନ୍ଦ୍ର ଝାଙ୍କର)

୮ମାସ ପରେ ଅବସର ନେଇଥାନ୍ତେ। ହେଲେ ଏହାପୂର୍ବରୁ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ଭୁବନେଶ୍ୱର ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଭିଜିଲାନ୍ସର ୧୦ଟି ଟିମ୍ ରାମଚନ୍ଦ୍ରଙ୍କ ଘର ସମେତ ଭୁବନେଶ୍ୱର, ବଲାଙ୍ଗୀର, ସୋନପୁର ଆଦି ୧୦ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚବେଳେ ରାମଚନ୍ଦ୍ରଙ୍କ ୫୨ଟି ପ୍ଲଟ୍ ସମେତ ବିପୁଳ ସମ୍ପତ୍ତି ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ରାମଚନ୍ଦ୍ରଙ୍କ ସୁବର୍ଣ୍ଣପୁର ଜିଲା ତରଭା କନ୍ଦରପିଟା ଗ୍ରାମସ୍ଥିତ ପୈତୃକ ଘର, ତରଭା ଅଞ୍ଚଳରେ ଏକ ରାଇସ୍ ମିଲ୍, ଭୁବନେଶ୍ୱର ଖଣ୍ଡଗିରି ଧର୍ମବିହାରସ୍ଥିତ ଭଡ଼ାଘର ଓ ଭୁବନେଶ୍ୱର ରୂପାଲି ଛକ ଇପିକଲ୍ ହାଉସସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଭିଜିଲାନ୍ସ ଟିମ୍‌ରେ ୧୦ଜଣ ଡିଏସ୍‌ପି, ୧୫ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଚଢ଼ାଉ ଜାରି ରହିଥିବାବେଳେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ରାମଚନ୍ଦ୍ରଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କିରିଛି।

ରିପୋର୍ଟ ଅନୁଯାୟୀ, ରାମଚନ୍ଦ୍ରଙ୍କ ଠାବ ହୋଇଥିବା ୫୨ଟି ପ୍ଲଟ୍ ମଧ୍ୟରୁ ସମ୍ବଲପୁରରେ ୨, ବଲାଙ୍ଗୀରରେ ୩ ଓ ସୁବର୍ଣ୍ଣପୁରରେ ୪୭ଟି ରହିଛି। ସେହିପରି ଭୁବନେଶ୍ୱର ଆଇଗିଣିଆରେ ସତ୍ୟସାଇ ଏନ୍‌କ୍ଲେଭ୍ ଏମ୍‌ଆଇଜି-୩ରେ ଗୋଟିଏ ଡୁପ୍ଲେକ୍ସ, ଖାରବେଳନଗର ଚନ୍ଦ୍ରମା କମ୍ପ୍ଲେକ୍ସରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ (ନଂ.ବି/୦୨), ବଡ଼ଗଡ ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ (ନଂ.ବି-୪୧୦), ବଲାଙ୍ଗୀର ଟିକରପଡ଼ାରେ ଗୋଟିଏ ୩ମହଲା କୋଠା, ଗୋଟିଏ ୧ମହଲା ବିଶିଷ୍ଟ କୋଠା, ସମ୍ବଲପୁର ଜିଲା ବୁର୍ଲାରେ ଏକ ଦୁଇ ମହଲା କୋଠା, ସୁବର୍ଣ୍ଣପୁରରେ ଗୋଟିଏ ଏକ ମହଲା କୋଠା, ତରଭାରେ ଗୋଟିଏ ରାଇସ୍ ମିଲ୍, ସୁବର୍ଣ୍ଣପୁରରେ ଗୋଟିଏ ଫାର୍ମ ହାଉସ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ଏଥିସହ ବ୍ୟାଙ୍କ ଜମା ୨୨ଲକ୍ଷ, ୨୩୦ ଗ୍ରାମର ସୁନା ଅଳଙ୍କାର, ୩୧୭ ଗ୍ରାମର ରୁପା ଅଳଙ୍କାର, ୧୧.୨୫ ଲକ୍ଷ ଟଙ୍କାର ୩ଟି ଦୁଇଚକିଆ ଯାନ, ଘରୋଇ ସାମଗ୍ରୀ ଓ ନଗଦ ଟଙ୍କା ରହିଛି। ଚଢ଼ାଉ ଜାରି ରହିଥିବା ବେଳେ ରାମଚନ୍ଦ୍ରଙ୍କ ନିବେଶ (ଶେୟାର, ମ୍ୟୁଚୁଆଲ୍ ଫଣ୍ଡ, ଜୀବନବୀମାର ପ୍ରିମିୟମ ଜମା) ଆଦିର ସମ୍ପତ୍ତିକୁ ମଧ୍ୟ ଭିଜିଲାନ୍ସ ଠାବ କରିବାକୁ ପ୍ରୟାସ ଜାରି ରଖିଛି। ଭିଜିଲାନ୍ସ ଟିମ୍ ପକ୍ଷରୁ ରାମଚନ୍ଦ୍ରଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଏହି ଯାଞ୍ଚ ସରିବା ପରେ ତାଙ୍କ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ରାମଚନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି, ସତ୍ୟ ପଦାକୁ ଆସିବ। ଭଗବାନ ଅଛନ୍ତି। ମୁଁ କାହାର କିଛି କ୍ଷତି କରିନାହିଁ ବୋଲି ମିଶ୍ର କହିଛନ୍ତି।


ବଲାଙ୍ଗୀର ଠିକାଦାରପଡ଼ାସ୍ଥିତ ବାସଭବନରେ ଚଢ଼ାଉ ଚାଲିଛି।


ଭୁବନେଶ୍ୱର ଆଇଗିଣିଆସ୍ଥିତ ସତ୍ୟସାଇ ଏନ୍‌କ୍ଲେଭ୍।


ରାମଚନ୍ଦ୍ର ମିଶ୍ର

- ୬ ବହୁତଳ ବିଶିଷ୍ଟ କୋଠା, ୨ ଫ୍ଲାଟ୍ ଠାବ
- ସତ ପଦାକୁ ଆସିବ, ଭଗବାନ ଅଛନ୍ତି: ରାମଚନ୍ଦ୍ର

# ନାଟ୍ୟକାର ଶରତ ମାଝୀଙ୍କ ପରଲୋକ

ଢେଙ୍କାନାଳ,୨୯।୭
(ରତନ ନାୟାର)

ବିଶିଷ୍ଟ ନାଟ୍ୟକାର, ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ ଶରତ କୁମାର ମାଝୀ (୬୧)ଙ୍କ ସୋମବାର କଟକଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଢେଙ୍କାନାଳ ମହାବୀର ବଜରରେ ରହୁଥିଲେ। ସ୍ୱର୍ଗତ ମାଝୀ ସାହିତ୍ୟିକ ଭାବରେ ମଧ୍ୟ ପରିଚିତ ଥିଲେ। ସେ ପୋଲିସ ବିଭାଗରେ ମୁଖ୍ୟ କିରାଣି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସେ ବହୁ ନାଟକରେ ନିର୍ଦ୍ଦେଶନା ଦେବା ସହିତ ଅନେକ ସିନେମା ଓ ଧାରାବାହିକରେ ଅଭିନୟ କରିଥିଲେ। ଶ୍ରୀଜଗନ୍ନାଥ ମେଗା ସିରିଏଲରେ ତାଙ୍କର ଅଭିନୟକୁ ସମସ୍ତେ ପସନ୍ଦ କରିଥିଲେ। ସେ ଜିଲାର ବିଭିନ୍ନ ସାହିତ୍ୟ ଓ ନାଟ୍ୟ ଅନୁଷ୍ଠାନ ସହିତ ଜଡିତ ଥିଲେ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଶୋକର ଛାୟା ଖେଳିଯାଇଛି।



# ବାଘଙ୍କ ପସନ୍ଦ ଓଡ଼ିଶା ଜଙ୍ଗଲ

ଭୁବନେଶ୍ୱର, ୨୯।୭
(ଅସମାପିକା ସାହୁ)

ଓଡ଼ିଶାର ଜଙ୍ଗଲ ବାହାର ରାଜ୍ୟର ବାଘଙ୍କ ଭାରି ପସନ୍ଦ। ସେଥିପାଇଁ ଶହ ଶହ କିଲୋମିଟର ଅତିକ୍ରମ କରି ଓଡ଼ିଶା ଜଙ୍ଗଲକୁ ଏକାଧିକ ବାଘ ଚାଲି ଆସିଥିବା ନଜିର ରହିଛି। ଏଠାକୁ ଆସିବା ପରେ ସେମାନେ ନିଜର ଟେରିଟୋରି ବା ବାସସ୍ଥାନ ତିଆରି କରୁଛନ୍ତି। ଏବେ ଅନ୍ୟ ରାଜ୍ୟର ଦୁଇଟି ମହାବଳ ଓଡ଼ିଶାର ଦୁଇଟି ଜଙ୍ଗଲରେ ରହୁଛନ୍ତି। ଦୀର୍ଘ ୨୦ ବର୍ଷ ପରେ ସୁନ୍ଦରଗଡ଼ ଜଙ୍ଗଲରେ କ୍ୟାମେରା ଟ୍ରାପ୍‌ରେ କଏଦ ହୋଇଥିବା ମହାବଳ ବର୍ଷକ ତଳୁ ମଧ୍ୟପ୍ରଦେଶର ସଞ୍ଜୟ ଡୁବୁରୀ ଅଭୟାରଣ୍ୟରୁ ଆସି ଏଠାରେ ଡେରା ପକାଇଥିବା ଜଣାପଡିଛି। ସେହିପରି ଗଜପତି ଜଙ୍ଗଲରେ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିବା ଆଉଏକ ମହାବଳ ଦୀର୍ଘଦିନ ହେଲା ମହାରାଷ୍ଟ୍ର ବ୍ରହ୍ମପୁରୀ ଫରେଷ୍ଟ ଡିଭିଜନରୁ ଆସି ଏଠାରେ ତା'ର ନିଜର ଇଲାକା କରିସାରିଲାଣି। ତେବେ ବାହାର ରାଜ୍ୟରୁ ବାଘ ଆସି ଓଡ଼ିଶାରେ ନିଜର ବାସସ୍ଥାନ ତିଆରି କରିବା ନୂଆକଥା ନୁହେଁ। ପୂର୍ବରୁ ବି ଓଡ଼ିଶା ଜଙ୍ଗଲ ମହାବଳଙ୍କ ପସନ୍ଦର ସ୍ଥାନ ରହିଆସିଛି। ନିକଟରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବାର୍ଦ୍ଧକ୍ୟଜନିତ କାରଣରୁ ମହାବଳ 'ନନ୍ଦନ'ର ମୃତ୍ୟୁ ଘଟିଥିଲା। ସାଥୀ ସନ୍ଧାନରେ ସେ ସାତକୋଶିଆ ଅଭୟାରଣ୍ୟରୁ ୨୦୧୩ ମାର୍ଚ୍ଚରେ ନନ୍ଦନକାନନକୁ ପଳାଇ ଆସିଥିଲା ବୋଲି ସେତେବେଳେ କୁହାଯାଉଥିଲା। ହେଲେ ଏହା ସେଣ୍ଟ୍ରାଲ ଇଣ୍ଡିଆ ଲ୍ୟାଣ୍ଡସ୍କେପ୍‌ରୁ ଆସିଥିଲା ବୋଲି ନିକଟରେ ଏହାର ଜିନ୍‌ଗତ ପରୀକ୍ଷଣରୁ ସ୍ପଷ୍ଟ ହୋଇଥିବା ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ପିସିସିଏଫ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ମହାବଳଙ୍କ ରହିବା ପାଇଁ ପର୍ଯ୍ୟାପ୍ତ ଘଞ୍ଚ ଜଙ୍ଗଲ ରହିଛି। ଖାଦ୍ୟ ବି ରହିଛି। ତେଣୁ ସେମାନେ ଓଡ଼ିଶା ଜଙ୍ଗଲକୁ ଆସି ଏଠାରେ ନିଜର ଇଲାକା ତିଆରି କରିବାକୁ ଅଧିକ ପସନ୍ଦ କରୁଛନ୍ତି।

ଅପରପକ୍ଷେ ଶିମିଳିପାଳ ଅଭୟାରଣ୍ୟ ନିକଟରେ ପ୍ରସ୍ତାବିତ ଦେଶର ପ୍ରଥମ କଳାବାଘ ସଫାରୀ ପ୍ରକଳ୍ପ ପାଇଁ ପୂର୍ବରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଅନୁମୋଦନ କରିଥିବା ବେଳେ ଏହାର ଡିଜାଇନ୍‌କୁ ସେଣ୍ଟ୍ରାଲ ଜୁ ଅଥରିଟି(ସିଜେଡ୍‌ଏ) ମଞ୍ଜୁରୀ ଦେଇଛି। ଏହି କଳାବାଘ ସଫାରୀରେ ନନ୍ଦନକାନନରୁ କଳାବାଘ ଓ କଳା ଜିନ୍ ଥିବା ବାଘକୁ ଆଣି ଛଡ଼ାଯିବ। ଏଠାରେ ବାଘଙ୍କ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ରହିବ। ଚଳିତବର୍ଷ ଡିସେମ୍ବର ସୁଦ୍ଧା ଏହି ସଫାରୀ ପର୍ଯ୍ୟଟକଙ୍କ ପାଇଁ ଖୋଲାହେବ ବନ ବିଭାଗ ପକ୍ଷରୁ ସୂଚନା ରହିଛି।



# ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ହେଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୯।୭(ଅସମାପିକା ସାହୁ)

ବର୍ଷା ଓ ଏଥିଜନିତ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ କରିଛି। ବନ୍ୟାବେଳେ ସ୍ୱଚ୍ଛ ପାନୀୟ ଜଳ ପିଇବା ଉପରେ ବିଭାଗ ଗୁରୁତ୍ୱ ଦେଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ ନିର୍ଦ୍ଦେଶ ଆଧାରରେ କ୍ଷେତ୍ରସ୍ତରରେ ଏହାର କାର୍ଯ୍ୟକାରିତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଯେଉଁ ଜିଲାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି, ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସେସବୁ ଅଞ୍ଚଳରେ ସତର୍କ ରହିବାକୁ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇ କହିଛନ୍ତି, ରନ୍ଧାଖାଦ୍ୟ ଯେଉଁଠି ଦିଆଯାଉଛି, ସେଠାରେ ଶୁଦ୍ଧ ପାନୀୟ ଜଳ ବି ଯୋଗାଣ ହେଉଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ସବୁଆଡେ ଆଲର୍ଟ ରହିଛି। ଔଷଧ, ସାଲାଇନ, ବ୍ଲିଚିଂ ପାଉଡର ମହଜୁଦ ରଖାଯାଇଛି। ଏସଆର୍‌ସିଙ୍କ କାର୍ଯ୍ୟାଳୟ ସହ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଯୋଗାଯୋଗରେ ରହିଛି। ରାପିଡ୍ ରେସପନ୍ସ ଟିମ୍ ମଧ୍ୟ ପ୍ରସ୍ତୁତ ରହିଛି। ପ୍ରସୂତି ମହିଳାଙ୍କୁ ଆଗୁଆ ସତର୍କ କରାଯାଇଛି। ଆଶ୍ରୟ ସ୍ଥଳରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ଆଶାକର୍ମୀ ସଜାଗ ରହିଛନ୍ତି। ବାରମ୍ବାର ରିମାଇଣ୍ଡର ମଧ୍ୟ ଦିଆଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଡେଙ୍ଗୁ ସଂଖ୍ୟା ବଢୁଥିବାରୁ ସରକାର ସତର୍କ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ ଦ୍ୱିତୀୟରେ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଶହୀଦଙ୍କ ଜନ୍ମପୀଠରେ ୧୨ଘଣ୍ଟିଆ ବନ୍ଦ ପାଳନ

- ସୁରଙ୍କ କୁଶପୁତ୍ତଳିକା ଦାହ
- ଭୁଲ୍ ସ୍ୱୀକାର କରି କ୍ଷମାପ୍ରାର୍ଥନା କଲେ ସୁର
- ଶହୀଦ ମାଧୋ ସିଂହଙ୍କୁ ନେଇ ସୁର ରାଉତରାୟଙ୍କ ବିବାଦୀୟ ମନ୍ତବ୍ୟର ପ୍ରତିବାଦ

ସୋହେଲା,୨୯।୭
(ଅଶ୍ୱିନୀ କୁମାର ପାତ୍ର)

କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ସୁର ରାଉତରାୟଙ୍କ ବିବାଦୀୟ ମନ୍ତବ୍ୟ ନେଇ ବରଗଡ଼ ଜିଲାରେ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ସୋମବାର ଶହୀଦ ମାଧୋ ସିଂହଙ୍କ ଜନ୍ମପୀଠ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍‌ରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ସ୍ଥାନୀୟ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ, ବଜାର ବନ୍ଦ କରିଥିଲେ। ସେହିପରି ସରକାରୀ, ବେସରକାରୀ ଦପ୍ତର, ସ୍କୁଲ, କଲେଜ ଆଦି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଅନ୍ୟପଟେ ଏହି ପ୍ରସଙ୍ଗ ନେଇ ଆନ୍ଦୋଳନ ବଢ଼ିବା ପରେ ସୁର ନିଜ ଭୁଲ୍ ସ୍ୱୀକାର କରି କ୍ଷମାପ୍ରାର୍ଥନା କରିଥିବା ଜଣାପଡ଼ିଛି। ଘେଁସ୍ଥିତ ଶହୀଦ ସ୍ମାରକୀ ପୀଠ ଆଗରେ ସ୍ଥାନୀୟ ଲୋକେ ପ୍ରତିବାଦ ସଭା କରିଥିଲେ। ଘେଁସ୍ ଗ୍ରାମ୍ୟ କମିଟି, ଶହୀଦ କୁଞ୍ଜେଲ ସିଂହ କ୍ଲବ ଏବଂ ଶହୀଦ ମାଧୋ ସିଂ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ପଦ୍ମଶ୍ରୀ ହଳଧର ନାଗ, ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ଶହୀଦ ମାଧୋ ସିଂହଙ୍କ ଦାୟାଦ ଲୋକେଶ୍ୱର ସିଂହ ବରିହା, ଶହୀଦ କୁଞ୍ଜେଲ ସିଂହ କ୍ଲବ ସଭାପତି ଅଶୋକ କୁମାର ପୂଜାହାରୀ, ଡୋଲାମଣି ପଟେଲ, ପ୍ୟାରିଲାଲ ବାରିକ, ଗୋବର୍ଦ୍ଧନ ଭୋଏ, ନିମାଇଁ ସାହୁ, ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସୁରଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଥିଲେ। ଏହାସହିତ ସୁରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାସହିତ ଶହୀଦ ମାଧୋ ସିଂ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ୧୮୫୭ ମସିହାର ମୁକ୍ତି ସଂଗ୍ରାମରେ ଘେଁସ୍ ମାଟିର ଆଦିବାସୀ ଜମିଦାର ଶହୀଦ ମାଧୋ ସିଂହ ଏବଂ ତାଙ୍କ ବୀରପୁତ୍ରମାନେ ଇଂରେଜମାନଙ୍କ ବିରୋଧରେ ସାଲିସ୍‌ବିହୀନ ସଂଗ୍ରାମ କରି ଦେଶମାତୃକା ପାଇଁ ସର୍ବସ୍ୱ ଜଳାଞ୍ଜଳି ଦେଇ ସାରାଦେଶର ଇତିହାସରେ ବିରଳ ଦୃଷ୍ଟାନ୍ତ ରଖିବା ସହ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଭଳିସ୍ଥଳେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ରାଉତରାୟ ଶହୀଦ ମାଧୋ ସିଂହଙ୍କ ପ୍ରତି ଗଣମାଧ୍ୟମ ଆଗରେ ଅପମାନସୂଚକ ମନ୍ତବ୍ୟ ଦେବା ରାଜ୍ୟବାସୀଙ୍କ ହୃଦୟକୁ ଆଘାତ ଦେଇଛି। ଫଳରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ଦାବି ହୋଇଛି। ପ୍ରକାଶଥାଉ କି, ରାଜ୍ୟ ସରକାର ବଜେଟ୍‌ରେ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ଡ୍ରପ୍ ଆଉଟ୍ ରୋକିବା ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା କରିଛନ୍ତି। ତେବେ ଏ ନେଇ ବରିଷ୍ଠ କଂଗ୍ରେସ ନେତା ରାଉତରାୟ ଗଣମାଧ୍ୟମ ସମ୍ମୁଖରେ ଶହୀଦ ମାଧୋ ସିଂହଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ଥାନାରେ ତାଙ୍କ ବିରୋଧରେ ଏତଲା ମଧ୍ୟ ଦିଆଯାଉଛି।


ଘେଁସ୍ଥିତ ଶହୀଦ ସ୍ମାରକୀ ପୀଠ ଆଗରେ ଧାରଣା।

# ସ୍ୱାସ୍ଥ୍ୟକେନ୍ଦ୍ର, ଉପ କେନ୍ଦ୍ରରେ କର୍କଟ ରୋଗ ପରୀକ୍ଷା ହେଉଛି: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୭(ଅନିଲଦାସ)

**ବାଲେଶ୍ୱରରେ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଦାବି**

ଦିନକୁ ଦିନ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଉତ୍ତର ଓଡ଼ିଶାରେ ଥିବା ମେଡିକାଲ କଲେଜ ଓ ଜିଲା ଚିକିତ୍ସାଳୟରେ ଅଙ୍କୋଲୋଜି ବିଭାଗ ନାହିଁ। ଫକୀର ମୋହନ ମେଡିକାଲ କଲେଜରେ ଅଙ୍କୋଲୋଜି ବିଭାଗ ଖୋଲିବାର ପ୍ରସ୍ତାବ ସରକାରଙ୍କର ଅଛି କି। ଏଥିସହିତ ବାଲେଶ୍ୱରଠାରେ ଏକ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା କରିବାକୁ ସୋମବାର ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ସୁବାସିନୀ ଜେନା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଜବାବରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ସ୍ତନ କର୍କଟ ଓ ଗର୍ଭାଶୟ କର୍କଟ ରୋଗର ପ୍ରତିକାର ସ୍ୱରୂପ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ କେନ୍ଦ୍ରରେ ତାଲିମପ୍ରାପ୍ତ ଏଏନ୍‌ଏମ୍, ସିଏଚ୍‌ଓ ଡାକ୍ତରମାନେ ସ୍ତନ କର୍କଟ ରୋଗ ପରୀକ୍ଷା କରୁଛନ୍ତି। ସନ୍ଦିଗ୍ଧ କର୍କଟରୋଗୀଙ୍କ ବାୟୋପ୍ସି ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଏବଂ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, କଟକକୁ ପ୍ରେରଣ କରାଯାଉଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ କେମୋଥେରାପି ଦେବାର ବ୍ୟବସ୍ଥା ରହିଛି। ପ୍ରସ୍ତାବକୁ ବିଚାରକୁ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପୁସ୍ତକ 'ଦି କଲେକ୍ଟର୍‌ସ ମଦର' ଲୋକାର୍ପଣ, ସ୍ଥାନ: ଆଦ୍ୟାନ୍ତ ଯର ସେକେଣ୍ଡାରୀ ସ୍କୁଲ, ଗଣ୍ଡପଡ଼ା, ସମୟ: ଅପରାହ୍ନ ୫ଟା।
- ବାବୁଶାନଙ୍କ ଜନ୍ମଦିନ ଓ ଟାଇଟେଲ ପ୍ରଚାର, ସ୍ଥାନ: ଆଦିଲକ୍ଷ୍ମୀ କନଭେନଶନ, ସମୟ: ଅପରାହ୍ନ ୫ଟା ୧୫।

## କଟକ
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳାସଙ୍ଗିନୀ ଶ୍ରୀଶ୍ରୀ ବଡ଼ମା'ଙ୍କ ୧୩୧ତମ ଜନ୍ମ ମହୋତ୍ସବ ଅବସରରେ ସତ୍‌ସଙ୍ଗ ଓ ସଦାଲୋଚନା, ସ୍ଥାନ: ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଇ-ପାଠାଗାର ଉଦ୍‌ଘାଟନ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ ଶିଢ଼ି ତଳର ଘର, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର-ବି ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା ୧୫।

## ଖୋର୍ଦ୍ଧା
- ୩ୟ ଷ୍ଟାଣ୍ଡିଂ କମିଟି ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ରାଉତପଡା ପଞ୍ଚାୟତର ବିଦ୍ୟାଧର ପୋଖରୀ ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ପଞ୍ଚାୟତ ଅଫିସ, ବସ୍ତା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା
- ଜାତୀୟସ୍ତରୀୟ ବିତର୍କ 'ୟୁନିଅନ୍ ବଜେଟ୍ ୨୦୨୪-୨୫', ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ-୨୦୨୪ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ପଧାନପଡ଼ା, ଭଦ୍ରକ, ସମୟ: ସକାଳ ୮ଟା।
- ଚାରାରୋପଣ, ସ୍ଥାନ: ରାନ୍ଦିଆ, ଭଦ୍ରକ, ସମୟ: ସକାଳ ୯ଟା।
- ସ୍ମୃତିସଭା, ସ୍ଥାନ: ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ, ତେନ୍ତୁଳିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଖବରଦାତା ଅମର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜା ଏବଂ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ମା' ବିଶ୍ୱତାରିଣୀ ମନ୍ଦିରରେ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୭ ଟା ୩୦।
- ମା' ଭୂଆସୁଣୀ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ଭଜନ ସମାରୋହ, ସ୍ଥାନ: ମଠ ଗୋବିନ୍ଦପୁର, ହାଟଡ଼ିହୀ, ସମୟ: ସକାଳ ୮ ଟା ଏବଂ ସନ୍ଧ୍ୟା ୭ ଟା।
- ପାଲା ପରିବେଷଣ, ସ୍ଥାନ: ବଂଚୋ, ହାଟଡିହୀ, ସମୟ: ସନ୍ଧ୍ୟା ୫ ଟା।
- ହରିହଟା ପଡ଼ିଆରେ ଭଜନ, କୀର୍ତ୍ତନ, ସ୍ଥାନ: ତେନ୍ତୁଳିପଦୀ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ଟୁର୍ନାମେଣ୍ଟ,ସ୍ଥାନ: ଇଣ୍ଡୋର ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀବିଦ୍ୟା ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଫଳ ବଣ୍ଟନ, ସ୍ଥାନ:ଉଦଳା ଉପଖଣ୍ଡ ଡାକ୍ତରଖାନା, ସମୟ:ପୂର୍ବାହ୍ନ ୧୦ଟା୩୦।
- ବରିଷ୍ଠ ନାଗରିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ନାଗରିକ ସଂଘ ସଭାଗୃହ, ଉଦଳା, ସମୟ: ଅପରାହ୍ନ ୩ଟା୩୦।

## ଗଞ୍ଜାମ
- ପିପୁଲ୍ସ କଲେଜର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବୁଗୁଡ଼ା,ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ ଚିକିତ୍ସାପଡା,ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ,ସମୟ: ଅପରାହ୍ନ ୩ଟା ୩୦।

## ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: କିସ ଅନୁଷ୍ଠାନର ଜିଲା ଶାଖା କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ଅପରାହ୍ନ ୩ ଟା।
- ରାମଚରିତ ମାନସ ଜ୍ଞାନଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୬ରୁ ୮ଟା ୩୦।

## ନବରଙ୍ଗପୁର
- ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଶିଶୁ ପୋଷ୍ୟ ଗ୍ରହଣ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମଙ୍ଗଳ ବିଭାଗ ଶିକ୍ଷକଙ୍କ ବୈଠକ, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଥମିକ ଆଶ୍ରମ ବିଦ୍ୟାଳୟର ଇଂରାଜୀ ଭାଷା ଶିକ୍ଷା ତାଲିମ, ସ୍ଥାନ: ନବରଙ୍ଗପୁର ଦକ୍ଷତା ତାଲିମ କେନ୍ଦ୍ର, ସମୟ: ୧୦ ଟା ୩୦।

## କୋରାପୁଟ
- କୌଶଳ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ଜୟପୁର ଆମ୍ବାଗୁଡ଼ାସ୍ଥିତ ଆଇଟି ଆଇ, ସମୟ : ସକାଳ ୯ ଟା ୩୦।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ, କୋରାପୁଟ ସମୟ: ପୂର୍ବାହ୍ନ ୧୦ ଟା।
- କୋରାପୁଟ ଆକାଂକ୍ଷା ଜିଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି
- ଲକ୍ଷ୍ମୀ ମା'ଙ୍କ ୧୩୧ତମ ଜନ୍ମ ଦିବସ, ସ୍ଥାନ: ଚିତ୍ରକୋଣ୍ଡା ଅନୁକୂଳ ଚନ୍ଦ୍ର ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର
- ସନ୍ତରଣ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ରାଉରକେଲା
- ଆର୍‌ଏମ୍‌ସି ପକ୍ଷରୁ ଯୁଗ୍ମ ଜନଶୁଣାଣୀ, ସ୍ଥାନ: ଜଗଦା କମ୍ୟୁନିଟି ସେଣ୍ଟର, ସମୟ: ସକାଳ ୮ଟା ୩୦।
- ବିଭିନ୍ନ ଦାବିକୁ ନେଇ ଶ୍ରମ ସଂଗଠନ ପକ୍ଷରୁ ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ, ସ୍ଥାନ ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ସୁଶୀଳାବତୀ ମହିଳା କଲେଜରେ ଫ୍ୟାଲେରିଆ ସଚେତନତା କର୍ମଶାଳା,ସ୍ଥାନ:ସେକ୍ଟର-୨,ସମୟ: ପୂର୍ବାହ୍ନ ୧୨ଟା।
- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳନ,ସ୍ଥାନ: ଶୀତଳପଡା ବସ୍ତି, ଉଦିତନଗର, ସମୟ: ସକାଳ ୬ଟା ୩୦।

## ବରଗଡ଼
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଗଣଦୃଷ୍ଟି ପାଠଶାଳା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।
- ଲାୟନ୍ସ କ୍ଲବର ସ୍ଥାପନା ସମାରୋହ, ସ୍ଥାନ: ହୋଟେଲ ଚୁଲି, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, କଣ୍ଟାମାଳ, ସମୟ : ସନ୍ଧ୍ୟା ୭ଟା।

## ଦେବଗଡ଼
- ନାସ ପ୍ରଶ୍ନପତ୍ର ପ୍ରସ୍ତୁତିକରଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦେବଗଡ଼, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ସୋନପୁର ସୁରେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ତରଭା ପୌର୍ଣ୍ଣମାସୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସଡକ ସୁରକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ସହ ମହା ଆଳତି, ସ୍ଥାନ: ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା।
- ସ୍ୱତନ୍ତ୍ର ପୂଜା ସହ ମହା ଆଳତି, ସ୍ଥାନ: ସହରସ୍ଥିତ ବେହେରାମାଲ ସିଦ୍ଧେଶ୍ୱରୀ ମନ୍ଦିର, ସମୟ ପ୍ରାତଃ ୫ଟା ୩୦।
- ସ୍ୱତନ୍ତ୍ର ସାମାଜିକ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ସତନାମୀ ପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ଗ୍ରାମ ଉନ୍ନତି କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ନେପୁ ସଙ୍ଗଠନର ୪୨ ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ନାଲ୍‌କୋସ୍ଥିତ ନେପୁ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଡ଼ ମା'ଙ୍କ ୧୩୧ତମ ଜନ୍ମଦିବସ ମହୋତ୍ସବ ଉପଲକ୍ଷେ ସଙ୍ଗୀତାଞ୍ଜଳି, ସ୍ଥାନ: ସତସଙ୍ଗ ବିହାର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜାଗୁଳାଇପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବିଜ୍ଞାନ ମେଳା ପ୍ରତିଯୋଗିତା, ସ୍ଥାନ: କାଏମା ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଯାଜପୁର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ଓସେପା ଓ ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ସାଧନ କର୍ମୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**ହାତ, ଗୋଡ଼ ବାନ୍ଧି ଚାଲିଥିଲା ଚିକିତ୍ସା**

**ଅବହେଳା ଅଭିଯୋଗ ଆଣିଲେ ସମ୍ପର୍କୀୟ**

**କଟକ,୨୯।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଓଏମ୍‌ପିସ୍ଥିତ ଘରୋଇ ଶ୍ରୀଜା ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ରୋଗୀଙ୍କ ହାତ, ଗୋଡ଼ ବାନ୍ଧି ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସା କରିଥିବା ଓ ମୃତ୍ୟୁ ଖବର ପରିବାରକୁ ନ ଦେବା ନେଇ ସଙ୍ଗିନ ଅଭିଯୋଗ ଆଣିଛନ୍ତି ସମ୍ପର୍କୀୟ। ଏହାକୁ କେନ୍ଦ୍ରକରି ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ହେଲେ କଟକ ବୟାଳିଶି ମୌଜାସ୍ଥିତ ନହରପଦା ଅଞ୍ଚଳର ଚିତ୍ତରଞ୍ଜନ ବେହେରା(୪୩)।

ସୂଚନା ଅନୁଯାୟୀ, ଚିତ୍ତରଞ୍ଜନଙ୍କ ବାମଗୋଡ଼ରେ ଖଣ୍ଡିଆ ହୋଇଥିଲା। ତାହା ଶୁଖୁ ନ ଥିବାରୁ ତାଙ୍କୁ ପରିବାର ଲୋକେ ଗତ ୨୧ ତାରିଖରେ ଶ୍ରୀଜା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବିଏସ୍‌କେୱାଇ କାର୍ଡ ଜରିଆରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ୪ ଦିନ ପରେ ତାଙ୍କ ଗୋଡ଼ରେ ସାଧାରଣ ଅସ୍ତ୍ରୋପଚାର କରାଯାଇଥିଲା। ଚିକିତ୍ସା ଜାରି ରହିଥିବାବେଳେ ରବିବାର ରାତି ୯ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତର କହିଥିଲେ ଏବଂ ସୋମବାର ସକାଳେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ସଭାପତି ପ୍ରଦୀପ ବେହେରା ପହଞ୍ଚି ଘଟଣା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସା ଅବହେଳାରୁ ଚିତ୍ତରଞ୍ଜନଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ସମୟରେ ଉତ୍ତେଜନା ପ୍ରକାଶ ପାଇବାରୁ ଚାଉଳିଆଗଞ୍ଜ ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ପରିବାର ପକ୍ଷରୁ ଏତଲାକ୍ରମେ ଚାଉଳିଆଗଞ୍ଜ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଚିତ୍ତରଞ୍ଜନଙ୍କ ସମ୍ପର୍କୀୟ ସତ୍ୟରଞ୍ଜନ ବେହେରା ଅଭିଯୋଗ କରିଛନ୍ତି ଯେ, ଶ୍ରୀଜା ହସ୍ପିଟାଲରେ ବିଏସ୍‌କେୱାଇ କାର୍ଡ ଜରିଆରେ ଚିତ୍ତରଞ୍ଜନଙ୍କ ଚିକିତ୍ସା ଚାଲିଥିଲା। କେବଳ ଟଙ୍କା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା କରି ଚିତ୍ତରଞ୍ଜନଙ୍କୁ ମାରିଦେଲେ। ଚିତ୍ତରଞ୍ଜନଙ୍କ କିଡ୍‌ନୀରେ ସାମାନ୍ୟ ସଂକ୍ରମଣ ରହିଥିଲା, କିନ୍ତୁ ପୂର୍ବରୁ କୌଣସି ହାର୍ଟ କିମ୍ବା ଅନ୍ୟ ରୋଗ ନ ଥିଲା। ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚାଇଛନ୍ତି। ଏପରିକି ଅସ୍ତ୍ରୋପଚାର ସମୟରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ସମ୍ପର୍କରେ ମଧ୍ୟ ଡାକ୍ତର ସୂଚାଇ ନ ଥିଲେ। ଚିକିତ୍ସାବେଳେ ତାଙ୍କ ଗୋଡ଼ ହାତ ବେଡ୍‌ରେ ବାନ୍ଧିକି ରଖାଯାଇଥିଲା। ରବିବାର ଅକ୍ସିଜେନ ଆବଶ୍ୟକ ଥିବାବେଳେ ହସ୍ପିଟାଲ କର୍ମଚାରୀ ଅକ୍ସିଜେନ ପରିଚାଳନା କରିପାରି ନ ଥିଲେ। ଏପରି କି ଚିତ୍ତରଞ୍ଜନଙ୍କ ସହ ପରିବାର ଲୋକଙ୍କୁ ଭେଟିବା ପାଇଁ ଦେଉ ନ ଥିଲେ ଏବଂ ଦୁର୍ବ୍ୟବହାର କରୁଥିଲେ। ମୃତ୍ୟୁ ପୂର୍ବରୁ ରୋଗୀ ସମ୍ପୂର୍ଣ୍ଣ ଠିକ୍ ଥିଲେ, ମାତ୍ର ସୋମବାର ଭେଟିବା ପୂର୍ବରୁ ମୃତ ଘୋଷଣା କରାଯାଇଛି ବୋଲି ସତ୍ୟରଞ୍ଜନ ଅଭିଯୋଗ କରିଛନ୍ତି। ସେହିପରି ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ସଭାପତି ବେହେରା କହିଛନ୍ତି, ବିଏସ୍‌କେୱାଇ କାର୍ଡ ଜରିଆରେ ଘରୋଇ ହସ୍ପିଟାଲଗୁଡ଼ିକ ହରିଲୁଟ କରୁଛନ୍ତି, ଯାହାଦ୍ୱାରା ରୋଗୀଙ୍କ ଜୀବନ ବାଜି ଲାଗୁଛି। ଉକ୍ତ ହସ୍ପିଟାଲର ସମସ୍ତ ପ୍ରମାଣପତ୍ର ରହିଛି କି ନାହିଁ ତାହା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟପକ୍ଷରେ ଏନେଇ ଶ୍ରୀଜା ହସ୍ପିଟାଲର ଡାଇରେକ୍ଟର ଅକ୍ଷୟ କୁମାର ପୁହାଣ କହିଛନ୍ତି, ସମ୍ପୃକ୍ତ ରୋଗୀଙ୍କ ଯେଉଁ ଖଣ୍ଡିଆ ବା ଘା' ହୋଇଥିଲା, ତାହା ଦୁଇରୁ ତିନିମାସ ପୂର୍ବରେ ଥିଲା। ଏଠାରେ ସମସ୍ତ ପରୀକ୍ଷା କରାଯାଇଥିଲା। ତାଙ୍କ ଶରୀରରେ ଥାଇରଏଡ ଓ ହିମୋଗ୍ଲୋବିନ କମ୍ ରହିଥିଲା। ତାଙ୍କର ପୂର୍ବରୁ ସିଓପିଡି ବା ନିଃଶ୍ୱାସ ଓ କିଡ୍‌ନୀଜନିତ ସମସ୍ୟା ରହିଥିଲା, କିନ୍ତୁ ପରିବାର ଲୋକେ ସେ ବିଷୟରେ ଜଣାଇ ନ ଥିଲେ। ରବିବାର ସେ ନିଃଶ୍ୱାସ ନେବାରେ ସମସ୍ୟା ହେବାରୁ ପରୀକ୍ଷା ପରେ ତାହା ଜଣାପଡ଼ିଥିଲା ଏବଂ ଏନେଇ ଚିକିତ୍ସା କରାଇ ମେଡିସିନ ଦିଆଯାଇଥିଲା। ରାତିରେ ତାଙ୍କ ଶରୀରରେ ଗ୍ଲୁକୋଜ କମିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଥିଲା ଏବଂ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୁହାଣ ପ୍ରକାଶ କରିଛନ୍ତି। ତେବେ ଏନେଇ ଚାଉଳିଆଗଞ୍ଜ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି, ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ।

## ସ୍ୱାଧିକାର ଭଙ୍ଗ...

ପ୍ରଥମ ପୃଷ୍ଠାରୁ...

ରାଜ୍ୟ ସରକାର ଚାକିରିରେ ସଂରକ୍ଷଣ ଦେବେ ତାହାକୁ ଆମେ ସ୍ୱାଗତ କରୁଛୁ। ଗୃହକୁ କ'ଣ ପାଇଁ ଅବମାନନା କରାଗଲା। ମୁଖ୍ୟମନ୍ତ୍ରୀ ଗୃହକୁ ବିଶ୍ୱାସକୁ ନେଇ ନାହାନ୍ତି। ଦଳ ପକ୍ଷରୁ ଯେଉଁ ସ୍ୱାଧିକାର ଭଙ୍ଗ ନୋଟିସ୍ ଦିଆଯାଇଛି ତାହାକୁ ପ୍ରିଭିଲେଜ କମିଟିକୁ ପଠାଯାଉ ବୋଲି ସେ କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ସରକାର ଯାହା ଘୋଷଣା କରିବା କଥା ବିଧାନସଭା ଚାଲିଥିବା ବେଳେ ଗୃହରେ ଘୋଷଣା କରନ୍ତୁ। ମୁଖ୍ୟମନ୍ତ୍ରୀ ଗୃହ ବାହାରେ ଘୋଷଣା କଲେ। ସଂରକ୍ଷଣ ଘୋଷଣା କରିବା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଏହା ଉଲ୍ଲଂଘନ କରୁଛି। ନୂଆ କରି ସରକାରକୁ ଆସିଥିବାରୁ ଭୁଲ୍ ହେବା ସ୍ୱାଭାବିକ। ମୁଖ୍ୟମନ୍ତ୍ରୀ ଏ ନେଇ ଗୃହରେ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡି ସଭ୍ୟ ଗଣେଶ୍ୱର ବେହେରା ମଧ୍ୟ ଗୃହ ବାହାରେ ଘୋଷଣାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଗୃହର ନେତା। ଗୃହ ଚାଲିଥିବା ବେଳେ ସରକାର ଗୃହ ଭିତରେ ଘୋଷଣା କରିବା ପରମ୍ପରା ରହିଛି। ମାତ୍ର ସେ ଗୃହକୁ ବିଶ୍ୱାସକୁ ନେଉ ନାହାନ୍ତି। ବାଡ଼ ଯଦି ଫସଲ ଖାଇବ କାହାକୁ କହିବା, କପାଳରେ ସିନା ହାତ ମାରିବା।

ଭାଜପା ସଭ୍ୟ ଇରାଶିଷ ଆଚାର୍ଯ୍ୟ ମଧ୍ୟ ବିରୋଧୀଙ୍କୁ କଡ଼ା ଜବାବ ଦେଇ କହିଛନ୍ତି, ସେ ମଧ୍ୟ କଂଗ୍ରେସ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେବେ। ନିୟମ ଅନୁସାରେ ବାଚସ୍ପତିଙ୍କ ବିନା ଅନୁମତିରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେବା ପୂର୍ବରୁ କେହି ଗଣମାଧ୍ୟମରେ ଏ ସମ୍ପର୍କରେ କିଛି କହିପାରିବେ ନାହିଁ। ହେଲେ ରବିବାର କଂଗ୍ରେସ ସଦସ୍ୟ ଏହି ପ୍ରସଙ୍ଗ ଗଣମାଧ୍ୟମ ଆଗରେ କହିଛନ୍ତି। ଖବରକାଗଜରେ ଏହା ପ୍ରକାଶ ପାଇଛି। ଯେଉଁ କଥା ବିଧାନସଭାରେ ଆଲୋଚନା ହେବା କଥା ତାହା ଗୃହ ବାହାରକୁ ଗଲା କେମିତି। ଏହା ଗୃହର ମର୍ଯ୍ୟାଦା କ୍ଷୁଣ୍ଣ କରୁନି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ବାଚସ୍ପତି ଘୋଷଣା କରିଥିଲେ, ସ୍ୱାଧିକାର ଭଙ୍ଗ ନୋଟିସ୍‌କୁ ସେ ଅନୁଧ୍ୟାନ କରିବେ। ଏହା ସତ୍ତ୍ୱେ କଂଗ୍ରେସ ସଭ୍ୟମାନେ ନିଜ ଦାବି ଦୋହରାଇ ପୁଣି ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ଆମର ଦାବି ...ଆମର ଦାବି କହି ହୋହଲ୍ଲା କରିଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ସମାନ ଦାବି ନେଇ ବିଧାନସଭାରେ ପ୍ରବଳ ହୋହଲ୍ଲା କରିଥିଲେ। ଏଥିଯୋଗୁ ବାଚସ୍ପତି ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୫ଟା ୩ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ବାଚସ୍ପତି ବଜେଟ ଉପରେ ଆଲୋଚନା କରିବା ଆରମ୍ଭ କରିଥିଲେ। କଂଗ୍ରେସ ସଦସ୍ୟମାନେ ଦାବି ଦୋହରାଇ ପୁଣି ଗୃହରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଭ୍ୟ କାଡାମ ଅଭିଯୋଗ କରିଥିଲେ, ସମସ୍ତ ସଦସ୍ୟଙ୍କୁ ବାଚସ୍ପତି ସମାନ ସୁଯୋଗ ଦେଉ ନାହାନ୍ତି। ଏହି ସମୟରେ ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ କିଛି କାଗଜପତ୍ର ଫିଙ୍ଗି ଦେଇଥିଲେ। ଏଥିସହିତ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ବଜେଟ ଆଲୋଚନା ହୋଇଥିଲା।

## ପିଲା ଗାଡ଼ି ଚଳାଇଲେ...

ତାଳଚେର ୩, ରାଉରକେଲା ୬, ସୁବର୍ଣ୍ଣପୁର ୫, ବଲାଙ୍ଗୀର ୬, ଝାରସୁଗୁଡ଼ା ୨, ବରଗଡ଼ ୨, ସମ୍ବଲପୁର ୨, ସୁନ୍ଦରଗଡ଼ ୧, ଭୁବନେଶ୍ୱର(୧)୭, ନୟାଗଡ଼ ୭, ପୁରୀ ୨, କେନ୍ଦ୍ରାପଡ଼ା ୩, ଏଆର୍‌ଟିଓ ଖୋର୍ଦ୍ଧା ୩, ଫୁଲବାଣୀ ୨, ଭଞ୍ଜନଗର ୨, ଗଞ୍ଜାମ ୭, ଗଜପତି ୧, ବୌଦ୍ଧ ୨, ଯାଜପୁର ୨, ଚଣ୍ଡିଖୋଲ ୨, ଏଆର୍‌ଟିଓ ରାଇରଙ୍ଗପୁର ୬, ବାଲେଶ୍ୱର ୬, ମୟୂରଭଞ୍ଜ ୧, ନୂଆପଡ଼ା ୧, ରାୟଗଡ଼ା ୭, ନବରଙ୍ଗପୁରରେ ୫ଟି ଚାଲାଣ କଟାଯାଇଛି। ଏସବୁର ମୋଟ ସଂଖ୍ୟା ୧୫୩। ଅନ୍ୟପକ୍ଷରେ ବଡ଼ବିଲରେ ୧, ଅନୁଗୋଳ ୩, ତାଳଚେର ୩, ରାଉରକେଲା ୬, ସୋନପୁର ୫, ବଲାଙ୍ଗୀର ୬, ସୁନ୍ଦରଗଡ଼ ୧, ଭୁବନେଶ୍ୱର(୧) ୩, ନୟାଗଡ଼ ୨, ଏଆର୍‌ଟିଓ ଖୋର୍ଦ୍ଧା ୩, ଫୁଲବାଣୀ ୨, ଗଞ୍ଜାମ ୨, ଗଜପତି ୧, ଚଣ୍ଡିଖୋଲ ୨, ଏଆର୍‌ଟିଓ ରାଇରଙ୍ଗପୁର ୨, ବାଲେଶ୍ୱର ୫, ମୟୂରଭଞ୍ଜ ୧, ନୂଆପଡ଼ା ୧, କଳାହାଣ୍ଡି ୪ ଏବଂ ରାୟଗଡ଼ାରେ ୭ଟି ଗାଡ଼ି ଜବତ ହୋଇଛି। ଏସବୁ ସଂଖ୍ୟା ମିଶି ୬୦। ତେବେ ୧୫୩ଟି ମାମଲା ମଧ୍ୟରୁ ୯୩ଟି ମାମଲାରେ କୌଣସି କାରଣରୁ ଗାଡ଼ି ଜବତ ହୋଇପାରିନାହିଁ, କେବଳ ଚାଲାଣ କଟାଯାଇଛି। ସାରା ରାଜ୍ୟରେ ନାବାଳକ ଗାଡ଼ି ଚାଳକଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ ସୋମବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ କେତେକ ଆର୍‌ଟିଓଙ୍କ ପକ୍ଷରୁ କୌଣସି ମାମଲା ରୁଜୁ ହୋଇପାରି ନ ଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା- ଜଗତ୍‌ସିଂହପୁର, ଭଦ୍ରକ ଓ ମାଲକାନଗିରି।

ଏସ୍‌ଟିଏର ଆଡିଶନାଲ କମିଶନର ଲାଲମୋହନ ସେଠୀ କହିଛନ୍ତି, ୮/୯ ବର୍ଷ ବୟସର ପିଲାଙ୍କୁ ମା'ବାପା ଗାଡ଼ି ଚଳାଇବାକୁ ଦେଉଛନ୍ତି। ସେମାନେ କେତେ ରିସ୍କ ନେଉଛନ୍ତି। ସେମାନେ ଗାଡ଼ି ଚଳାଉଥିବା ଦେଖି ଆମକୁ ଡର ଲାଗୁଛି। ଗତବର୍ଷ ଗାଡ଼ିଚାଳନା ବେଳେ ୧୭୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇଛି। ନାବାଳକ ଗାଡ଼ି ଚାଳନାକୁ ରାଜ୍ୟ ପରିବହନ ବିଭାଗ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରିଛି। ତେଣୁ ଆଗାମୀ ଦିନରେ ପ୍ରତି ମାସରେ ଏଭଳି ସ୍ୱତନ୍ତ୍ର ଅଭିଯାନ ଜରିଆରେ ନାବାଳକ ଗାଡ଼ି ଚାଳକଙ୍କୁ ଧରାଯିବ।

## ପୋଲାଭରମ୍ ଉପରେ...

ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଦୁଇ ରାଜ୍ୟର ମୁଖ୍ୟ ଶାସନ ସଚିବ ମଧ୍ୟ ଉପସ୍ଥିତ ଥିଲେ। ପରିସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୋଲାଭରମ୍ ଉପରେ ମତାମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ନୀତି ଆୟୋଗ ବୈଠକ ମଧ୍ୟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ସହିତ ଆଲୋଚନା ହୋଇଛି। ପୋଲାଭରମ୍ ଉପରେ ଓଡ଼ିଶାର ଯାହାସବୁ ଦାବି ରହିଛି, ସେ କଥା କୁହାଯାଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀସ୍ତରୀୟ ବୈଠକ ପାଇଁ ପ୍ରସ୍ତାବ ଦିଆଯାଇଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ମଧ୍ୟ ସେ ପ୍ରସ୍ତାବରେ ରାଜି ଅଛନ୍ତି। ଦିଲ୍ଲୀ ଗସ୍ତ ସମୟରେ ସେ ଓଡ଼ିଶା ଭବନରେ କେନ୍ଦ୍ର ସରକାରଙ୍କ ଅଧୀନରେ କାମ କରୁଥିବା ଓଡ଼ିଶା କ୍ୟାଡରର ଅଧିକାରୀ ଏବଂ ଅନ୍ୟ କ୍ୟାଡର ଓ ରାଜ୍ୟରେ କାମ କରୁଥିବା ଓଡ଼ିଆ ଅଧିକାରୀମାନଙ୍କ ସହିତ ଏକ ବିକଶିତ ଓଡ଼ିଶା ଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଟିମ୍ ଇଣ୍ଡିଆ ଭଳି ଏକ ଟିମ୍ ଓଡ଼ିଶା ଗଠନ କରି ଓଡ଼ିଶାର ବିକାଶ ପାଇଁ ସମସ୍ତେ ଓଡ଼ିଶାକୁ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଛି। କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ସେମାନେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ବିମାନବନ୍ଦରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅନେକ ବିଧାୟକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ଜଙ୍ଗଲରୁ ଉଦ୍ଧାର...

କରାଯାଇଛି। ଲଳିତା କାୟୀ କୁମାରୀ ଏସ୍ ନାମ୍ନୀ ଏହି ଆମେରିକୀୟ ମହିଳା ଗତ କିଛିବର୍ଷ ଧରି ତାମିଲନାଡୁରେ ରହୁଥିଲେ ବୋଲି ପୋଲିସ କହିଛି। ସେ ଗତ କିଛି ଦିନ ଧରି ଖାଇ ନ ଥିବାରୁ ଦୁର୍ବଳ ଅଛନ୍ତି, ତେଣୁ ବିବୃତି ଦେବା ସ୍ଥିତିରେ ନାହାନ୍ତି। ସିନ୍ଧୁଦୁର୍ଗ ଜିଲାରେ ଗତ ସପ୍ତାହେ ହେବ ଲଗାଣ ବର୍ଷା ଜାରି ରହିଥିବାବେଳେ ଏହି ମହିଳା ଜଣକ କେତେଦିନ ଧରି ଗଛରେ ବନ୍ଧା ହୋଇ ରହିଥିଲେ, ସେନେଇ ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଧନ ସ୍ଥାନରେ ଚନ୍ଦ୍ର ମଙ୍ଗଳ ଯୋଗରୁ ହାତ ଖାଲି ରହିବନାହିଁ। କିନ୍ତୁ ଛୋଟ ଛୋଟ କଥାକୁ ନେଇ ବନ୍ଧୁଙ୍କ ଭୁଲ୍ ବୁଝାମଣା ଓ ବେଖାତିର କଥାରୁ ମତାନ୍ତର ଘଟିପାରେ। ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିନେଇପାରିବେ।

**ବୃଷ**
ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ପ୍ରଶଂସାର ପାତ୍ର ହେବେ। ଆତ୍ମୀୟଙ୍କୁ ଭଲ କଥା କହିଲେ ମଧ୍ୟ ସେମାନେ ଭୁଲ୍ ବୁଝିପାରନ୍ତି। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେଇପାରେ। ସଭାସମିତିରେ, କଳା, ସାହିତ୍ୟ, ସଙ୍ଗୀତରେ ଅର୍ଥ ଓ ସମ୍ମାନ ପାଇ ଖୁସି ହୋଇପାରନ୍ତି।

**ମିଥୁନ**
ରବି ଦ୍ୱିତୀୟସ୍ଥ ଯୋଗୁ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ଲୋକଟି ଦ୍ୱାରା ଆଜି ଲକ୍ଷ୍ୟ ପୂରଣ ହେବ। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜିପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣକଲେ ମନ୍ଦ ହେବନି। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**କର୍କଟ**
ଏକାଦଶସ୍ଥ ମଙ୍ଗଳ ଗ୍ରହ ଅମଙ୍ଗଳ ବିନାଶ ପୂର୍ବକ ଆଶା ପୂରଣରେ ସାହାଯ୍ୟ କରିବେ। ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହୋଇପାରେ। ସାଧାରଣ କଥାକୁ ବଡ଼ କରି ସହକର୍ମୀ ମାନେ କଳହର ମାତ୍ରାକୁ ବଢ଼ାଇପାରନ୍ତି। ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ**
ଧନାଧିପ ବ୍ୟୟଭାବସ୍ଥ ହେତୁ ବ୍ୟୟଭାର ବୃଦ୍ଧି ପାଉଥିବାରୁ ମନରେ ସରସତା ରହି ନ ପାରେ। ଯେତେ ସୁବିଧା ସୁଯୋଗ ସୃଷ୍ଟିକଲେ ମଧ୍ୟ ଅନ୍ୟମାନେ ନିନ୍ଦାଗାନ କରିପାରନ୍ତି। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ। ଦୂରଭ୍ରମଣର ଯୋଜନାକରି ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କନ୍ୟା**
ଆଜି ପରୋକ୍ଷ ଶତ୍ରୁତା, ଅନିଚ୍ଛାକୃତ ଭ୍ରମଣ, ବ୍ୟୟବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ସାଧାରଣ କଥାରେ ମତାନ୍ତର ଆଶଙ୍କା ରହିଛି। ବହୁ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବା ସମ୍ଭାବନା ରହିଛି।

**ତୁଳା**
ଅସୁବିଧା ନ ଥିଲେ ମଧ୍ୟ ଦ୍ୱାଦଶସ୍ଥ କେତୁଙ୍କ ପ୍ରଭାବରୁ ବୃଥା ଚିନ୍ତାକରି ମନ ଭଲ ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। କଳହ ଲାଗିଥିବା ବନ୍ଧୁ ପ୍ରତି ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ।

**ବିଛା**
ରାଶିଟି ଶନିଙ୍କ ଦୃଷ୍ଟିରେ ରହିଥିବାରୁ କୌଣସି କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିବା କଷ୍ଟକର ହେବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଶତ୍ରୁତା କରୁଥିବା ବ୍ୟକ୍ତି ନିକଟରୁ ଦୂରେଇରହିବା ଭଲ। ଧାରକରଜ କରି ଆବଶ୍ୟକତା ଚଳାଇନେବେ। କ୍ରୀଡ଼ା, କଳା, ସାହିତ୍ୟ , ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ।

**ଧନୁ**
ଭାଗ୍ୟସ୍ଥ ବୁଧ ଯୋଗୁ ପ୍ରତ୍ୟେକ କାମ ଓ ଅଭିଳାଷ ପୂରଣ ପାଇଁ ରାସ୍ତା ପରିଷ୍କାର ରହିବ। ଯାହା ଚାହୁଁଛନ୍ତି ତାହା ହାସଲ କରିବା କଷ୍ଟକର ହେବ ନାହିଁ। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ।

**ମକର**
ଶୁଭଗ୍ରହଙ୍କ ସୁପ୍ରଭାବରୁ ଦିନଟି ସୌଭାଗ୍ୟପ୍ରଦ ରହିବ ଫଳରେ ପ୍ରତ୍ୟେକ କାମରେ ସଫଳତା ପାଇବେ। ଗତକାଲିଠାରୁ ଯାହା କରିବାକୁ ମନସ୍ଥ କରିଛନ୍ତି ଶୀଘ୍ର ଆରମ୍ଭ କଲେ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମିତ ହେବେ। ଶିକ୍ଷା, ସଭାସମିତି, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ**
କେନ୍ଦ୍ରସ୍ଥ ଗ୍ରହ ପ୍ରଭାବରେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମକଲେ ଉପକୃତ ହେବେ। ପରିବାରରେ ମଧ୍ୟ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଚୁକ୍ତିଭିତ୍ତିକ କାମ, ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ**
ଶୁଭଗ୍ରହଦୃଷ୍ଟ ଭାଗ୍ୟସ୍ଥାନ ଯୋଗୁ ଦିନଟି ବହୁ ଭଲରେ ଅତିବାହିତ ହେବ। ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସମାଧାନ ସକାଶେ ମାର୍ଗ ଉନ୍ମୁକ୍ତ ରହିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା, ସଙ୍ଗଠନାଦିରେ ସାମୟିକ ସମସ୍ୟା ରହିପାରେ। ସାହିତ୍ୟଚର୍ଚ୍ଚା, ସାମ୍ବାଦିକତା, ପ୍ରତିଯୋଗିତା, ସଭାସମିତି, ଆଲୋଚନା କ୍ଷେତ୍ରରୁ ସୁନାମ ମିଳିବ।

ଆଜି ଜୁଲାଇ ୩୦ ତାରିଖ, ଅନ୍ତର୍ଜାତୀୟ ବନ୍ଧୁତା ଦିବସ, ଶ୍ରାବଣ କୃଷ୍ଣ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୧୦।୧୬ ମି. ଗତେ ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୯ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୦ ଗତେ, ଘ. ୦୧।୨୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୬ ଗତେ, ଘ. ୦୪।୪୩ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ମାଲବାହୀ ଟ୍ରେନ୍‌ର ୮ ୱାଗନ ଲାଇନଚ୍ୟୁତ

ଭୁବନେଶ୍ୱର, ୨୯।୭ (ଅନୁରାଧା ମହାରଣା)

ଭୁବନେଶ୍ୱର ରେଲୱେ ଷ୍ଟେଶନ ନିକଟରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ୍ ହେବା ଘଟଣାକୁ ୩ଦିନ ନ ପୂରୁଣୁ ପୁଣି ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ରବିବାର ରାତି ପ୍ରାୟ ୧ଟା ୩୫ରେ ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେଶନ ଲେଭଲ କ୍ରସିଂରେ ଏକ ମାଲବାହୀ ଟ୍ରେନ୍‌ର ୮ଟି ୱାଗନ ଲାଇନଚ୍ୟୁତ ହୋଇପଡିଥିଲା। ଫଳରେ ଉକ୍ତ ରୁଟ୍‌ରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରେଳ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଦୀର୍ଘ ସମୟ ଧରି ପୁନରୁଦ୍ଧାର କାର୍ଯ୍ୟ ଚାଲିବାରୁ ଉକ୍ତ ରୁଟ୍‌ରେ କିଛି ଟ୍ରେନ୍ ବାତିଲ କରାଯାଇଥିବାବେଳେ ଆଉ କିଛି ଟ୍ରେନ ଆଂଶିକ ବାତିଲ କରାଯାଇଥିଲା। ଅନ୍ୟ କିଛି ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଥିଲା। ସୋମବାର ଭୋର୍ ୫ଟା ସୁଦ୍ଧା ପୁନରୁଦ୍ଧାର କାର୍ଯ୍ୟ ସରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ବାରମ୍ବାର ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହେଉଥିବାରୁ ରେଳ ବିଭାଗର ଚିନ୍ତା ବଢ଼ାଇଛି। ଗତ ୨୬ ତାରିଖରେ ଅନ୍ୟଏକ ମାଲବାହୀ ଟ୍ରେନ୍‌ର ୨ଟି ୱାଗନ୍ ଲାଇନଚ୍ୟୁତ୍ ହେବା ପରେ ଏହାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ଏହି କମିଟି ମଞ୍ଚେଶ୍ୱର ଲାଇନ୍‌ଚ୍ୟୁତ ଘଟଣାର ମଧ୍ୟ ଯାଞ୍ଚ କରିବେ ବୋଲି ସୂଚନା ଦିଆଯାଇଛି। ଏହି କମିଟିରେ ନିରାପତ୍ତା, ସିଗ୍ନାଲ, ମେକାନିକାଲ, ଇଞ୍ଜିନିୟରିଂ ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ରହି ତଦନ୍ତ କରୁଛନ୍ତି। ଏହାବାଦ୍ ଗୋଟିଏ ଟ୍ରାକ୍‌ରେ ଏକାଧିକ ଟ୍ରେନ୍ ଚାଲିଆସିବା, ପାସେଞ୍ଜର ଟ୍ରେନ୍ ବଗିରେ ନିଆଁ ଲାଗିବା, ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା, ଯାନ୍ତ୍ରିକ ତ୍ରୁଟି କାରଣରୁ ଟ୍ରେନ୍ ଯାତ୍ରା ଆରମ୍ଭ କରି ପୁଣି ପଛକୁ ଫେରିବା, ନିଷିଦ୍ଧାଞ୍ଚଳରେ ଟ୍ରେନ୍ ଅଟକିବା ଆଦି ଘଟଣା ରାଜ୍ୟରେ ଘଟିଥିବା ନଜରକୁ ଆସିଛି।

### ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ

ରାସୋଳ, ୨୯।୭ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରୋସୋଳ ଥାନା ବାବନ୍ଧ ଗ୍ରାମ ନିକଟରେ ହାତୀ ଆକ୍ରମଣରେ ଗଜସାଥୀ ବାବାଜୀ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ସୋମବାର ପୋଲିସ ଜବତ କରିଛି। ବାବାଜୀ ରବିବାର କାର୍ଯ୍ୟକୁ ଯାଇ ଆଉ ଫେରି ନ ଥିଲେ। ଗ୍ରାମବାସୀ ମନ୍ଦିର ନିକଟରେ ତାଙ୍କ ମୃତଦେହ ଦେଖି ପୋଲିସ ଓ ବନବିଭାଗକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରାସୋଳ ପୋଲିସ ନଂ. ୨୫।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବଜ୍ରପାତରେ ମହିଳା ମୃତ

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୯।୭

ବାଲେଶ୍ୱର ଜିଲା ବାଲିଆପାଳ ଥାନା ବଳରାମପୁର ପଞ୍ଚାୟତ ସୁନାରୁଇ ଗ୍ରାମରେ ସୋମବାର ପୂର୍ବାହ୍ନରେ ବଜ୍ରପାତ ହୋଇ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ସୁନାରୁଇ ଗ୍ରାମର କାଳୀଚରଣ ଜେନାଙ୍କ ସ୍ତ୍ରୀ ବାସନ୍ତୀ(୫୨)। ବାସନ୍ତୀ ସକାଳେ ବିଲକୁ ଧାନ ତଳି ରୋଇବା ପାଇଁ ଯାଇଥିବା ବେଳେ ହଠାତ୍ ପ୍ରବଳ ବର୍ଷା ସାଙ୍ଗକୁ ଘନ ଘନ ବଜ୍ରପାତ ହୋଇଥିଲା। ଏଥିରେ ବାସନ୍ତୀ ସଂଜ୍ଞାହୀନ ହୋଇ ବିଲରେ ତଳେ ପଡ଼ିଯାଇଥିଲେ। ବାସନ୍ତୀଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅନୁସନ୍ଧାନ ପରେ ରତ୍ନଭଣ୍ଡାର ମରାମତି

ପୁରୀ, ୨୯।୭ (ଅଜିତ୍ କୁମାର ମହାନ୍ତି)



ବୈଠକରେ ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

ଜନ ସାଧାରଣଙ୍କ ସନ୍ଦେହ ଦୂର କରିବା ସହ କିଛି ବହିର ତଥ୍ୟ ଆଧାରରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ସୁଡ଼ଙ୍ଗ ଓ ଗୁପ୍ତ କୋଠରି ଅଛି କି ନାହିଁ ତାହା ଜାଣିବା ନିମନ୍ତେ ଅତ୍ୟାଧୁନିକ ପଦ୍ଧତିରେ ଯାଞ୍ଚ କରାଯିବ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଅବଗତ କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେବାପରେ ସରକାରଙ୍କୁ ଏସ୍‌ଓପି ସଂଶୋଧନ କରିବା ପାଇଁ ପରାମର୍ଶ ଦିଆଯିବ। ସରକାର ଯାହା ଏସ୍‌ଓପି ଆଣିବେ ସେହି ଅନୁଯାୟୀ ସବୁ କାର୍ଯ୍ୟ ହେବ ବୋଲି ସୋମବାର ରତ୍ନଭଣ୍ଡାର ତଦାରଖ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି। ସୋମବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ତଦାରଖ କମିଟିର ଅଧ୍ୟକ୍ଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, କମିଟିର ସମସ୍ତ ସଦସ୍ୟ, ଏଏସ୍‌ଆଇ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ଓ ଲେଜର ସ୍କାନିଂ କିଭଳି କରାଯାଇପାରିବ ସେନେଇ ବୈଠକରେ ସବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର କେବେ ମରାମତି ହେବ ଏବଂ କେବେଠାରୁ ଲେଜର ସ୍କାନିଂ କରାଯିବ ସେନେଇ ରତ୍ନଭଣ୍ଡାର ତଦାରଖ କମିଟି ଶ୍ରୀମନ୍ଦିର ପରିଚାଳନା କମିଟି ଉପରେ ଦାୟିତ୍ୱ ନ୍ୟସ୍ତ କରିଛି। ସରକାରଙ୍କ ନୂଆ ଏସ୍‌ଓପି ଆସିବା ପରେ ପ୍ରଥମେ ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯିବ। ଏହାପରେ ମରାମତି ଏବଂ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକ ପରେ କମିଟିର ଅଧ୍ୟକ୍ଷ ଜଷ୍ଟିସ ରଥ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାରରୁ ରତ୍ନଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେବା ପରେ ରତ୍ନଭଣ୍ଡାରର ମରାମତି ପ୍ରକ୍ରିୟା ଆଡ଼କୁ ଯାଉଥିଲୁ। କିନ୍ତୁ ରତ୍ନଭଣ୍ଡାରକୁ ନେଇ ଲୋକମାନଙ୍କ ଭାବାବେଗ ରହିଛି। ରତ୍ନଭଣ୍ଡାର ମଧ୍ୟରେ ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ଲୁକ୍କାୟିତ ଅବସ୍ଥାରେ ଥିବା ନେଇ ବିଭିନ୍ନ ମତ ଆସୁଛି। ତେଣୁ ବୈଠକରେ ଉକ୍ତ ବିଷୟ ଉପରେ ଆଲୋଚନା କରାଯାଇଛି। ସେହିପରି ରତ୍ନଭଣ୍ଡାର ମରାମତି ହେବା ପୂର୍ବରୁ ରତ୍ନଅଳଙ୍କାର ଥିବା ଖାଲି ସିନ୍ଦୁକ, ଆଲମାରିଗୁଡ଼ିକ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଯଦି ଏହାର ମରାମତିର ଆବଶ୍ୟକ ପଡ଼ିବ ତେବେ ମରାମତି କରାଯାଇ ସ୍ଥାନାନ୍ତରିତ କରାଯିବ। ଏନେଇ ଏକ ଏସ୍‌ଓପି ଅନୁମୋଦନ କରାଯିବ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ତଥା ନୀତିକାନ୍ତିରେ ଯେପରି କୌଣସି ସମସ୍ୟା ହେବ ନାହିଁ ସେନେଇ ଧ୍ୟାନ ଦିଆଯିବ। ଆବଶ୍ୟକ ପଡ଼ିଲେ ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସସସ୍ତ ନିଯୋଗ ସହ ଆଲୋଚନା କରିବ। ତେବେ ଛତିଶା ନିଯୋଗର ସହାୟତା ମିଳିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ରହିବ ବୋଲି ଅଧ୍ୟକ୍ଷ କହିଛନ୍ତି। ତେବେ କମିଟିର କାର୍ଯ୍ୟ ଉପରେ ଜନସାଧାରଣ ସନ୍ଦେହ ସୃଷ୍ଟି କରନ୍ତୁନି ବୋଲି ଅନୁରୋଧ କରିଛନ୍ତି। ଶ୍ରୀମନ୍ଦିରର ଢାଞ୍ଚାକୁ ସୁରକ୍ଷିତ ନେଇ ଯେତେ ସୂକ୍ଷ୍ମରେ କାର୍ଯ୍ୟକୁ କରାଯାଇ ପାରିବ। ଅନୁସନ୍ଧାନ କାର୍ଯ୍ୟ ଶେଷ ହେବା ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବ। ଏହାପରେ ଅସ୍ଥାୟୀ ରତ୍ନଭଣ୍ଡାର ଭିତରେ ଥିବା ସମସ୍ତ ରତ୍ନଅଳଙ୍କାରର ଗଣତିମଣତି କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ରଥ କହିଛନ୍ତି।

# ୧କି.ମି. ଗଡ଼ି ଗଡ଼ି ମନ୍ଦିରରେ ଜଳଲାଗି କଲେ

## ନାବାଳକ ଶିବ ଭକ୍ତ

ଭବାନୀପାଟଣା, ୨୯।୭ (ଉତ୍ତମ କୁମାର ଦାଶ)

ଶ୍ରାବଣ ମାସ ବୋଲବମ୍ ଭକ୍ତଙ୍କ ଶିବ ଆରାଧନାର ସମୟ। ଏହି ପବିତ୍ର ମାସରେ ସବୁ ଶିବ ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ମାନସିକ କରିଥିବା ଭକ୍ତମାନେ ବିଭିନ୍ନ ମୁଦ୍ରାରେ ମନ୍ଦିର ଯାଇ ଶିବଙ୍କ ମସ୍ତକରେ ଜଳ ଲାଗି କରିଥାନ୍ତି। କିଏ କାଉଡ଼ିଆ ଧରି ତ ଆଉ କିଏ ଧାଇଁ ଧାଇଁ ତ ପୁଣି ଆଉ କିଏ ଦଣ୍ଡ ମୁଦ୍ରାରେ ଯାଇଥାନ୍ତି। ବିଗତ କିଛିବର୍ଷ ହେଲା କଳାହାଣ୍ଡି ଜିଲା ଧର୍ମଗଡ ଅଞ୍ଚଳରେ ନାବାଳକ ବୋଲବମ୍ ଭକ୍ତମାନେ ରାସ୍ତାରେ ଗଡ଼ି ଗଡ଼ି ଯାଇ ଜଳ ଲାଗି କରିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଧର୍ମଗଡ ବସ୍ତି ପଡ଼ାର ବୋଲବମ୍ କମିଟିର ନାବାଳକ ଭକ୍ତମାନେ ବସ୍ତିପଡ଼ା ଲକ୍ଷ୍ମୀ ମଣ୍ଡପଠାରୁ ରୁଦ୍ରେଶ୍ୱର ଶିବ ମନ୍ଦିରକୁ ପ୍ରାୟ ଏକ କିଲୋମିଟର ରାସ୍ତା ଗଡି ଗଡି ଯିବା ଯିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଜଳ ଲାଗି କରିବାକୁ ଯାଉଥିବା ଏହି ଭକ୍ତମାନେ ନାବାଳକ ହୋଇଥିବାରୁ ସେମାନଙ୍କୁ ଦେଖିବା ପାଇଁ ରାସ୍ତାର ଦୁଇ କଡ଼ରେ ଭିଡ଼ ଜମିଥିଲା। ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଟ୍ରାଫିକ ଜାମ ହୋଇଯାଇଥିଲା। ଏହି ଭକ୍ତମାନଙ୍କ ଉପରେ କିଏ କ୍ଷୀର, ଫୁଲ ପକାଉଥିଲା ତ କିଏ ନିମ୍ବପତ୍ର ରାସ୍ତାରେ ପକାଇ ସେମାନଙ୍କର କଷ୍ଟ ଲାଘବ ପାଇଁ ଚେଷ୍ଟା କରୁଥିଲେ। ହରିବୋଲ ଓ ହୁଳହୁଳି ଧ୍ୱନିରେ ସାରା ଧର୍ମଗଡ ସହର ପ୍ରକମ୍ପିତ ହୋଇଉଠିଥିଲା।



ନାବାଳକ ଭକ୍ତମାନେ ରାସ୍ତାରେ ଗଡ଼ି ଗଡ଼ି ଶିବ ମନ୍ଦିର ଯାଉଛନ୍ତି।

# ବାର୍ବି ମିଶ୍ର ମିସ୍ ୟୁନିଭର୍ସ ଓଡ଼ିଶା

ଭୁବନେଶ୍ୱର, ୨୯।୭ (ଅନୁରାଧା ମହାରଣା)

ଓଡ଼ିଶାର ସୁଶ୍ରୀ ସଙ୍ଗୀତା ଏବଂ ତାଙ୍କ କମ୍ପାନୀ ଗୋଲ୍‌ଡେନ କର୍ଡ ପକ୍ଷରୁ ଆୟୋଜିତ ମିସ୍ ୟୁନିଭର୍ସ ଓଡିଶା-୨୦୨୪ରେ ବାର୍ବି ମିଶ୍ର ବିଜେତା ହୋଇଛନ୍ତି। ପ୍ରଥମ ରନର୍ସ ଅପ୍ ଟାଇଟଲ ଜାନଭି ସୋନି ହାସଲ କରିଥିବାବେଳେ ଦ୍ୱିତୀୟ ରନର୍ସ ଅପ୍ ମୈତ୍ରୀ ମୋନାଲି ପ୍ରଧାନ ହୋଇଛନ୍ତି। ମିସ ୟୁନିଭର୍ସ ଇଣ୍ଡିଆରେ ଅଂଶଗ୍ରହଣ ପାଇଁ ଓଡ଼ିଶାରୁ ପ୍ରତିନିଧି ଚୟନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସେଲିବ୍ରିଟି ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ୟାନେଲିଷ୍ଟ ଭାବେ ମିସ୍ ଗ୍ରାଣ୍ଡ୍ ଇଣ୍ଡିଆ ୨୦୨୨ର ପ୍ରାଚୀ ନାଗପାଲ, ଇଭେଣ୍ଟ ନିର୍ଦ୍ଦେଶକ ସେରେନା ଖାଟ, ଫ୍ୟାଶନ ଡିଜାଇନର୍ ସବ୍ୟସାଚୀ ଶତପଥୀ ଏବଂ ସେଲିବ୍ରିଟି ଫଟୋଗ୍ରାଫର ଆଶୁତୋଷ ସାହୁ ଯୋଗଦେଇ ମିସ ୟୁନିଭର୍ସ ଓଡିଶା ଚୟନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ରାଜ୍ୟର ୧୦୦ଜଣଙ୍କ ମଧ୍ୟରୁ ଶେଷ ପର୍ଯ୍ୟାୟରେ ନିଜର ପାରଦର୍ଶିତା ଦେଖାଇବା ପାଇଁ ୧୬ଜଣ ପ୍ରତିଯୋଗୀ ମନୋନୀତ ହୋଇଥିଲେ। ସେମାନେ ୩ ପ୍ରତିଯୋଗିତା ରାଉଣ୍ଡ୍ ସମେତ କକ୍‌ଟେଲ ଏବଂ ସାରେ ଗାଉନ୍ ପ୍ରତିଯୋଗିତା ରାଉଣ୍ଡ୍‌ରେ ନିଜର ଟ୍ୟାଲେଣ୍ଟ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଚୟନ କରାଯାଇଛି। ୟୁଟ୍ୟୁବ୍ ଚ୍ୟାନେଲ ଦି ଗ୍ରେଟ୍ ପେଜେଣ୍ଟ କମ୍ୟୁନିଟିଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା।

### ସବୁ ବ୍ଲକରେ ଅଗ୍ନିଶମ କେନ୍ଦ୍ର ଅଛି: ମନ୍ତ୍ରୀ ମୁକେଶ

ଭୁବନେଶ୍ୱର, ୨୯।୭ (ଅନିଲଦାସ)

ନିଜ ନିଜ ଅଞ୍ଚଳରେ ଦମକଳ କେନ୍ଦ୍ର ଖୋଲିବା ପାଇଁ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ବିଧାନସଭାରେ ଦାବି କରିଛନ୍ତି। ସୋମବାର ବିଧାନସଭା ପ୍ରଶ୍ନ କାଳରେ ଭାଜପା ସଭ୍ୟ ପଦ୍ମଲୋଚନ ପଣ୍ଡା ସିମୁଳିଆ ବ୍ଲକ ମାର୍କୋଣାଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ କରିବାକୁ ପ୍ରଶ୍ନ କରିଥିଲେ। ଏହା ଏକ ସ୍ଥାନୀୟ ପ୍ରଶ୍ନ ହୋଇଥିଲେ ମଧ୍ୟ ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ପ୍ରଶାନ୍ତ ବେହେରା, ଧ୍ରୁବ ସାହୁ ନିଜ ନିର୍ବାଚନମଣ୍ଡଳୀରେ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟରେ ଗୋଟିଏ ବ୍ଲକରେ ଗୋଟିଏ ଦମକଳ କେନ୍ଦ୍ର ପାଇଁ ରହିଛି ସରକାରୀ ନିୟମ। ଏହି ନିୟମ ଅନୁସାରେ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ଅଗ୍ନିଶମ କେନ୍ଦ୍ର ଖୋଲାଯାଇଛି। ନୂଆ ଦମକଳ କେନ୍ଦ୍ର ଖୋଲିବାକୁ ହେଲେ ଗାଇଡ୍‌ଲାଇନ ଅନୁଯାୟୀ ଅତିକମ୍‌ରେ ୧୦ରୁ ୧୫ଟି ଅଗ୍ନିକାଣ୍ଡ ଘଟଣା ଘଟିଥିବ। ୩୦ କିଲୋମିଟର ପରିଧି ମଧ୍ୟରେ କୌଣସି ଦମକଳ କେନ୍ଦ୍ର ନ ଥିବ। ତେବେ ସେଠାରେ ନୂଆ ଖୋଲାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

# ବରଗଡ଼ର ୨ ବାନ୍ଧଶିଳ୍ପୀଙ୍କୁ ସନ୍ଥ କବୀର ହ୍ୟାଣ୍ଡଲୁମ୍ ଆୱାର୍ଡ

## ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସରେ ପୁରସ୍କାର ପ୍ରଦାନ କରାଯିବ

ବରଗଡ଼, ୨୯।୭ (ପ୍ରେମାନନ୍ଦ ଖମାରୀ)

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଦ୍ୱାରା ବରଗଡ଼ ଜିଲାର ୨ ବାନ୍ଧଶିଳ୍ପୀ (ବୁଣାକାର) ସନ୍ଥ କବୀର ହ୍ୟାଣ୍ଡଲୁମ୍ ଆୱାର୍ଡ-୨୦୨୩ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ବାନ୍ଧୁଟିକ୍ରା ନିବାସୀ ରାମକୃଷ୍ଣ ମେହେର ଏବଂ ଅତାବିରା ବ୍ଲକ ଝିଲିମିଣ୍ଡା ଗ୍ରାମର ହରିଲାଲ ମେହେର। ରାମକୃଷ୍ଣ ତାଙ୍କ ଦ୍ୱାରା ପ୍ରସ୍ତୁତ ରାଷ୍ଟ୍ରୀୟ ଏକତା ଶାଢ଼ି ଏବଂ ହରିଲାଲ ତାଙ୍କ ଦ୍ୱାରା ପ୍ରସ୍ତୁତ ସଚିପାର୍ ଦଶଫୁଲିଆ ଶାଢ଼ି ପାଇଁ ଏହି ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଅଗଷ୍ଟ ୭ ତାରିଖ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ରାମକୃଷ୍ଣ



ରାମକୃଷ୍ଣ ମେହେର



ହରିଲାଲ ମେହେର

ଏହା ପୂର୍ବରୁ ୨୦୧୪ରେ ଷ୍ଟେଟ୍ ଆୱାର୍ଡ, ୨୦୧୫ରେ ନ୍ୟାଶନାଲ ଆୱାର୍ଡ, ୨୦୧୬ରେ ରାଷ୍ଟ୍ରୀୟ ଗୌରବ ଆୱାର୍ଡ, ୨୦୧୮ରେ ୱାର୍ଲ୍ଡ କ୍ରାଫ୍ଟ କାଉନସିଲ ଆୱାର୍ଡ ସମେତ ବିଭିନ୍ନ ପୁରସ୍କାର ପାଇବା ସହ ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି। ସେହିପରି ହରିଲାଲ ପୂର୍ବରୁ ୧୯୮୮ରେ ଷ୍ଟେଟ ଆୱାର୍ଡ, ନ୍ୟାଶନାଲ ଆୱାର୍ଡ, କଳାଶ୍ରୀ ଆୱାର୍ଡ ଏବଂ ବୁଣାକାର ସମ୍ମାନ ମଧ୍ୟ ପାଇଛନ୍ତି।

# ନୂତନ ଶୈକ୍ଷିକ ପ୍ରଣାଳୀ ଗୁଣାତ୍ମକ ଶିକ୍ଷା ଦେବ



ସ୍କୁଲ୍ ପିଲାମାନେ ଗ୍ରାମୀଣ ବାଦ୍ୟକାର ବେଶରେ ବାଜା ବଜାଉଛନ୍ତି।

ଭୁବନେଶ୍ୱର, ୨୯।୭ (ଅସମାପିକା ସାହୁ)

ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚାଲିଥିବା 'ଶିକ୍ଷା ସପ୍ତାହ' କାର୍ଯ୍ୟକ୍ରମ ସୋମବାର ସଫଳତାର ସହ ଶେଷ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଶିକ୍ଷାନୀତି-୨୦୨୦ର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ନେଇ ବ୍ୟକ୍ତିତ୍ୱ ବିକାଶର ପ୍ରାଥମିକତା ରୂପେ ଶିକ୍ଷାକୁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୂତନ ଶୈକ୍ଷିକ ପ୍ରଣାଳୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ କିଭଳି ଗୁଣାତ୍ମକ

### ସରିଲା 'ଶିକ୍ଷା ସପ୍ତାହ' କାର୍ଯ୍ୟକ୍ରମ

ଶିକ୍ଷା ପ୍ରଦାନ କରାଯିବ ସେନେଇ ୭ଦିନ ବ୍ୟାପୀ ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ଏହି ଶିକ୍ଷା ସପ୍ତାହର ଶେଷଦିନରେ ବିଦ୍ୟାଳୟରେ 'ଗୋଷ୍ଠୀ ସମ୍ପୃକ୍ତି ଦିବସ' ପାଳନ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶାନୁସାରେ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ସୁବିଧା ଅନୁସାରେ ରବିବାର ଓ ସୋମବାର ମଧ୍ୟରୁ ଗୋଟିଏ ଦିନ ପାଳନ କରାଯାଇଛି। ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଓ ଗୋଷ୍ଠୀ ସହଭାଗିତାରେ ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଉନ୍ନତୀକରଣ କରାଯାଇପାରିଛି। 'ବିଦ୍ୟାଞ୍ଜଳି' କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ସହଭାଗିତାକୁ ପ୍ରାଧାନ୍ୟ ଦିଆଯାଇଛି। ଏହି ସମ୍ପ୍ରଦାୟ ସହଭାଗିତାକୁ ସଫଳ କରିବା ପାଇଁ ତିଥି ଭୋଜନ ଭଳି ଏକ ଅଭିନବ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ କମ୍ୟୁନିଟି ସଦସ୍ୟ ଯଥା ଏନ୍‌ଜିଓ, ଶିଳ୍ପ ସଂସ୍ଥା, ବାଣିଜ୍ୟ ପ୍ରତିଷ୍ଠାନ, ଟ୍ରେଡ୍ ସଂସ୍ଥାଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ପୋଷଣଯୁକ୍ତ ଖାଦ୍ୟସାମଗ୍ରୀ ଯୋଗାଇ ଦେଇଥିଲେ।

### ଛାତ୍ର ନିଖୋଜ ଅଭିଯୋଗ

ବନ୍ତ, ୨୯।୭ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ନିଲୋକ ପଞ୍ଚାୟତ ଭଣ୍ଡାରଗଡ଼ିଆ ଗ୍ରାମର ଜଣେ ୧୦ମ ଶ୍ରେଣୀ ଛାତ୍ର ନିଖୋଜ ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ରଘୁନାଥ ନାୟକଙ୍କ ପୁଅ ସାଇପ୍ରକାଶ ବନ୍ତ ଚାରୁଚନ୍ଦ୍ର ଇଂଲିଶ ମିଡିୟମ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଅଟ। ସୋମବାର ସକାଳେ କୋଚିଂ ପାଇଁ ଘରୁ ସ୍କୁଲକୁ ଯାଇଥିଲେ। ସକାଳ ୮ଟା ୩୦ରେ କୋଚିଂ ସାରି ସେ ବନ୍ତରେ ରହୁଥିବା ଜଣେ ସାର୍‌ଙ୍କ ଘରକୁ ଗାଧୋଇ ସାରି ସ୍କୁଲ ଆସିବା ପାଇଁ ଯାଇଥିଲେ। କିନ୍ତୁ ସେଠାକୁ ନ ଯାଇ ସେ କେଉଁଆଡ଼େ ଚାଲିଯାଇଥିବା ତାଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। ବନ୍ତ- ଆନନ୍ଦପୁର ରାସ୍ତାର ବରକଣା ଛକ ପାଖରେ ତାଙ୍କ ସାଇକେଲ ଓ ବ୍ୟାଗ୍ ମିଳିଛି।

# ଝାଡ଼ାବାନ୍ତିରେ ଜଣେ ମୃତ: ୮ ଆକ୍ରାନ୍ତ

କୋରାପୁଟ, ୨୯।୭ (ଅମିତାଭ ବେହେରା)

କୋରାପୁଟ ଜିଲାର ଲମତାପୁଟ ବ୍ଲକର ମେଦିପୁଟ ଗ୍ରାମରେ ଗତ ୨ ଦିନ ଧରି ଝାଡ଼ା ବାନ୍ତି ବ୍ୟାପିଛି। ସୋମବାର ଏଥିରେ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ମୃତକ ହେଲେ ଚନ୍ଦ୍ରମା ଜାନି (୬୧)।

ମିଳିଥିବା ଖବରରୁ ଜଣାପଡିଛି, ଲମତାପୁଟ ଅଞ୍ଚଳରେ ପ୍ରାୟ ୧୦ ଦିନ ହେଲାଣି ପ୍ରବଳ ବର୍ଷା ଜାରି ରହିଛି। ବ୍ଲକର ଉମ୍ବେଲ ପଞ୍ଚାୟତର ମେଦିପୁଟ ଗ୍ରାମରେ ଝାଡା ବାନ୍ତି ବ୍ୟାପିଥିଲା। ଗ୍ରାମର ୯ ଜଣ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସମସ୍ତଙ୍କୁ ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ବେଳେ ଚନ୍ଦ୍ରମାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ଚାଲୁଥିବା ବେଳେ ସୋମବାର ସକାଳେ ଚନ୍ଦ୍ରମାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଆକ୍ରାନ୍ତ ୮ ଜଣ ନନ୍ଦପୁର ମେଡିକାଲରେ ସୁସ୍ଥ ଥିବା କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ମୁଖପାତ୍ର ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି। ସୋମବାର ଜିଲା ମେଡିକାଲରୁ ଡାକ୍ତର ସାଇ ସ୍ୱରୂପଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଓ ଲମତାପୁଟ ବ୍ଲକରୁ ଏକ ଡାକ୍ତରୀ ଦଳ ମେଦିପୁଟ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରିବା ସହ ଗ୍ରାମରେ ଥିବା କୂଅରେ ବ୍ଲିଚିଂ ପାଉଡର ପକାଇଥିବା ଡାକ୍ତର ଖଟୁଆ କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାମରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ପରିବାର ବାସ କରୁଥିବା ବେଳେ ସେମାନଙ୍କ ପାଇଁ ଗ୍ରାମରେ ୧୦ଟି କୂଅ ଓ ଦୁଇଟି ଟୁଆ ରହିଛି। ବର୍ଷା ଯୋଗୁ ଏହି ଜଳ ପ୍ରଦୂଷିତ ହୋଇଯାଇଛି। ଫଳରେ ଏହି ପାଣି ପିଇ ଗ୍ରାମବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

# ପୂରଣ ହେବ ୩ ହଜାର ଡାକ୍ତର ପଦବୀ

ଭୁବନେଶ୍ୱର, ୨୯।୭ (ଅନିଲଦାସ)

ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଆଗାମୀ ଦିନରେ ୩ ହଜାର ଡାକ୍ତର ପଦବୀ ପୂରଣ କରିବେ। ଏଥିସହିତ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ। ବିଧାନସଭା ପ୍ରଶ୍ନକାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କର ଅଭାବ ରହିଛି। ସେ ସବୁ ପୂରଣ କରିବାକୁ ସରକାର ଯତ୍ନବାନ ଅଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ହିମାଂଶୁ ଶେଖର ସାହୁ, କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ନୀଳମାଧବ ହିକ୍କା, ଭାଜପା ସଭ୍ୟ ସନାତନ ବିଜୁଳି, ସୀମାରାଣୀ ନାୟକ, ନୀହାର ରଞ୍ଜନ ମହାନନ୍ଦ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ବିଜେଡି ସଭ୍ୟ ସୁନୀଲ ମହାନ୍ତି, ଅରବିନ୍ଦ ମହାପାତ୍ର, ଚକ୍ରମଣି କହଁର, ମାଧବ ଧଡ଼ା, ସୁବାସିନୀ ଜେନା, ନବକିଶୋର ମଲ୍ଲିକ ଏବଂ ସ୍ୱାଧୀନ ସଭ୍ୟ ସାରଦା ପ୍ରଧାନ ପ୍ରମୁଖ ନିଜ ଅଞ୍ଚଳରେ ଥିବା ପିଏଚ୍‌ସିକୁ ସିଏଚ୍‌ସି କରିବା, ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଅଭାବ, ରାତିରେ ଜଣେ ଡାକ୍ତର ରହିବା, ଫକୀର ମୋହନ ମେଡିକାଲ କଲେଜରେ କର୍କଟ ରୋଗ ବିଭାଗ ଖୋଲିବା ଆଦି ନେଇ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ସମତଳ ଅଞ୍ଚଳ ପାଇଁ ୧.୨୦ ଲକ୍ଷ ଜନସଂଖ୍ୟା ଓ ପାହାଡ଼ିଆ ଅଞ୍ଚଳ ପାଇଁ ୩୦ ହଜାର ଜନସଂଖ୍ୟା ଆଧାରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାର ବ୍ୟବସ୍ଥା ରହିଛି। ସରକାର ଡାକ୍ତର ଅଭାବ ପୂରଣ କରିବା ପାଇଁ ଯତ୍ନବାନ ଅଛନ୍ତି। ପିଏଚ୍‌ସି ଓ ସିଏଚ୍‌ସିରେ ଯେଉଁ ଡାକ୍ତର ଅଛନ୍ତି ସେମାନଙ୍କୁ ରାତିରେ ଡ୍ୟୁଟି କରିବାକୁ କୁହାଯିବ।

# କିଟ୍ ବିଶ୍ୱବିଦ୍ୟାଳୟକୁ ଜାତିସଂଘର ସ୍ୱତନ୍ତ୍ର ମାନ୍ୟତା

ଭୁବନେଶ୍ୱର, ୨୯।୭ (ଅସମାପିକା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟକୁ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦ (ୟୁନାଇଟେଡ୍ ନେଶନ୍ସ ଇକୋନୋମିକ୍ ଆଣ୍ଡ୍ ସୋସିଆଲ କାଉନ୍‌ସିଲ୍) ପକ୍ଷରୁ ସ୍ୱତନ୍ତ୍ର ପରାମର୍ଶଦାତା (ସ୍ପେଶାଲ କନ୍‌ସଲଟେଟିଭ୍) ମାନ୍ୟତା ପ୍ରଦାନ କରାଯାଇଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟର ମହତ୍ୱପୂର୍ଣ୍ଣ ଯୋଗଦାନକୁ ଦୃଷ୍ଟିରେ ରଖି ଏହି ମାନ୍ୟତା ମିଳିଛି। ସମଗ୍ର ବିଶ୍ୱରୁ ୪୭୬ ଆବେଦନ ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟ ସମେତ ୧୯ଟି ଅନୁଷ୍ଠାନ ଏହି ପ୍ରତିଷ୍ଠିତ ସମ୍ମାନ ନିମନ୍ତେ ମନୋନୀତ ହୋଇଥିଲା। ଗତ ୨୩ ତାରିଖରେ ନ୍ୟୁୟର୍କସ୍ଥିତ ଜାତିସଂଘର ମୁଖ୍ୟାଳୟଠାରେ ଅନୁଷ୍ଠିତ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ପରିଚାଳନା କମିଟି ବୈଠକରେ ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଭାରତର ଏକମାତ୍ର ବୈଷୟିକ ଓ ବୃତ୍ତିଗତ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଜାତିସଂଘର ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା ପାଇବା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଉଭୟ କିଟ୍ ଓ କିସ୍ ଏହି ସମ୍ମାନ ପାଇବାର ଗୌରବର ଅର୍ଜନ କରିଛନ୍ତି।

ଅନ୍ୟପକ୍ଷରେ କିଟ୍ ମଧ୍ୟ ଜାତିସଂଘର ୟୁନାଇଟେଡ୍ ଭଲ୍ୟୁଣ୍ଟିଅର୍ସ (ୟୁଏନ୍‌ଭି) ସହିତ ଏକ ବୁଝାମଣା ସ୍ୱାକ୍ଷର କରିଛି। ଏହି ସହଭାଗିତା କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜାତିସଂଘର ବିଭିନ୍ନ ସଂସ୍ଥା ସହ ଯୋଡିହେବାର ସୁଯୋଗ ପ୍ରଦାନ କରିଛି। ଏମାନେ ଜାତିସଂଘର ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ନ୍ୟାଶନାଲ ୟୁନିଭର୍ସିଟି ୟୁଏନ୍ ଭଲ୍ୟୁଣ୍ଟିଅର୍ସ ଭାବେ ନିୟୋଜିତ ହୋଇପାରିବେ। ଏହି ସୁଯୋଗ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୃତ୍ତିଗତ ଅଭିଜ୍ଞତା ହାସଲରେ ସହାୟକ ହେବ ଏବଂ ଉଚିତ ଷ୍ଟାଇପେଣ୍ଡ୍ ସହ ସେମାନଙ୍କୁ ସେମାନଙ୍କ ଭବିଷ୍ୟତ କ୍ୟାରିଅର ଗଢ଼ି ତୋଳିବାରେ ସାହାଯ୍ୟ କରିବ। ଏହି ପ୍ରୟାସ କ୍ଷେତ୍ରରେ କିଟ୍ ହେଉଛି ଦକ୍ଷିଣ ଏସିଆର ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ। ସେହିପରି ଅନ୍ତର୍ଜାତୀୟ ବୁଝାମଣା ଓ କୂଟନୀତି ପ୍ରୋତ୍ସାହନ କ୍ଷେତ୍ରରେ କାର୍ଯ୍ୟକରୁଥିବା ବିଶ୍ୱସ୍ତରୀୟ ଅନୁଷ୍ଠାନ ଆମେରିକାନ କାଉନ୍‌ସିଲ ଅଫ୍ ୟଙ୍ଗ୍ ପଲିଟିକାଲ ଲିଡର୍ସ (ଏସିୱାଇପିଏଲ) ମଧ୍ୟ କିଟ ଓ କିସ୍ ସହ ଐତିହାସିକ ସହଯୋଗ ଘୋଷଣା କରିଛି। ଏହି ସହଯୋଗ ଫଳରେ ଆମେରିକା ସରକାର ଏବଂ ଅନ୍ୟାନ୍ୟ ସହଯୋଗୀଙ୍କ ସହ ବିଶ୍ୱର ୧୨୯ଟି ଦେଶର ୮,୯୦୦ରୁ ଊର୍ଦ୍ଧ୍ୱ ନେତା କିଟ୍ ଓ କିସ୍‌ର ଜୀବନ ପରିବର୍ତ୍ତନକାରୀ ବିନିମୟ କାର୍ଯ୍ୟକ୍ରମ ପରିଦର୍ଶନରେ ଆସିବେ ବୋଲି ସୂଚନା ଦିଆଯାଇଛି।

DIRECT ADMISSION SPOT ADMISSION
IMPERIAL PRESIDENCY HIGHER SECONDARY (+2) COLLEGE
Shanti Nagar, Khariar, Dist-Nuapada
ARTS & SCIENCE
100% Result
Admission 24th to 30th July
For Arts: 15,000/- only
(Including Books & Uniform)
For Science : 20,000/- only (Books & Uniform)
Hostel Facilities for (Boys & Girls)
Contact: 8249908311, 9556711974

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ । ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ । କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା । କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା । **-ଶ୍ରୀଅରବିନ୍ଦ**



# ଧନୀ ଟିକସ

ଚଳିତ ବର୍ଷ ବ୍ରାଜିଲ ଜି୨୦ରେ ଅଧକ୍ଷତା କରିବା ସହ ନଭେମ୍ବର ୧୮-୧୯ ରିଓ ଦ ଜେନିରୋରେ ସମ୍ମିଳନୀ ଆୟୋଜନ କରୁଛି । ଏହା ପୂର୍ବରୁ ଜୁଲାଇ ୨୫ ଓ ୨୬ ତାରିଖରେ ରିଓରେ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥମନ୍ତ୍ରୀଙ୍କ ଦୁଇଦିନିଆ ବୈଠକ ଶେଷ ହୋଇଛି । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳବାୟୁ ସଙ୍କଟର ମୁକାବିଲା କରିବା ପାଇଁ ଅତି ଧନୀ ବ୍ୟକ୍ତିବିଶେଷମାନେ ସେମାନଙ୍କ ସମ୍ପତ୍ତିର ଅତିକମ୍‌ରେ ୨% ଟିକସ ଆକାରରେ ଦେବା ଲାଗି ପ୍ରସ୍ତାବ ଅଣାଯାଇଥିଲା । ଏହା ଉପରେ ସହମତି ପ୍ରକାଶ ପାଇଥିଲେ ମଧ୍ୟ କୌଣସି ଚୁକ୍ତିନାମା ହୋଇପାରିନାହିଁ । ଏହାକୁ ଆମେରିକା ଓ ଜର୍ମାନୀ ବିରୋଧ କରିଥିଲେ । ଫ୍ରାନ୍ସ ଅର୍ଥନୀତିଜ୍ଞ ଗାବ୍ରିଏଲ ଜୁକମ୍ୟାନଙ୍କ ରିପୋର୍ଟ ମୁତାବକ ବିଶ୍ୱରେ ୩୦୦୦ ଅତି ଧନୀ ବ୍ୟକ୍ତିବିଶେଷ ଏବେ ମାତ୍ର ୦.୨% ଟିକସ ଦେଉଛନ୍ତି । ଯଦି ୨% ଟିକସ ଆଦାୟ ହୁଏ ତେବେ ୨୦୦-୨୫୦ ବିଲିୟନ ଡଲାର ସଂଗୃହୀତ ହୋଇପାରିବ । ରିଓ ବୈଠକର ଟିକସ ପ୍ରସ୍ତାବକୁ କେନ୍ଦ୍ରକରି ଭାରତରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି । କଂଗ୍ରେସ ପଚାରିଛି ଧନୀଙ୍କର ସମ୍ପତ୍ତି ଟିକସ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଧାରଣା ଓ ମତାମତ କ'ଣ । ଜି୨୦ରେ ଭାରତ ଏହି କରକୁ ସମର୍ଥନ କରିବ ନା ବିରୋଧ କରିବ, ସେ ସମ୍ପର୍କରେ ଦେଶକୁ ପ୍ରଧାନମନ୍ତ୍ରୀ ଜଣାଇବା ଦରକାର ବୋଲି କଂଗ୍ରେସ ଦାବି କରିଛି । ବିଗତ କିଛି ବର୍ଷର ପରିସ୍ଥିତିକୁ ଦେଖିଲେ ଭାରତ ତାହାର ଆଭ୍ୟନ୍ତରୀଣ ଓ ବିଶ୍ୱ ସ୍ତରରେ ଯେଉଁ ପ୍ରକାର ଅର୍ଥନୀତିକୁ ସମର୍ଥନ କରୁଛି ସେ ସମ୍ପର୍କରେ ଆଜିର ସରକାର ଦେଶବାସୀଙ୍କୁ କୌଣସି ତଥ୍ୟ ଜଣାଉନାହାନ୍ତି । ଏହାଦ୍ୱାରା ଅନେକ ନୀତି ବିଭିନ୍ନ ସ୍ତରରେ କାର୍ଯ୍ୟକାରୀ ହେଉଛି, ଯାହାର ସିଧାସଳଖ ଅର୍ଥନୈତିକ ପ୍ରଭାବ ମଧ୍ୟବିତ୍ତ ଏବଂ ଗରିବ ଭାରତୀୟଙ୍କ ଦୈନନ୍ଦିନ ଜୀବନ ଉପରେ ପଡ଼ିଆସୁଛି । କିନ୍ତୁ ଏହା ସମ୍ପର୍କରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରିବାର କୌଣସି ପରିସ୍ଥିତି ସୃଷ୍ଟି କରାଯାଉନାହିଁ । ଅର୍ଥାତ ଭାରତ ଭଳି ଏକ ବୃହତ ଦେଶର ଟିକସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଲୁକ୍କାୟିତ ଏବଂ ଅନ୍ଧକାରରେ ରହିଯାଉଛି । ଅନେକ ଦେଶରେ ବ୍ୟକ୍ତିଗତ ଆୟକର ପରିମାଣକୁ ବ୍ୟାପକ ଭାବେ ହ୍ରାସ କରାଯାଉଥିବାବେଳେ ଭାରତରେ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ବହୁ ଦେଶରେ ୱାନ୍ ପଏଣ୍ଟ ଟ୍ୟାକ୍ସ ଅର୍ଥାତ ଗୋଟିଏ ସ୍ଥାନରେ କର ଦେବା ପରେ ସେହି ଦେଶର ନାଗରିକଙ୍କୁ ତାଙ୍କର ଅର୍ଜିତ ଅର୍ଥରୁ ବାରମ୍ବାର ଟିକସ ଦେବାକୁ ପଡ଼େନାହିଁ । ଉଦାହରଣ ସ୍ୱରୂପ, ଦରମା ଉପରେ ଲଗାଯାଉଥିବା ଟିଡିଏସ୍ ଏବଂ ଅନ୍ୟସବୁ ଟ୍ୟାକ୍ସ ଭରିସାରିବା ପରେ ସ୍କୁଟର କିମ୍ବା ମୋଟରସାଇକେଲ କିଣିବାକୁ ଇଚ୍ଛୁକ ନାଗରିକ ପୁନର୍ବାର ସେହି ଗାଡ଼ି କିଣିବା ପାଇଁ ଟିକସ ଦେବାକୁ ପଡ଼େନାହିଁ । ସେଥିପାଇଁ ଭାରତ ଟ୍ୟାକ୍ସ ବ୍ୟବସ୍ଥାକୁ ସବୁ ସରକାର ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଆଇନ ଏବଂ ପଦ୍ଧତି ମାଧ୍ୟମରେ ଘୋଡାଇ କରି ରଖିଛନ୍ତି ।

ରିଓ ବୈଠକର ଟିକସ ପ୍ରସ୍ତାବକୁ ଜର୍ମାନୀ ଅର୍ଥମନ୍ତ୍ରୀ ଖ୍ରୀଷ୍ଟିଆନ ଲିଣ୍ଡନର ଅପ୍ରାସଙ୍ଗିକ କହିଛନ୍ତି । ଆମେରିକା ଟ୍ରେଜେରି ସେକ୍ରେଟାରି ଜାନେଟ ୟେଲେନ କହିଛନ୍ତି, ଏହି ଟିକସକୁ କାର୍ଯ୍ୟକାରୀ କରିବା କଷ୍ଟକର । ସବୁ ଦେଶକୁ ନିଜ ଦେଶର କୋଟିପତିଙ୍କ ଉପରେ ଟିକସ ଲଗାଇବାକୁ ପଡ଼ିବ । ଏହା ବିଶେଷକରି ସେହିସବୁ ଦେଶ ପାଇଁ ଉଦ୍ଦିଷ୍ଟ, ଯେଉଁଠାରେ ୦.୨% ଟିକସ ଆଦାୟ କରାଯାଉଛି । ଏଥିରେ ଅନ୍ୟତମ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା ଓ ଜର୍ମାନୀ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବିଶ୍ୱତାପନ ବୃଦ୍ଧିକୁ ମୁକାବିଲା କରିବା ପାଇଁ ଧନୀ ଦେଶଗୁଡ଼ିକ ୧୦୦ ବିଲିୟନ ଡଲାରର ଜଳବାୟୁ ପାଣ୍ଠି ସୃଷ୍ଟି କରିବାକୁ କପ୍ ୧୫ ସମ୍ମିଳନୀରେ କୁହାଯାଇଥିଲା । ସେହି ଉଦ୍ୟମ ଫସର ଫାଟିଲା । ଫଳସ୍ୱରୂପ ବ୍ରାଜିଲର ବାମପନ୍ଥୀ ଲୁଇସ ଲୁଲା ସରକାର ଧନୀ ବ୍ୟକ୍ତିବିଶେଷଙ୍କ ଉପରେ ଏକ ଟିକସ ବସାଇବାର ପ୍ରସ୍ତାବ ଆଣିଛନ୍ତି । ପୂର୍ବଭଳି ଏହି ପ୍ରସ୍ତାବ ମଧ୍ୟ ବିଫଳ ହେବା ଏକପ୍ରକାର ସୁନିଶ୍ଚିତ । କାରଣ କୌଣସି ଦେଶ କିମ୍ବା ଜି ୨୦ ଭଳି ସଂଗଠନ ଏହାକୁ କାର୍ଯ୍ୟ କରାଇବାରେ ସକ୍ଷମ ନୁହନ୍ତି ।

ଗୋଟିଏ ପଟେ ବୃହତ୍ କମ୍ପାନୀଗୁଡ଼ିକ ପରିବେଶ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବନ୍ଦ କରିଦେଇଛନ୍ତି, ଅନ୍ୟ ପଟେ ବିଶ୍ୱର ଜନସାଧାରଣ ପରିବେଶରେ ଘଟୁଥିବା କ୍ଷତିକୁ ବ୍ୟକ୍ତିଗତ ଭାବେ ପ୍ରଭାବିତ କରିପାରିବେ ନାହିଁ । ଯାହା କରିବେ ତାହା ସମୁଦ୍ରକୁ ଶଙ୍ଖେ । ଶେଷରେ କହିବାକୁ ଗଲେ ଏହି ଧନୀ ଟିକସ ଯଦି ଆସନ୍ତା ନଭେମ୍ବରର ଜି୨୦ ସମ୍ମିଳନୀରେ ମୁଖ୍ୟ ବିଷୟ ହେବ, ତେବେ ସେହି ରିଓ ବୈଠକ ସମ୍ପୂର୍ଣ୍ଣ ଭାବେ ବିଫଳ ହେବ ।

> **ଗୋଟିଏ ପଟେ ବୃହତ୍ କମ୍ପାନୀଗୁଡ଼ିକ ପରିବେଶ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବନ୍ଦ କରିଦେଇଛନ୍ତି, ଅନ୍ୟ ପଟେ ବିଶ୍ୱର ଜନସାଧାରଣ ପରିବେଶରେ ଘଟୁଥିବା କ୍ଷତିକୁ ବ୍ୟକ୍ତିଗତ ଭାବେ ପ୍ରଭାବିତ କରିପାରିବେ ନାହିଁ ଯାହା କରିବେ ତାହା ସମୁଦ୍ରକୁ ଶଙ୍ଖେ । ଶେଷରେ କହିବାକୁ ଗଲେ ଏହି ଧନୀ ଟିକସ ଯଦି ଆସନ୍ତା ନଭେମ୍ବରର ଜି୨୦ ସମ୍ମିଳନୀରେ ମୁଖ୍ୟ ବିଷୟ ହେବ, ତେବେ ସେହି ରିଓ ବୈଠକ ସମ୍ପୂର୍ଣ୍ଣ ଭାବେ ବିଫଳ ହେବ ।**

# ଓଡ଼ିଶାର ବିକାଶ ସ୍ୱପ୍ନ-୨୦୩୬



ଲଳିତ ମୋହନ ମିଶ୍ର

ଓଡ଼ିଶାରେ ୨୪ବର୍ଷର ବିଜେଡି ଶାସନର ଅବସାନ ଘଟି ପ୍ରଥମଥର ପାଇଁ ଭାଜପା ଶାସନ ଆରମ୍ଭ ହୋଇଛି । ନୂଆ ସରକାର ୨୦୨୪-୨୫ ବର୍ଷ ପାଇଁ ୨,୬୫,୦୦୦ କୋଟି ଟଙ୍କାର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି । ୨୦୩୬ରେ ଓଡ଼ିଶା ଏହାର ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାର ୧୦୦ବର୍ଷ ଉତ୍ସବ ପାଳନ କରିବ । ଏଥିପାଇଁ ଏବର ସରକାର ୨୦୩୬ ବେଳକୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ସଂକଳ୍ପ ନେଇଛନ୍ତି । ବିକାଶର କେଉଁ କେଉଁ କ୍ଷେତ୍ରକୁ କେତେମାତ୍ରାରେ ପ୍ରାଧାନ୍ୟଦେଇ ଆଜିଠାରୁ କାର୍ଯ୍ୟ ଆରମ୍ଭ କଲେ ଓଡ଼ିଶା ୨୦୩୬ ବେଳକୁ ଦେଶର ଏକ ଆଗୁଆ ବିକଶିତ ରାଜ୍ୟ ହେବ ତାହା ଜାଣିବା ପାଇଁ ଆମକୁ ନୀତି ଆୟୋଗଙ୍କ ଦ୍ୱାରା ବାର୍ଷିକ ପ୍ରକାଶିତ 'ନିରନ୍ତର ବିକାଶ ଲକ୍ଷ୍ୟ - ୨୦୩୦' ରିପୋର୍ଟଗୁଡ଼ିକୁ ବିଚାରକୁ ନେବାକୁ ପଡିବ । ଏବେ ୨୦୨୩ -୨୪ ରିପୋର୍ଟ ପ୍ରକାଶିତ ହୋଇଛି । ସେ ବିଷୟକୁ ଯିବା ପୂର୍ବରୁ ନିରନ୍ତର ବିକାଶ ଲକ୍ଷ୍ୟ -୨୦୩୦ କ'ଣ ତାହା ଉପରେ ସମ୍ୟକ ଆଲୋକପାତ କରିବା ।

ବିଶ୍ୱର ବିକାଶ କ୍ଷେତ୍ରରେ ଥିବା ଭିନ୍ନ ମତବାଦଗୁଡ଼ିକ ଦୂରକରି ଜାତିସଂଘ ବିଶ୍ୱର ସମସ୍ତ ଦେଶମାନଙ୍କ ପାଇଁ ଗୋଟିଏ ବିକାଶ ଲକ୍ଷ୍ୟ ସ୍ଥିର କରିଛନ୍ତି । ୨୦୩୦ ପର୍ଯ୍ୟନ୍ତ ଧାର୍ଯ୍ୟ ଏହି ବିକାଶ ଲକ୍ଷ୍ୟକୁ 'ନିରନ୍ତର ବିକାଶ ଲକ୍ଷ୍ୟ - ୨୦୩୦' କୁହାଯାଉଛି । ୨୦୩୦ପରେ ଆଉଥରେ ସବୁ ଦେଶ ଜାତିସଂଘରେ ଏକାଠି ହୋଇ ୨୦୪୫ ବା ୨୦୫୦ ପାଇଁ ବିଶ୍ୱର 'ନିରନ୍ତର ବିକାଶ ଲକ୍ଷ୍ୟ' ଧାର୍ଯ୍ୟ କରିବେ । ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦କୁ ଆଖିଆଗରେ ରଖି ସମସ୍ତ ଦେଶ ଓ ଦେଶମାନଙ୍କର ପ୍ରାଦେଶିକ ସରକାରମାନେ ସେମାନଙ୍କର ଦୀର୍ଘମିଆଦୀ ଓ ସ୍ୱଳ୍ପମିଆଦୀ ବିକାଶ ଲକ୍ଷ୍ୟ ସ୍ଥିର କରି ତାହାର ବାର୍ଷିକ ସମୀକ୍ଷା କରୁଛନ୍ତି । ଏଥିରେ ବିକାଶର ୧୬ଟି କ୍ଷେତ୍ରରେ ୨୦୩୦ ପର୍ଯ୍ୟନ୍ତ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ଯଥା ୧- ସମ୍ପୂର୍ଣ୍ଣ ଦାରିଦ୍ର୍ୟ ଦୂରୀକରଣ, ୨- ସମ୍ପୂର୍ଣ୍ଣ କ୍ଷୁଧା ଦୂରୀକରଣ, ୩-ଉତ୍ତମ ସ୍ୱାସ୍ଥ୍ୟ ଓ ନିରାମୟ, ୪- ଗୁଣାତ୍ମକ ଶିକ୍ଷା, ୫- ଲିଙ୍ଗଗତ ସମାନତା, ୬- ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ, ୭- ସୁଲଭ ତଥା ପ୍ରଦୂଷଣବିହୀନ ଶକ୍ତି, ୮- ବିପଦ ମୁକ୍ତ କାମଧନ୍ଦା ଓ ଆର୍ଥିକ ଅଭିବୃଦ୍ଧି , ୯- ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି ବିକାଶ, ୧୦- ଅସମତା ହ୍ରାସ, ୧୧- ନିରନ୍ତର ବିକାଶମୁଖୀ ସହର ଓ ଗୋଷ୍ଠୀ, ୧୨- ଦାୟିତ୍ୱସମ୍ପନ୍ନ ଉତ୍ପାଦନ ଏବଂ ଖାଉଟି ବ୍ୟବସ୍ଥା,୧୩- ଜଳବାୟୁ ସୁରକ୍ଷା ପାଇଁ ପଦକ୍ଷେପ, ୧୪- ଜଳ ମଧ୍ୟରେ ଥିବା ଜୀବଜଗତର ସୁରକ୍ଷା, ୧୫- ଭୂପୃଷ୍ଠ ଜୀବଜଗତର ସୁରକ୍ଷା, ୧୬- ଶାନ୍ତି, ନ୍ୟାୟ ଓ ଦୃଢ଼ ଅନୁଷ୍ଠାନ ସୃଷ୍ଟି ଓ ବୃଦ୍ଧି ।

ମିଳିତ ଜାତିସଂଘ ଏହି ୧୬ଟି କ୍ଷେତ୍ରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରମାନଙ୍କ ବିକାଶର ସମୀକ୍ଷା କରି



୨୦୨୪ରେ ଯେଉଁ ବିବରଣୀ ପ୍ରକାଶ କରିଛନ୍ତି ସେଥିରେ ବିଶ୍ୱର ଶ୍ରେଷ୍ଠ ବିକଶିତ ରାଜ୍ୟ ତାଲିକାରେ ଅଛି ଗ୍ରୀନ୍‌ଲାଣ୍ଡ । ଭାରତର ସ୍ଥାନ ଅଛି ବିଶ୍ୱରେ ୧୦୯, ଯଦିଓ ପୂର୍ବ ସ୍ଥିତିରୁ ଆମେ ଉପରକୁ ଉଠିଛୁ ।

ଏବେ ଆସିବା ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ 'ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦' ହାସଲରେ ଦେଶର ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳର ସ୍ଥିତି । ୨୦୨୩-୨୪ ରିପୋର୍ଟରେ ୧୦୦ରୁ ୭୯ ନମ୍ବର ରଖି ଦେଶର ଶ୍ରେଷ୍ଠ ବିକଶିତ ରାଜ୍ୟ ରୂପେ ପରିଗଣିତ ହୋଇଛନ୍ତି କେରଳ ଏବଂ ଉତ୍ତରାଖଣ୍ଡ । ଓଡ଼ିଶା ୧୬ଟି ବିକାଶ କ୍ଷେତ୍ର ମଧ୍ୟରୁ କୌଣସିଟିରେ ୧ନମ୍ବର ସ୍ଥାନ ହାସଲ କରିପାରିନାହିଁ । ସମସ୍ତ ୧୬ଟି କ୍ଷେତ୍ରର ଅଗ୍ରଗତିକୁ ସମୀକ୍ଷା କଲା ପରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ୨୨ ନମ୍ବର ସ୍ଥାନରେ ଥିବା ଜଣାପଡିଛି । ଯେଉଁ କେତୋଟି କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଅତି ଉଦ୍‌ବେଗଜନକ ଅଛି ସେଗୁଡ଼ିକ ମଧ୍ୟରେ ରହିଛି କ୍ଷୁଧା ଦୂରୀକରଣ ଲକ୍ଷ୍ୟର ଅନ୍ତର୍ଭୁକ୍ତ ଶିଶୁ ଏବଂ ମାତୃ ପୁଷ୍ଟିହୀନତା, ଗୁଣାତ୍ମକ ଶିକ୍ଷା ଲକ୍ଷ୍ୟର ଅନ୍ତର୍ଭୁକ୍ତ ଡ୍ରପ୍‌ଆଉଟ୍ ଓ ଶିକ୍ଷାର ମାନଦଣ୍ଡ ହ୍ରାସ ଏବଂ ଲିଙ୍ଗଗତ ଅସମତା । ଆଶ୍ଚର୍ଯ୍ୟ କଥା ଯେ ପୂର୍ବ ସରକାର ସମୟରେ ମହିଳାମାନଙ୍କ ଆର୍ଥିକ ଓ ରାଜନୈତିକ ସଶକ୍ତୀକରଣ ଉପରେ ଅନେକ କାର୍ଯ୍ୟ ହୋଇଥିଲେ ବି ଲିଙ୍ଗଗତ ଅସମତା କ୍ଷେତ୍ରରେ ରାଜ୍ୟର ସ୍ଥାନ ୨୮ ନମ୍ବରରେ ବା ରାଜ୍ୟମାନଙ୍କ ମଧ୍ୟରେ ସବୁଠାରୁ ତଳେ ଅଛି । ଏହିବର୍ଷ ବଜେଟ ପାଇଁ ନୂଆ ସରକାର ସମୟ ପାଇ ନ ଥିବାରୁ ଆସନ୍ତା ବର୍ଷ ବଜେଟ ପ୍ରସ୍ତୁତ କରିବାବେଳକୁ ରାଜ୍ୟର ବିକାଶର ସ୍ଥିତି ନିରନ୍ତର ବିକାଶ-୨୦୩୦ ଫ୍ରେମ୍‌ୱାର୍କରେ ଯେଉଁ ଯେଉଁ କ୍ଷେତ୍ରମାନଙ୍କରେ ବହୁତ ପଛରେ ଅଛି, ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ।

ମୁଖ୍ୟ ଲକ୍ଷ୍ୟ ହେଲା ରାଜ୍ୟର ଦ୍ରୁତ ଆର୍ଥିକ ପ୍ରଗତି । ଓଡ଼ିଶାର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ବାର୍ଷିକ ପ୍ରାୟ ଆଠଲକ୍ଷ କୋଟି ଟଙ୍କା । ଆନ୍ଧ୍ରପ୍ରଦେଶର ମୋଟ ଘରୋଇ ଉତ୍ପାଦ ଆମର ପ୍ରାୟ ୨ ଗୁଣ, ଗୁଜରାଟର ଏହା ଆମର ପ୍ରାୟ ତିନିଗୁଣ, ମହାରାଷ୍ଟ୍ରର ଏହା ଆମର ପ୍ରାୟ ଚାରିଗୁଣ । ମୋଟ ଘରୋଇ ଉତ୍ପାଦକୁ କୃଷି, ଶିଳ୍ପ, ସେବାର ଅବଦାନ ଯଥାକ୍ରମେ ୨୧%, ୪୩% ଓ ୨୭% । ଆମ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ଏବେ ପ୍ରାୟ ୭-୮% ହୋଇଥିବା ବେଳେ କୃଷି କ୍ଷେତ୍ରରେ ଏହା ପ୍ରାୟ ୩.୫% , ଶିଳ୍ପ କ୍ଷେତ୍ରରେ ଏହା ୮.୭% ଓ ସେବା କ୍ଷେତ୍ରରେ ଏହା ୯.୨% । ବାର୍ଷିକ ଆର୍ଥିକ ଅଭିବୃଦ୍ଧି ହାରକୁ ଆମେ ୧୦- ୧୨% କୁ ବୃଦ୍ଧିକରିବାକୁ ପଡିବ ।

ଏଥିପାଇଁ ଆମର ସମ୍ବଳ ଓ କ୍ଷମତା କେଉଁଠି କେତେ ଅଛି ତାହା ଜାଣିବା ଓ ଜିଲାସ୍ତରକୁ ଓହ୍ଲାଇବା ଆବଶ୍ୟକ । ଜିଲାର ସମସ୍ତ ପଞ୍ଚାୟତ ଓ ନଗରାଞ୍ଚଳର ମାନବସମ୍ବଳ, ଜମି, ଜଳ, ଗଛ, ଜଳସେଚନ, ଗୋସମ୍ପଦ, ବ୍ୟବସାୟ, ଖଣିଖାଦାନ, ସରକାରୀ ସମ୍ପତ୍ତି ଇତ୍ୟାଦି କ୍ଷମତାକୁ ମାପି ଆମେ ବ୍ଲକ, ନଗରପାଳିକା ଓ ପ୍ରତ୍ୟେକ ଜିଲାର ମୋଟ ଘରୋଇ ଉତ୍ପାଦ ଲକ୍ଷ୍ୟ -୨୦୩୬ ପ୍ରଥମେ ପ୍ରସ୍ତୁତ କରି ତା'ପରେ ରାଜ୍ୟର ଘରୋଇ ଉତ୍ପାଦ- ୨୦୩୬ ଲକ୍ଷ୍ୟ ପ୍ରସ୍ତୁତ କଲେ ଯାଇ ବାସ୍ତବରେ ରାଜ୍ୟର ଆର୍ଥିକ ବିକାଶ ଦ୍ରୁତ ଗତିରେ ହୋଇପାରିବ ।

ଏହି ସମୟରେ ଗରିବ ଲୋକମାନଙ୍କ ଆର୍ଥିକ ବିକାଶ ପାଇଁ ଯୋଜନା କରିବାକୁ ପଡିବ । ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ- ୨୦୨୩ର ବହୁମୁଖୀ ଦାରିଦ୍ର୍ୟ ରିପୋର୍ଟ ଅନୁଯାୟୀ, ରାଜ୍ୟର ମୋଟ ଗରିବୀ ହାର ୧୫.୬୮ ପ୍ରତିଶତ ଅଛି । ସହରୀ ଗରିବୀ ପ୍ରାୟ ୫ ପ୍ରତିଶତ ଓ ଗ୍ରାମୀଣ ଗରିବୀ ହାର ପ୍ରାୟ ୧୮ପ୍ରତିଶତ । ସେହିପରି ବାର୍ଷିକ ମୁଣ୍ଡ ପିଛା ଆୟରେ ଆମେ ଦେଶରେ ୧୧ନମ୍ବର ସ୍ଥିତିରେ ଅଛୁ (୧,୪୫,୨୦୦/-) । ମାଲକାନଗିରି ଜିଲାରେ ସର୍ବାଧିକ ୪୫% ଜନସଂଖ୍ୟା ଗରିବ । ଏହା ତଳକୁ ଅଛି ଯଥାକ୍ରମେ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲା । ଜନସଂଖ୍ୟାର ୩୦ରୁ ୨୦ ପ୍ରତିଶତ ଗରିବ ଲୋକଥିବା ଜିଲାଗୁଡିକ ହେଲା ଗଜପତି, କେନ୍ଦୁଝର, କଳାହାଣ୍ଡି, ନୂଆପଡ଼ା ଓ କଳାହାଣ୍ଡି । ଏହି ଜିଲାମାନଙ୍କରେ ଦାରିଦ୍ର୍ୟ ପରିବର୍ତ୍ତନ ଯୋଜନା ପ୍ରସ୍ତୁତ କରିବାକୁ ପଡିବ ।

କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଥିବାରୁ ରାଜ୍ୟ ସରକାର ୨୦୩୬ ପାଇଁ ରାଜ୍ୟର ବିକାଶ ତଥା ଆର୍ଥିକ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରିବା ଲାଗି ନୀତି ଆୟୋଗଙ୍କ ସହାୟତା ନେଇପାରିବେ । ରାଜ୍ୟର ଯୋଜନା ବୋର୍ଡ ଓ ଯୋଜନା ବିଭାଗ ସହିତ ନୀତି ଆୟୋଗ କାର୍ଯ୍ୟକରି ବ୍ଲକସ୍ତରରେ ଡାଟାବେସ୍‌କୁ ଦ୍ରୁତ କରିବେ । ଏବେ ସମସ୍ତ ବିଭାଗୀୟ ଡାଟାବେସ୍ ବହୁତ ପଛରେ ଅଛି । ବିକାଶ ଖସଡାରେ କେତେକ ଜନମଙ୍ଗଳ କାର୍ଯ୍ୟକ୍ରମ ରହିବା ଆବଶ୍ୟକ, କିନ୍ତୁ ଅନେକ ଜନମଙ୍ଗଳ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ପଡିବ । ମାଗଣା ଯୋଜନା ଓ ରିଲିଫ୍ ମାନସିକତାରୁ ଆମକୁ ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ ମାନସିକତାକୁ ପରିବର୍ତ୍ତିତ ହେବାକୁ ପଡିବ । ନୂଆ ସରକାର ଆସନ୍ତା ୬ମାସ ଯୋଜନା ପ୍ରସ୍ତୁତିରେ ନିୟୋଗ କଲେ ଯାଇ ୨୦୨୫-୨୬ ଆର୍ଥିକ ବର୍ଷଠାରୁ ଓଡ଼ିଶା ୨୦୩୬-ଆତ୍ମନିର୍ଭରଶୀଳ ଓ ଦ୍ରୁତ ବିକାଶଶୀଳ ରାଜ୍ୟର ରାସ୍ତାରେ ଗତି କରିପାରିବ ।

**ମୋ-୭୦୦୮୨୩୩୭୨୯**

# ମଣି-କାଞ୍ଚନ ଯୋଗ



ଡ. ସୀତାକାନ୍ତ ତ୍ରିପାଠୀ

ଏକଦା ଶ୍ରୀମନ୍ଦିରରେ ଭକ୍ତି ଆନ୍ଦୋଳନର ପୁରୋଧା ଶ୍ରୀଚୈତନ୍ୟଦେବ ମାନସ ପୂଜା କରୁଥିବା ସମୟରେ ନିଜ ହାତତିଆରି ଗେଣ୍ଡୁଫୁଲମାଳ ଜଗନ୍ନାଥଙ୍କୁ ଲାଗି କଲାବେଳେ ତାହା ମହାପ୍ରଭୁଙ୍କ ମସ୍ତକରେ ଯାଉ ନ ଥାଏ । ଏହା ଭାବି ଭାବି ଚୈତନ୍ୟଦେବ ବ୍ୟସ୍ତ ବିବ୍ରତ ହେଉଥିବା ବେଳେ ତାଙ୍କ ପଛରୁ ଭକ୍ତ ଜଗନ୍ନାଥ ଦାସ ଆସି ପିଠିରେ ହାତମାରି ଦେଇ କହିଲେ, ଆପଣ ଫୁଲମାଳକୁ ଖୋଲିଦେଇ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଦେଇ ଦିଅନ୍ତୁ ଏହା ଆରାମରେ ଶ୍ରୀ ଅଙ୍ଗଲାଗି ହୋଇଯିବ । ଏହା ଶୁଣି ଚୈତନ୍ୟଦେବ ଆଶ୍ଚର୍ଯ୍ୟ ହୋଇଗଲେ । ସେ ତ ମାନସ ପୂଜା କରୁଥିଲେ ତାଙ୍କ ମନର କଥା ଜଗନ୍ନାଥ ଦାସ କେମିତି ଜାଣିଲେ ? ତେଣୁ ସେ ଜଗନ୍ନାଥ ଦାସଙ୍କୁ ବଙ୍ଗଳା ଭାଷାରେ 'ଅତିବଡ଼ୀ' ଯାହା ଓଡ଼ିଆରେ ଅତିବଡ଼ ଭାବେ ସମ୍ବୋଧନ କରିଥିଲେ । ପରେ ପରେ ଦୁହେଁ ଦୁହିଁଙ୍କୁ ଗୁରୁ-ଶିଷ୍ୟ ବୋଲି ମାନି ଆସିଥିଲେ ଯାହାକୁ ଆମ ଓଡ଼ିଶାର ଭକ୍ତିମାର୍ଗର ଲୋକମାନେ ମଣି -କାଞ୍ଚନ ସଂଯୋଗ ବୋଲି କହିଥାଆନ୍ତି ।

ସଂସାରରେ ଉଭୟ ମଣି ଏବଂ କାଞ୍ଚନ ଅର୍ଥାତ୍ ସୁନା ପ୍ରତି ଅଧିକାଂଶ ଲୋକଙ୍କ ଦୁର୍ବଳତା ଥାଏ । ଏହି ଦୁହିଁଙ୍କ ମଧ୍ୟରେ ଅନ୍ୟମାନଙ୍କୁ ଆକର୍ଷଣ କରିବାର ଯାଦୁ ରହିଛି । ସେମାନଙ୍କର ମିଳନରେ ଉଭୟଙ୍କର ଉପାଦେୟତା ତଥା ମର୍ଯ୍ୟାଦା ବହୁଗୁଣିତ ହୋଇଥାଏ । ତେବେ ମଣି ପାଇଁ କାଞ୍ଚନ କିମ୍ବା କାଞ୍ଚନ ପାଇଁ ମଣିର ମର୍ଯ୍ୟାଦା ବଢ଼ିଥାଏ ସେକଥା ବିଚାରକରି କୌଣସି ନିଷ୍କର୍ଷରେ ପହଞ୍ଚିବା ଏକ କଷ୍ଟକର ବ୍ୟାପାର । ମଣି କେବଳ ସ୍ୱସ୍ଥାନରେ ରହିଲେ ତା'ର ମର୍ଯ୍ୟାଦା କିମ୍ବା କାର୍ଯ୍ୟକାରିତା ଜଣା ପଡି ନ ଥାଏ ଏବଂ କାଞ୍ଚନ ଦ୍ୱାରା ଏହାକୁ ବ୍ୟକ୍ତି ଧାରଣକଲେ ଯାଇ ତାହା ବିଭିନ୍ନ ଶୁଭଫଳ ପ୍ରଦାନ କରିବା ସହ ଅଧିକ ଆକର୍ଷଣୀୟ ହୋଇଥାଏ । ସେହିପରି ସୁନା କେବଳ ଦାମୀ ଜିନିଷ ଭାବେ ପରିଗଣିତ ହେଉଥିବା ବେଳେ ଯଦି କୌଣସି କାରଣରୁ ଏଥିରେ ମଣିର ସଂଯୋଗ ହୁଏ ତେବେ ଏହା ଅତ୍ୟନ୍ତ ଉପକାରୀ ଏବଂ ଆବଶ୍ୟକ ଜିନିଷ ଭାବେ ପରିଗଣିତ ହେବା ସହ ଦୈନନ୍ଦିନ ଜୀବନରେ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଏ । ସେହି ଢଙ୍ଗରେ ଆମ ସମାଜ ମଧ୍ୟରେ ଉଭୟ ମଣି ତଥା ସୁନାର ଚରିତ୍ର ଭଳି ଲୋକମାନେ ଅଛନ୍ତି । ବ୍ୟକ୍ତିଗତ ଭାବେ ସେମାନେ ଐଶ୍ୱରିକ ଏବଂ ଅନେକ ଅଦ୍ୱିତୀୟ ଗୁଣର ଅଧିକାରୀ ହୋଇଥାଆନ୍ତି । ତେବେ ସେମାନଙ୍କ ମଧ୍ୟରେ ସଂଯୋଗବଶତଃ ସମ୍ପର୍କ ସ୍ଥାପନ କିମ୍ବା ମିଳନ ହୋଇଗଲେ ଉଭୟ ମହାପୁରୁଷ ବା ମହନୀୟ ବ୍ୟକ୍ତିତ୍ୱ ହୋଇଯାଆନ୍ତି । ନରେନ୍ଦ୍ରନାଥଙ୍କ ମନରେ ଭଗବାନଙ୍କର ସତ୍ତାକୁ ନେଇ



ଯେତେବେଳେ ବାରମ୍ବାର ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହେଲା ସେତେବେଳେ ତାଙ୍କର ସଂଶୟ ଦୂରକରିବା ପାଇଁ ସେ ବିଭିନ୍ନ ଗୁରୁଙ୍କୁ ଭେଟିଥିଲେ ମଧ୍ୟ ତାଙ୍କର ସନ୍ଦେହ ମୋଚନ ହୋଇ ନ ଥିଲା । ଏଥିରେ ବ୍ୟଥିତ ତଥା ଭାରାକ୍ରାନ୍ତ ମନକୁ ନେଇ ଯେତେବେଳେ ସେ ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଆପଣ ଭଗବାନଙ୍କୁ ଦେଖିଛନ୍ତି କି ବୋଲି ପଚାରିଲେ, ଉତ୍ତରରେ ଗୁରୁ ରାମକୃଷ୍ଣ କହିଥିଲେ, ଆରେ ଦେଖିଛି କ'ଣ ବୋଲି ପଚାରୁଛ, ତୁମ ସହ ଯେମିତି କଥା ହେଉଛି ସେମିତି କଥା ହୋଇଛି । ତା'ପରେ ପରେ....ପ୍ରଶ୍ନକାରୀ ନରେନ୍ଦ୍ରନାଥ ବନିଗଲେ ବିବେକାନନ୍ଦ, ଆଉ ରାମକୃଷ୍ଣଙ୍କର ଦିବ୍ୟବାଣୀ ସହ ମୃତ୍ୟୁ ପର୍ଯ୍ୟନ୍ତ ହିନ୍ଦୁଧର୍ମର ଅନେକ ସାରଗର୍ଭକ ବାଣୀ ସାରା ବିଶ୍ୱରେ ବାଣ୍ଟିବା ପାଇଁ ପ୍ରୟାସକରି ଚାଲିଥିଲେ । ଏହାକୁ ଲୋକମାନେ କୁହନ୍ତି 'ମଣି-କାଞ୍ଚନ' ସଂଯୋଗର ଫଳ । ସେହିଭଳି ଐତିହାସିକମାନଙ୍କ ମତରେ ନନ୍ଦବଂଶୀୟ ରାଜାଙ୍କ ଦ୍ୱାରା ଭର୍ତ୍ସିତ ହୋଇ ଚାଣକ୍ୟ ଯେତେବେଳେ ଫେରୁଥିଲେ ସଂଯୋଗବଶତଃ ତାଙ୍କର ଚନ୍ଦ୍ରଗୁପ୍ତଙ୍କ ସହ ଦେଖା ହୋଇଥିଲା । ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ଥିବା ରାଜକୀୟ ଗୁଣକୁ ଚିହ୍ନିପାରି ଚାଣକ୍ୟ ତାଙ୍କୁ ଶେଷରେ ରାଜପଦରେ ଅଭିଷିକ୍ତ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ । ଏହା ମଣି-କାଞ୍ଚନ ସଂଯୋଗର ଅନନ୍ୟ ଉଦାହରଣ ଏବଂ ଯାହା ବ୍ୟକ୍ତି ଦ୍ୱାରା ଅସମ୍ଭବ ତାହା ସମଷ୍ଟି ଦ୍ୱାରା ସମ୍ଭବ ବୋଲି ପ୍ରମାଣିତ କରିଥିଲା ।

ସେହିଭଳି ଭାରତର ସ୍ୱାଧୀନତା ସଂଗ୍ରାମରେ ଗୋପାଳକୃଷ୍ଣ ଗୋଖଲେ ଏବଂ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କକୁ ଅନେକ ଗୁରୁ-ଶିଷ୍ୟ ସହ ତୁଳନା କରୁଥିଲେ ମଧ୍ୟ ଏହା ମଧ୍ୟ ମଣି-କାଞ୍ଚନ ସଂଯୋଗର ଏକ ଅନନ୍ୟ ଉଦାହରଣ । ପାରିବାରିକ ଜୀବନରେ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ ମଧ୍ୟ ଅନେକ ସମୟରେ ମଣି-କାଞ୍ଚନର ସଂଯୋଗ ସହ ତୁଳନା କରାଯାଇଥାଏ । ଜ୍ୟୋତିବା ଫୁଲେ ଯେତେବେଳେ ଦଳିତମାନଙ୍କର ଅଧିକାର ପାଇଁ ଲଢ଼େଇ କରୁଥିଲେ ତାଙ୍କ ସହ ସ୍ତ୍ରୀ ସାବିତ୍ରୀବାଈ ଫୁଲେ ଯୋଗଦେଇ ସ୍ୱାମୀଙ୍କର ଲଢ଼େଇକୁ ଆହୁରି ଅଧିକ ଶାଣିତ କରାଇ ପାରିଥିଲେ । ଓଡ଼ିଶାର ବିଶିଷ୍ଟ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ଏବଂ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ରଘୁନାଥ ପାଣିଗ୍ରାହୀଙ୍କର ସମ୍ପର୍କ ମଧ୍ୟ ସେହି ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ତେବେ ଉଭୟ ମଣି ଓ କାଞ୍ଚନ ଯଦି ନିଜ ନିଜକୁ ବଡ଼ ମନେକରି ସେମାନଙ୍କର ସ୍ୱତନ୍ତ୍ରତା ପ୍ରତିପାଦନ କରିବା ପାଇଁ ଚେଷ୍ଟା କରନ୍ତି ତାହା ଭଲ ହୋଇପାରେ, କିନ୍ତୁ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ମନେକରି ଲଢ଼େଇରେ ମଜ୍ଜି ରହିଲେ ତାହା ଉଭୟ ବ୍ୟକ୍ତିଗତ ତଥା ସାମାଜିକ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟିକରିବା ସମ୍ଭାବନା ରହିଛି ।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ:୯୭୭୮୭୬୪୩୯୪**

## ଏଇ ଭାରତରେ

ଝାଡ଼ଖଣ୍ଡ ଦେଓଘରର ରାମ ପାଣ୍ଡେ ଅନେକ ଅସହାୟ ଝିଅଙ୍କ ପିତା ପାଲଟି ଯାଇଛନ୍ତି । ୨୦୦୪ରୁ ସେ ଏହି ଦାୟିତ୍ୱ ବହନ କରିଆସୁଛନ୍ତି । ରାମଙ୍କ ବୟସ ୬୩ । ସେ ଏବେ ଦେଓଘରର ପ୍ରସିଦ୍ଧ ଶିବମନ୍ଦିରକୁ ଯାଉଥିବା କାଉଡ଼ିଆମାନଙ୍କୁ ପିଇବା ପାଣି ଦେବା ଲାଗି ଏକ ଷ୍ଟଲ୍ ଖୋଲିଛନ୍ତି । ଏଠାରୁ ପାଣି ପିଇବା ପରେ ବହୁ କାଉଡ଼ିଆ ତାଙ୍କୁ କିଛି ଅର୍ଥ ବି ଦେଉଛନ୍ତି । ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏହି ଅର୍ଥକୁ ରାମ ତାଙ୍କ ନାରାୟଣ ସେବାଶ୍ରମରେ ରହୁଥିବା ୩୫ ଜଣ ଅସହାୟ ଝିଅଙ୍କ ଲାଗି ଖର୍ଚ୍ଚ କରୁଛନ୍ତି । କେବଳ ଶ୍ରାବଣ ମାନସ ନୁହେଁ, ବର୍ଷ ସାରା ସେ ଯାହା ଆୟ କରନ୍ତି ସେସବୁ ତାଙ୍କ ଆଶ୍ରମ ପିଲାମାନଙ୍କ ପିଛା ଖର୍ଚ୍ଚ କରୁଛନ୍ତି । ବହୁ ବ୍ୟକ୍ତି ଏହି କାର୍ଯ୍ୟ ଲାଗି ତାଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରୁଛନ୍ତି । ଝିଅମାନଙ୍କୁ ପଢ଼ାଇବାଠାରୁ ଆରମ୍ଭ କରି ସେମାନଙ୍କ ବିବାହ ବି କରାଉଛନ୍ତି । ୨୦୦୪ରେ ରାମ ଏକ ପରିତ୍ୟକ୍ତ ଝୁମ୍ପୁଡ଼ିରୁ ନବଜାତ କନ୍ୟାଟିଏ ପାଇବା ପରେ ତାକୁ ଚିକିତ୍ସା କରି ସୁସ୍ଥ କରିଥିଲେ । ଏହି ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ପରେ ରାସ୍ତାରେ ବୁଲୁଥିବା ବେସାହାରା ଝିଅମାନଙ୍କ ସମ୍ପର୍କରେ ଖବର ପାଇ ସେଠାକାର ପ୍ରଶାସନ ସହାୟତାରେ ନିଜ ପାଖକୁ ଆଣି ରଖିବାରେ ଲାଗିଲେ । ପ୍ରଥମେ ସେମାନଙ୍କୁ ନିଜ ଘରେ ରଖୁଥିଲେ । ପରେ ଝିଅମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ନିଜ ଜମି ବିକ୍ରି କରି ସେମାନଙ୍କ ପାଇଁ ଘର ତିଆରି କରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଜୁଲାଇ ୧୯୭୫**

- ବଂଶୀଧର ଗୋସ୍ୱାମୀଙ୍କୁ ୟେମେନ ଆରବ ସାଧାରଣତନ୍ତ୍ରରେ ନୂଆ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପ୍ରଦାନ ।
- ଭାରତ ମହାସାଗରସ୍ଥିତ ଡିଏଗୋଗାର୍ସିଆ ଦ୍ୱୀପରେ ଆମେରିକାର ସାମରିକ ଘାଟି ସମ୍ପ୍ରସାରଣ ପ୍ରସ୍ତାବ ମାର୍କିନ ସିନେଟରେ ଅନୁମୋଦିତ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 4 | | 6 | | | |
| 1 | 7 | | | | | | 8 | |
| | | 5 | | 2 | | | | |
| | | | | | 7 | 9 | | |
| | | 2 | | | | 6 | | |
| | | | | 6 | 5 | 4 | | |
| | | 3 | | | | | | 7 |
| | | | | | | 5 | | 9 |
| 7 | 1 | 4 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 5 | 7 | 8 | 6 | 2 | 4 |
| 6 | 4 | 7 | 2 | 1 | 9 | 3 | 8 | 5 |
| 5 | 8 | 2 | 3 | 6 | 4 | 9 | 7 | 1 |
| 4 | 1 | 6 | 8 | 2 | 3 | 5 | 9 | 7 |
| 3 | 2 | 5 | 1 | 9 | 7 | 4 | 6 | 8 |
| 8 | 7 | 9 | 6 | 4 | 5 | 2 | 1 | 3 |
| 1 | 9 | 8 | 4 | 3 | 6 | 7 | 5 | 2 |
| 7 | 5 | 4 | 9 | 8 | 2 | 1 | 3 | 6 |
| 2 | 6 | 3 | 7 | 5 | 1 | 8 | 4 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ କିଛି ନାହିଁ

ମହାଶୟ,

କେବଳ ଆୟକର ଦାଖଲ ପାଇଁ ଥିବା ଷ୍ଟାଣ୍ଡାର୍ଡ ଡିଡକ୍ସନରେ ପଚିଶ ହଜାର ଟଙ୍କା ବୃଦ୍ଧି କରି ସରକାର କର୍ମଚାରୀ ଓ ପେନସନଭୋଗୀଙ୍କୁ ଖୁସି କରିବାକୁ ଚେଷ୍ଟା କରିବା ବ୍ୟତୀତ, ଚଳିତ ବଜେଟ ଉଭୟ ଶ୍ରମିକ-କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ ନୈରାଶ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର ସମସ୍ତ ଶ୍ରମିକ-କର୍ମଚାରୀମାନଙ୍କର ଏକ ବଡ଼ ଆଶା ଥିଲା ସରକାର ନିଶ୍ଚିତ ଭାବେ ଅଷ୍ଟମ ବେତନ ଆୟୋଗ ଗଠନ ପାଇଁ ଚଳିତ ବଜେଟରେ ଘୋଷଣା କରିବା ସହ ପେନସନ ଯୋଜନାରେ ପରିବର୍ତ୍ତନ ତଥା କୋଭିଡ ସମୟରୁ କାଟି ନେଇଥିବା ୧୮ମାସର ବକେୟା ମହଙ୍ଗା ଭତ୍ତାକୁ ଫେରେଇ ଦେବା ପାଇଁ ପ୍ରାବଧାନ କରିବେ । କିନ୍ତୁ କର୍ମଚାରୀଙ୍କର ଏହି ତିନୋଟି ମୁଖ୍ୟ ଦାବି ଉପରେ ଚଳିତ ବଜେଟ ସମ୍ପୂର୍ଣ୍ଣ ନୀରବ । କର୍ମଚାରୀଙ୍କ ସର୍ବନିମ୍ନ ବେତନ ନିର୍ଦ୍ଧାରଣ ଓ ପେନସନରେ ସୁଧାର ଆଣିବା ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କ ପାଇଁ ମାସିକ ୯ ହଜାର ଟଙ୍କା ସର୍ବନିମ୍ନ ପେନସନ ଘୋଷଣା ବିଳମ୍ବିତ ହେଉଥିବା ବେଳେ, ଚଳିତ ବଜେଟରେ ନାବାଳକଙ୍କ ପାଇଁ 'ବାତ୍ସଲ୍ୟ' ଯୋଜନାର ପ୍ରଚଳନ ନିହାତି ହାସ୍ୟାସ୍ପଦ । ଅଧିକନ୍ତୁ, ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଫେବୃଆରୀ ୨୦୨୪ରେ ସେମାନଙ୍କର ୧୫୫ତମ ରିପୋର୍ଟ ଦାଖଲ କଲାବେଳେ ମହଜୁଦା ସର୍ତ୍ତାବଳୀକୁ କୋହଳ କରି କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା(ସିଜିଏଚଏସ)ରେ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟ ମଙ୍ଗଳ କେନ୍ଦ୍ର ଖୋଲିବା ପାଇଁ ସୁପାରିସ କରିଥିଲେ ବି ଚଳିତ ବଜେଟରେ ସେଭଳି କିଛି ପ୍ରାବଧାନ ନାହିଁ କିମ୍ବା ଔଷଧପତ୍ର ଓ ବିଭିନ୍ନ ମେଡିକାଲ ସରଞ୍ଜାମର ଦରବୃଦ୍ଧିକୁ ଆଖିରେ ରଖି ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସା ପାଇଁ ଧାର୍ଯ୍ୟ ସିଜିଏଚଏସ ପ୍ୟାକେଜରେ ମଧ୍ୟ କୌଣସି ପରିବର୍ତ୍ତନ କରିନାହାନ୍ତି । ତେଣୁ ଚଳିତ ବଜେଟକୁ କର୍ମଚାରୀ ବିରୋଧୀ କହିଲେ ଭୁଲ୍ ହେବନାହିଁ ।

**-ବୃହସ୍ପତି ସାମଲ, ଭୁବନେଶ୍ୱର**

## ଚିରନ୍ତନୀ

ନାହିଁ ମୋ ବାସନା ଡାକିବାକୁ ତିଳେ
ଆସ ପାଶେ ବୋଲି ପ୍ରିୟେ ଚାରୁଶୀଳେ !
ଲଭିବାକୁ ତବ ଦେହ ମନ ଭାଷା
ନାହିଁ ମୁଁ ଭାବନା କରି
ଚମ୍ପକହାସ ହସିଯାଅ ଖାଲି
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୃତ୍ୟୁ ପୂର୍ବରୁ ଶରୀରରେ ହୋଇଥିଲା ଏକାଧିକ କ୍ଷତ

### ସାମ୍ବାଦିକା ଆତ୍ମହତ୍ୟା ଘଟଣାର ବ୍ୟବଚ୍ଛେଦ ରିପୋର୍ଟ



ଭୁବନେଶ୍ୱର,୨୯।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଟ୍ରେନ୍ ଆଗକୁ ଡେଇଁ ସାମ୍ବାଦିକା ମଧୁମିତା ପରିଡା ଓରଫ ଚିନୁଙ୍କ ଆତ୍ମହତ୍ୟା ମାମଲାରେ ସୋମବାର ବ୍ୟବଚ୍ଛେଦ ରିପୋର୍ଟ ଆସିଛି। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଏହି ରିପୋର୍ଟକୁ ଧଉଳି ପୋଲିସକୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁ ପୂର୍ବରୁ ମଧୁମିତାଙ୍କ ଶରୀରରେ ଏକାଧିକ କ୍ଷତ ହୋଇଥିଲା। ଟ୍ରେନ୍ ଆଗକୁ ଡେଇଁବା ଫଳରେ ମଧୁମିତା ପ୍ରଥମେ ରେଳଧାରଣାରେ ଘୋଷାଡି ହୋଇଯାଇଥିଲେ। ଶରୀର କ୍ଷତବିକ୍ଷତ ହୋଇଗଲା ପରେ ବି ଏହାର କିଛି ସମୟ ପାଇଁ ମଧୁମିତା ବଞ୍ଚିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏକାଧିକ କ୍ଷତ ସୃଷ୍ଟି ହେବା ସହ ରକ୍ତସ୍ରାବ ଫଳରେ ମଧୁମିତାଙ୍କ ମୃତ୍ୟୁ ହୋଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମଧୁମିତାଙ୍କ ଘର ଗଞ୍ଜାମ ଭଞ୍ଜନଗରରେ ହୋଇଥିବାବେଳେ ତାଙ୍କ ପରିବାର ଲୋକେ ଭୁବନେଶ୍ୱର ନୂଆଗାଁ ଇନ୍ଦିରା କଲୋନୀରେ ରହୁଛନ୍ତି। ମାର୍ଚ୍ଚ ୧ରେ ସେ ଏହି ଜିଲାର ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନରଡା ଗ୍ରାମର ଶ୍ରୀଧର ଜେନା (୩୨)ଙ୍କୁ ବିବାହ କରିଥିଲେ। ଶ୍ରୀଧର ବାୟୁସେନାରେ କାର୍ଯ୍ୟ କରନ୍ତି। ବିବାହ ପରେ ଉଭୟ ମଧ ଇନ୍ଦିରା କଲୋନୀରେ ଘରଭଡ଼ା ନେଇ ରହୁଥିଲେ। ଶ୍ରୀଧର ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖିବା ସହ ମଧୁମିତାଙ୍କୁ ଅଣଦେଖା କରିଥିଲେ। ଏପରିକି ଝଗଡା ବେଳେ ମଧୁମିତାଙ୍କୁ ଶ୍ରୀଧର ମାଡ ମାରୁଥିଲେ। ଏହାପରେ ମଧୁମିତା ଭାଙ୍ଗିପଡ଼ିଥିଲେ। ଗତ ବୁଧବାର ସନ୍ଧ୍ୟାରେ ମଧୁମିତା ଶିଶୁଭବନ ନିକଟରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମଧୁମିତାଙ୍କ ବାପା ସୁଶାନ୍ତ କୁମାର ପରିଡ଼ାଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଶ୍ରୀଧରଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଏବେ ସେ ବିଚାର ବିଭାଗୀୟ ହାଜତରେ ଦିନ କାଟୁଛନ୍ତି।

# ପୋଲିସ ପଞ୍ଝାରେ ବନ୍ଧୁକଧାରୀ ଗ୍ୟାଙ୍ଗ

ଭୁବନେଶ୍ୱର,୨୯।୭ (ସତ୍ୟଜିତ୍ ରାଉତ)



ଓଡ଼ିଶାକୁ ଚୋରାରେ ବନ୍ଧୁକ ଚାଲାଣ ସହ ରାଜ୍ୟରେ ହତ୍ୟା, ଅପହରଣ ଭଳି ବଡ଼ ଅପରାଧରେ ସମ୍ପୃକ୍ତ ଥିବା ଏକ ଗ୍ୟାଙ୍ଗକୁ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଧରିଛି। ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିବା ସହ ୫ ବନ୍ଧୁକ, ୬ ଗୁଳି ଓ ୨ ଗାଡି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର କଳିଙ୍ଗନଗର କେ-୫ରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ବାଲିସାହିର ରଶ୍ମୀରଞ୍ଜନ ସ୍ୱାଇଁ (୩୫) ଓ ପାଟକୁରା ଅଞ୍ଚଳର ଉତ୍କଳ କେଶରୀ ଖୁଣ୍ଟିଆ ଓରଫ ଲୁଲୁ (୩୩), ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣିରୋଡ ସାଇବିହାର ନିକଟରେ ରହୁଥିବା କଟକ ଜିଲା ନିଆଳି ଅଞ୍ଚଳର କୃଷ୍ଣଚନ୍ଦ୍ର ଜେନା ଓରଫ ଆକାଶ (୨୬) ଓ ଚିରଞ୍ଜୀବ ଜେନା ଓରଫ ଚିକୁ (୨୫) ଏବଂ ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଅଞ୍ଚଳର ମହମ୍ମଦ ସାମସିର୍ ଓରଫ ହେମା (୩୪) ଓ ଏସ୍‌କେ ଆଜାରୁଦ୍ଦିନ୍ ଓରଫ ଅଜୁ (୨୧)। ସେମାନଙ୍କଠାରୁ ୩ଟି ୭.୬୫ ଏମ୍‌ଏମ୍ ସେମି ଅଟୋମେଟିକ୍ ପିସ୍ତଲ୍, ଗୋଟିଏ ୬ ରାଉଣ୍ଡ ରିଭଲଭର, ଗୋଟିଏ ସିଙ୍ଗିଲ୍ ଶୁଟ୍ ବନ୍ଧୁକ, ୯ଟି ଅଫୁଟା ଗୁଳି, ଗୋଟିଏ ବାଇକ (ୟୁପି ୨୫ ଏକ୍ସ୍ୟୁ ୪୬୩୫) ଓ ଗୋଟିଏ ସ୍କୁଟି (ଓଡି ୩୩ ଏଜି ୦୫୭୯) ଜବତ ହୋଇଛି।

ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ମାମଲା ରୁଜୁ (ନଂ.୩୬୫/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହତ୍ୟା, ବାଲିଚାଲାଣ, ଗୋରୁଚାଲାଣ, ବେଆଇନ ଖଣି ଖନନ, ଦାଦାବଟି ଆଦିରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗ୍ୟାଙ୍ଗର ମୁଖ୍ୟ ରଶ୍ମୀରଞ୍ଜନ ଓ ତାଙ୍କ ସହଯୋଗୀ ହେଉଛନ୍ତି ଉତ୍କଳ କେଶରୀ। ରଶ୍ମୀରଞ୍ଜନ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ଓଡ଼ିଶାର ବିଭିନ୍ନ ଗ୍ୟାଙ୍ଗଷ୍ଟାର ଓ ଅନ୍ୟ ଅପରାଧୀଙ୍କୁ ୪୫ରୁ ୬୫ହଜାର ଟଙ୍କାରେ ବିକ୍ରି କରୁଥିଲେ। ଏଥିସହ ସେ ଗ୍ୟାଙ୍ଗ ଗଢି ବିଭିନ୍ନ ସମ୍ବେଦନଶୀଳ ଘଟଣା ତଥା ବଡ଼ ଅପରାଧରେ ସାମିଲ ହେଉଥିଲେ। ବିଶେଷକରି କଟକ, ଖୋର୍ଦ୍ଧା, ଜଗତସିଂପୁର, କେନ୍ଦ୍ରାପଡା ଓ ଜଟଣୀରେ ଏହି ଗ୍ୟାଙ୍ଗ ସକ୍ରିୟ ରହିଛି। ଅଭିଯୁକ୍ତମାନଙ୍କୁ ଜଟଣୀ ଓ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଗିରଫ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଗିରଫ କରିବାକୁ ପ୍ରୟାସ କରାଯାଉଛି। ସେମାନଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କରାଯିବ ବୋଲି ପୋଲିସ କମିଶନର ପଣ୍ଡା କହିଛନ୍ତି।

### ବ୍ରାଉନସୁଗର ଡିଲର ସୋମନାଥ, ଗ୍ୟାଙ୍ଗଷ୍ଟର ବିଭୁଙ୍କୁ ହତ୍ୟା କରିଥିଲେ

ଅଭିଯୁକ୍ତ ମହମ୍ମଦ ସାମସେର୍, ଉତ୍କଳ, ରଶ୍ମୀରଞ୍ଜନ ଓ ଅଜୁଙ୍କ ନାଁରେ ବହୁ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ୨୦୨୩ ଜୁନ ୭ରେ ଖୋର୍ଦ୍ଧାର ବ୍ରାଉନସୁଗାର ଡିଲର୍ ସୋମନାଥ ଭୁଜବଳଙ୍କୁ ଗୁଳିକରି ହତ୍ୟା ମାମଲାରେ ମହମ୍ମଦ ସାମସେର୍ ୱାଣ୍ଟେଡ ଥିଲେ। ସେହିପରି ୨୦୨୩ ମେ ୩୧ରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗାଁର ଗ୍ୟାଙ୍ଗଷ୍ଟାର୍ ପ୍ରତାପ ସାହୁ ଓରଫ ବିଭୁଙ୍କୁ ଅପହରଣ କରାଯାଇ ହତ୍ୟା ମାମଲାରେ ଉତ୍କଳ ମଧ ୱେଣ୍ଟେଡ୍ ଥିଲେ। ଉତ୍କଳ ଓ ତାଙ୍କ ସହଯୋଗୀମାନେ ବିଭୁଙ୍କୁ ହତ୍ୟା କରି ଯାଜପୁର ଜିଲାର ଟମ୍‌କା ଥାନା ଅଞ୍ଚଳର ଏକ କାଜୁ ଜଙ୍ଗଲରେ ପୋଡି ଦେଇଥିଲେ। ଏହି ଘଟଣାରେ ୧୨ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା ପୋଲିସ ଗିରଫ କରିଥିବାବେଳେ ଉତ୍କଳ ଫେରାର ଥିଲେ। ସେହିପରି ରଶ୍ମିରଞ୍ଜନ ମଧ ବହୁ ଆର୍ମସ ଆକ୍ଟରେ ଗିରଫ ହୋଇ ପୂର୍ବରୁ ଜେଲ ଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ ଜୁଆ ଆଡ୍ଡା

### ୧୨.୨୦ ଲକ୍ଷ ଜବତ, ୯ ଗିରଫ

ଭୁବନେଶ୍ୱର,୨୯।୭ (ସତ୍ୟଜିତ୍ ରାଉତ)

ବ୍ୟାଚ୍ ଭୋଜି କରିବାକୁ କହି ମଣ୍ଡପକୁ କିଛିଦିନ ହେଲା ଭଡ଼ାରେ ନେଇ ସେଠାରେ ଭୋଜିଭାତ କରିବା ସହ ଜୁଆ ଖେଳୁଥିଲେ। ଲକ୍ଷାଧିକ ଟଙ୍କା ବାଜିରେ ଲଗାଉଥିଲେ। ପୋଲିସ ଖବର ପାଇ ମଣ୍ଡପ ଉପରେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୨.୨୦ଲକ୍ଷ ଟଙ୍କା ସହ ବହୁ ସାମଗ୍ରୀ ଜବତ କରିଛି। ଏଭଳି ଘଟଣା ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ସହ ଏହି ଘଟଣାରେ ମଣ୍ଡପ ମାଲିକଙ୍କ ସମ୍ପୃକ୍ତି ଅଛି କି ନାହିଁ ସେନେଇ ତଦନ୍ତ ଚାଲିଥିବା ବଡ଼ଗଡ଼ ଥାନା ଆଇଆଇସି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବଡ଼ଗଡ଼ ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟସ୍ଥିତ ଏକ ମଣ୍ଡପରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ସୋମବାର ଅପରାହ୍ନରେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ବଡ଼ଗଡ଼ ଥାନାର ଏକ ମିଳିତ ଟିମ୍ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୨ ଲକ୍ଷ ୨୦ ହଜାର ଟଙ୍କା, ୯ ମୋବାଇଲ, ୧୦ଟି କାର୍ଡ ପତା ଓ ଦୁଇଟି କାର ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ଅଞ୍ଚଳର ଭାସ୍କର ରାଓ (୫୧), ମଧୁସୂଦନ ନଗରର କୁରେଷ ପାତ୍ର (୬୧), ଖୋର୍ଦ୍ଧା ନାରୁଣୀ ଅଞ୍ଚଳର ଲଳିତ ମୋହନ ଦଳେଇ (୪୬), ପ୍ରଦୀପ୍ତ କିଶୋର ସାହୁ(୫୧), ଯାଜପୁରରୋଡ ଲକ୍ଷ୍ମୀନଗରର ମଧୁସୂଦନ ସାହୁ (୪୪), ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ପ୍ରସନ୍ନ ମଙ୍ଗରାଜ(୬୫), ଯାଜପୁର କୁଆଖିଆ ଅଞ୍ଚଳର ଉଦୟ ପାତ୍ର(୪୧), କଟକ ଜିଲା ମର୍କତନଗର ଅଞ୍ଚଳର ପି. ନୟନ ରଥ (୪୯) ଓ ଯାଜପୁର କଳିଙ୍ଗନଗରର ବିଜୟ କୁମାର ରାଜ (୫୩)। ଏନେଇ ବଡ଼ଗଡ଼ ଥାନା ପକ୍ଷରୁ ମାମଲା (ନଂ.୫୨୦/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

# ଦୋଷୀଙ୍କୁ ୫ ବର୍ଷ ଜେଲ

### ନାବାଳିକାଙ୍କୁ ଦୁର୍ବ୍ୟବହାର ମାମଲା

ଜୟପୁର,୨୯।୭(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ ନେଇ ରୁଜୁ ମାମଲାର ଜୟପୁର ପୋକ୍ସୋ କୋର୍ଟ ଶୁଣାଣିକରି ସୁନାବେଡ଼ା ଥାନା ଅଞ୍ଚଳର ଆଲୋକ ଡୁରୁକ (୩୯)ଙ୍କୁ ବିଭିନ୍ନ ଦଫାରେ ୫ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ଏଥିସହ ତାଙ୍କୁ ୨୩ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଅଧିକ ୧୪ ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ଜଣାପଡ଼ିଛି, ୩୦।୪।୨୦୨୦ ଦିନ ସକାଳେ ପୀଡ଼ିତା (୧୦) ନିଜ ଘର ଛାତ ଉପରେ ଖେଳୁଥିବା ବେଳେ ଆଲୋକ ତାଙ୍କୁ ଅଶ୍ଳୀଳ ବ୍ୟବହାର କରିଥିଲେ। ନାବାଳିକା ପାଟି କରିବାରୁ ତାଙ୍କ ମା' ଓ ଖୁଡ଼ୀ ଘର ଭିତରୁ ବାହାରି ଆସିଥିଲେ। ନାବାଳିକା ଜଣକ ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ପରେ ଏନେଇ ସୁନାବେଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୯ଟି ଦସ୍ତାବିଜକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଗାୟତ୍ରୀ ଦେବୀ ଏବଂ ସ୍ୱତନ୍ତ୍ର ସରକାରୀ ଓକିଲ କମଳକାନ୍ତ ଦାଶ ପରିଚାଳନା କରୁଥିଲେ।

# ସ୍କୁଲ ପୋଷାକରେ ରକ୍ତ ଛିଟା

### ଦଶମ ଶ୍ରେଣୀ ଛାତ୍ରଙ୍କ କଟୁରି ଚୋଟରେ ନବମ ଶ୍ରେଣୀ ଛାତ୍ର ଆହତ

ଅନୁଗୋଳ,୨୯।୭ (ଜ୍ୟୋତିରଞ୍ଜନ ସାହୁ)

ସ୍କୁଲ ପୋଷାକରେ ଲାଗିଛି ରକ୍ତ ଛିଟା। ଦଶମ ଶ୍ରେଣୀ ଛାତ୍ରଙ୍କ କଟୁରି ଚୋଟରେ ଆହତ ହୋଇଛନ୍ତି ନବମ ଶ୍ରେଣୀ ଛାତ୍ର। ସ୍କୁଲ ସାଇକେଲ ଷ୍ଟାଣ୍ଡରେ ସାଇକେଲ ରଖିବାକୁ ନେଇ ଅନୁଗୋଳ ସହରର ଏକ ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ଘଟିବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁସାରେ, ଅନୁଗୋଳର ଏକ ସରକାରୀ ସ୍କୁଲରେ ଉଭୟ ଛାତ୍ର ପଢୁଛନ୍ତି। ୯ମ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କ ଘର ରାଧାରମଣପଡ଼ା ଅଞ୍ଚଳରେ ହୋଇଥିବା ବେଳେ ଦଶମ ଶ୍ରେଣୀର ଛାତ୍ରଙ୍କ ଘର ହାତୀଶାଳପଡା ଅଞ୍ଚଳରେ। କିଛିଦିନ ପୂର୍ବରୁ ସାଇକେଲ ଷ୍ଟାଣ୍ଡରେ ସାଇକେଲ ରଖିବାକୁ ନେଇ ଉଭୟ ଛାତ୍ରଙ୍କ ଭିତରେ ଝଗଡ଼ା ହୋଇଥିଲା। ସୋମବାର ସ୍କୁଲ ଛୁଟି ହେବା ପରେ ନବମ ଶ୍ରେଣୀର ଛାତ୍ର ଜଣକ ଘରକୁ ଯିବା ପାଇଁ ବାହାରିଥିଲେ। ସେ ଫାଟକ ନିକଟରେ ହୋଇଥିବାବେଳେ ହଠାତ ଏକ ମାଂସକଟା କଟୁରିରେ ଦଶମ ଶ୍ରେଣୀ ଛାତ୍ର ତାଙ୍କୁ ଆକ୍ରମଣ କରି ଦୌଡ଼ି ପଳାଇ ଯାଇଥିଲେ। କଟୁରି ଚୋଟ ତାଙ୍କ ମୁଣ୍ଡରେ ବାଜିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍କୁଲର ଅନ୍ୟ ଛାତ୍ର ଓ ଶିକ୍ଷକମାନେ ଗୁରୁତର ଅବସ୍ଥାରେ ନବମ ଶ୍ରେଣୀ ଛାତ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ସମ୍ପୃକ୍ତ ଛାତ୍ରଙ୍କ ପରିବାର ଲୋକେ ଡାକ୍ତରଖାନରେ ପହଞ୍ଚିବା ସହ ଅନୁଗୋଳ ଟାଉନ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ନକଲି ଟିଟିଇ ଗିରଫ

ବ୍ରହ୍ମପୁର,୨୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଇଷ୍ଟକୋଷ୍ଟ ଏକ୍ସପ୍ରେସରୁ ଜଣେ ନକଲି ଟିଟିଇଙ୍କୁ ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ (ଜିଆରପି) ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ବରପାଲିର ପ୍ରବୀଣ କୁମାର ମହାକୁଡ(୨୯)। ତାଙ୍କଠାରୁ ପୋଲିସ ଦୁଇଟି ଇଏଫଟି ବୁକ୍ ଓ ରେଳ ବିଭାଗର ୨ଟି ପରିଚୟ ପତ୍ର ଜବତ କରିଛି। ରବିବାର ରାତି ପ୍ରାୟ ୯ଟାରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଖୋର୍ଦ୍ଧାରୋଡ ଅତିକ୍ରମ କରିବା ପରେ ସେଥିରେ ଜଣେ ନକଲି ଟିଟିଇ ବୁଲୁଥିବା ବ୍ରହ୍ମପୁର ଜିଆର୍‌ପି ଥାନାକୁ ଖବର ମିଳିଥିଲା। ଟ୍ରେନଟି ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିବା ପରେ ଜିଆରପି ଥାନା ଏଏସଆଇ ଏ.କେ. ମିଶ୍ର, ବ୍ରହ୍ମପୁର ଆର୍‌ପିଏଫ କର୍ମଚାରୀ ସେଥିରେ ଚଢି ଯାଞ୍ଚ କରିଥିଲେ। ସେ ସମୟରେ ଅଭିଯୁକ୍ତ ପ୍ରବୀଣ ଇଏଫ୍‌ଟି ବୁକ ଧରି ବିଭିନ୍ନ ସ୍ଲିପର କୋଚକୁ ଯାଇ ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ଜଣାପଡିଥିଲା। ପୋଲିସ ଏବଂ ଆର୍‌ପିଏଫ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ପଚରାଉଚରା କରିବା ସହ ତାଙ୍କ ନିକଟରୁ ଇଏଫ୍‌ଟି ଟିକଟ ବୁକ ସହ ଅଜୟ ମୀନା ଏବଂ ମାର୍ତ୍ତଣ୍ଡ ରୁବାଡ କାମ୍ବଲେ ନାମକ ୨ ଜଣ ବ୍ୟକ୍ତିଙ୍କ ନାଁରେ ଥିବା ରେଳ ବିଭାଗର ୨ଟି ପରିଚୟ ପତ୍ର ଜବତ କରିଥିଲେ। ସେ ଖୋର୍ଦ୍ଧାରୋଡରୁ ଏହି ଟ୍ରେନରେ ଚଢିବା ପରେ ନିଜକୁ ଟିଟିଇ ପରିଚୟ ଦେଇ ସ୍ଲିପର କୋଚରେ ବୁଲି ବୁଲି ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

# ତତ୍କାଳୀନ ଆର୍‌ଟିଓଙ୍କୁ ୩ ବର୍ଷ ଜେଲ

### ୨୨ ବର୍ଷ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ

ବ୍ରହ୍ମପୁର/ଭବାନୀପାଟଣା,୨୯।୭ (ସୁବାସ ଚନ୍ଦ୍ର ପାଢ଼ୀ/ଉତ୍ତମ କୁମାର ଦାଶ)

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡାନ୍ତ ରାୟ ୨୨ବର୍ଷ ପରେ ସୋମବାର ପ୍ରକାଶ ପାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ସୋମବାର କଳାହାଣ୍ଡି ଜିଲା ଭବାନୀପାଟଣାର ତତ୍କାଳୀନ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭବାନୀପାଟଣାର ତତ୍କାଳୀନ ଆର୍‌ଟିଓ ସାହୁଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ କଟକ ଭିଜିଲାନ୍ସ ସେଲ୍ ପକ୍ଷରୁ ୫ଟି ଟିମ୍ ୨୦୦୨ ମେ ୭ ତାରିଖରେ ସାହୁଙ୍କ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟ, ସେ ରହୁଥିବା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ବ୍ରହ୍ମପୁର ଗୋଷାଣି ନୂଆଗାଁରେ ଥିବା ପୈତୃକ ବାସଭବନ, ଶ୍ୱଶୁର ଏବଂ ଶାଳକଙ୍କ ଘରେ ଏକକାଳୀନ ଚଢାଉ ହୋଇଥିଲା। ଡାକ ବଙ୍ଗଳାରେ ଚଢାଉ ବେଳେ ଆର୍‌ଟିଓ ନିଜ ପାଖରେ ରଖିଥିବା ୭୦ହଜାର ଟଙ୍କା ପାଇଖାନା ଟାଙ୍କିରେ ଲୁଚାଇ ଦେଇଥିଲେ। ତାହାକୁ ଭିଜିଲାନ୍ସ ଟିମ୍ ସେଠାରୁ ଜବତ କରିଥିଲା। ସେ ସମୟରେ ଠାବ ହୋଇଥିବା ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟରୁ ପ୍ରଫୁଲ୍ଲ ୨୨ଲକ୍ଷ ୪୪ ହଜାର ୨୩୭ ଟଙ୍କାର ହିସାବ ଦେଇପାରି ନ ଥିଲେ। କୋର୍ଟ ପକ୍ଷରୁ ବିଚାର ବେଳେ ତାହା ୧୩ ଲକ୍ଷ ୭୩ ହଜାର ୯୯୨ଟଙ୍କା ବୋଲି ଆକଳନ ହୋଇଥିଲା। ତାଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ନଂ.୩୧/୨୦୦୨ରେ ମାମଲା ରୁଜୁ ହୋଇଥିଲା। କଟକ ଭିଜିଲାନ୍ସ ସେଲ୍‌ର ଡିଏସ୍‌ପି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମୋଟ ୪୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାରକରି ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ଏନ୍‌ଏଚ୍‌ଆଇ କାର୍ଯ୍ୟାଳୟ ବରିଷ୍ଠ ସହାୟକଙ୍କ ସାକ୍ଷ୍ୟ ଗ୍ରହଣ

### କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା

ଭଦ୍ରକ,୨୯।୭(ସନାତନ ରାଉତ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ସୋମବାର ଭଦ୍ରକ ଜିଲା କୋର୍ଟରେ ଆଉ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। କଟକସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ) କାର୍ଯ୍ୟାଳୟରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ବାରିକ ତାଙ୍କର ସାକ୍ଷ୍ୟ ପ୍ରଦାନ କରିଛନ୍ତି। ସେ ତାଙ୍କ ବୟାନରେ କହିଛନ୍ତି, କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କୁ ରିମାଣ୍ଡରେ ଅଣାଯାଇ ଜେରା କରାଯିବା ବେଳେ ସେ ଉପସ୍ଥିତ ଥିଲେ। ମାନସଙ୍କୁ କିପରି ଓ କେଉଁଠାରୁ ଅପହରଣ କରାଯାଇଥିଲା, ମାରିବା ପରେ ତାଙ୍କ ମୃତଦେହକୁ ନୟାଗଡ଼ସ୍ଥିତ ବଧୂପାଟଣାଠାରେ ପୋତିବା, ସୁନାଖଳା ମାର୍କେଟ୍‌ରୁ କୋଦାଳ, ଗଇନ୍ତି ଓ ଲୁଣ କିଣି ମୃତଦେହ ପୋତି ଦେଇଥିବା, ଚଣ୍ଡିଖୋଲଠାରେ ଗଇନ୍ତି, କୋଦାଳ ଫୋପାଡ଼ିଥିବା ନେଇ ଶର୍ମିଷ୍ଠା ସ୍ୱୀକାର କରିଥିଲେ।

୨୦୨୨ ଫେବୃଆରୀ ୬ରେ ଚାନ୍ଦବାଲିରୁ ମାନସଙ୍କୁ ନେବା ପାଇଁ ଝୁନା ଭୋଇ, ରଞ୍ଜନ ନାୟକ, ଭାଗ୍ୟଧର ନାୟକ ଓ ବିବେକ ନାୟକଙ୍କୁ ନିଜ କାର୍‌ରେ ନେଇ ଶର୍ମିଷ୍ଠା ଚାନ୍ଦବାଲି ଯାଇଥିଲେ। ସେମାନେ ସେଦିନ ରାତିସାରା ପଳାଶପୁରରେ ଅପେକ୍ଷା କରିଥିଲେ। ପରଦିନ ଅର୍ଥାତ୍ ୭ ତାରିଖ ସକାଳେ ମାନସଙ୍କୁ ପଳାଶପୁରଠାରେ କ୍ୟାମେରା ଚିପ୍ ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ନିଜ ଗାଡ଼ିରେ ବସାଇ ଭୁବନେଶ୍ୱର ଆଣି ଦୟାଳ ଆଶ୍ରମରେ ରଖିଥିଲେ। ସେଠାରେ ତାଙ୍କୁ ହତ୍ୟା କରିବା ପରେ ଶର୍ମିଷ୍ଠା ଓ ଝୁନା ଏକ ନମ୍ବର ମାର୍କେଟ ଯାଇ ଅଖା, ଗ୍ଲୋଭ୍ସ, ସୁତୁଲି ଓ ପ୍ଲାଷ୍ଟିକ ବ୍ୟାଗ୍ ଆଣିଥିଲେ। ଆଶ୍ରମରେ ଲୋକେ ଖାଇପିଇ ସାରିବା ପରେ କେୟାରଟେକର ସୋନିଙ୍କୁ ଡାକି ବଜାର ପଠାଇ ଦେଇଥିଲେ। ପରେ ମାନସଙ୍କ ମୃତଦେହକୁ ଅଖାରେ ଗୁଡ଼ାଇ ତାଙ୍କ ନିଜ ଗାଡ଼ିରେ ନେଇ ଭାଗ୍ୟଧରଙ୍କ ଗ୍ରାମ ନୟାଗଡ଼ର ବଧୂପାଟଣାରେ ପୋତି ଦେବାକୁ ଯୋଜନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-SSTROUGH-24-25-19

**କାର୍ଯ୍ୟର ନାମ :** 18 (ଅଠର) ମାସ ସମୟାବଧି ପାଇଁ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ଆଇସିଏଫ ମେକ୍ LHB ଏସି କୋଚରେ ଏଫଆରପି ଟ୍ରଫ୍ ସ୍ଥାନରେ RMPU ତଳେ SS ମେଟାଲ ଟ୍ରଫ୍‌ର ଯୋଗାଣ ଏବଂ ଫିଟ୍‌ମେଣ୍ଟ୍।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 2,94,53,822.00, EMD (ଟଙ୍କାରେ): 2,97,300.00, ଶେଷ ହେବା ଅବଧି : 18 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.07.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.08.2024 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (POH-II), ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-361/P/24-25



**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର_ଏଲ୍‌ଟିଇ_୬୯ ୨ଆର୍‌କେଏମ୍_୫, ତାରିଖ ୨୮।୦୭।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ୱାର୍କସ୍/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ, ୩ୟ ମହଲା, ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍‌ଡିଂ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ, ସଂକ୍ଷିପ୍ତ ବର୍ଣ୍ଣନା ଏବଂ ତାହାର ଅବସ୍ଥିତି:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଏବଂ ଚକ୍ରଧରପୁର ଡିଭିଜନର ହାଓଡା-ଖଡ଼ଗପୁର ଓ ଟାଟାନଗର-ରାଜଖରସୁଆଁ ସେକ୍ସନଠାରେ ଓଏଫ୍‌ସି ବ୍ୟାକ୍‌ବୋନ୍ କାର୍ଯ୍ୟ ସମେତ ଜିଡି ଏବଂ ଜିକ୍ୟୁ ରୁଟ୍ (୬୯୨ ଆର୍‌କେଏମ୍) ଉପରେ ୪ଜି ଏଲ୍‌ଟିଇ-ଆର୍ ପାଇଁ ଟାୱାରର ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୧୧୬,୮୮,୩୬,୩୨୧.୬୦। **ବିଡ୍ ଅମାନତ ରାଶି:** ₹୫୯,୯୪,୨୦୦/-। **ଟେଣ୍ଡର ସମାପ୍ତିର ତାରିଖ:** ତା୧୩।୦୯।୨୦୨୪ରିଖ ୧୧.୩୦ ଘଟିକା। ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.inରେ ପ୍ରକାଶିତ ହୋଇସାରିଛି। (PR-429)



**OFFICE OF THE PRINCIPAL**
**P.I.DEGREE COLLEGE, JUNAGARH**
**DIST. - KALAHANDI**

Adv. No.: 583/PIM(J)/KLD/2024 Date : 29.07.2024

**TENDER CALL NOTICE**

Tenders are invited for procurement of Bench-cum-Dual Desk, Experiment Tables for Science Laboratories, Stool for Laboratories, Science Laboratories equipments, CCTV installation and Sports items under Non-Civil head of OHEPEE. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserves the right to accept or reject any or all the tenders without assigning any reason thereof. For details of the RFP visit - www.pidcjunagarh.co.in.

Sd./- Principal
P.I. Degree College, Junagarh



**DIRECTORATE OF MEDICAL EDUCATION & TRAINING, ODISHA**

Heads of Department Building, Bhubaneswar - 751001, Tel No. : 0674-2393847, 2394255, E-mail : mocpharmacydmet@gmail.com www.dmetodisha.gov.in

**NOTICE FOR OPENING OF NEW PHARMACY INSTITUTION FOR THE ACADEMIC SESSION 2025-26**

Notice No. 12756 Dated 26/07/2024

No.E-148: Online applications are invited from interested organization / trust intending to open or start an institution to impart different pharmacy courses in the State for the academic session 2025-26.

The online application link, detail guidelines and instruction manual are available in the website of DMET (O), i.e. www.dmetodisha.gov.in.

The online applications portal starts from dated 31.07.2024 (10.00 A.M.) and ends on 16.08.2024 (05.00 P.M.). Manual application and online application after the last date will not be entertained.

OIPR-10016/11/0011/2425 Sd./- Addl. DMET (O)



**अखिल भारतीय आयुर्विज्ञान संस्थान (एम्स), भुवनेश्वर**
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

**ENGAGEMENT OF GUEST FACULTY**

AIIMS, Bhubaneswar will hold a **walk-in interview at 1100 hrs on 13th August 2024** at the College of Nursing for the post of **Guest Faculty of 06 subjects - Statistics, Psychology, Sociology, English, Computer, and Odia.** Applicants are advised to refer the detailed advertisement and download the application form from the website **https://aiimsbhubaneswar.nic.in/** and do the needful.

**College of Nursing**
**AIIMS, Bhubaneswar**



**ASKA SCIENCE COLLEGE, ASKA**
(Accredited B++ by NAAC)
P.O.: NUAGAM - 761111, ASKA, DIST.: GANJAM, ODISHA
Website : www.askasciencecollege.com

**TENDER CALL NOTICE**

Aska Science College, Aska, Ganjam, Odisha through open tender invites expression of interest from registered reputed Manufacturing Companies / Firms or their authorized dealers / Agents / Distributors to supply and furnish different furniture for Science Laboratories and Class Rooms as per the tender paper uploaded in the college website www.askasciencecollege.com.

Sd./- Principal



**DISTRICT PROJECT OFFICE**
**SAMAGRA SIKSHYA, BHADRAK**

No. 1456/24 Date. 29.07.2024

**NOTICE**

In continuance to this office advertisement No. 4905 dated 24.08.2015 & as per the approval of the Selection Committee, it is informed that, the Draft Merit List of the candidates, who had applied for the post of Part Time Instructor in Physical Education under the category of Sports persons in Bhadrak District has been uploaded in the District Website **https://bhadrak.odisha.gov.in** and the same is also available at District Project Office, SS, Bhadrak. For objection if any, the applicants are informed to file their objection in the prescribed format available in the website on or before **Dt. 06.08.2024 by 5 pm** during office hour, in the office of the undersigned. The objections will not be considered after due date and time.

The last date for receipt of objection is **Dt. 06.08.2024** 5 pm.

By the order of the Collector-cum-Chairman, SS, Bhadrak
**Sd./- District Project Co-ordinator**
**SS, Bhadrak**



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, गिरिडीह**

**ई– अति अल्पकालीन निविदा आमंत्रण सूचना**

ई– अति अल्पकालीन निविदा सूचना सं०–RDD/SD/GIRIDIH/10/2024-25

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गिरिडीह जिला के बेंगाबाद प्रखण्ड अंतर्गत पंचायत जरुआडीह ग्राम बैजनाथपुर में बैजनाथपुर टोला नाला पर पुल निर्माण। (पुल की लंबाई–44.72 मीटर) | 22769000.00 | 455500.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 31.07.2024
3. ई–निविदा प्राप्ति की तिथि एवं समय – दिनांक 31.07.2024 से दिनांक 08.08.2024 को अपराह्न 05:00 बजे तक।
4. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
5. निविदा खोलने की तिथि एवं समय –10.08.2024 अपराह्न 2:00 बजे।
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
7. ई–निविदा प्रकोष्ठ का दूरभाष सं० – 9431323435 (संबंधित कार्यपालक अभियंता का दूरभाष नम्बर)।
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,गिरिडीह

PR 331044 Rural Development(24-25).D


See Career Appointment on every Wednesday & Saturday

# ଭେଟେରାନରେ ସଂଗ୍ରାମ, ମହିଳା ସିଙ୍ଗଲ୍ସରେ ସମ୍ପଦାଙ୍କୁ ତ୍ରିମୁକୁଟ

## ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

■ସମ୍ପଦା, ସଂଗ୍ରାମ ଓ ଦିବ୍ୟମ ବର୍ଷର ଶ୍ରେଷ୍ଠ ଖେଳାଳି

■ବଲାଙ୍ଗୀର ହେବ ବ୍ୟାଡ୍‌ମିଣ୍ଟନ ହବ୍: ନରସିଂହ



ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ କୃତୀ ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍‌ରେ ମହିଳା ବିଭାଗରେ ସମ୍ପଦା ମହାନ୍ତି ଓ ମାଷ୍ଟରରେ ସଂଗ୍ରାମ ବେହେରାଙ୍କୁ ତ୍ରିମୁକୁଟ ମିଳିଛି । ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଷ୍ଟାଡିୟମ୍‌ର ୪ଟି କୋଟ୍‌ରେ ୩୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳା ଯାଇଥିଲା। ୯ ବର୍ଷ ବୟସ ବର୍ଗ ସିଙ୍ଗଲ୍ସରେ ସମର୍ଥ ପାଢୀ ୧୧ ବୟସ ବର୍ଗ ବାଳକ ସିଙ୍ଗଲ୍ସରେ ଜି.ଗୌତମ, ୧୧ ବୟସ ବର୍ଗ ବାଳିକା ସିଙ୍ଗଲ୍ସରେ ରିଚା ଅଗ୍ରୱାଲ, ୧୩ ବୟସ ବର୍ଗ ବାଳକ ସିଙ୍ଗଲ୍ସରେ ସାଇ ଚନ୍ଦନ ମହାନ୍ତି ଓ ଡବଲ୍ସରେ ସାଇ ଚନ୍ଦନ ମହାନ୍ତି ଏବଂ ସାଇ ଅର୍ପିତ ଖମାରୀ ବିଜେତା ହୋଇଛନ୍ତି। ୧୩ ବୟସ ବର୍ଗ ବାଳିକା ସିଙ୍ଗଲ୍ସରେ ତମନ୍ନା ସାହୁ, ୧୫ ବୟସ ବର୍ଗ ବାଳକ ସିଙ୍ଗଲ୍ସରେ ଶ୍ରେୟାଂଶ କେଜିରିୱାଲ, ଡବଲ୍ସରେ ଆରୁଶ ପଧାନ ଓ ବିଜୟ ଗୁଡିଆ ବିଜେତା ହୋଇଛନ୍ତି। ୧୫ ବୟସ ବର୍ଗ ବାଳିକା ସିଙ୍ଗଲ୍ସରେ ଶୁଭସ୍ମିତା ଛତ୍ରିଆ, ୧୭ ବୟସ ବର୍ଗ ବାଳକ ସିଙ୍ଗଲ୍ସରେ ଦିବ୍ୟାମ୍ କେଜ୍ରିୱାଲ, ବାଳକ ଡବଲ୍ସରେ ଲୋକେଶ ବେହେରା ଓ ଆଶୁତୋଷ ଚକ୍ରବର୍ତ୍ତୀ ବିଜେତା ହୋଇଛନ୍ତି। ୧୭ ବୟସ ବର୍ଗ ବାଳିକା ସିଙ୍ଗଲ୍ସରେ ସମ୍ପଦା ମହାନ୍ତି, ୧୯ ବୟସ ବର୍ଗ ବାଳକ ସିଙ୍ଗଲ୍ସରେ ଜଏସ୍ ଅଗ୍ରୱାଲ, ବାଳକ ଡବଲ୍ସରେ ରୂପେଶ ବେହେରା ଓ ଶ୍ରୀତମ ପ୍ରଧାନ ବିଜେତା ହୋଇଛନ୍ତି। ୧୯ ବୟସ ବର୍ଗ ବାଳିକା ସିଙ୍ଗଲ୍ସରେ ସମ୍ପଦା ମହାନ୍ତି, ପୁରୁଷ ସିଙ୍ଗଲ୍ସରେ ଦିବ୍ୟମ କେଜ୍ରିୱାଲ, ମାଷ୍ଟର ୩୫ ବୟସ ବର୍ଗ ସିଙ୍ଗଲ୍ସରେ ଥବୀର ସାହୁ, ଡବଲ୍ସରେ ଥବୀର ସାହୁ ଓ ମନୋରଞ୍ଜନ ବେହେରା ବିଜେତା ହୋଇଛନ୍ତି। ମାଷ୍ଟର ୪୦ ବୟସ ବର୍ଗ ସିଙ୍ଗଲ୍ସରେ ମନୋରଞ୍ଜନ ବେହେରା ଓ ଡବଲ୍ସରେ ପୂର୍ଣ୍ଣଚନ୍ଦ୍ର ପଟେଲ ଓ ସୁମନ୍ତ ନାଏକ ବିଜେତା ହୋଇଛନ୍ତି। ମାଷ୍ଟର ୪୫ ବୟସ ବର୍ଗ ସିଙ୍ଗଲ୍ସରେ ସୁମନ୍ତ ନାଏକ, ଡବଲ୍ସରେ ଡି.କେ ବାରିକ ଏବଂ ସଂଗ୍ରାମ ବେହେରା ବିଜେତା ହୋଇଛନ୍ତି। ୫୦ ବୟସ ବର୍ଗ ସିଙ୍ଗଲ୍ସରେ ସଂଗ୍ରାମ ବେହେରା, ଡବଲ୍ସରେ ସଂଗ୍ରାମ ବେହେରା ଓ ଡିକେ ବାରିକ ବିଜେତା ହୋଇଛନ୍ତି। ମାଷ୍ଟର ୫୫ ବୟସ ବର୍ଗ ଡବଲ୍ସରେ ଘନଶ୍ୟାମ ମିଶ୍ର ଓ ଡା. ବେଣୁଧର ପାଣ୍ଡେ ବିଜେତା ହୋଇଥିଲେ। ମାଷ୍ଟର ୫୦ ବୟସ ବର୍ଗରେ ସଂଗ୍ରାମ ବେହେରା ଓ ମହିଳା ସିଙ୍ଗଲ୍ସ ବର୍ଗରେ ସମ୍ପଦା ମହାନ୍ତି ବିଜେତା ହୋଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ ଏନ୍. ସୁରେନ୍ଦ୍ର ଓ ମାନଭଞ୍ଜନ ନାଏକ ବିଜେତା ହୋଇଛନ୍ତି। ବର୍ଷର ଶ୍ରେଷ୍ଠ ଖେଳାଳି ଭାବେ ସମ୍ପଦା ମହାନ୍ତି, ସଂଗ୍ରାମ ବେହେରା ଓ ଦିବ୍ୟମ କେଜ୍ରିୱାଲଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ରାଜ୍ୟ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଥିବା ୯ ବର୍ଷର ଖେଳାଳି ସମର୍ଥ ପାଢୀ ଓ ୧୧ ବର୍ଷର ଜି. ଗୌତମ, କେନ୍ଦ୍ରୀୟ ବିଦ୍ୟାଳୟ ରାଜ୍ୟ ଦଳରେ ସ୍ଥାନିତ ନନ୍ଦିନୀଲାଲ, ପିୟୁଷ ନାଗ ଓ ବୈଭବ ସାହୁଙ୍କୁ ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀଙ୍କ ନେତୃତ୍ୱରେ ଆୟୋଜିତ ଜିଲା ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୂର୍ବତନ ବିଧାୟକ ନରସିଂହ ମିଶ୍ର ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ବଲାଙ୍ଗୀରରେ ବ୍ୟାଡମିଣ୍ଟନର ଯେଉଁଳି ଭିତ୍ତିଭୂମି ରହିଛି ଓ ଏଠାକାର ଖେଳାଳିମାନେ ଯେଉଁଳି ଉନ୍ନତ ଖେଳ ପ୍ରଦର୍ଶନ କରୁଛନ୍ତି ଆଗାମୀ ଦିନରେ ବଲାଙ୍ଗୀର ବ୍ୟାଡମିଣ୍ଟନ ହବ୍ ହେବ ବୋଲି ସେ କହିଥିଲେ। ଏହି ଚାମ୍ପିଅନଶିପ୍‌ରେ ଜିଲାର ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ଓ ତୁଷରା ସମେତ ବିଭିନ୍ନ ସ୍ଥାନର ୩୦୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

# ବର୍ଦ୍ଧିତ ମୂଲ୍ୟରେ ଆଳୁ ବିକ୍ରିର ପ୍ରତିବାଦ
# ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର


ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ ବଲାଙ୍ଗୀର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

■ଆଳୁ ଓ ବିଲ୍ ଦାଖଲ କରି ଅଭିନବ ପ୍ରତିବାଦ ଜଣାଇଲେ

■ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ କହିଲେ ବରିଷ୍ଠ ଆଡଭୋକେଟ୍

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ସରକାର ଆଳୁର ଖୁଚୁରା ମୂଲ୍ୟ ସମ୍ପର୍କରେ ଘୋଷଣା କରିଥିଲେ ମଧ୍ୟ ବଲାଙ୍ଗୀର ସହରରେ ସରକାରୀ ନିର୍ଦ୍ଧାରିତ ମୂଲ୍ୟରୁ ଢ଼େର ଚଢ଼ା ଦରରେ ଆଳୁ ବିକ୍ରି ହେଉଛି। ସରକାରଙ୍କ ଘୋଷଣା ଏବଂ ତାଗିଦ୍ ସତ୍ତ୍ୱେ କିଛି ବେପାରୀ ମନଇଚ୍ଛା ଚଢ଼ା ଦରରେ ଆଳୁ ବିକ୍ରି କରୁଥିବାରୁ ବଲାଙ୍ଗୀରରେ ଏହାର ଅଭିନବ ପ୍ରତିବାଦ କରାଯାଇଛି। ସୋମବାର ବଲାଙ୍ଗୀରର ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ ସ୍ଥାନୀୟ ଏକ ଘରୋଇ କମ୍ପାନୀରୁ ୪୨ ଟଙ୍କା ଦରରେ ଏକ କିଲୋ ଆଳୁ କିଣି ସିଧା ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ବିଲ୍ ସହ ଆଳୁ ଦାଖଲ କରିଥିଲେ। ସେଠାରେ ଏକ ଦରଖାସ୍ତ ଲେଖି ରାଜ୍ୟ ସରକାରଙ୍କ ଘୋଷିତ ମୂଲ୍ୟରୁ ଢ଼େର ଅଧିକ ଦରରେ ଖୋଲାଖୋଲି ଆଳୁ ବିକ୍ରି ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ତାହା ଜଣାଇଥିଲେ। ଅଫିସରେ ଯୋଗାଣ ଅଧିକାରୀ ଅନୁପସ୍ଥିତ ଥିବାରୁ ମାର୍କେଟିଂ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ଜ୍ୟୋତିପ୍ରକାଶ ଦାସଙ୍କୁ ବିଲ୍ ଓ ଆଳୁ ଦାଖଲ କରିଥିଲେ। ସ୍ଥାନୀୟ ଏକ ଘରୋଇ କମ୍ପାନୀର ମାର୍ଟରେ ସେ ୪୨ ଟଙ୍କା ଦେଇ ଆଳୁ କିଣିଥିବା ଜଣାଇ ସହରର ଡେଲିମାର୍କେଟ, ବିଭିନ୍ନ ଦୋକାନରେ ଆଳୁ ୪୦ରୁ ୫୦ ଟଙ୍କା ମଧ୍ୟରେ ଖୋଲାଖୋଲି ବିକ୍ରୟ ହେଉଥିବା ସତ୍ତ୍ୱେ ସ୍ଥାନୀୟ ଯୋଗାଣ ବିଭାଗ କି ପ୍ରଶାସନ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଦାବିପତ୍ର ଓ ବିଲ୍ ଗ୍ରହଣ କରିବା ପରେ ମାର୍କେଟିଂ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ଦାସ ଏନେଇ ସେ ଯୋଗାଣ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ। ତେବେ ଦାଖଲ କରିଥିବା ଆଳୁକୁ ସେ ଆଇନଜୀବୀ ଶତପଥୀଙ୍କୁ ଫେରାଇ ଦେଇଥିଲେ। ଗତ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ବଲାଙ୍ଗୀରରେ ଦୋକାନୀ ଓ ବେପାରୀମାନେ ଗ୍ରାହକଙ୍କୁ ଚଢ଼ା ଦରରେ ଆଳୁ ବିକ୍ରି କରୁଥିଲେ ମଧ୍ୟ ସ୍ଥାନୀୟ ଯୋଗାଣ ବିଭାଗ କି ଜିଲା ପ୍ରଶାସନ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରିକି ଆଳୁ ଗୋଦାମ ମଧ୍ୟ ଯାଞ୍ଚ କରାଯାଉନାହିଁ। ଫଳରେ ଗ୍ରାହକମାନେ ହଇରାଣ ହରକତ ହେଉଛନ୍ତି। ଏଦିଗରେ ଶୀଘ୍ର ପଦକ୍ଷେପ ନ ନେଲେ ବାଧ୍ୟହୋଇ ଗ୍ରାହକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଇନଜୀବୀ ଶତପଥୀ କହିଛନ୍ତି।

# ଟ୍ରାକ୍ଟର ଜବତ, ଜଣେ ଗିରଫ

ବଲାଙ୍ଗୀର,୨୯।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅର୍ନ୍ତଗତ ରୁଗୁଡିଖାଲ ଦୋକାନ ସମ୍ମୁଖରୁ ଗତ ୨୧ ତାରିଖ ରାତିରେ ଚୋରି ହୋଇଥିବା ଟ୍ରାକ୍ଟରକୁ ଲୋଇସିଂହା ଥାନା ପୋଲିସ ଜବତ କରିବା ସହ ଅଭିଯୁକ୍ତ ଶାନ୍ତନୁ ବ୍ରହ୍ମଚାରୀ ଓରଫ୍ ମହାନନ୍ଦଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ବଲାଙ୍ଗୀର ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ସୋମବାର ବଲାଙ୍ଗୀରର ଟାଉନ୍ ଥାନାରେ ଏନେଇ ଏକ ଖବରଦାତା ସମ୍ମିଳନୀ ଡାକି ରୁଗୁଡିଖାଲ ଟ୍ରାକ୍ଟର ଚୋରି ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ନଅଗାଁ (ଖ) ଗ୍ରାମର ନିରଞ୍ଜନ ପଧାନ ରୁଗୁଡିଖାଲଠାରେ ଏକ ଦୋକାନ କରିଛନ୍ତି। ସେହି ଦୋକାନ ସମ୍ମୁଖରେ ସେ ତାଙ୍କର ସ୍ୱରାଜ ୭୩୫ ଏଫ୍‌ଇ ଟ୍ରାକ୍ଟର (ନଂ ଓଡି୦୩ଇୁ ୯୮୩୯)କୁ ରଖିଥିଲେ। ଉକ୍ତ ଟ୍ରାକ୍ଟର ସହ ଚାଷଜମି ବେଉଷଣ ଉପକରଣ ମଧ୍ୟ ଲାଗି କରି ରହିଥିଲା। ଗତ ୨୧ ତାରିଖ ବିଳମ୍ବିତ ରାତିରେ ଏହି ଟ୍ରାକ୍ଟର ଚୋରି ହୋଇଯାଇଥିଲା। ନିରଞ୍ଜନ ଏ ସଂକ୍ରାନ୍ତରେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଲୋଇସିଂହା ଥାନାରେ ଏକ ମାମଲା (୨୨୧/୨୪) ରୁଜୁ କରାଯାଇଥିଲା। ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ଲୋଇସିଂହା ଥାନାଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରୁ ବଲାଙ୍ଗୀର ସଦର ଥାନା ଖୁଜେନପାଲି ଗାଁର ଶାନ୍ତନୁ ବ୍ରହ୍ମଚାରୀ ଓରଫ୍ ମହାନନ୍ଦ ଉକ୍ତ ଟ୍ରାକ୍ଟରକୁ ଚୋରି କରି ନେଇ ସୋନପୁରଠାରେ କେଉଁଠି ଲୁଚାଇ ରଖିଥିବା ଜଣାପଡିଥିଲା। ସ୍ୱତନ୍ତ୍ର ଟିମ୍ ପ୍ରଥମେ ଅଭିଯୁକ୍ତ ମହାନନ୍ଦଙ୍କୁ ଗିରଫ କରିଥିଲେ ଓ ସୋନପୁର ଯାଇ ଚୋରି ଟ୍ରାକ୍ଟର ଜବତ କରିଥିଲେ। ଚୋରି ଟ୍ରାକ୍ଟରର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତ ମହାନନ୍ଦଙ୍କ ନାଁରେ ପୂର୍ବରୁ ଖପ୍ରାଖୋଲ ଥାନା ଓ ଆଗଲପୁର ଥାନାରେ ମଧ୍ୟ ପୃଥକ୍ ଦୁଇଟି ଟ୍ରାକ୍ଟର ଚୋରି ମାମଲା ରହିଥିବା ଏସଡିପିଓ ସାହୁ ସୂଚନା ଦେଇଛନ୍ତି।

# ଘର ଭିତର ଉଇହୁଙ୍କାରେ ସାପ, ଶିବଙ୍କୁ ପୂଜାର୍ଚ୍ଚନା

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଗୋପବନ୍ଧୁନଗର ପଡାରେ ଜଣେ ବ୍ୟକ୍ତିଙ୍କ ଘର ଭିତରେ ୫୦ରୁ ଊର୍ଦ୍ଧ୍ୱ ଉଇହୁଙ୍କା ହେବା ଓ ପ୍ରାୟ ୩୦ ବର୍ଷ ହେଲା ନାଗସାପଙ୍କ ସହ ରହି ସେଠାରେ ପରିବାର ଲୋକେ ମହାଦେବ ଓ ନାଗଦେବତାଙ୍କ ପୂଜାର୍ଚ୍ଚନା କରିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରାୟ ୩୦ ବର୍ଷ ତଳେ ଗୋପବନ୍ଧୁନଗର ପଡାର ସନ୍ତୋଷ ବର୍ଗର୍ତ୍ତିଙ୍କ ଘରେ ଅନେକ ଉଇହୁଙ୍କା ବାହାରିଥିଲା। ଏହାକୁ ଭାଙ୍ଗିବା ପରେ ମଧ୍ୟ ପୁଣି ଉଇହୁଙ୍କା ହୋଇଯାଉଥିଲା। କିଛିଦିନ ପରେ ସନ୍ତୋଷଙ୍କ ବଡ ପୁଅ ରାଧାକାନ୍ତଙ୍କୁ ଅଜବ ସ୍ୱପ୍ନାଦେଶ ହେଲା। ତାଙ୍କ ଘର ଭିତରେ ଥିବା ଉଇହୁଙ୍କାରେ ନାଗଦେବତା ରହୁଥିବା ଓ ସେଠାରେ ଗୁପ୍ତେଶ୍ୱର ବାବାଙ୍କୁ ପୂଜାର୍ଚ୍ଚନା କରାଯିବା ନେଇ ସ୍ୱପ୍ନାଦେଶ ହୋଇଥିଲା। ହଠାତ୍ ଦିନେ ରାଧାକାନ୍ତ ଶୋଇଥିବା ବେଳେ ତାଙ୍କ ମୁଣ୍ଡ ନିକଟରେ ନାଗସାପ ଫଣା ଟେକି ରହିଥିବା ଦେଖିବାକୁ ମିଳିଥିଲା। ସେହିଦିନରୁ ରାଧାକାନ୍ତଙ୍କ ମା' ଜୟନ୍ତୀ ସେହି ଘରେ ଥିବା ଉଇହୁଙ୍କାକୁ ଆଉ ନ ଭାଙ୍ଗି ସେଠାରେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଥିଲେ। ସେହିଦିନ ଠାରୁ ଘରେ ଦୁଇଟି ନାଗସାପ ରହୁଥିବା ପରିବାର ଓ ପଡାବାସୀ ବାରମ୍ବାର ଦେଖି ଆସୁଥିଲେ। ପଡା ଓ ଆଖପାଖର ଅନେକ ଶ୍ରଦ୍ଧାଳୁ ମଧ୍ୟ ସେଠାକୁ ଯାଇ ପୂଜାର୍ଚ୍ଚନା ଆରମ୍ଭ କରି ଦେଇଥିଲେ।


ଜୟନ୍ତୀ ବରର୍ତ୍ତି ଘର ଭିତର ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

ପ୍ରାୟ ୨୦ ବର୍ଷ ତଳେ ବିଦ୍ୟୁତ୍ ଆଘାତରେ ରାଧାକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପରେ ସନ୍ତୋଷ ସନ୍ୟାସୀ ଭାବରେ ଜୀବନ ଯାପନ ଆରମ୍ଭ କରିଥିଲେ। ସେହି ଘରେ ସେ ସ୍ତ୍ରୀ ସହ ପୂଜାର୍ଚ୍ଚନା ଜାରି ରଖିଥିଲେ। କିଛି ବର୍ଷ ତଳେ ସନ୍ତୋଷଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଛି। ଅଥଚ ଜୟନ୍ତୀ ପୂଜାର୍ଚ୍ଚନା ଜାରି ରଖିଛନ୍ତି। ସେଠାରେ ନାଗଦେବତା ଓ ମହାଦେବ ଆସ୍ଥାନ ଜମାଇ ରହିଥିବା ବିଶ୍ୱାସ କରନ୍ତି। ଏବେ ବି ଅନେକ ଲୋକ ଉକ୍ତ ଘରର ଆଖପାଖରେ ଦୁଇଟି ସାପ ଚଳପ୍ରଚଳ କରୁଥିବାର ଦେଖିଥିବା କହିଛନ୍ତି। ସେହି ଘର ଭିତରେ ଏବେ ୫୦ରୁ ଊର୍ଦ୍ଧ୍ୱ ଉଇହୁଙ୍କା ରହିଛି। ଘର ଭିତର ଉଇହୁଙ୍କାରେ ଦୁଇଟି ସାପ ରହୁଥିଲେ ମଧ୍ୟ ଏଯାଏ କାହାରି କିଛି କ୍ଷତି କରି ନ ଥିବା ଶ୍ରଦ୍ଧାଳୁମାନେ କହିଛନ୍ତି। ଶ୍ରାବଣ ମାସରେ ପ୍ରତି ସୋମବାର ସେହି ଘରକୁ ଲୋକେ ଯାଇ ପୂଜାର୍ଚ୍ଚନା କରୁଛନ୍ତି। ଜୟନ୍ତୀ ସକାଳୁ ଉଇହୁଙ୍କା ନିକଟରେ କ୍ଷୀର ରଖି କବାଟ ବନ୍ଦ କରିଦିଅନ୍ତି ଓ କିଛି ସମୟ ପରେ କ୍ଷୀର ଉଭାନ ହୋଇଯାଏ। ନାଗଦେବତା ପ୍ରତିଦିନ କ୍ଷୀର ପାନ କରୁଥିବା ଲୋକଙ୍କ ବିଶ୍ୱାସ ରହିଛି। ଘର ଭିତରେ ଛୋଟ ମନ୍ଦିର କରିଛନ୍ତି ଜୟନ୍ତୀଙ୍କ ପରିବାର ଲୋକେ। ଜୟନ୍ତୀଙ୍କ ଘରେ ଏବେ ୬ଜଣ ସଦସ୍ୟ ରହୁଛନ୍ତି। ଉଇହୁଙ୍କା ଥିବା ଘରେ ଶୀତଳଷଷ୍ଠୀ ଯାତ୍ରା ବେଳେ ମଧ୍ୟ ଭିଡ ଜମେ। ସେଠାରେ ପ୍ରତିବର୍ଷ ଭୋଳେବାବାଙ୍କ ଯାନିଯାତ୍ରା ମଧ୍ୟ ପାଳନ କରାଯାଉଛି। ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେଲେ ଭଲ ହୁଅନ୍ତା ବୋଲି ପରିବାର ଲୋକେ କହିଛନ୍ତି।

# ବର୍ଷା ପରେ ଚାଷୀ ତତ୍ପର

ଲୋଇସିଂହା,୨୯।୭(ସୁଶାନ୍ତ ବାରିକ)

ଲଘୁଚାପଜନିତ ଲଗାଣ ବର୍ଷା ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଖରିଫ ଚାଷ ଆଗେଇଛି। ଚାଷପୋଯୋଗୀ ବର୍ଷା ପରେ ଚାଷୀମାନେ ଚାଷ କାମ ପାଇଁ ତତ୍ପର ହୋଇ ପଡିଛନ୍ତି। ଧାର ଜମିରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିବା ବେଳେ ଡିପ ତଥା ଅବଶିଷ୍ଟ ଜମିରେ ରୁଆ, ବିହୁଡା , ବେଉଷଣ କାର୍ଯ୍ୟ ଏବେ ଜୋରସୋରରେ ଚାଲିଛି ।

କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଲୋଇସିଂହା ବ୍ଲକରେ ୨୧୬୫ ହେକ୍ଟର ଜମିରେ ରୋଇବା ସରିଥିବା ବେଳେ ୪୨୦ ହେକ୍ଟରରେ ବେଉଷଣ ଏବଂ ୩୯୮୫ ହେକ୍ଟର ଜମିରେ ଚାଷ ହୋଇଛି । କୃଷି ବିଭାଗ ତଥ୍ୟ ଅନୁଯାୟୀ ବ୍ଲକରେ ୨୧ ହଜାର୨୧୫ ହେକ୍ଟର ଚାଷ ଜମି ରହିଛି । ତନ୍ମଧ୍ୟରୁ ଚଳିତବର୍ଷ ୧୦ ହଜାର ୨୫୦ ହେକ୍ଟର ଜମିରେ ଧାନ ଚାଷ ହେଉଛି । ଶହେ ହେକ୍ଟର ଜମିରେ ଦେଶୀଧାନ, ୩୫୦ ହେକ୍ଟରରେ ସଙ୍କର କିସମ ଧାନ ଓ ୯୮୦୦ ହେକ୍ଟର ଜମିରେ ଅଧିକ ଅମଳ କ୍ଷମ ଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ବର୍ଷାଭାବ ଯୋଗୁ ଖରାଦିନରେ ବୁଣା କିମ୍ବା ପହ୍ଲା ପକା ହୋଇ ପାରି ନ ଥିଲା। ଜୁନରେ ମଧ୍ୟ ବର୍ଷା ହୋଇ ନ ଥିଲା। ଜୁଲାଇ ମଧ୍ୟ ଭାଗରେ ବର୍ଷା ଆରମ୍ଭ ହୋଇଥିଲା । ଏବେ ଲଘୁଚାପ ଜନିତ ଲଗାଣ ବର୍ଷା ପରେ ଚାଷ ଆରମ୍ଭ ହୋଇଛି । ପୂର୍ବ ଭଳି ହଳବଳଦ ନ ଥିବାରୁ ଟ୍ରାକ୍ଟର, ପାୱାଟିଲର ସହାଯ୍ୟରେ ଚାଷ ହେଉଛି । ରୁଆ,ବେଉଷଣ ପାଇଁ ଶ୍ରମିକ ଅବଶ୍ୟକ ପଡୁଛି । ପ୍ରକାଶଥାଉ କି, ବ୍ଲକରେ ଧାନ ଚାଷ ବ୍ୟତୀତ ୯୨୦ ହେକ୍ଟର ଜମିରେ ମକା,୧୫୫ ହେକ୍ଟରରେ ମିଲେଟ, ୩୨୦ ହେକ୍ଟରରେ ତୈଳବୀଜ, ୬୦୬୫ ହେକ୍ଟର ଜମିରେ ଡାଲିଜାତୀୟ ଫସଲ,୨୬୪୦ ହେକ୍ଟରରେ ପରିବା ଆଦି ଚାଷ ହୋଇଥିବା କୃଷି ବିଭାଗ ତଥ୍ୟରୁ ଜଣାଯାଇଛି ।


ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗାଁରେ ମହିଳା ଶ୍ରମିକମାନେ ଘାରିରେ କାମ କରୁଛନ୍ତି।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

ପାଟଣାଗଡ,୨୯।୭(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ବ୍ଲକର ବନେଇମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୦୦ରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ଲମ୍ବା ଧାଡ଼ିରେ ଠିଆହୋଇ ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ରୁଦ୍ରମୋହନ ନାୟକ ଯୋଗ ଦେଇଥିଲେ। ଏବିଡିଓ ମେନକା ମେହେର, ଜିପିଓ ନୀଳକଣ୍ଠ କାଲସାଏ,ସରପଞ୍ଚ ପୁଷ୍ପାବତୀ ମେହେରଙ୍କ ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ

ଲାଠୋର,୨୯।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ବିଶାଖା ନାଏକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ସମ୍ପ୍ରଦାୟ ଯୋଗଦାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜୟଦେବ ଶାଣ୍ଡଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ ଅଭିଭାବିକା ଅଭିଭାବକ ଯୋଗ ଦେଇଥିଲେ । ବିଦ୍ୟାଳୟରେ ଦୀର୍ଘ ଦିନରୁ ଲାଗି ରହିଥିବା ଶିକ୍ଷକ ଅଭାବ, ଶ୍ରେଣୀ ଗୃହ ଅଭାବ ଓ ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଉପସ୍ଥିତ ମହିଳା ପୁରୁଷ ନିଜ ନିଜର ମତ ରଖି ସମସ୍ୟାର ଏକ ତାଲିକା ପ୍ରସ୍ତୁତ କରି ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଲାଠୋର ସରପଞ୍ଚଙ୍କୁ ଏହାର ସମାଧାନ ପାଇଁ ଦେବାକୁ ନିଷ୍ପତ୍ତି ନିଆଯାଇଛି । ଏକ ସପ୍ତାହ ଧରି ଚାଲିଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଗତ ୨୨ ତାରିଖ ଠାରୁ ଶିକ୍ଷଣ ସାମଗ୍ରୀ ଦିବସ, ମଙ୍ଗଳବାର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦିବସ,ବୁଧବାର କ୍ରୀଡା ଦିବସ, ଗୁରୁବାର ସାଂସ୍କୃତିକ ଦିବସ, ଶୁକ୍ରବାର ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ, ଶନିବାର ଇକୋ କ୍ଲବ ସ୍କୁଲ ପୋଷଣ ଦିବସ ଏବଂ ସୋମବାର ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟା ତେଜସ୍ୱିନୀ ଭଇଁସାଲ, କମଳା କୈବର୍ତ୍ତ, ସଦସ୍ୟ ଧନେଶର ମେହେର, କାଳିନ୍ଦ୍ରୀ ସୁନା, ପରମେଶ୍ୱର ତାଣ୍ଡିଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଏବଂ ଶିକ୍ଷୟିତ୍ରୀ ରିମା ବେହେରା, ଶିକ୍ଷକ ରବୀନ୍ଦ୍ର ନାଏକ, ମହାଦେବ ନାଗ ଉପସ୍ଥିତ ଥିଲେ । ଶିକ୍ଷକ ମକୁନ୍ଦଲାଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ସମ୍ପ୍ରଦାୟ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ମହିଳା ପୁରୁଷ ।

# ନ୍ୟାୟ ପାଇଁ ଜିଲାପାଳଙ୍କ ଠାରେ ଫେରାଦ ହେଲେ ଛାତ୍ରୀଛାତ୍ର

ଟିଟିଲାଗଡ଼,୨୯।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ସଇଁତଲା ବ୍ଲକରେ ଗତବର୍ଷ ଖୋଲିଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ପିଲା ବେଲଗାଁ ସରକାରୀ କଲେଜରେ ଅଧ୍ୟୟନ କରିବା ଘଟଣା ସମସ୍ତଙ୍କୁ ଆଚମ୍ବିତ କରିଛି । ସଇଁତଲା ବ୍ଲକର ସିଲେଟପଡାଠାରେ ହୃଷୀକେଶ ପ୍ରିୟବତୀ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଯୁକ୍ତ ୨ କଳା)ନାମରେ ଏହି ଘରୋଇ ଶିକ୍ଷାନୁଷ୍ଠାନ ଖୋଲାଯାଇଛି । ଏହି କଲେଜ ଖୋଲି ପିଲାଙ୍କ ଭବିଷ୍ୟତ ଅନ୍ଧକାରମୟ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ଘଟଣା ନେଇ ସୋମବାର କେବଳ ସାଇନ୍‌ବୋର୍ଡରେ ଚାଲିଥିବା ସମ୍ପୃକ୍ତ ଘରୋଇ କଲେଜର ଛାତ୍ରୀଛାତ୍ର ଓ ଅଭିଭାବକ ବଲାଙ୍ଗୀର ଜିଲାପାଳଙ୍କ ଟିଟିଲାଗଡ଼ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଛନ୍ତି । ସିଲେଟପଡାରେ ଏହି ଘରୋଇ କଲେଜ ଖୋଲି ପିଲାଙ୍କୁ ନାମ ଲେଖାଇ ଠକାମି କରାଯାଇଛି । ବେଲଗାଁ ଉତ୍କଳମଣି ଗୋପବନ୍ଧୁ ଦାଶ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ସେହି କଲେଜର ଜଣେ ଅଧ୍ୟାପକ ପିଲାଙ୍କୁ ପ୍ରବର୍ତ୍ତାଇ ଉକ୍ତ ଘରୋଇ କଲେଜରେ ନାମ ଲେଖାଇ ଥିବା ଅଭିଯୋଗ ହୋଇଛି । ଘରୋଇ କଲେଜର ଭିତ୍ତିଭୂମି ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ବେଲଗାଁ ସରକାରୀ କଲେଜରେ ପାଠ ପଢ଼ିବା ପାଇଁ କୁହାଯାଉଛି । ଗତ ଶିକ୍ଷାବର୍ଷରେ ଉକ୍ତ ଘରୋଇ କଲେଜରେ ୪୩ ଜଣ ନାମ ଲେଖାଇଥିବା ବେଳେ ଚଳିତବର୍ଷ ୨୧ ଜଣ ନାମ ଲେଖାଇ ସାରିଛନ୍ତି । ତେବେ ଏନେଇ ଛାତ୍ରୀଛାତ୍ର ଅନେକ ଥର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଘଟଣା ନେଇ ସ୍ଥାନୀୟ ଜନ ପ୍ରତିନିଧି ତଥା ଅଭିଭାବକ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀଙ୍କୁ ଜଣାଇଥିଲେ । ଉପଜିଲାପାଳ ସଇଁତଲା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ରବିବାର ଉପଜିଲାପାଳଙ୍କ ନିର୍ଦ୍ଦେଶରେ ସହାୟକ ଜିଲାପାଳ ସନ୍ଦୀପ ଚନ୍ଦ୍ରାକର ବେଲଗାଁ ଯାଇ ଛାତ୍ରୀଛାତ୍ରଙ୍କ ବୟାନ ରେକର୍ଡ କରିଥିଲେ । ସୋମବାର ଛାତ୍ରୀଛାତ୍ର ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ସାକ୍ଷାତ କରିଥିଲେ । ଡଲି ଶର୍ମା, ବର୍ଷା ତାଣ୍ଡି, ବସନ୍ତ ଥପା, ଟିଙ୍କୁ ପୁଟେଲ, ଏସ.ବାରିକ, ହିତେଶ ରଣା, ହମିଦ ବଗର୍ତ୍ତି , ଗୁଲାମ ମହିଉଦ୍ଦିନ ଖାନ, ବିକାଶ ଦୀପ ପ୍ରମୁଖ ଛାତ୍ରୀଛାତ୍ର ତଥା ଅଭିଭାବକ ଜିଲାପାଳଙ୍କୁ ଭେଟି ସେମାନଙ୍କୁ ଠକାମି କରାଯାଇଥିବା ଅଭିଯୋଗ କରିଥିଲେ ।

ସୂଚନାଯୋଗ୍ୟ, କେହି ଯେମିତି ଏନେଇ ଟେର୍ ପାଇବେ ନାହିଁ ଏହାକୁ ଦୃଷ୍ଟିରେ ରଖି ବେଲଗାଁ କଲେଜ ଭଳି ସମାନ ୟୁନିଫର୍ମ ଉକ୍ତ ଘରୋଇ କଲେଜ ଛାତ୍ରୀଛାତ୍ର ପିନ୍ଧି କି ଆସୁଥିଲେ । ଘରୋଇ କଲେଜ ଛାତ୍ରୀଛାତ୍ର ବେଲଗାଁ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷା ମଧ୍ୟ ଦେଇଛନ୍ତି । ଘରୋଇ କଲେଜରେ ନାମ ଲେଖାଇବା ପାଇଁ ବେଲଗାଁ କଲେଜର ଅଧ୍ୟକ୍ଷ ଏବଂ ଅଧ୍ୟାପକ ଜଣକ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଛାତ୍ରୀଛାତ୍ରଙ୍କ ଠାରୁ ମୋଟା ଅଙ୍କର ଫି' ମଧ୍ୟ ଆଦାୟ ହୋଇଛି । ଅଭିଭାବକଙ୍କ ଠାରୁ ଅଲଗା ଭାବରେ ଘରୋଇ କଲେଜର ଉନ୍ନତୀକରଣ ନାମରେ ଟଙ୍କା ଅସୁଲ କରାଯାଇଛି । ପୂର୍ବରୁ ବେଲଗାଁ କଲେଜ ଅଧ୍ୟକ୍ଷ ଜଣେ ସାର୍‌ଙ୍କ ଅନୁରୋଧକ୍ରମେ ସେ ଘରୋଇ କଲେଜର ଛାତ୍ରୀଛାତ୍ରଙ୍କୁ ତାଙ୍କ କଲେଜରେ ପାଠ ପଢ଼ିବାକୁ ଅନୁମତି ପ୍ରଦାନ କରିଥିବା କହିଥିଲେ । ବର୍ତ୍ତମାନ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପାଟି ଫିଟାଇବାକୁ ମନା କରୁଛନ୍ତି । ଘରୋଇ କଲେଜରେ ନାମ ଲେଖାଇବା ପାଇଁ ବିଭିନ୍ନ ସ୍ଥାନରେ ମରାଯାଇଥିବା ପୋଷ୍ଟରରେ ବେଲଗାଁ କଲେଜର ସମ୍ପୃକ୍ତ ଅଧ୍ୟାପକଙ୍କ ନମ୍ବର ରହିଛି । ଶିକ୍ଷା ବିଭାଗ ପୋର୍ଟାଲରେ ମଧ୍ୟ ଉକ୍ତ ନମ୍ବର ରହିଛି । ଯୋଗାଯୋଗ ପାଇଁ ଅଧ୍ୟାପକଙ୍କ ପୁଅଙ୍କ ନାମ ଉଲ୍ଲେଖ ରହିଛି । ସମସ୍ତ ବିଷୟରେ ଜିଲାପାଳଙ୍କୁ ଅବଗତ କରାଯାଇଛି । ସବୁଠୁ ବିଡ଼ମ୍ବନାର ବିଷୟ ହେଲା କେବେ କେମିତି ବେଲଗାଁ କଲେଜକୁ ଛାତ୍ରୀଛାତ୍ର ଆସୁଥିବା ଜଣାଯାଇଛି । ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା ଛାତ୍ରୀଛାତ୍ରଙ୍କ ସହ ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ନ୍ୟାୟ ପ୍ରଦାନ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବେହେରା ଦାବି କରିଛନ୍ତି। ଜିଲାପାଳ ଘରୋଇ କଲେଜ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯିବ ଓ ଦୋଷୀ ଦଣ୍ଡ ପାଇବେ ବୋଲି କହିଛନ୍ତି।


ଜିଲାପାଳଙ୍କୁ ଛାତ୍ରୀଛାତ୍ର ଅଭିଯୋଗ କରୁଛନ୍ତି।

## ସାଇନ୍‌ବୋର୍ଡରେ ଘରୋଇ କଲେଜ ଖୋଲିବା ଘଟଣା



# ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ ପାଳିତ

**ବିନିକା ୨୯ । ୭ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅସୁରଗଡ ଭଗବାନ ସାହୁ ଶବ୍ଦାନୃତ ପ୍ରଶିକ୍ଷଣ ଅନୁଷ୍ଠାନ ଆନୁକୁଲ୍ୟରେ ସୋମବାର ସ୍ଥାନୀୟ ଅମରଜ୍ୟୋତି କ୍ଲବ ପରିସରରେ ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଭୁବନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ସାହିତ୍ୟ ଓ ସାଂସ୍କୃତିକ ସଂସଦର ସଭାପତି ଡ଼ ସୁବାସ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଟିକେଲାଲ ରାଉତ, ସମ୍ମାନିତ ଅତିଥି ଭାବେ ସୁନ୍ଦର ସାଏ ନାଟ୍ୟ ଅଭିନେତା ବସୁଦେବ ପଧାନ, ରାଧାକାନ୍ତ ଗଡତିଆ ପ୍ରମୁଖ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଅତିଥିମାନେ ଗୁରୁ ଭଗବାନ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା । ଅତିଥିମାନେ ଗୁରୁ ଭଗବାନ ସାହୁଙ୍କ ଜୀବନଚର୍ଯା ଉପରେ ଆଲୋଚନା କରିବା ସହ ଶବ୍ଦ ନୃତ୍ୟକୁ ଜାତୀୟ ସ୍ତରରେ ପହଞ୍ଚାଇବାର ପ୍ରୟାସ ଆବଶ୍ୟକ ବୋଲି କହିଥିଲେ । ସଭାକୁ ଶିକ୍ଷାବିତ ତଥା କବି ହିମାଂଶୁ ଭୂଷଣ ପଣ୍ଡା ପରିଚାଳନା କରିଥିବା ବେଳେ ସମ୍ପିତ ପାଢ଼ୀ ଧନ୍ୟବାଦ ଦେଇଥିଲେ । ଏଥିରେ ନୃତ୍ୟ ଗୁରୁ ଗଦାଧର ବରିହା, କବି ମର୍ଦ୍ଦରାଜ ବାରିକ, ଜୟଲାଲ ନାୟକ, ଅଗସ୍ତି ହରିପାଲ, ରାଜେନ୍ଦ୍ର ସୁନା, ଶୁକଦେବ ହରିପାଲ, ଉମାକାନ୍ତ ବାରିକ, ଯଦୁ ସେଠୀ, ଦୁଃଶାସନ ମେଲ୍ଲି, ନିରୋଜ ସେଠୀ, ଦୌଲଥ ଭୋଇଙ୍କ ସମେତ ଅମରଜ୍ୟୋତି କ୍ଲବର ସଭ୍ୟା, ଅସୁରଗଡ ଗ୍ରାମବାସୀ ସହଯୋଗ କରିଥିଲେ ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

## ୯୭ଟି ଅଭିଯୋଗ ଶୁଣାଣି

**ଡୁଙ୍ଗୁରିପାଲି, ୨୯।୭(ଦୀନବନ୍ଧୁ ସୁନା)**



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଅନ୍ୟା ଦାସ ଓ ଅନ୍ୟ ଅଧିକାରୀ ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଯୁଗ୍ମ ଜନଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଜନଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ୮୦ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୧୭ଟି ସାମୁହିକ ଅଭିଯୋଗ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁଙ୍କ ସମେତ ଜିଲାସ୍ତରରୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୋନପୁର ସୂରଜ କୁମାର ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲୁ ଓ ଡିଏଲ ଅଶୋକ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବି ଏନ ରେଣ୍ଡୀ, ଗ୍ରାମ୍ୟ ବିଭାଜନ ବିଭାଗ ସୋନପୁର ଉପଖଣ୍ଡଅଧିକାରୀ ବୀରେନ୍ଦ୍ର କୁମାର ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ଉଠାଜଳ ସେଚ ପ୍ରକଳ୍ପ ପ୍ରଫୁଲ୍ଲ କୁମାର ବେହେରା, ଉପ ନିର୍ଦ୍ଦେଶକ ହେଣ୍ଡିକ୍ରାଫ୍ଟ ବନମାଳୀ ଟପ୍ପୋ, ଫରେଷ୍ଟ ରେଞ୍ଜ ଅଫିସର ଡମ୍ବରୁ ଧର ପ୍ରଧାନ, ଉପ ନିର୍ଦ୍ଦେଶକ ହସ୍ତତନ୍ତ ବିନୟ ପୃଷ୍ଟି, ଜି.ଏମ. ଜିଲ୍ଲା ଶିଳ୍ପ କେନ୍ଦ୍ର ଅଭିଜିତ ତ୍ରିପାଠୀ, ସିଡିଭିଓ ପରମାନନ୍ଦ ସେଠୀ, ତହସିଲଦାର ରାମପୁର ବିମଳ ପାତ୍ର, ଡେପୁଟି କଲେକ୍ଟର (ଗ୍ରୀଭେନସ) ଶୁଭଶ୍ରୀ ରଥ,ସିଡିପିଓ ଜୟନ୍ତୀ ଗଡତିଆ, ଏଇ ସୁବନାଦ ମାଝୀ, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଡୁଙ୍ଗୁରିପାଲି ବଣିକ ସଂଘ ପକ୍ଷରୁ ବରଗଡ –ବରିଗୁମା ୨୬ ନମ୍ବର ଜାତୀୟ ରାଜପଥର ଡୁଙ୍ଗୁରିପାଲି ଶିଶୁ ମନ୍ଦିର ଛକ ଠାରୁ ଏଫସିଆଇ ଛକ ରାସ୍ତା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇ ମରଣଯନ୍ତା ହୋଇ ଥିବା ନେଇ ଶୀଘ୍ର ମରାମତି କରିବା ସକାଶେ ଅଭିଯୋଗ ହୋଇ ଥିବା ବେଳେ ଗତ ଶୁକ୍ରବାର ଦିନ ବ୍ଲକ ପରିସରରେ ଇଚ୍ଛାପୁର ସରପଞ୍ଚଙ୍କୁ ଭୁଜାଳିରେ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତ ଦୁଇ ଜଣକୁ ଶୀଘ୍ର ଗିରଫ କରିବା ନେଇ ଡୁଙ୍ଗୁରିପାଲି ସରପଞ୍ଚ ସଂଘ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ସର୍ବାଧିକ ଭତ୍ତା ଓ ଗୃହ ନିର୍ମାଣକୁ ନେଇ ଶିବିରରେ ଅଭିଯୋଗ ହୋଇଥିଲା।

# ଜାତୀୟ ହସ୍ତତନ୍ତ ପୁରସ୍କାର ପାଇବେ ବୀରମହାରାଜପୁରର ରସାନନ୍ଦ

**ଅମରପାଲି, ୨୯।୭(ପୀତାମ୍ବର ସାହୁ)**



ରସାନନ୍ଦ ମେହେର(ଫାଇଲ ଫଟୋ)

ହସ୍ତତନ୍ତ କଳାରେ ନିପୁଣ ବୁଣାକାର ବିଭିନ୍ନ ପ୍ରକାର ଡିଜାଇନରେ ଶାଢ଼ୀ ତିଆରି କରି ଦେଶ ତଥା ଦେଶ ବାହାରେ ଖ୍ୟାତି ଅର୍ଜନ କରିଥିବାବେଳେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ପାଇ ରାଜ୍ୟ ତଥା ଜିଲାର ନାମ ଉଜ୍ଜ୍ୱଳ କରିଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବାନ୍ଧ କାରିଗର ଓ ବୁଣାକାର। ଏହି କ୍ରମରେ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ଟିକିରାପଡା ଗ୍ରାମର ବାନ୍ଧ କାରିଗର ରସାନନ୍ଦ ମେହେର ୨୦୨୩ ବର୍ଷ ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ହସ୍ତତନ୍ତ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏନେଇ ତାଙ୍କ ନାମ ଘୋଷଣା ହେବା ପରେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳାଇ ଯାଇଛି। ରସାନନ୍ଦ ୬୫ ବର୍ଷ ବୟସରେ ମଧ୍ୟ ଦୈନିକ ପ୍ରାୟ ୮ ରୁ ୧୦ ଘଣ୍ଟା ବାନ୍ଧ ଓ ଲୁଗାବୁଣା କାମ କରିଥାନ୍ତି । ଏହି କାର୍ଯ୍ୟରେ ପରିବାରର ସମସ୍ତ ଛୋଟରୁ ବଡ ସଦସ୍ୟ ସହଯୋଗ କରିଥାନ୍ତି। ରସାନନ୍ଦ ପଞ୍ଚମ ଶ୍ରେଣୀ ଯାଏ ପାଠ ପଢିଥିଲେ ମଧ୍ୟ ସେ ୧୩ ବର୍ଷ ବୟସରୁ ନିଜେ ସ୍ୱତନ୍ତ୍ର କିଛି କରିବାକୁ ଚେଷ୍ଟା କରି ଆସୁଥିଲେ। ସେ ପୂର୍ବରୁ କେବଳ ସାଧାରଣ ଶାଢ଼ୀ ବୁଣୁଥିବା ବେଳେ ଏବେ ବିଭିନ୍ନ ଡିଜାଇନର ବାନ୍ଧରେ ଡିଜାଇନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଜିଆଇ ଟେଗର ବିଭିନ୍ନ ପ୍ରତୀକ ଦେଇ ବାନ୍ଧରେ ଡିଜାଇନ କରି ଜାତୀୟ ହସ୍ତତନ୍ତ ପୁରସ୍କାର ପାଇବାକୁ ମନୋନୀତ ହୋଇପାରିଛନ୍ତି। ଏହି ପୁରସ୍କାର ପାଉଥିବା ମେହେର ପୂର୍ବ ରୁ ମଧ ସୁନ୍ଦର ବାନ୍ଧ ପାଇଁ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ରସାନନ୍ଦଙ୍କ ୫ ଝିଅ ଓ ୨ ପୁଅ। ସମସ୍ତେ ବିବାହିତ ଅଛନ୍ତି। ଦୁଇ ପୁଅ ବାହା ହୋଇ ସେମାନେ ମଧ ଏହି କୌଳିକ ବୃତ୍ତିରେ ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟରେ ପୁରସ୍କୃତ ହୋଇ ସାରିଛନ୍ତି । ରସାନନ୍ଦଙ୍କ ଏହି ସଫଳତା ପାଇଁ ଏବେଠୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଟାଙ୍ଗରସାହି ଗ୍ରାମରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ନଳକୂପ । ଲୋକେ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏହିଭଳି ଅନେକ ନଳକୂପ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ଅଥଚ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ ।

# ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ବୌଦ୍ଧ, ୨୯।୭(ଅଜିତ କୁମାର ବାରିକ)**




ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ସୋମବାର ଦିନ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜେ.ସୋନାଲଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶିବିରରେ ସମୁଦାୟ ୪୧ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ମାମଲା ଓ ୫ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। । ଏହି ଶିବିରରେ ୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ,ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଏସଡିପିଓ କୁଳଦୀପ ମିନା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅଧ୍ୟକ୍ଷା ରେଖା ପଧାନ ସମ୍ମାନିତ



ଅଧ୍ୟକ୍ଷା ଡ. ରେଖା ପଧାନଙ୍କୁ ଦିଲ୍ଲୀରେ ସମ୍ମାନିତ କରାଯାଉଛି।

**ବିନିକା, ୨୯ । ୭ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ରେଖା ପଧାନ, ଉପାଧି ଲାଭ କରିଛନ୍ତି । ସୂଚନା ମତେ ଗତ ୨୦ ତାରିଖରେ ଆଇକୋନିକ ପିସ ଆୱାର୍ଡ କାଉନସିଲ ନିୟୁଦିଲ୍ଲୀ ଦ୍ୱାରା ସାଂସ୍କୃତିକ ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀ ସ୍ଥିତ ସାମ୍ବିଧାନିକ ଭବନ ଠାରେ ବିଶିଷ୍ଟ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଛନ୍ତି । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଲୋକସଭା ସଦସ୍ୟ ନରେଶ ବଂଶଲ, ଆଇପିଏସ ସଚିନ ଗୁପ୍ତା, (ଗୃହ ବିଭାଗ ଭାରତ ସରକାର),ଆଚାର୍ଯ୍ୟ ୟୁଇସି ଫୁଟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଜୟ ସାମ୍ପଲଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଗୋଆ ରାଜ୍ୟର ବିଚାରପତି ସୁସ୍ମିତା ଆଇଚ, ଅଧ୍ୟକ୍ଷା ଡ଼ ପଧାନଙ୍କୁ ଉପଢ଼ୌକନ ସହିତ ସମ୍ମାନିତ କରିଥିଲେ। ଏହି ଖୁସିରେ ସୋମବାର ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଅଧାପିକା ଅଧାପକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ହୋଇଥିଲେ। ଅଧାପକ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରି ଅଧ୍ୟକ୍ଷା ଡ଼ ପଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅଧାପକ ନିରଞ୍ଜନ ପାଣ୍ଡିଆ, ବିଜୟ ସାହୁ ନୀଳମାଧ ଛତ୍ର, ଝଲକ ମିଶ୍ର ଆଶୀର୍ବାଦ ପଧାନ, ମନୋଜ ମେହେର, ଆଶୁତୋଷ ପୁରୋହିତ, ଦିପ୍ତିମୟୀ ଭୋଇ, ଜିତେନ୍ଦ୍ର ଦଣ୍ଡଷନା, ଝସକେତନ ମେହେର, ମନୋଜ ନାଏକ ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷାଙ୍କ ଗୁଣଗାନ କରିଥିଲେ । ଅଧାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଝସକେତନ ମେହେର ଧନ୍ୟବାଦ କରିଥିଲେ ।

# ଖେଳ ପଡ଼ିଆରୁ ଆବର୍ଜନା ସଫା କରାଯାଉ

**ତରଭା, ୨୯।୭(ମାନଭଞ୍ଜନ ମିଶ୍ର)**



ଖେଳ ପଡିଆରେ ପଡିଛି ଆବର୍ଜନା ।

ତରଭା ସରକାରୀ ବାଳକ ହାଇସ୍କୁଲ ଖେଳ ପଡିଆରେ ପଡିଥିବା ଆବର୍ଜନା ସଫା କରାଯିବା ପାଇଁ ଦାବି ହେଉଛି। ବିବରଣୀ ଅନୁଯାୟୀ ତରଭା ସହରରେ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ରଥଯାତ୍ରା ପାଇଁ ଜନସାଧାରଣଙ୍କ ମନୋରଞ୍ଜନ ସକାଶେ ଏକ ମିନା ବଜାର ତରଭା ସରକାରୀ ବାଳକ ହାଇସ୍କୁଲ ଖେଳ ପଡିଆଠାରେ ପଡିଥିଲା। ପ୍ରତିଦିନ ହଜାର ହଜାର ଲୋକ ରଥଯାତ୍ରା ଦେଖିବା ପାଇଁ ଆସି ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ମିନା ବଜାରର ମଜା ନେଇଥିଲେ। ଏହି ମିନା ବଜାରରେ ଷ୍ଟଲଗୁଡିକରେ ବିଭିନ୍ନ ଖେଳନା ସାମଗ୍ରୀ, ବିଭିନ୍ନ ସୌଖିନ ଜିନିଷର ଦୋକାନ, ଫାଷ୍ଟ ଫୁଡ ସେଣ୍ଟର ଖୋଲିଥିବା ସହିତ ଅନେକ ଗୁଡ଼ିଏ ଜଳଖିଆ ଦୋକାନ ଖୋଲିଥିଲା। ଲୋକମାନେ ଜଳଖିଆ ଖାଇବା ପରେ ଦନା ଓ ପେପର ପ୍ଲେଟ ଗୁଡିକ କେତେକ ଲୋକ ଦୋକାନିର ଡଷ୍ଟବିନରେ ପକାଇଥିବା ସହିତ ଆଉ କେତେକ ଲୋକ ଇତସ୍ତତଃ ଫୋପାଡି ଦେଇଥିଲେ। ରଥଯାତ୍ରା ସରି ଅନେକ ଦିନ ହୋଇ ଗଲାଣି,ହେଲେ ଏନଏସି କର୍ମଚାରୀ ପଡ଼ିଆରୁ ଅଳିଆ ସଫା କରିବାର ନାମ ଧରୁନାହିଁ। ଫଳରେ ଉକ୍ତ ଆବର୍ଜନା ଉପରେ ବର୍ଷାପାଣି ପଡି ବର୍ତ୍ତମାନ ଦୁର୍ଗନ୍ଧ ବାହାରି ପରିବେଶ ନଷ୍ଟ ହେବା ସହିତ ବାୟୁ ପ୍ରଦୂଷଣ ହେଉଛି। ପ୍ରତ୍ୟେକ ଦିନ ଏହି ଖେଳପଡିଆରେ ଖେଳାଳିମାନେ ସକାଳ ସମୟରେ ଫୁଟବଲ ଖେଳୁଥିଲେ। ମିନବଜାର ବସିବା ଦିନଠାରୁ ଫୁଟବଲ ଖେଳ ବନ୍ଦ ହୋଇଯାଇଛି। ଏ ବିଷୟରେ ଉପନଗରପାଳ ଗଗନ କୁମାର ଅଗ୍ରୱାଲଙ୍କୁ ପଚାରିବାରୁ ବର୍ଷା ଛାଡ଼ିଲେ ପଡ଼ିଆରୁ ସମସ୍ତ ଆବର୍ଜନା ସଫା କରାଯିବ ବୋଲି ପ୍ରକାଶ କରିଥିଲେ। ଏନଏସି ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପଡ଼ିଆ ସଫା କରିବାକୁ ଜନସାଧାରଣରେ ଦାବି ହେଉଛି।

# ଶତାୟୁ ମହିଳାଙ୍କ ପରଲୋକ



**ଖୁଣ୍ଟିଗୋରା, ୨୯।୭ (ମକରନ୍ଦ ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଗ୍ରାମର ଚାନ୍ଦ ସାହୁ (୧୦୦)ଙ୍କ ରବିବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣା ମହିଳା ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ମୃତ୍ୟୁ ସମୟରେ ତାଙ୍କର ୫ ପୁଅ , ଝିଅ, ବୋହୂ, ନାତୁଣୀ ନାତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ପୁଅ ଅଖିଳ ଚରଣ ସାହୁ ମୁଖାଗ୍ନି ଦେଇଥିଲେ।

# ବାରହା ଜବତ, ଶିକାରୀ ଗିରଫ

**ବୌଦ୍ଧ, ୨୯।୭( ଅଜିତ କୁମାର ବାରିକ)**

ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ପହ୍ଲତୋଳା ଅଭୟାରଣ୍ୟ ମଧ୍ୟରେ ଅବାଧ ପଶୁ ଶିକାର ଚାଲିଛି । ରବିବାର କୁଶଙ୍ଗ ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟର ଶୀତଳପାଣି ବିଟ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଖବର ପାଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଚଢାଉ ସମୟରେ ଗୋଟିଏ ଗୁଳିବିଦ୍ଧ ବାରହା ମୃତଦେହ ଜବତ କରାଯାଇଥିଲା । ଏହି ଘଟଣାରେ ପୁରୁଣାକଟକ ଥାନା ସାଲକଟା ଗ୍ରାମର ଶିକାରୀ ସୁଧିର ଭୋକ୍ତା(୩୬)ଙ୍କୁ ଗିରଫ କରାଯିବା ସହିତ ତାଙ୍କ ଠାରୁ ଗୋଟିଏ ଦେଶୀ ଚୋରା ବନ୍ଧୁକ ଜବତ କରାଯାଇଥିଲା । ଘଟଣାରେ ସମ୍ପୃକ୍ତ ଆଉ ଦୁଇଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ଗିରଫ ଶିକାରୀଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି । ଅଭୟାରଣ୍ୟରେ ଦିନକୁ ଦିନ ଅବାଧ ବନ୍ୟଜନ୍ତୁ ଶିକାର ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବାରେ ବନ୍ୟପ୍ରାଣୀ ବିଭାଗ ଫେଲ୍ ମାରିଛି ।



ଅଭିଯୁକ୍ତ ଓ ବନ କର୍ମଚାରୀ ।

# ୪ ମାସ ପରେ ବି ରାସ୍ତା ଦେବାରେ ପ୍ରଶାସନ ବିଫଳ

## ଅମରପାଲି-ଗୁଦଗୁଦା ରାସ୍ତାରେ ବାଡ଼ ଦେଇ ଅବରୋଧ ଘଟଣା

## ■ଆନ୍ଦୋଳନ ପାଇଁ ସଜବାଜ ଗ୍ରାମବାସୀ

**ଅମରପାଲି, ୨୯।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି – ଗୁଦଗୁଦା ନିର୍ମାଣାଧିନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଛନ୍ତି। ଦୀର୍ଘ ୪ ମାସ ହେଲା ରାସ୍ତା ବନ୍ଦ ଥିଲେ ମଧ ଏଥିପ୍ରତି ନା ପ୍ରଶାସନ ନା ଜନ ପ୍ରତିନିଧି କାହାରି ଦୃଷ୍ଟି ପଡ଼ିପାରୁ ନାହିଁ। ଫଳରେ ଯାତାୟତରେ ବାଧାପ୍ରାପ୍ତ ହେଉଛି।

ସୂଚନା ଅନୁସାରେ ଅମରପାଲି ପୂର୍ତ୍ତ ବିଭାଗର ରାସ୍ତାରୁ ଗୁଦଗୁଦା ଗ୍ରାମକୁ ପ୍ରାୟ ୨ କିମି ଅଟେ। ଦୀର୍ଘ ଦିନର ଦାବି ପରେ ଉକ୍ତ ଗ୍ରାମକୁ ଏବେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଥିଲା। ରାସ୍ତା ପାଇଁ ଏକ ପୋଲ ନିର୍ମାଣ ମଧ ଅନ୍ତିମ ପର୍ଯ୍ୟାୟରେ ରହିଛି। ତେବେ ଗତ ମାର୍ଚ୍ଚ ୨୬ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଉକ୍ତ ରାସ୍ତାର ମଝିରେ ଏକ ବାଡ ଦେଇ ଅବରୋଧ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ ଉକ୍ତ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି ଅଟେ। ତେଣୁ ସେମାନେ ବାଡ ଦେଇଥିଲେ । କିଛି ବର୍ଷ ପୂର୍ବରୁ ମଧ ସେମାନେ ଏହି ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ମାତ୍ର ସେହି ସମୟରେ ଆଲୋଚନା କରି ରାସ୍ତା ଛାଡ଼ି ଦିଆଯାଇଥିଲା। ତେବେ ରାସ୍ତା ନିର୍ମାଣ ହେଉଥିବା ବେଳେ ଗତ ମାର୍ଚ୍ଚ ୨୬ ତାରିଖରେ ପୁଣି ରାସ୍ତା ଅବରୋଧ କରିଥିଲେ। ଏନେଇ ଗତ ମାର୍ଚ୍ଚ ୨୭ରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ବିଭାଗ ତରଫରୁ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମରେ କେନଝିରିଆପାଲି ରାଜସ୍ୱ ନୀରିକ୍ଷକ ଘଟଣା ସ୍ଥଳକୁ ଆସି ଉକ୍ତ ରାସ୍ତାର ଜମି ଚିହ୍ନଟ କରିଥିଲେ। ତେବେ ସେହି ସମୟରେ ଗ୍ରାମବାସୀଙ୍କ ଆଲୋଚନାର ଦୁଇ ଦିନ ପରେ ରାସ୍ତା ଅବରୋଧ ହଟାଇ ଦିଆ ଯାଇଥିଲା। ମାତ୍ର ପୁଣି କିଛି ଦିନ ପରେ ସେହି ବ୍ୟକ୍ତିମାନେ ରାସ୍ତା ରେ ବାଡ ଦେଇ ଅବରୋଧ କରିଥିଲେ। ଫଳରେ ଉକ୍ତ ଗ୍ରାମକୁ କୌଣସି ଗାଡ଼ି ମୋଟର ଯାତାୟାତ କରି ପାରୁ ନାହିଁ। ଏପରିକି ଆମ୍ବୁଲାନ୍ସ ମଧ ଯାଇ ପାରୁ ନାହିଁ। ଉକ୍ତ ରାସ୍ତା ଦେଇ ଅମରପାଲି, ଗୌଡଗାଡ, ବହଳପଦର ଓ ବୀରମହାରାଜପୁର ଅଞ୍ଚଳର ଲୋକେ ଚାରମାଲ,ରେଢାଖୋଲ ଆଦି ଅଂଚଳକୁ ଯାତାୟାତ କରିଥାନ୍ତି। ଯାତାୟତ ହୋଇ ପାରୁ ନ ଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବରୋଧକାରୀଙ୍କ ସହିତ ଗ୍ରାମବାସୀଙ୍କ ଆଲୋଚନା ପରେ ମଧ ଏହାର ସମାଧାନ ହୋଇ ପାରିଲା ନାହିଁ। ରାସ୍ତା ଅବରୋଧ ଫଳରେ ନୂତନ ଭାବେ ନିର୍ମିତ ହେଉଥିବା ରାସ୍ତା କାମ ଆଗେଇ ନ ପାରି କାମ ବନ୍ଦ ହୋଇ ପଡ଼ିଛି। ତେଣୁ ଗୁଦଗୁଦା ଗ୍ରାମବାସୀ ପ୍ରଥମେ ବୀରମହାରାଜପୁର ତହସିଲଦାର, ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ପରେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ ମଧ କରିଥିଲେ। ଗ୍ରାମବାସୀ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରି ଏହାର ସମାଧାନ କରି ଗ୍ରାମର ରାସ୍ତା ସ୍ୱଭାବିକ କରିବାକୁ ଅନୁରୋଧ କରିଥିଲେ। ଗ୍ରାମବାସୀ ଗ୍ରାମକୁ ରାସ୍ତା ଦେବା ପାଇଁ ଯେତେଥର ଅଭିଯୋଗ କରୁଛନ୍ତି ତସହିଲ ତରଫରୁ ସେତିକି ଥର ଉକ୍ତ ସ୍ଥାନକୁ ଆସି କେବଳ ସେହି ସ୍ଥାନର ଜମି ମାପ କରୁଛନ୍ତି। ମାତ୍ର ଆଜିକୁ ଚାରି ମାସ ପରେ ବି ବନ୍ଦ ଥିବା ରାସ୍ତାର ବାଡ ଖୋଲି ଗ୍ରାମକୁ ରାସ୍ତା ଦେବାରେ ପ୍ରଶାସନ ବିଫଳ ହୋଇଛି। ଉକ୍ତ ଗ୍ରାମର ଲୋକେ ଏବେ ନାହିଁ ନ ଥିବା ହଇରାଣ ହେଉଥିଲେ ମଧ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀ ବଡ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।



ଗୁଦଗୁଦା ଗ୍ରାମର ରାସ୍ତା ମଝିରେ ବାଡା ଦେଇ ଅବରୋଧ କରାଯାଇଛି।

## ସଂକ୍ଷେପରେ

### ଫେରାର ୨ ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୨୯।୭(ମହେନ୍ଦ୍ର କୁମାର ସାହୁ): କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେତ୍ରାବାହାଲ ଗ୍ରାମରେ ବଳଦ କାଟି ମାଂସ ବିକ୍ରି କରିବା ସମୟରେ ପୋଲିସ ଚଢ଼ାଉ କରିଥିଲା। ୨ ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଫାଣ୍ଡି ପୋଲିସ ସୋମବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତେତ୍ରାବାହାଲ ଗ୍ରାମର ଅମିଶ ଟିଗ୍ଗା(୩୪) ଓ ସୁକ୍ରା ତିଗ୍ଗା(୩୯)।

### ବାଲ୍ ସୁଧାର ଗୃହକୁ ଗଲେ ନାବାଳକ

ବଡ଼ଗାଁ,୨୯।୭(ଅଶୋକ ଷଡ଼ଙ୍ଗୀ): ୨ଦିନ ପୂର୍ବେ ସାହାଜବାହାଲ ବଜାର ଛକରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ରବିବାର ପୋଲିସ ଜଣେ ନାବାଳକକୁ ରାଉରକେଲା ବାଲ ସୁଧାର ଗୃହକୁ ପଠାଇଛି। ଏଥିସହ ତାଙ୍କ ନିକଟରୁ ୪ଟି ଚୋରି ମୋବାଇଲ ଜବତ କରିଛି। ଘଟଣା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସାହାଜବାହାଲ ବଜାର ଛକରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିଲା। ଘଟଣା ବିଷୟରେ ଦୋକାନ ମାଲିକ ପ୍ରଶାନ୍ତ କୁମାର ସାହୁ ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବଡ଼ଗାଁ ଥାନା ଏଏସଆଇ ଉମାକାନ୍ତ ନାଏକ ଘଟଣାର ତଦନ୍ତ କରି ଚୋରି ଘଟଣାର ପର୍ଦ୍ଦାଫାଶ କରିଛନ୍ତି। ଚୋରି ମୋବାଇଲ ଡୁଡାଲଗା ବସଷ୍ଟାଣ୍ଡରେ ଜଣେ ନାବାଳକ ବିକ୍ରି କରିବାକୁ ଆଣିଥିବା ସୂଚନା ପାଇ ବଡ଼ଗାଁ ପୋଲିସ ତାକୁ ପଚରାଉଚରା କରିଥିଲେ। ପରେ ଘଟଣାର ଗୁମର ଫିଟିଥିଲା। ଏହି ଚୋରି ଘଟଣାରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### ଜୟ ହିନ୍ଦ କ୍ଳବର କମିଟି ଗଠନ, ପ୍ରସ୍ତୁତି ବୈଠକ

ବଡ଼ଗାଁ,୨୯।୭(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଜୟ ହିନ୍ଦ କ୍ଳବର ବାର୍ଷିକ ବୈଠକ ନୂତନ କମିଟି ଗଠନ ଓ ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଳବର ବରିଷ୍ଠ କର୍ମକର୍ତ୍ତା ଅଶୋକ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ କ୍ଳବ ସଦସ୍ୟଙ୍କୁ ନେଇ ବାର୍ଷିକ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବାର୍ଷିକ ବୈଠକ ପରେ କ୍ଳବର ନୂତନ କମିଟି ଗଠନ କରାଯାଇଥିଲା। ସର୍ବ ସମ୍ମତି କ୍ରମେ ରାଜା ହାଁସଦାଙ୍କୁ ସଭାପତି, ଦିନେଶ ଟପ୍ପୋ ଉପ ସଭାପତି, କିରନ ହାଁସଦା ସମ୍ପାଦକ, ପିୟୁସ ସୋରେଙ୍ଗ ଯୁଗ୍ମ ସମ୍ପାଦକ ଓ ସଞ୍ଜୀବ ବାଗେଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲାବେଳେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, କ୍ଷେତ୍ରବାସୀ ପଣ୍ଡା, ଲବଣୀଧର ପୃଷେଟ,ସଞ୍ଜୀବ ବାଗେ, ଡୁଡାଲଗା ସରପଞ୍ଚ ସୁଦୀପ ବାଡା , ଅଶୋକ ଷଡ଼ଙ୍ଗୀଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ସେହିପରି ଟୁର୍ନାମେଣ୍ଟ କମିଟିର ସଭାପତି ଭାବେ ରାଜା ହାଁସଦା, ସଞ୍ଜୟ ସୋରେଂଙ୍କୁ ସମ୍ପାଦକ, ପିୟୁସ ସୋରେଙ୍ଗଙ୍କୁ ଯୁଗ୍ମ ସମ୍ପାଦକ ଓ ସଞ୍ଜୀବ ବାଗେଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଟୁର୍ନାମେଣ୍ଟ କରାଯିବାକୁ ସ୍ଥିର କରାଯାଇଛି।

### ସାପ କାମୁଡ଼ାରେ ଚିକିତ୍ସିତ ନାବାଳକ ମୃତ

ରାଉରକେଲା,୨୯।୭(ଦିନେଶ ମିଶ୍ର): କୁଆଁରମୁଣ୍ଡା ଥାନା ଅନ୍ତର୍ଗତ ଚୁଟିଆଟୋଲା ବସ୍ତିରେ ଜଣେ ନାବାଳକଙ୍କୁ ସାପ କାମୁଡି ଦେଇଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ସଜିନ ଏକ୍କା(୧୭)। ସୂଚନାଯୋଗ୍ୟ, ସଜିନ ଶନିବାର ରାତିରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଆର୍‌ଜିଏଚକୁ ସ୍ଥାନାନ୍ତର କରାଯାଇଥିଲା।



ଆଲୋଚନାଚକ୍ରରେ ଉପସ୍ଥିତ ଆର୍‌ଏସ୍‌ପି କର୍ମଚାରୀ ଓ ଅନ୍ୟମାନେ।

# କେନ୍ଦ୍ରୀୟ ବଜେଟ ଉପରେ ଆଲୋଚନାଚକ୍ର

ଚରାଉରକେଲା,୨୯।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ବିତ ଓ ଲେଖା ବିଭାଗ ଏବଂ ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟସ ଅଫ ଇଣ୍ଡିଆ(ଆଇସିଏଆଇ),ରାଉରକେଲା ଅଧ୍ୟାୟର ମିଳିତ ଆନୁକୂଲ୍ୟରେ କେନ୍ଦ୍ରୀୟ ବଜେଟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଏକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସମ୍ମିଳିତ ଅତିଥିମାନେ ପାରିତ ହୋଇଥିବା ବଜେଟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗର ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥିଭାବେ ଆର୍‌ଏସପିର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବିଶ୍ୱବିଦ୍ୟାଳୟର କୁଳପତି ତଥା ଏଏସସିଆଇ ହାଇଦ୍ରାବାଦର ପୂର୍ବତନ ଅଧ୍ୟକ୍ଷ କୈଳାଶଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠିତ ଆଲୋଚନା ଚକ୍ରରେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ, ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ, ବାଣିଜ୍ୟିକ ବିଭାଗ ସିଜିଏମ ତଥା ଆଇସିଏଆଇ ରାଉରକେଲା ଅଧ୍ୟାୟର ଅଧ୍ୟକ୍ଷ ଡକ୍ଟର ଜି.ଏସ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିସହିତ ବହୁ ସିଜିଏମ,କାରଖାନାର ବରିଷ୍ଠ ଅଧିକାରୀ ଏବଂ ଆଇସିଏଆଇ,ରାଉରକେଲା ଅଧ୍ୟାୟର ସଦଶ୍ୟ ଓ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭୌମିକ ଇସ୍ପାତଶିଳ୍ପ ସମ୍ମୁଖିନ ହେଉଥିବା ଆହ୍ୱାନ ଗୁଡିକ ବିଷୟରେ ଉଲ୍ଲେଖ କରିଥିଲେ। ଇସ୍ପାତ ଶିଳ୍ପ କ୍ଷେତ୍ରରେ କେନ୍ଦ୍ର ବଜେଟର ବିଶେଷତ୍ୱ ରହିଛି। ତେଣୁ ବଜେଟକୁ ହୃଦୟଙ୍ଗମ କରିବା ଆମ ସମସ୍ତଙ୍କ ପାଇଁ ଜରୁରୀ, ଯାହାଦ୍ୱାରା ଆମେ ଆମର ରଣନୀତି ପ୍ରସ୍ତୁତ କରିପାରିବା ଓ ଆମର ପ୍ରଦର୍ଶନରେ ଅଧିକରୁ ଅଧିକ ଉନ୍ନତ ସାଧନ କରିପାରିବା ବୋଲି ସେ କହିଥିଲେ। ପରେ ମୁଖ୍ୟବକ୍ତା ମିଶ୍ର ନିଜ ବକ୍ତବ୍ୟରେ କେନ୍ଦ୍ରୀୟ ବିତମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ବେଜେଟର ଅଷ୍ଟମ ପ୍ରାଥମିକତା ଯଥା ଅଭିନବତା,ବିକାଶ ଓ ଅନୁସନ୍ଧାନ ଉପରେ ବିଶେଷ ଦ୍ରଷ୍ଟବ୍ୟ ରଖିଥିଲେ। ଏଥିସହିତ ଇସ୍ପାତ ଉଦ୍ୟୋଗ ଭାବେ ଆର୍‌ଏସପିକୁ ଉତ୍ପାଦନ ମୂଲ୍ୟ ହ୍ରାସ କରିବାକୁ ହେଲେ ଏବଂ ଅଧିକ ଲାଭ ପାଇବା ପାଇଁ ହେଲେ ନବସୃଜନ ଉପରେ ବିଶେଷ ଧ୍ୟାନ କେନ୍ଦ୍ରୀଭୁତ କରିବାକୁ ହେବ ବୋଲି କହିଥିଲେ। ଏହାପରେ ବେହୁରୀଆ କେନ୍ଦ୍ରୀୟ ବଜେଟରେ ଉପସ୍ଥାପିତ ହୋଇଥିବା ପ୍ରମୁଖ କ୍ଷେତ୍ର ଗୁଡିକ ଉପରେ ସୂଚନା ପ୍ରଦାନ କରି ଏହାଦ୍ୱାରା ଇସ୍ପାତ ଶିଳ୍ପ ଉପରେ କ'ଣସବୁ ପ୍ରଭାବ ପଡିବ ସେ ବିଷୟରେ ଉଲ୍ଲେଖ କରିଥିଲେ। ପରେ ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟସ ଅଫ ଇଣ୍ଡିଆ,ରାଉରକେଲା ଅଧ୍ୟାୟ ଆନୁକୂଲ୍ୟରେ ଆୟୋଜିତ କେନ୍ଦ୍ରୀୟ ବଜେଟ ଆଧାରିତ କୁଇଜ ପ୍ରତିଯୋଗୀତାର ବିଜେତାଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟସ ଅଫ ଇଣ୍ଡିଆ ଏବଂ ଏହାର ଇତିହାସ ଉପରେ ଏକ ବୃତଚିତ୍ର ପ୍ରଦର୍ଶିତ ହୋଇଥିଲା। ଡିଜିଏମ (ଏଫ.ଆଣ୍ଡ.ଏ) କେକେ ବର୍ମା ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ।

## କୁସୁମ, ପରୀକ୍ଷାର ପରୀକ୍ଷା ଉନ୍ମୋଚିତ

ରାଉରକେଲା,୨୯।୭(ଦିନେଶ ମିଶ୍ର)



ଅଭବ୍ୟକ୍ତି ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଡକ୍ଟର ଅର୍ନ୍ତଜିତା ନାୟକଙ୍କ ୨ଖଣ୍ଡ ପୁସ୍ତକ କୁସୁମ ଓ ପରୀକ୍ଷାର ପରୀକ୍ଷା ଶିକ୍ଷାଦାନ ମୂଲ୍ୟାୟନ ପଦ୍ଧତି ଉନ୍ମୋଚିତ ହୋଇଯାଇଛି। ଡକ୍ଟର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ପି.ନିରଜା ଓ ବରିଷ୍ଠ ଖବରଦାତା ମନୋରଞ୍ଜନ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚିତ କରିବା ସହ ଡକ୍ଟର ନାୟକଙ୍କ ଦୁରଦୃଷ୍ଟି, ଅଧ୍ୟବ୍ୟବସାୟ ଓ ତାଙ୍କ ବ୍ୟକ୍ତିତ୍ୱ ବାବଦରେ ବର୍ଣ୍ଣନା କରିଥିଲେ। ସୁନ୍ଦରଗଡ କଥା,ପାହାଡ ବନଝରଣା ଆଦିବାସୀଙ୍କ ଜନଜୀବନକୁ ନେଇ ହୋଇଥିବା ରଚନା ବେଶ ଲୋକପ୍ରିୟ ହେବ ବୋଲି ଅତିଥି ମତ ରଖିଥିଲେ। ଏହି ଅବ ସରରେ ସୁନ୍ଦରଗଡ ଜିଲାରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଚର୍ଚ୍ଚିତା ନାୟକଙ୍କୁ ଅଭିବକ୍ତି-କୃତାଞ୍ଜଳି ଗଣିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ନାୟକ ଅତିଥିଙ୍କ ପରିଚୟ ପ୍ରଦାନ ସହ ଏହି ସଭାର ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ରାମକୃଷ୍ଣ ବିଶ୍ୱାଳ, କୃତାଞ୍ଜଳି ନାୟକ, ଲକ୍ଷ୍ମୀକାନ୍ତ ନାୟକ, ଡକ୍ଟର ଅଜିତ ବେହେରା, କାର୍ତ୍ତିକ ଚନ୍ଦ୍ର ପାଣ୍ଡବ, ଜୟନ୍ତୀ ବେବେର୍ତ୍ତା, ଗଗନ ବିହାରୀ ଧଳ, ନିରୁପମା ପତି, ଅଶୋକ ବଳଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## କାଦୁଅ ରାସ୍ତା ଉପରେ ୪ ଗ୍ରାମବାସୀ ନିର୍ଭରଶୀଳ

ବାଲିଶଙ୍କରା,୨୯। ୭(ହୃଦାନନ୍ଦ ବାରିକ): ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ଗୀର୍ଜାପଡାରୁ ସଉନାମରା ପଞ୍ଚାୟତର ଟାଙ୍ଗରବାହାଲ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ରାସ୍ତା ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ରାସ୍ତା ଅଧାପନ୍ତରିଆ ହୋଇ ପଡି ରହିଛି। ବର୍ଷା ଦିନେ ସମସ୍ୟା ଦ୍ୱିଗୁଣିତ ହୋଇ ଯାଉଛି। କାଦୁଅ ପଚପଚ ରାସ୍ତାରେ ଯା ଆସ କରିବାରେ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ବିଶେଷ କରି ବିଦ୍ୟାଳୟ ଯାଉଥିବା ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଯୋଜନା ସଂଯୋଜକଙ୍କ ବୃତ୍ତି ଉନ୍ନତି ପଲିସି ପାଇଁ ଦାବିପତ୍ର

ବଡ଼ଗାଁ,୨୯।୭(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ମନ୍ଦିର ଗୁଡ଼ିକୁ ଦର୍ଶନ କରିବା ପାଇଁ ରବିବାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଆସିଥିବାବେଳେ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ୩୧୪ଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଯୋଜନା ସଂଯୋଜକ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଯୋଜନା ସଂଯୋଜକ ଆସୋସିଏଶନ ତରଫରୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଓସେପାର ୩୦ତମ ଇସିରେ ପ୍ରସ୍ତାବିତ ଷଷ୍ଠ ବେତନ ସହିତ ଅନ୍ୟାନ୍ୟ ସୁବିଧା ରାଜ୍ୟ ଓ ଜିଲାରେ ଥିବା କର୍ମଚାରୀଙ୍କୁ ଲାଗୁ କରାଗଲା। ଏହା ବ୍ଲକ ସ୍ତରୀୟ କର୍ମଚାରୀଙ୍କ ପାଇଁ ଲାଗୁ କରାଯିବାର ପ୍ରାବଧାନ ଥିଲା। କିନ୍ତୁ ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ ଲାଗୁ କରାଯାଇନାହିଁ। ଏହାକୁ ଲାଗୁ କରାଯିବା ସହ ବୃତ୍ତି ଉନ୍ନତି ପାଇଁ ଦାବି କରାଯାଇଛି। ୨୦୧୪ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୁନର୍ଗଠନ ନିର୍ଦ୍ଦେଶନାମା ପରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଆମର କାର୍ଯ୍ୟଭାର ବହୁ ମାତ୍ରାରେ ବୃଦ୍ଧି ପାଇଛି। ଆମେ ୧୨ ବର୍ଷ ହେଲା ଚୁକ୍ତିଭିତ୍ତିକ ହୋଇ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିଲେ ମଧ୍ୟ ବିଭାଗର ସମସ୍ତ କାର୍ଯ୍ୟକୁ ସୁଚାରରୂପେ ସମ୍ପାଦନ କରି ଆସୁଛି। ବର୍ତ୍ତମାନ ମାସିକ ଦରମା ୧୪ ହଜାର ଟଙ୍କା। ଏହି ଟଙ୍କାରେ ଘର ଚଳାଇବା କଷ୍ଟକର ହେଲାଣି। ଏଥିପାଇଁ ମାନସିକ ଚାପ ଓ ଚିନ୍ତାରେ ସମୟ ଅତିବାହିତ କରୁଛୁ। ଦୁଃଖର କଥା ଗତ ୫ ବର୍ଷ ହେଲା ଦରମା ବୃଦ୍ଧି ହୋଇନାହିଁ ଓ ପାଉଥିବା ସ୍ୱଳ୍ପ ଦରମାରୁ ଇପିଏଫ ୨୫ ପ୍ରତିଶତ କଟାଯାଉଛି। ଏନେଇ ଯୋଜନା ସଂଯୋଜକ ଆସୋସିଏଶନ ପକ୍ଷରୁ ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଦାବିପତ୍ର ଦେଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ସଂଘ ପକ୍ଷରୁ ଆମର ଦାବିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇ ଦାବି ପୂରଣ ପାଇଁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ଲିଖିତ ଦାବିପତ୍ର ଦେଇ ଆଲୋଚନା କରିଛନ୍ତି।

## କାଳୀପୂଜା ପାଇଁ କମିଟି ଗଠନ

ବନ୍ଧମୁଣ୍ଡା,୨୯।୭(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡିଜେଲ କଲୋନୀ ସ୍ଥିତ ରାଜ ନନ୍ଦିନୀ କାଳୀ ମନ୍ଦିର ଚଳିତ ବର୍ଷ ୫୦ବର୍ଷ ପୂରଣ କରିବ। ତେଣୁ କମିଟି ପକ୍ଷରୁ ସ୍ୱର୍ଣ୍ଣ ଜୟନ୍ତୀ ଆୟୋଜନ କରାଯିବ। ଏହି ଅବସରରେ ମନ୍ଦିର ପରିସରରେ ଏକ ବୈଠକ ଆୟୋଜିତ ହୋଇ ନୂତନ କମିଟି ଗଠନ କରାଯାଇଥିଲା। ନୂତନ କମିଟି ଅନୁଯାୟୀ, କିଶୋର କୁମାର ବିଶ୍ୱାସଙ୍କୁ ଅଧ୍ୟକ୍ଷ, ସନ୍ତୋଶ ନାୟକ, ଅନିଲ ପାଣ୍ଡେ ଏବଂ ଦେବ କୁମାର ଦେଙ୍କୁ ଉପାଧ୍ୟକ୍ଷ,ପୁଲକ ଖାଟୁଆ,ପି ପ୍ରବୀଣ ରାଓ କାର୍ଯ୍ୟକାରୀ ଅଧ୍ୟକ୍ଷ, ଏ ସରେଶଙ୍କୁ ସଚିବ, ଜଗନ୍ନାଥ ରାଓ, ସନ୍ଦୀପ ଦାସ, ସନ୍ଦୀପ ରାମଙ୍କୁ ଉପସଚୀବ, ରୋହନ ଶିଖା, ବୁବାଇ ସରକାର, ସୋମେନ ମୁଖାର୍ଜୀ, ପି.କେ ପାରିଆ, ମମତା ପ୍ରସାଦ, ସ୍ନେହା ଦେବନାଥ,ହରିପ୍ରୀୟା ରାଉତ,ଦେବଶମିତା ବିଶ୍ୱାସଙ୍କୁ ସହକାରୀ ସଚିବ,ଭୀମ ମୁଣ୍ଡା ଏବଂ ପି ମହେଶ କୁମାରଙ୍କୁ କୋଷାଧ୍ୟକ୍ଷ, ଯୁଧିଷ୍ଠିର ଦାସ, ତାରକ ଦାସ,ପାର୍ଥ ବାନାର୍ଜୀ, ଜନାର୍ଦ୍ଦନ ସର୍କଲଙ୍କୁ ପୂଜା ସଚିବ, ଦୁଲାଲ ବିଶ୍ୱାସ, ରବି ସିଂ,ଟି ଉଷା ରାନୀ, ସାନନ୍ଦିକା ଦାସ, ସୁନୀଦୀ କାଳିନ୍ଦୀ, ମୋମିତା ବିଶ୍ୱାସଙ୍କୁ ସାଂସ୍କୃତିକ ସଚିବ, ରାହୁଲ ରାୟ,ସୌରଭ ସରକାର, ବଳରାମ ସାଓ, ଆଶିକା ରାୟ, ସୁମନ ପାସୱାନ, ଅଙ୍କିତା କୁମାରୀ, ରୁଦ୍ରୋ ମାଇତିଙ୍କୁ ପ୍ରସାଦ ପ୍ରଭାରୀ ଦାୟିତ୍ୱ ମିଳିଛି। ସୁବର୍ଣ୍ଣ ଜୟନ୍ତୀ ଯୋଗୁ ୫ଦିନ ପୂଜା ସଞ୍ଚାଳନ କରାଯିବ ବୋଲି ନୂତନ କମିଟି ସଦସ୍ୟମାନେ ନିଷ୍ପତ୍ତି ନେଇଛନ୍ତି। ଭକ୍ତଙ୍କ ମନୋରଞ୍ଜନ ପାଇଁ ଧୁନୁଚି ନୃତ୍ୟ, ଶଙ୍ଖ ପ୍ରତିଯୋଗିତା,ଚିତ୍ରାଙ୍କନ ପ୍ରତିଯୋଗିତା ସମେତ ଅନେକ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ବଡ଼ଗାଁ ଅଞ୍ଚଳର ବିଭିନ୍ନ ମନ୍ଦିର ଦର୍ଶନ କଲେ ଉପବାଚସ୍ପତି



ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଡ଼ଗାଁ,୨୯।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ଗ୍ରସ୍ତରେ ଥିବା ତଲସରା ବିଧାୟକ ତଥା ଉପ ବାଚସ୍ପତି ଭବାନୀ ଭୋଇ ରବିବାର ବଡ଼ଗାଁ ଅଞ୍ଚଳର ବିଭିନ୍ନ ଦେବଦେବୀ ପୀଠ ଓ ମନ୍ଦିର ଦର୍ଶନ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ଉପ ବାଚସ୍ପତି ପ୍ରଥମେ ବଡ଼ଗାଁ ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ତାଙ୍କୁ ଦେବ ମଣ୍ଡପ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନାଗରିକ ତଥା ଭାଜପା ରାଜ୍ୟ କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ, ଫକିର ପୃଷେଟ, ପ୍ରତାପ ମହାପାତ୍ର, ଅଚ୍ୟୁତ ସାହୁ, ସୌରଭ ପଣ୍ଡା, ପୁଷ୍ପାଞ୍ଜଳି ମିଞ୍ଜି, ହେମଲତା କରସେଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରେ ଭୋଇପାଲି ଜଂଘା ବଡଦେଓ ମନ୍ଦିର ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ରଞ୍ଜନ ପଟେଲ, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ଯୁବ କାର୍ଯ୍ୟକର୍ତ୍ତା ପିଣ୍ଟୁ ନାଏକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରେ ଡୁଡାଲଗା ମଙ୍ଗଳା ମନ୍ଦିର ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଶିଶିର ରାଉତରାୟ, ସ୍ନେହଲତା ବେଜି, ଟଙ୍କଧର ସା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଏକମା ସ୍ଥିତ ସମଲେଶ୍ୱରୀ ମନ୍ଦିର ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ନିଳମାଧବ ପୁରୋହିତ, ପଟେଲ ବାଡ଼ା ମଣ୍ଡଳ ସଭାପତି ବାବୁଲି କରସେଲ, ଚିନ୍ମୟ ବାରିକ, ବସନ୍ତ ସାହୁ,ଦିଲିପ ସେନାପତି, ବସନ୍ତ ଦଣ୍ଡସେନା, କୈଳାସ ଭିତ୍ରୀଆ, ସ୍ୱାଗତ ପାଣିଗ୍ରାହୀ, ଶୁଶାନ୍ତ ହୋତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ବାଚସ୍ପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



ସୁନ୍ଦରଗଡ ବ୍ରହ୍ମାକୁମାରୀ ସଂସ୍ଥା ତରଫରୁ ଜ୍ୟୋତ୍ସ୍ନା ଭଉଣୀ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ୫ ଫୁଟ୍‌ର ନାଗସାପ ଉଦ୍ଧାର

ରାଉରକେଲା,୨୯।୭ (ସଙ୍ଗୀତା ଜେନା)

ବନ୍ଧମୁଣ୍ଡା ପଞ୍ଚାୟତ ଟୁଙ୍ଗୁରିଟୋଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏକ ୫ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ସାପଧରାଳୀ ଅରବିନ୍ଦ କୁମାରଙ୍କୁ ସୂଚନାଦେବା ପରେ ସେ ଉକ୍ତ ସାପକୁ ଧରିଥିଲେ। ପରେ ତାଙ୍କୁ ମୁଣ୍ଡାଜୋର୍ ନିକଟସ୍ଥ ଜଙ୍ଗଲରେ ଛାଡ଼ିଦିଆଯାଇଥିଲା। ଏହି ନାଗସାପଟି ସ୍ପେକ୍ଟିକାଲ କୋବରା ପ୍ରଜାତିର ଥିଲା। ସୂଚନାଯୋଗ୍ୟ, ଉକ୍ତ ଗ୍ରାମର ଗଣେଶ ଯାଦବଙ୍କ ଘରୁ ଏହି ସାପ ଉଦ୍ଧାର ହୋଇଥିଲା।

## ଶିବିରରେ ୫୫ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୧୯।୭(ଜୟ ନାରାୟଣ ମେଣ୍ଟୁଲି)

**୬ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ**

ଲେଫ୍ରିପଡ଼ା ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୫୫ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୩ ବ୍ୟକ୍ତିଗତ, ୩୨ ସାମୂହିକ ଅଭିଯୋଗ ରହିଥିଲା। ୬ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ ହୋଇଥିଲା। ୫ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଏହି ଜନ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ, ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ନାବାଳିକାଙ୍କ ହେଲା ଅସ୍ତ୍ରୋପଚାର

ସୁନ୍ଦରଗଡ,୨୯।୭(ଜୟ ନାରାୟଣ ମେଣ୍ଟୁଲି)



ଦୁର୍ଘଟଣାରେ ଆହତ ଜଣେ ଗରିବ ନାବାଳିକାଙ୍କ ମାଗଣା ଅସ୍ତ୍ରୋପଚାର ଓ ଚିକିତ୍ସା ସେବା ଯୋଗାଇ ମାନବିକତାର ପରିଚୟ ଦେଇଛି ସୁନ୍ଦରଗଡ ସମଲେଶ୍ୱରୀ ହସ୍ପିଟାଲ। ସଦର ବ୍ଲକ ଧରୁଆଡିହି ଥାନା ଅନ୍ତର୍ଗତ ବାବୁକର୍ଲା ଗ୍ରାମର ସ୍ୱପ୍ନା ବାଗ(୧୨ ) ରାସ୍ତାରେ ଯାଉଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର ସୁନ୍ଦରଗଡ ପଠାଇଥିଲେ। ଦୁର୍ଘଟଣାରେ ଆହତ ନାବାଳିକାଙ୍କ ଡାହାଣ ଗୋଡ ହାଡ ଭାଙ୍ଗି ଯାଇଥିଲା। ଅସ୍ତ୍ରୋପଚାର ପାଇଁ ତାଙ୍କ ମା' ଦେବଯାନୀଙ୍କ ପାଖରେ ଅର୍ଥ ନ ଥିଲା କି ବିଜୁ ସ୍ୱାସ୍ଥ୍ୟ କାର୍ଡ ନ ଥିଲା। ଏହି ବିଷୟରେ ଜାଣିବା ପରେ ଶଲ୍ୟ ଚିକିତ୍ସକ ଡା. ମନୀଷ କୁମାର ଶର୍ମା ସ୍ଥାନୀୟ ସମଲେଶ୍ୱରୀ ହସ୍ପିଟାଲର କର୍ତ୍ତୃପକ୍ଷ ପ୍ରଦୀପ ଦତ୍ତଙ୍କ ସହ ଯୋଗାଯୋଗ କରିଥିଲେ। ଏହାର ପରେ ହସ୍ପିଟାଲର ଡାକ୍ତର ଶର୍ମା ଗତ୨୨ତାରିଖରେ ସ୍ୱପ୍ନାଙ୍କୁ ଭର୍ତ୍ତି କରି ତାଙ୍କର ଗୋଡର ସଫଳ ଅସ୍ତ୍ରୋପଚାର କରି ଚିକିତ୍ସା ସେବା ପ୍ରଦାନ କରିଥିଲେ। ଗତ ୨୭ ତାରିଖରେ ସ୍ୱପ୍ନା ହସ୍ପିଟାଲରୁ ଡିସଚାର୍ଜ ହୋଇ ଘରକୁ ଫେରିଛନ୍ତି। ସମଲେଶ୍ୱରୀ ହସ୍ପିଟାଲର ଏହି ଚିକିତ୍ସା ସହାୟତା ପାଇଁ ସ୍ୱପ୍ନାଙ୍କ ମା' ଓ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ସାମାନ୍ୟ ବର୍ଷାରେ ସରବାହାଲ ମୁଖ୍ୟ ରାସ୍ତାରେ ଜମୁଛି ପାଣି



ଝାରସୁଗୁଡ଼ା,୨୯।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସରବାହାଲ ଶିବ ମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତାରେ ସାମାନ୍ୟ ବର୍ଷାରେ ପାଣି ଜମୁଥିବା ଦୀର୍ଘ ଦିନରୁ ଅଭିଯୋଗ ହେଉଛି। ଗତ କିଛି ବର୍ଷ ତଳେ ପୂର୍ତ୍ତ ବିଭାଗ ଦ୍ୱାରା ସରବାହାଲ ମୁଖ୍ୟ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ସେହି ସମୟରେ ସମତଳ କରି ରାସ୍ତା ନିର୍ମାଣ ହୋଇ ନ ଥିବାରୁ ରାସ୍ତା ଉପରେ ପାଣି ଜମୁଛି। ଏହି ପରି ସହରର ଅନେକ ରାସ୍ତା ଘାଟ ଅଛି ଯାହା କି ନିମ୍ନମାନର କାମ ହୋଇଛି। ପାଣି ଜମି ରହିବା ଫଳରେ ସହର ପଟୁ ସରବାହାଲ ପଟକୁ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ବାଟୋଇ ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ସହିତ ରାତି ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ପରିଲକ୍ଷିତ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

### କିଶୋର ନ୍ୟାୟିକ ଆଇନ ଓ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୯।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବବଣି ବ୍ଲକ ଅନ୍ତର୍ଗତ ଟାଇଁସର ହାଇସ୍କୁଲଠାରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସୋମବାର କିଶୋର ନ୍ୟାୟିକ ଆଇନ ଏବଂ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅପୂର୍ବା ଚୌଧୁରୀ ଯୋଗଦେଇ କିଶୋର ନ୍ୟାୟିକ ଆଇନ ଏବଂ ଶିକ୍ଷା ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରିବା ସହ କିଶୋର କିଶୋରୀମାନେ କିଭଳି ଏହି ଆଇନର ସୁଫଳ ପାଇ ପାରିବେ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ ଓ ଜିଲା ଆଇନ ସେବା ପ୍ରାଧିକରଣର ରିମାଣ୍ଡ ଅଡଭୋକେଟ ସିଦ୍ଧେଶ୍ୱ ଗୁରୁ ଯୋଗଦେଇ ଯଥାକ୍ରମେ କିଶୋର ନ୍ୟାୟିକ ଆଇନ ଏବଂ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଖେଳପଡ଼ିଆରେ ପାଣି, ଅସୁବିଧା ଭୋଗୁଛନ୍ତି ଖେଳାଳି

ଝାରସୁଗୁଡ଼ା,୨୯।୭(ସଞ୍ଜୟ ମାଲି)



ସରବାହାଲ ହାଇସ୍କୁଲ ପଡ଼ିଆରେ ବର୍ଷା ପାଣି ଜମି ରହିଛି।

ଗତ କିଛି ଦିନ ହେବ ବର୍ଷା ହେବା ଯୋଗୁ ଝାରସୁଗୁଡ଼ା ସହରରସ୍ଥିତ ସରବାହାଲ ସରକାରୀ ହାଇସ୍କୁଲ ଖେଳ ପଡିଆରେ ପାଣି ଜମୁଥିବା ଅଭିଯୋଗ ହେଉଛି। ସରବାହାଲ ସରକାରୀ ହାଇସ୍କୁଲ ୧୯୪୦ରେ ପ୍ରତିଷ୍ଠା ହୋଇଥିବାବେଳେ ଆଜକୁ ଦୀର୍ଘ ୮୪ବର୍ଷ ହେବ ହାଇସ୍କୁଲ ଖେଳ ପଡିଆରେ ଉନ୍ନତି ହେଉ ନ ଥିବାରୁ ଖେଳାଳିମାନେ ଦୁଃଖ ପ୍ରକାଶ କରୁଛନ୍ତି। ଦୀର୍ଘ ବର୍ଷରୁ ଏହି ଖେଳ ପଡିଆକୁ ପ୍ରତିଦିନ ସରବାହାଲ ତଥା ଆଖପାଖ ଅଞ୍ଚଳରୁ ଯୁବକ ଯୁବତୀ, ମହିଳା, ପୁରୁଷ, ଛାତ୍ରୀଛାତ୍ରଙ୍କ ସମେତ କ୍ରୀଡାବିତମାନେ ଶାରିରୀକ ବ୍ୟାୟ ସହିତ ଖେଳିବା ପାଇଁ ଆସିଥାନ୍ତି। ଖେଳ ପଡିଆ ସମତଳ ନ ଥିବାରୁ ପଡ଼ିଆରେ ବର୍ଷା ପାଣି ଜମୁଥିବାରୁ କ୍ରୀଡାବିତମାନେ ଖେଳ ଖେଳିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଥର ଅଞ୍ଚଳବାସୀ ତଥା କ୍ରୀଡ଼ାପ୍ରେମୀମାନଙ୍କ ଅଭିଯୋଗ କରିବା ସତ୍ତ୍ୱେ ଆଜି ଯାଏଁ ଖେଳ ପଡିଆର ଉନ୍ନତି ହୋଇପାରିନାହିଁ। ଅନ୍ୟପଟେ କ୍ରୀଡାବିତମାନେ ଖେଳ ଖେଳିବା ସମୟରେ ଡ୍ରେସ ଦାଳାଇ ପାଇଁ ରୁମ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ହେଉଥିବାରୁ ଦିନକୁ ଦିନ ଖେଳ ପଡିଆ ନଷ୍ଟ ହେଉଥିବା ବେଳେ ଖେଳ ପଡିଆରେ ଘାସ ନ ଥିବାରୁ ଖେଳାଳିମାନେ ଖେଳ ଖେଳିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖେଳ ପଡିଆରେ ଗୋରୁ ଚରୁଥିବା ପରିଲକ୍ଷିତ ହେଉଛି। ଅନେକ ସମୟରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ହାଇସ୍କୁଲ ଖେଳ ପଡିଆ ସମେତ ସ୍କୁଲର ଉନ୍ନତି ଦିଗରେ ଦାବି ଉପସ୍ଥାପନ କରୁଥିବା ବେଳେ କୌଣସି ସୁଫଳ କାର୍ଯକାରୀ ହେଉ ନ ହେଉନାହିଁ। ରାତି ସମୟରେ ଖେଳ ପଡିଆ ଭିତରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ମଧ୍ୟ ପାଲୁଟୁଥିବା ଅନୁମାନ କରାଯାଉଛି। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରାତି ସମୟରେ ଖେଳ ପଡିଆ ଭିତରେ ଅସାମାଜିକ ଯୁବକଙ୍କୁ ତାଗିଦ କରିଥିବା ଜଣାଯାଏ। ଏହି ଖେଳ ପଡିଆ ପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

# ୨ ସ୍କୁଲରେ ଶିକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ




ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡାରେ ଆୟୋଜିତ ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ।

ଦେବଗଡ଼,୨୯।୭
(ଶଶାଙ୍କ ଶେଖର ଝାଙ୍କର)

ବିଦ୍ୟାଳୟସ୍ତରରେ ପାଳନ କରାଯାଉଥିବା ଶିକ୍ଷା ସପ୍ତାହ ପର୍ବର ଉଦଯାପନୀ ଉତ୍ସବ ସମ୍ପ୍ରଦାୟ ଯୋଗଦାନ ଦିବସ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡାରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାମେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମ୍ବରୁଧର ସାହୁ, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ମୋ ସ୍କୁଲ ପରିଚାଳନା ସଭାପତି ଧରଣୀଧର ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଜୟ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷକ ସଦାନନ୍ଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନଥିଲେ। ବରିଷ୍ଠ ଶିକ୍ଷକ ତ୍ରିବେଣୀକାନ୍ତ ସାହୁ ଆଜିର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଶିକ୍ଷକ ପିଣ୍ଟୁ ସାହୁ ବିଦ୍ୟାଳୟରେ ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଯାଉଥିବା ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ

### ସମ୍ପ୍ରଦାୟ ଯୋଗଦାନ ଦିବସରେ ତିଥି ଭୋଜନ

କରାଇଥିଲେ। ବିଦ୍ୟାଞ୍ଜଳି ପୋର୍ଟାଲ ଦ୍ୱାରା ଯୋଗ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା ପତ୍ର ମାଧ୍ୟମରେ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସମାପ୍ତି ପରେ ସମସ୍ତ ଅତିଥି, ସ୍ୱେଚ୍ଛାସେବୀ, ଅଭିଭାବକ ଅଭିଭାବିକା, ଛାତ୍ରୀଛାତ୍ର ମିଳିତ ଭାବେ ଏକାଠି ତିଥି ଭୋଜନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ହିମାଂଶୁ ଦେହୁରୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅନିଲ କୁମାର, ମନୋଜ କୁମାର ବେହେରା, ବିଭୁତି ଭୂଷଣ ଧଳ, ଦୁର୍ଯ୍ୟୋଧନ ସାହୁ, ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର, ସାଫଲ୍ୟ ଆଚାର୍ଯ୍ୟ, ପ୍ରଭାସ ନନ୍ଦ, ସୋନୁ ବିଶ୍ୱାଳ, ସୁଜିତ ପ୍ରଧାନ, ପରିଚାଳନା ସମିତି ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

ସେହିପରି ଆମ୍ଭ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିନ୍ଧିପୁରରେ ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ ହୋଇଯାଇଛି। ଆମ୍ଭ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ଓ ସୁଶାନ୍ତ କୁମାର ସାହୁ ସ୍କୁଲର ଚେୟାରପର୍ସନ ଦୁଃଶାସନ ଗୋଛାୟତ, ଅଙ୍ଗୱାଡ଼ି କର୍ମୀ ସବିତା ନାହାକ, ଶିକ୍ଷୟିତ୍ରୀ ସିମାଞ୍ଜଳୀ ସାହୁ ଓ ମେରୀ ଗୋଲାପ ଟୋପୋ ଏବଂ ସିଆରସିସି ଅଶୋକ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସୁଧିର କୁମାର ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସିମାଞ୍ଜଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରଙ୍କ ଘୋଷଣା ଅନୁସାରେ ତିଥି ଭୋଜନ ବ୍ୟବସ୍ଥା କରାଯାଇଥିଲା। ସମସ୍ତେ ଏହି ତିଥି ଭୋଜନରେ ସାମିଲ ହୋଇଥିଲେ।

### ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

ପାଟଣାଗଡ,୨୯।୭(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ବ୍ଲକର ବନେଇମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୦୦ରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ଲମ୍ୱା ଧାଡ଼ିରେ ଠିଆହୋଇ ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ରୁଦ୍ରମୋହନ ନାୟକ ଯୋଗ ଦେଇଥିଲେ। ଏବିଡିଓ ମେନକା ମେହେର, ଜିପିଓ ନୀଳକଣ୍ଠ କାଲସାଏ,ସରପଞ୍ଚ ପୁଷ୍ପାବତୀ ମେହେରଙ୍କ ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ତିଲେଇବଣିରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର



ବିଧାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୯।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଧାୟକ ବିଶ୍ୱାଳ ଉପସ୍ଥିତ ରହି ମୋଟ ୬୭ଟି ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସାଧମତେ ସମସ୍ୟାର ସମାଧାନ କରିବେ ବୋଲି ଅଭିଯୋଗକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ଅଭିଯୋଗକାରୀମାନେ ମୁଖ୍ୟତଃ ସ୍କୁଲରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ, ବନ୍ଦ ହୋଇଥିବା ସ୍କୁଲକୁ ପୁନଃ ଚଳନକ୍ଷମ କରିବା, ମନ୍ଦିର ଉନ୍ନତିକରଣ, ରାସ୍ତା ଓ ଡ୍ରେନ ସମସ୍ୟା, ରାସନ କାର୍ଡ, ଦିବ୍ୟାଙ୍ଗ ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଗୃହ ଓ ଚିକିତ୍ସା ସେବା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ସଦସ୍ୟ ରାଜେଶ ମହାନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ବରିଷ୍ଠ ବିଜେଡି ନେତା ରଞ୍ଜନ କୁମାର ସାହୁ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ତିଲେଇବଣି ବ୍ଲକ ବିଜେଡି ସଭାନେତ୍ରୀ ସୁଜାତା ପ୍ରଧାନ, ମହିଳା ବିଜେଡି ଉପସଭାନେତ୍ରୀ ଶକୁନ୍ତଳା ପ୍ରଧାନ ଓ ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରାକ୍ଟର ଜବତ, ଜଣେ ଗିରଫ

ବଲାଙ୍ଗୀର,୨୯।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ଦୋକାନ ସମ୍ମୁଖରୁ ଗତ ୨୧ ତାରିଖ ରାତିରେ ଚୋରି ହୋଇଥିବା ଟ୍ରାକ୍ଟର ଲୋଇସିଂହା ଥାନା ପୋଲିସ ଜବତ କରିବା ସହ ଅଭିଯୁକ୍ତ ଶାନ୍ତନୁବ୍ରହ୍ମଚାରୀ ଓରଫ୍ ମହାନନ୍ଦଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ବଲାଙ୍ଗୀର ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ସୋମବାର ବଲାଙ୍ଗୀର ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀରେ ରୁଗୁଡିଖାଲ ଟ୍ରାକ୍ଟର ଚୋରି ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ନଅଗାଁ (ଖ) ଗ୍ରାମର ନିରଞ୍ଜନ ପଧାନ ରୁଗୁଡିଖାଲଠାରେ ଏକ ଦୋକାନ କରିଛନ୍ତି। ସେହି ଦୋକାନ ସମ୍ମୁଖରେ ସେ ତାଙ୍କର ସ୍ୱରାଜ ୭୩୫ ଏଫ୍‌ଇ ଟ୍ରାକ୍ଟର (ନଂ ଓଡି୦୩ଲ୍ଲ ୯୮୩୯)କୁ ରଖିଥିଲେ। ଉକ୍ତ ଟ୍ରାକ୍ଟର ସହ ଚାଷଜମି ବେଉଷଣ ଉପକରଣ ମଧ୍ୟ ଲାଗି କରି ରହିଥିଲା। ଗତ ୨୧ ତାରିଖ ବିଳମ୍ବିତ ରାତିରେ ଏହି ଟ୍ରାକ୍ଟର ଚୋରି ହୋଇଯାଇଥିଲା। ନିରଞ୍ଜନ ଏ ସଂକ୍ରାନ୍ତରେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଲୋଇସିଂହା ଥାନାରେ ଏକ ମାମଲା (୨୨୧/୨୪) ରୁଜୁ କରାଯାଇଥିଲା। ବଲାଙ୍ଗୀର ଏସ୍‌ପି ରଷିକେଶ ଦ୍ୟାନଦେଓ ଖିଲାରୀ, ଲୋଇସିଂହା ଥାନାଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରୁ ବଲାଙ୍ଗୀର ସଦର ଥାନା ଖୁଜେନପାଲି ଗାଁର ଶାନ୍ତନୁ ବ୍ରହ୍ମଚାରୀ ଓରଫ୍ ମହାନନ୍ଦ ଉକ୍ତ ଟ୍ରାକ୍ଟରକୁ ଚୋରି କରି ନେଇ ସୋନପୁରଠାରେ କେଉଁଠି ଲୁଚାଇ ରଖିଥିବା ଜଣାପଡିଥିଲା। ସ୍ୱତନ୍ତ୍ର ଟିମ୍ ପ୍ରଥମେ ଅଭିଯୁକ୍ତ ମହାନନ୍ଦଙ୍କୁ ଗିରଫ କରିଥିଲେ ଓ ସୋନପୁର ଯାଇ ଚୋରି ଟ୍ରାକ୍ଟର ଜବତ କରିଥିଲେ। ଚୋରି ଟ୍ରାକ୍ଟରର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତ ମହାନନ୍ଦଙ୍କ ନାଁରେ ପୂର୍ବରୁ ଖପ୍ରାଖୋଲ ଥାନା ଓ ଆଗଲପୁର ଥାନାରେ ମଧ୍ୟ ପୃଥକ୍ ଦୁଇଟି ଟ୍ରାକ୍ଟର ଚୋରି ମାମଲା ରହିଥିବା ଏସଡିପିଓ ସାହୁ ସୂଚନା ଦେଇଛନ୍ତି।

### ରାସ୍ତା ଉପରେ ବାଲି, ଗୋଡ଼ି ଟ୍ରାଫିକ୍ ସମସ୍ୟା ସୃଷ୍ଟି

ଝାରସୁଗୁଡ଼ା,୨୯।୭(ସଞ୍ଜୟ ମାଲି)

ସହରର ସରବାହାଲ ଗୈଡପଡା ମୁଖ୍ୟ ରାସ୍ତା ଉପରେ ଦୀର୍ଘ ଦିନରୁ ବାଲି ଓ ଗେଟି ପଡିଥିବା ଅଭିଯୋଗ ହେଉଛି। ରାସ୍ତା ଉପରେ ବାଲି ଓ ଚିପ୍ସ ଦୀର୍ଘ ଦିନରୁ ପଡ଼ିଥିବାରୁ ବେହେରାପାଲି, ଜମେରା, ମରାକୁଟା, ଜମା ପାଲି, ଡମାଲ, ପାୱର ହାଉସ ସମେତ ବିଭିନ୍ନ ଗ୍ରାମର ଲୋକ ସମେତ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକ ଯିବାଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୋଲେରୋ, କାର, ଅଟୋ ଯିବା ଆସିବା ସମୟରେ ଦୁଇପଟୁ ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଏକା ସଙ୍ଗେ ଦୁଇଟି ଗାଡ଼ି ଯାଇ ପାରୁନାହିଁ। ଘର ନିର୍ମାଣ ପାଇଁ ରାସ୍ତା ଉପରେ ବାଲି ଓ ସିମେଣ୍ଟ ମିଶାଇ ରାସ୍ତା କଡ଼ରେ କରାଯାଉଛି। ପୌର ପରିଷଦ ଦ୍ୱାରା ଜନସାଧାରଣଙ୍କୁ ଅବଗତ ମଧ୍ୟ କରାଯାଇଛି ଯେ ଘର ତିଆରି କଲେ ରାସ୍ତା ଉପରେ ବାଲି ଓ ଗେଟି ପକାନ୍ତୁ ନାହିଁ। କିନ୍ତୁ ଲୋକେ ସଚେତନ ହଉ ନାହାନ୍ତି। ସହରର ସରବାହାଲ, ମଙ୍ଗଳଜାର, ପୁରୁଣା ବସ୍ତି, ବଢେଇ ମୁଣ୍ଡା, ବେହେରାମାଲ, ଏକାତାଲି, ଚୈକିପଡା, ସମେତ ବିଭିନ୍ନ ଅଞ୍ଚଳର ରାସ୍ତା ସମେତ ବିଭିନ୍ନ ଗଳିକନ୍ଦିରେ ବାଲି ଗେଟି ପକାଇ ଘର ନିର୍ମାଣ ଚାଲିଥିବା ବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିପ୍ରତି ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ରାସ୍ତା ଉପରେ ବେଆଇନ ଭାବେ ପଡ଼ିରହିଛି ବାଲି, ଗୋଡ଼ି।

# ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୯।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଇଡା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଆସିଥିବା ୮୮ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୭୫ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୩ଟି ସାମୁହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ବିଦ୍ୟୁତ୍ ସମସ୍ୟା, ଶିକ୍ଷକ ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସିକ ଗୃହ, ୦.୦୪ ଜମିର ପଟ୍ଟା, ରାଶନ କାର୍ଡ, ପାଇଖାନା, ଜନସାଧାରଣମାନେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲାପାଳ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ବନଖଣ୍ଡ ଅଧିକାରୀ ମଗରଧନାଜୀ ରାଓସ୍ୱ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ତହସିଲଦାର ବବ୍ରୁବାହାନ ଦତ୍ତ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଲୋକେ ପ୍ରଶାସନ ନିକଟରେ ଅଭିଯୋଗ ଦାଖଲ କରୁଛନ୍ତି।

# ଆଦିବାସୀ ରହୁଥିବା ସରକାରୀ ଜମି ବେଦଖଲ କରା ନ ଯାଉ

ଝାରସୁଗୁଡ଼ା,୨୯।୭(ସଞ୍ଜୟ ମାଲି)




ବୈଠକରେ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

### ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟର ସାଧାରଣ ବୈଠକ

ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟର ଏକ ସାଧାରଣ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ସମ୍ମିଳିତ ଆଦିବାସୀ ସମାଜ ବୟୋଜ୍ୟେଷ୍ଠ ସଭ୍ୟ ତଥା ଉପସଭାପତି ଦୁବରାଜ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରଷ୍ଟର ସଭାପତି ତଥା ସମ୍ମିଳିତ ଆଦିବାସୀ ସମାଜର ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ ଓ ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରମୁଖ ସଚିବ ଅଶୋକ କୁମାର ମାଝି ଯୋଗଦେଇଥିଲେ। ମୁଖ୍ୟ ଭାବେ ରାଜ୍ୟ ସରକାର ବିଭିନ୍ନ ଲୋକ ଦଖଲ କରିଥିବା ସରକାରୀ ଜମିକୁ ବେଦଖଲ କରିବା ପାଇଁ ଜିଲାପାଳମାନଙ୍କୁ ଦେଇଥିବା ଆଦେଶ ତ୍ରୁଟପୂର୍ଣ୍ଣ। ବର୍ତ୍ତମାନ ସୁଦ୍ଧା ଆଦିବାସୀ ତଥା ବନବାସୀମାନେ ବହୁତ ଦିନରୁ ସରକାରୀ ଜମିରେ ଚାଷ ଓ ଘରବାରି କରି ତାଙ୍କ ପରିବାର ଭରଣ ପୋଷଣ କରୁଥିବା ବେଳେ ଉକ୍ତ ଜମି ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଅନୁସାରେ ତାଙ୍କ ନାଁରେ ପଟ୍ଟା ହେବା କଥା। କିନ୍ତୁ ସରକାର ଏ ପର୍ଯ୍ୟନ୍ତ ତା ପୁରଣ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ଆଦିବାସୀ ପରିବାରଙ୍କ ଜମି ବେଦଖଲ ହେଲେ ସେମାନେ ସର୍ବସ୍ୱାନ୍ତ ହେବା। ତେଣୁ ପ୍ରଥମେ ଆଦିବାସୀ ବନବାସୀମାନଙ୍କୁ ତାଙ୍କ ଅଧିକାରରେ ଥିବା ଜମି ବିଧି ଅନୁଯାୟୀ ପଟ୍ଟା ପ୍ରଦାନ କରାଯାଉ। ବିଶ୍ୱ ଆଦିବାସୀ ଦିବସ ପ୍ରତି ଆଦିବାସୀ ବହୁଳ ଗାଁରେ ସମ୍ମିଳିତ ଆଦିବାସୀ ସମାଜ ଓ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଅଗଷ୍ଟ ୯ ତାରିଖରେ ପାଳନ ହେବ ଓ ୧୩ ତାରିଖ ଜିଲାସ୍ତରରେ ବହୁ ଆଡମ୍ବରରେ ପଥପ୍ରାନ୍ତ ଆଦିବାସୀ ସଂସ୍କୃତି ପ୍ରଦର୍ଶିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଦାବିପତ୍ରରେ ଜିଲାରେ ବସବାସ କରୁଥିବା ୧୧ ପ୍ରକାର ଆଦିବାସୀଙ୍କ କଳା, ସଂସ୍କୃତି, ଐତିହ, ଇତିହାସ, ପରମ୍ପରା, ଦେବଦେବୀ ଆଦିକୁ ନେଇ ଆଦିବାସୀ ଶକ୍ତି ପୀଠ ଓ ଖୋଲା ଆଦିବାସୀ ମ୍ୟୁଜିୟମ ନିର୍ମାଣ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ। ଗତ ମେ ୨୦୨୩ରେ ଝାରସୁଗୁଡା ଜିଲା ଲଇକେରା ଓ କିର୍ମିରା ବ୍ଲକ ଦ୍ୱୟକୁ କେନ୍ଦ୍ର ଓ ରାଜ୍ୟ ସରକାର ଆଇଟିଡିଏ ବ୍ଲକ ଭାବେ ଘୋଷଣା କରିଛନ୍ତି ଓ କାର୍ଯ୍ୟାଳୟ ମଧ୍ୟ ଝାରସୁଗୁଡ଼ାରେ ଖୋଲା ସରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଆର୍ଥିକ ମଞ୍ଜୁରୀ କିମ୍ବା ସିଡ୍ୟୁଲ ୫ମ ଅନୁଯାୟୀ ପଞ୍ଚାୟତ ତଥା ବ୍ଲକକୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଯାୟୀ କାର୍ଯ୍ୟକ୍ଷମ କରାଯାଇ ନାହିଁ। ଇତିମଧ୍ୟରେ ସରକାର ଆଇଟିଡିଏ କାର୍ଯ୍ୟାଳୟରେ ନିଯୁକ୍ତି ଦେଇଥିବା କର୍ମଚାରୀମାନେ ବସି ବସି ପ୍ରତି ମାସରେ ଦରମା ନେଉଛନ୍ତି। ତାଙ୍କୁ କୌଣସି କାର୍ଯ୍ୟ କରିବା ପାଇଁ ସରକାର ପାଣ୍ଠି ନ ଦେବା ଦ୍ୱାରା ଆଦିବାସୀମାନଙ୍କ ଉନ୍ନତି ସାଧନ ହେବାରେ ବାଧାପ୍ରାପ୍ତ ହେଉଥିବା କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ସାଧାରଣ ସଭାରେ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟର ଗଭର୍ଣ୍ଣିଂ ବଡି ଗଠନ ହେବ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳିତ ଆଦିବାସୀ ସମାଜ କୋଷାଧ୍ୟକ୍ଷ ଗଙ୍ଗାଧର ଭୋଇ, ମହାସଚିବ ବିନୋଦ ବିହାରୀ ବାଗ, ସଚିବ ବାସୁଦେବ ଧୁରୁଆ, ସଭ୍ୟ ଧର୍ମେନ୍ଦ୍ର କିସାନ, ପ୍ରେମାନନ୍ଦ ବିଶାଳ, ରାଜେଶ ମୁଣ୍ଡା, ବୀରେନ ମରେଇ, ବିନୋଦ ମୁଣ୍ଡା, ମୀନକେତନ ମରେଇ, କୁନ୍ଦା ମୁଣ୍ଡା, ଗୋବିନ୍ଦ ମୁଣ୍ଡା, ଡିଲେଶ୍ୱର୍ ନାଏକ, ନଳିନ ନାଏକ, ହୁକୁମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ଶିବିର

**କଲମପୁର,୨୯।୭ (ଗଣେଶ ରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ କାର୍ଯ୍ୟାଳୟ ପରିସର ଏସ୍‌ଜିଏସ୍‌ୱାଇ ସଭା ଗୃହଠାରେ ଜିଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପିଡି ଦୟାମୟ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ମୋତି ବିହାରୀ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, କଲମପୁର ତହସିଲଦାର ମୋହନ ଜେନା, ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା, କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶିବାଶିଷ ସ୍ୱାଇଁ, ବିଇଓ ମଧୁସ୍ମିତା ନାଏକ, କନିଷ୍ଠ ଯନ୍ତ୍ରୀ ଦୁଃଖବନ୍ଧୁ ରାହୁଲ ପ୍ରମୁଖ ଯୋଗଦେଇ ମୋଟ ୩୮୩ ଅଭିଯୋଗର ଶୁଣାଣି କରିଥିଲେ। କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗୀ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବରିଷ୍ଠ କିରାଣି ବୈକୁଣ୍ଠ ବାଗ, କୋଷାଧ୍ୟକ୍ଷ ହୃଷୀକେଶ କୁମାର ତଥା ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ୩୧ରେ ତିଖାଲି ଲୋୟର ଇନ୍ଦ୍ର ପ୍ରକଳ୍ପରୁ ବନ୍ୟାଜଳ ନିଷ୍କାସନ

**ଖଡ଼ିଆଲ,୨୯।୭ (ସୁଜିତ କୁମାର ପ୍ରଧାନ):** ଆସନ୍ତା ୩୧ରେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ତିଖାଲି ଗ୍ରାମସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଜୟପୁରିଆଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ଅବଗତି ନିମନ୍ତେ ପତ୍ରାଳାପ କରାଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୧ଟାରେ ଜଳ ନିଷ୍କାସନ ନିଷ୍ପତ୍ତି ହୋଇଥିବା ବେଳେ ୩୦ରେ ନଦୀ ତଳି ଅଞ୍ଚଳବାସୀଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅବଗତି କରାଯିବ। ଏହି ପ୍ରକଳ୍ପର ଜଳଧାରଣ କ୍ଷମତା ୨୬୫ ମିଟର ରହିଥିବା ବେଳେ ବର୍ତ୍ତମାନ ୨୬୩.୨୬ ମିଟର ରହିଛି। ଆସନ୍ତା ଦିନରେ ଚତୁର୍ଥ ଲଘୁଚାପ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଥିବାରୁ ପ୍ରକଳ୍ପ ଜଳ ପରିଚାଳନା ନେଇ ଏହି ପଦକ୍ଷେପ ଗ୍ରହଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଶ୍ମଶାନଘାଟ ରାସ୍ତା ମରଣଯନ୍ତା



**ରିଷିଡ଼ା,୨୯।୭ (ଶୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ପଞ୍ଚାୟତ ଗମ୍ଭେରକୁନାଠାରୁ ୪ଶହ ମିଟର ଶ୍ମଶାନଘାଟ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷା ଦିନରେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଚାଷୀଙ୍କ ସମେତ ମୃତଦେହ ନେଇ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୪ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ତିଆରି ହୋଇଥିଲା। ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ମରାମତି ହୋଇପାରି ନାହିଁ। ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ସପ୍ତରଷି ମଲ୍ଲିକ, ଦମନା ଭୋଇ, ମଙ୍ଗଲୁ ସାହୁ, ଡୁଲମଣୀ ସାହୁ, ଇନ୍ଦ୍ର ମଣି ସାହୁ, ଶୁକ୍ରୁ ସାହୁ, ଦାଶରଥି ସାହୁ ପ୍ରମୁଖ ଦାବି କରିଛନ୍ତି।

# ୨ କିମି ଚାଲିଲେ ଗର୍ଭବତୀ

**ଥୁଆମୂଳ ରାମପୁର,୨୯।୭ (ଦୁର୍ଗା କୀର୍ତ୍ତି)**

**ଗାଁରେ ପହଞ୍ଚିପାରିଲା ନାହିଁ ଆମ୍ବୁଲାନ୍ସ**

କଳାହାଣ୍ଡି ଜିଲାରେ ଜନନୀ ଯନ୍ତ୍ରଣାର ଚିତ୍ର ପୁଣି ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁସାରେ, ଥୁଆମୂଳ ରାମପୁର ବ୍ଲକ କେରପାଇ ପଞ୍ଚାୟତ ମାଝିଗାଁର ପୂଜାରୀ ମାଝିଙ୍କ ସ୍ତ୍ରୀ ଚାଉଳ ଦେଈଙ୍କ ରବିବାର ରାତିରେ ପ୍ରସବ ଯନ୍ତ୍ରଣା ହୋଇଥିଲା। ସଙ୍ଗେ ସଙ୍ଗେ ସ୍ୱାମୀ ପୂଜାରୀ ୧୦୮ ଆମ୍ବୁଲାନ୍ସକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ରାସ୍ତା ସମସ୍ୟା ଯୋଗୁ ଗାଁଠାରୁ ୨ କିଲୋମିଟର ଦୂର ସରଗଟିକିରାଠାରେ ଅପେକ୍ଷା କରି ରହିଥିଲା। ପରିବାର ଲୋକେ ବାଧ୍ୟହୋଇ ରାତିରେ ଗର୍ଭବତୀ ଚାଉଳଙ୍କୁ ଚଲାଇ ଚଲାଇ ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସରେ ଚାଉଳଙ୍କୁ କାଶୀପୁର ଡାକ୍ତରଖାନାକୁ ନିଆଯାଇଥିଲା। ଅପରେଶନ ମାଧ୍ୟମରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ଜଣାପଡିଛି। ବର୍ତ୍ତମାନ ମା' ଓ ଛୁଆ ଉଭୟେ ସୁସ୍ଥ ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ମାଝିଗାଁକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଜିଲା ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିବା ସତ୍ତ୍ୱେ ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ପ୍ରତିକ୍ରିୟା ପାଇଁ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ପରେ ବ୍ଲକ ଏଇଇ ଦୀପକ କୁମାର ପଟେଲଙ୍କୁ ପଚାରିବାରୁ କେରପାଇ, ସର୍ଗିପଦର୍ ମଝିଗାଁ ରାସ୍ତା ବର୍ଷା ଯୋଗୁ କାଦୁଅ ହୋଇଥିବାରୁ ଆମ୍ବୁଲାନ୍ସ ଯାଇ ପାରିଲା ନାହିଁ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ: କିରଣ-ବିକାଶ ଯୋଡ଼ି ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ଖଡ଼ିଆଲ,୨୯।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମଠାରେ ଜିଲା ସଂଘ ତରଫରୁ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କିରଣ ଓ ବିକାଶ ଯୋଡି ୨-୦ ସେଟରେ କମଲୁ ଓ ଅନୁଭବ ଯୋଡିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ନନ୍ଦକୁମାର ନାଗ, ସମ୍ମାନିତ ଅତିଥି ଭାବେ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଓ ଉପବିଜେତା ଦଳକୁ ୨ ହଜାର ୫ ଶହ ଟଙ୍କା ସହ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଡ. ସରୋଜ କୁମାର ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ସଂଘ ସମ୍ପାଦକ ସୁଦୀପ୍ତ ବିଶୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସଦସ୍ୟ ରିତେଶ ବାବୁ, ବିଜୁ ସେଠୀ, ଅକ୍ଷୟ ପାଢ଼ୀ, ପର୍ଶୁ ମାହାନା, ଦୁର୍ବା ଖମାରୀ ପ୍ରମୁଖ ସହଯୋଗ କରିଥିଲେ।

## ତେନ୍ତୁଳିଖୁଣ୍ଟି ମୁଖ୍ୟ ରାସ୍ତା ଶୋଚନୀୟ

**ଜୁନାଗଡ଼,୨୮।୭ (ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରଭାଟି ତେନ୍ତୁଳିଖୁଣ୍ଟି ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଚାରଭାଟି ପଞ୍ଚାୟତ କାର୍ଯ୍ୟାଳୟଠାରୁ ତେନ୍ତୁଳିଖୁଣ୍ଟି ଚାରିଛକ ପର୍ଯ୍ୟନ୍ତ ରାସ୍ତା କିଛିମାସ ତଳେ ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ଖାଲଖମାରେ ପୂର୍ଣ୍ଣ ହୋଇଛି। କେନାଲଠାରୁ ଗାଁକୁ ଆସୁଥିବା ରାସ୍ତା କାଦୁଅ ଯୋଗୁ ଲୋକେ ଅନେକ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ରାସ୍ତା ମରାମତି ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଧର୍ମଗଡ ବ୍ଲକରେ ଅଧିକାଂଶ ଷ୍ଟ୍ରିଟ ଲାଇଟ୍ ଅଚଳ

**ବେହେରା,୨୯।୭(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ଅଧିକାଂଶ ଷ୍ଟ୍ରିଟ ଓ ହାଇମାକ୍ସ ଲାଇଟ ଅଚଳ ହୋଇପଡିଛି। ବେହେରା ଜଗନ୍ନାଥ ମନ୍ଦିର ଛକ, ସ୍କୁଲ ଛକ, ସାହୁପଡା ଛକ, ଶିବ ମନ୍ଦିର ପଡ଼ା, ବଡ଼ ନାଏକ ପଡ଼ା, ମୁଖ୍ୟରାସ୍ତା ତଥା ବାଙ୍କୀମୁଣ୍ଡାରେ ଲାଗିଥିବା ଅଧିକାଂଶ ଷ୍ଟ୍ରିଟ ଲାଇଟ ଅନେକ ମାସରୁ ଅଚଳ ହୋଇପଡିଛି। ଷ୍ଟ୍ରିଟ ଲାଇଟ ମରାମତି ପାଇଁ ଜିଲାପରିଷଦ କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ଏକ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଛି। ଏ ବିଷୟରେ ବ୍ଲକ ଓ ଜିଲା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଠିକା ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଶେଷରେ ଗତ ଜୁଲାଇ ୧୯ରେ ବେହେରା ସରପଞ୍ଚ କୁମୁଦିନୀ ଗଇଁତା କଳାହାଣ୍ଡି ଜିଲାପାଳଙ୍କୁ ସାକ୍ଷାତ କରି ଷ୍ଟ୍ରିଟ ଲାଇଟ ଶୀଘ୍ର ମରାମତି କରାଇବାକୁ ନିବେଦନ କରିଥିବା ପ୍ରକାଶ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖଡ଼ିଆଲ,୨୯।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସଭାଗୃହଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ନରସିଂହ ଗଡବା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ମଞ୍ଚାସୀନ ଥିଲେ। ସଭାରେ ଚଳିତ ବର୍ଷର ସ୍ୱାଧୀନତା ଦିବସ ପାଳନର ରୂପରେଖ ବିସ୍ତୃତ ଆଲୋଚନା କରାଯାଇଥିଲା।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଲାଞ୍ଜିଗଡ,୨୯।୭(ରମେଶ ଚନ୍ଦ୍ର ନାୟକ)**




ଶିବିରରେ ଉପସ୍ଥିତ ଅଧିକାରୀମାନେ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପ୍ରଶାସନ ଦ୍ୱାରା ବନ୍ଧପାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର, ଅତିରିକ୍ତ ତହସିଲଦାର ସୁଶାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ସିଡିପିଓ ବିଜୟଶ୍ରୀ ସିଂହ, ଏପିଇଓ ସଞ୍ଜିତ କୁମାର ପରିଡା, ଯୋଗାଣ ଅଧିକାରୀ ଦିଲୀପ କୁମାର ନାୟକ, ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳିୟାର ସିଂହ, ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ମତ୍ସ୍ୟ ଅଧିକାରୀ ଦେବବ୍ରତ ନାଏକ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ନରେନ୍ଦ୍ର ଦାସ, ଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣା, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଲମ୍ବୋଦର ବେହେରା, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଦଶମତ ମାଝି ପ୍ରମୁଖ ଯୋଗଦେଇ ଅଞ୍ଚଳବାସୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ବନ୍ଧପାରୀ ସରପଞ୍ଚ ଜଗବନ୍ଧୁ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ନାଏବ ସରପଞ୍ଚ ଉକିଆ ବାଗ, ପିଇଓ ଡମ୍ବରୁଧର ସେନାପତି, ଗ୍ରାମ ରୋଜଗାର ସେବକ ରାମ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ୧୨୭ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

# ଜଡାମୁଣ୍ଡା ଗାଁ ରାସ୍ତା ଶୋଚନୀୟ

**ନୂଆପଡା,୨୯।୭ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ଗାଁ ରାସ୍ତା ଶୋଚନୀୟ ହୋଇପଡିଛି। ଗତ କିଛିଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଗାଁ ରାସ୍ତା କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଡ୍ରେନ ସୁବିଧା ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ପାଣି ଜମିବା ଯୋଗୁ ମଶା, ମାଛି ବଂଶ ବୃଦ୍ଧି ପାଇ ଲୋକେ ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗରେ ପୀଡିତ ହେଉଛନ୍ତି। ୩୫୩ ନମ୍ବର ଜାତୀୟ ରାଜପଥଠାରୁ ଜଡାମୁଣ୍ଡା ଦେଇ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରିଛି। ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଅଧିବାସୀ ସେହି ରାସ୍ତା ଦେଇ ଜଡାମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆସିଥାନ୍ତି। ପ୍ରତିଦିନ ଶହ ଶହ ଗାଡି ମୋଟର ଯାତାୟାତ କରୁଥିବାରୁ ଖାଲଖମା ହୋଇ ଦୁର୍ଘଟଣା ଘଟୁଛି। ଗାଁର ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମେତ ଇଚ୍ଛାପୁର, ଠୋଙ୍ଗୋ, ମାଲଭଟା, ସିଲେଟପାଣି ଗାଁ ଲୋକେ ସେହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ରାସ୍ତା ଅବସ୍ଥା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତା ସମସ୍ୟା ସମାଧାନ କରିବାକୁ ଜଡାମୁଣ୍ଡା ସରପଞ୍ଚ ପ୍ରେମଶିଳା ମାଝି ଦାବି କରିଛନ୍ତି।

# ମଝି ରାସ୍ତାରେ ଜେସିବି, ଯାତାୟାତ ବାଧାପ୍ରାପ୍ତ



ରାସ୍ତା ଉପରେ ଜେସିବି।

**ନୂଆପଡ଼ା,୨୯।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟକୁ ସଂଯୋଗ କରୁଥିବା ଘାଟି ରାସ୍ତାରେ ଦୀର୍ଘମାସ ହେବ ଏକ ଜେସିବି ପଡିରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ସୁନାବେଡା ଅଭୟାରଣ୍ୟ ଭିତରେ ସୁନାବେଡା, ସୋସେଙ୍ଗ ଓ ମିଛାପାଲି ପଞ୍ଚାୟତର ମୋଟ ୫୨ ଗାଁ ରହିଛି । ଏହିସବୁ ଗାଁର ଲୋକଙ୍କୁ ୩ଟି ଘାଟି ରାସ୍ତା ଅତିକ୍ରମ କରିବାକୁ ପଡେ। ୩ଟି ରାସ୍ତା ମଧ୍ୟରୁ ଜାମଗାଁ ଘାଟି ଉପରେ ଠିକାଦାର ଅଧା କାମ କରି ଛାଡି ଦେଇଥିବାରୁ କାଦୁଅରେ ଯାଇ ହେଉ ନାହିଁ । ଏକନଗୋଡିଆ ଘାଟିରେ କାମ ଚାଲିଛି। ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକେ ଓ ସମସ୍ତ ଗାଡି ମୋଟର ସିହିନା ଘାଟିରେ ଯାତାୟାତ କରୁଛି। ଜାମଗାଁ ଛକଠାରେ ଠିକାଦାର ଏକ ଜେସିବିକୁ ଦୀର୍ଘ ୮ ମାସ ହେବ ମଝି ରାସ୍ତାରେ ରଖି ଦେଇଥିବାରୁ ଗାଡି ମୋଟର ଯିବାରେ ଅସୁବିଧା ହେଉଛି । ଜେସିବି ପାଖଦେଇ ଗାଡି ଅତିକ୍ରମ କରିବା ସମୟରେ ତଳକୁ ଖସିଯିବା ଭୟ ରହିଛି। ସୁନାବେଡା ଉପରକୁ ଅନେକ ଘରକରଣା ସାମଗ୍ରୀ ଓ ଖାଉଟିଙ୍କ ଚାଉଳ ଗାଡିରେ ଯାଉଛି । ଛୋଟ ଗାଡି ଜେସିବିକୁ ସାଇଡ୍ କରି କଷ୍ଟେମଷ୍ଟେ ଯାଉଛି। ହେଲେ ବଡ ଗାଡି ଯାଇପାରୁ ନାହିଁ। ଏକ ପିକଅପ ଭ୍ୟାନ ରାଶନ ଚାଉଳ ନେଇ ସୁନାବେଡା ଯାଉଥିବାବେଳେ ଜେସିବିକୁ ସାଇଡ୍ କରିବା ସମୟରେ ତଳକୁ ଖସିଯାଇଛି। ପ୍ରଶାସନ ଶୀଘ୍ର ଜେସିବିକୁ ଅନ୍ୟତ୍ର ହଟାଇବା ପାଇଁ ସୁନାବେଡାବାସୀ ଦାବି କରିଛନ୍ତି ।

## ବାଇକ୍ ଚଳାଇ ୭ ନାବାଳକ ଧରାପଡ଼ିଲେ

**ଭବାନୀପାଟଣା,୨୯।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଦୁର୍ଘଟଣା ରୋକିବାକୁ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି। ଏହି କ୍ରମରେ ସୋମବାର ଜିଲାର ଜୁନାଗଡ଼ ଓ ଭବାନୀପାଟଣା ସଦର ଥାନା ଅଞ୍ଚଳରେ ବିଭାଗ ପକ୍ଷରୁ ଗାଡି ମୋଟର ଯାଞ୍ଚ କରାଯାଉଥିଲା। ଏହି ସମୟରେ ବାଇକ୍ ଚଳାଉଥିବା ୭ ନାବାଳକ ଧରାପଡିଥିଲେ। ସମ୍ପୃକ୍ତ ନାବାଳକଙ୍କ ଗାଡି ଜବତ କରାଯିବା ସହ ମାମଲା ରୁଜୁ କରି ୨୫ ହଜାର ଟଙ୍କା ଲେଖାଏ ଫାଇନ କରାଯାଇଥିବା ଜଣାପଡିଛି। ଏହି ଯାଞ୍ଚରେ ଜୁନିୟର ଏମ୍‌ଭିଆଇ ରାମକୃଷ୍ଣ ମାଝି, ଟ୍ରାଫିକ ଇନ୍ସପେକ୍ଟର ମିଥୁନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପକ୍ଷାଘାତ ଯନ୍ତ୍ରଣାରେ ବୃଦ୍ଧା ମାଳତୀ



ବିଛଣାରେ ପଡିରହିଛନ୍ତି ମାଳତୀ।

**କୋକସରା,୨୯।୭ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ଦୀର୍ଘ ବର୍ଷେ ହେବ ପକ୍ଷାଘାତ ରୋଗରେ ବିଛଣାରେ ପଡିରହିଛନ୍ତି କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ସତନାମୀ ପଡାର ବୃଦ୍ଧା ମାଳତୀ ସତନାମୀ। ୩ବର୍ଷ ତଳେ ମାଳତୀଙ୍କ ସ୍ୱାମୀ ଗୋରଶ ସତନାମୀଙ୍କ ମୃତ୍ୟୁ ପରେ ଦୁଇ ବିବାହିତ ପୁଅ ପ୍ରେମଲାଲ ସତନାମୀ ଓ ସୁରେନ୍ଦ୍ର ସତନାମୀଙ୍କ ଆଶ୍ରାରେ ଦିନ କାଟୁଛନ୍ତି ମାଳତୀ। ମଜୁରି କରୁଥିବା ଦୁଇପୁଅ ସୁନାଗହଣା, ଜମି ବନ୍ଧକ ରଖି ଭବାନୀପାଟଣାଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ସରକାରୀ, ବେସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ କୌଣସି କାରଣରୁ ରାଜ୍ୟ ସରକାରଙ୍କଠାରୁ ମିଳିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ କାମରେ ନ ଆସିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଆଡ୍‌ମିଟ ପାଇଁ ମନା କରିଥିଲେ। ପରେ ମାଳତୀ ଘରକୁ ଫେରି ସେହି ଦିନଠାରୁ ବିଛଣାରେ ପଡି ଯନ୍ତ୍ରଣାରେ ଦିନ କାଟୁଛନ୍ତି। ଚିକିତ୍ସା ପାଇଁ ସରକାରୀ ସହାୟତା ଏକମାତ୍ର ବିକଳ୍ପ ହୋଇଥିବା ବେଳେ ବଡ଼ପୁଅ ପ୍ରେମଲାଲ ଗଣମାଧ୍ୟମ ଜରିଆରେ ମା'ଙ୍କ ଚିକିତ୍ସା ପାଇଁ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

## ଆମପାଣି ଶିବିରରେ ୧୬୨ ଅଭିଯୋଗ ପଞ୍ଜୀକୃତ

**କୋକସରା,୨୯।୭ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଆମପାଣି ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ ସଭାପତିତ୍ୱ କରିଥିଲେ। ବିଡ଼ିଓ ସ୍ନେହାପ୍ରଭା ମାଝି, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ପିଇଓ ଗିରିଶ ଚନ୍ଦ୍ର ନାଏକଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଗାଣ, ଉଦ୍ୟାନ କୃଷି, ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଚାୟତର ୨ ଯକ୍ଷ୍ମା ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଔଷଧ ସହ ପଞ୍ଚାୟତ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଶିବିରରେ ମୋଟ ୧୬୨ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ହିତାଧିକାରୀଙ୍କ ଅଭିଯୋଗ ଉପରେ ଶୀଘ୍ର ସମାଧାନ କରାଯିବା ନେଇ ବିଡ଼ିଓ କହିଛନ୍ତି।



# ଅସ୍ଥାୟୀ ରାସ୍ତା ବିପଦପୂର୍ଣ୍ଣ

**କର୍ଲାମୁଣ୍ଡା,୨୯।୭ (ପ୍ରଦୀପ କୁମାର ସାହୁ)**



ବ୍ରିଜଠାରେ ବିପଦପୂର୍ଣ୍ଣ ଅସ୍ଥାୟୀ ରାସ୍ତା।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡାଠାରୁ ରିଞ୍ଜା ପର୍ଯ୍ୟନ୍ତ ଆର୍‌ଡି ରାସ୍ତାର ସରବରାହ ଜୋର ବ୍ରିଜ ମଧ୍ୟଭାଗ ଛାତପଡି ନ ଥିବାରୁ ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି। ହେଲେ ଏହି ଅସ୍ଥାୟୀ ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପ୍ରତ୍ୟହ ବିଦ୍ୟାଳୟ ଛାତ୍ରୀଛାତ୍ର, ସାଧାରଣ ଲୋକେ ରାସ୍ତାରେ ଯିବାଆସିବା କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଟେଣ୍ଡର ଜରିଆରେ ଜନୈକ ଠିକାଦାରଙ୍କ ଦ୍ୱାରା ୨କୋଟି ୭୧ ଲକ୍ଷ ୨୮ ହଜାର ୮ ଶହ ଟଙ୍କା ଅଟକଳରେ ଜିଲାଇ ୨୦୨୩ରେ ବ୍ରିଜ ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ବର୍ଷା ବର୍ଷା ସମୟରେ ବ୍ରିଜ ଛାତ ପଡିପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ଆଦେଶନାମା ଜାରି ହୋଇଥିଲା। ଫଳରେ ବ୍ରିଜରେ ହେବାକୁ ଥିବା ତିନୋଟି ଛାତ ମଧ୍ୟରୁ ଉଭୟ ପାର୍ଶ୍ୱର ଦୁଇଟି ଛାତ ହୋଇ ପାରିଥିଲା। ଅନ୍ୟପଟେ ଲୋକଙ୍କ ଯିବାଆସିବା ପାଇଁ ଠିକାଦାରଙ୍କ ପକ୍ଷରୁ ୪ଫୁଟ ଓସାର ଲୁହା ସାହାଯ୍ୟରେ ତିଆରି ହୋଇଥିବା ଅସ୍ଥାୟୀ ରାସ୍ତା ବିପଦ ସୃଷ୍ଟି କରିଛି। ଏହାବ୍ୟତୀତ ଉଭୟ ପାର୍ଶ୍ୱରେ ରାସ୍ତା ସମତଳ କରାଯାଇ ନ ଥିବାରୁ ବ୍ରିଜ ପାର ହୋଇ ରାସ୍ତାକୁ ଆସିବା କଷ୍ଟକର ହୋଇପଡିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶୋଷନ କୁଣ୍ଡୁଲଙ୍କୁ ପଚାରିବାରୁ ଏ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ପଦ୍ମପୁର ୱାର୍ଡ ନଂ. ୭: ଠିକା ସଂସ୍ଥାର ଖାମଖିଆଲି କାମ
### ଲୋକେ ହେଉଛନ୍ତି ହଇରାଣ



**ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହର ୧୧ଟି ୱାର୍ଡ ମଧ୍ୟରୁ ୭ ନଂ. ୱାର୍ଡ ଅନ୍ତର୍ଗତ ମୁଖ୍ୟ ରାସ୍ତାରୁ ଅମଲିପାଲିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସହରରେ ପକ୍କା ରାସ୍ତା ଥିବା ବେଳେ ଅମଲିପାଲିକୁ କାଦୁଅ ପଚପଚ ରାସ୍ତା ରହିଛି। ରାସ୍ତାର କେତେକ ଜାଗାରେ ଗାତ ହୋଇଥିବାରୁ ପାଣି ଜମି ରହୁଛି। ଯିବା ଆସିବାରେ ଲୋକ ବହୁ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିଶେଷ ଭାବେ ଛାତ୍ରୀଛାତ୍ରମାନେ ସ୍କୁଲ ଯିବାଆସିବ ସମୟରେ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି। ଅମଲିପାଲିର ଉନ୍ନତିକରଣ ସକାଶେ ରାସ୍ତା ତିଆରି ଯୋଗୁ ଠିକାଦାର ମନମୁଖୀ କାମ ଯୋଗୁ ଲୋକେ ଅଧିକ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେବ ପେଭର ବ୍ଲକ ବିଛାଇବା ପାଇଁ ଠିକା ସଂସ୍ଥା ବାଲି, ଗେଟି, ପେଭର ବ୍ଲକ ରାସ୍ତାରେ ରଖିଥିବା କାରଣରୁ ଲୋକଙ୍କୁ ଯିବା ଆସିବାରେ ଅସୁବିଧା ହେବା ସହ ଅମଲିପାଲିକୁ ଆମ୍ବୁଲାନ୍ସ ଯିବା ମଧ୍ୟ କଷ୍ଟ ହୋଇପଡୁଥିବା ଲୋକ ଅଭିଯୋଗ କହିଛନ୍ତି। ବିଭାଗୀୟ ଅଧିକାରୀ ଏ ବିଷୟ ପ୍ରତି ଧ୍ୟାନ ଦେବା ସହ ଯଥାଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି।

### ଦିବ୍ୟଜ୍ୟୋତି ସଂସ୍ଥା ପକ୍ଷରୁ ଗୁରୁପୂର୍ଣ୍ଣିମା

**ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣରେ ଦିବ୍ୟ ଜ୍ୟୋତି ଜାଗ୍ରତି ସଂସ୍ଥାନ ଶାଖା ସମ୍ବଲପୁର ପକ୍ଷରୁ ଗୁରୁ ପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା। ଦିଲ୍ଲୀସ୍ଥିତ ମୁଖ୍ୟାଳୟରୁ ସାଧ୍ୱୀ ରାଗିଣୀ ଭାରତୀ, ସାଧ୍ୱୀ ସ୍ୱୟପ୍ରଭା ଭାରତୀ, ସାଧ୍ୱୀ ହରାମୃଜା ଭାରତୀ ଆସି ସୁମଧୁର ସଙ୍ଗୀତ ଏବଂ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଅନେକ ଭକ୍ତ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମ ପରେ ଆସିଥିବା ଭକ୍ତ ଶ୍ରଦ୍ଧାଳୁଙ୍କୁ ସଂସ୍ଥାନର ପର୍ଯ୍ୟାବରଣ ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ବୃକ୍ଷରୋପଣ ପାଇଁ ଚାରା ବିତରଣ କରାଯାଇଥିଲା।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଈଶ୍ୱରୀୟ ସେବା

**ପାଇକମାଲ,୨୯।୭(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ନୃସିଂହନାଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ନୃସିଂହନାଥ କେନ୍ଦ୍ର ପକ୍ଷରୁ ଶ୍ରାବଣ ମାସ ସୋମବାରରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା କଉଡ଼ିଆମାନଙ୍କୁ ଈଶ୍ୱରୀ ସେବା ପ୍ରଦାନ କରାଯାଉଛି। ପରମାତ୍ମାଙ୍କ ସ୍ଥାପିତ ଏହି ବିଶ୍ୱ ବିଦ୍ୟାଳୟରେ ଜ୍ଞାନ ଓ ରାଜଯୋଗ ମାଧ୍ୟମରେ ବିଶ୍ୱରେ ଚାରିତ୍ରିକ, ନୈତିକ ଶିକ୍ଷା ସହ ଶାନ୍ତି ପ୍ରତିଷ୍ଠା ପାଇଁ ସଚେତନ କରୁଥିଲେ। ରାଜଯୋଗ ଦ୍ୱାରା ମାନସିକ, ଶାରୀରିକ ଶାନ୍ତି ପାଇଁ ପ୍ରେରଣାଦାୟୀ ବୋଲି କାଉଡିଆଙ୍କୁ ବୁଝାଇଥିଲେ। ଗୋଷ୍ଠୀଗତ ଭାବେ କଉଡ଼ିଆମାନଙ୍କୁ ସାକ୍ଷାତ କରି ପ୍ରଜାପିତାଙ୍କ ଅମରବାଣୀ ପରସି ଥିଲେ। କାର୍ଯ୍ୟକ୍ରମରେ ନୃସିଂହନାଥ କେନ୍ଦ୍ର ବ୍ରହ୍ମକୁମାରୀ ମୀରା ଭଉଣି, ସୋହେଲା କେନ୍ଦ୍ରର ସନ୍ତୋ ଭାଇ ଓ ଅନ୍ୟ ଭାଇଭଉଣୀ ସହଯୋଗ କରିଥିଲେ।

# ଗୋଦାମରେ ଗଚ୍ଛିତ, ଚାଷୀଙ୍କୁ ନିଅଣ୍ଟ

**ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ବୃଷ୍ଟିପାତ ପରେ ଖରିଫ ଚାଷକାର୍ଯ୍ୟ ଆଗେଇ ଚାଲିଛି। ତେବେ ବର୍ତ୍ତମାନ ଜିଲାରେ ସାର ସଂକଟ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଜିଲାର ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ଗୋଦାମରେ ସାର ଗଚ୍ଛିତ ରହିଛି। କିନ୍ତୁ ସାର ବିକ୍ରିରେ ସେମାନଙ୍କ ସ୍ୱେଚ୍ଛାଚାରିତା (ମନମାନୀ) ବଢ଼ି ଚାଲିଛି। ଗୋଦାମରେ ସାର ଗଚ୍ଛିତ ଥିବାବେଳେ ଚଢ଼ାଦରରେ ବିକ୍ରି ପାଇଁ ଚାଷୀଙ୍କୁ ବ୍ୟବସାୟୀମାନେ ବିଭିନ୍ନ ଆଳ ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ବର୍ତ୍ତମାନ ଚାଷୀଙ୍କୁ ପର୍ଯ୍ୟାପ୍ତ ଡିଏପି ସାର ଦରକାର ପଡୁଥିବାବେଳେ ତାର ଅଭାବ ଦେଖାଯାଇଛି। ଆବଶ୍ୟକ ବେଳେ ସାରର ଏଭଳି ଅଭାବ ଏବଂ ବ୍ୟବସାୟୀଙ୍କ ମନମାନୀ ଯୋଗୁ ସାରବିକ୍ରିରେ କଳାବଜାର ବଢ଼ି ଚାଲିଛି। ଏହାସତ୍ତ୍ୱେ ଜିଲା କୃଷି ବିଭାଗ ହାତ ବାନ୍ଧି ବସିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ସୋମବାର ସଂଯୁକ୍ତ କୃଷକ ସଂଗଠନ ଏକ ଚାଷୀ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ସାରବିକ୍ରିରେ ଚାଲିଥିବା କଳାବଜାର ରୋକିବା ସହିତ ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ଯୋଗାଇଦେବା ପାଇଁ ଚାଷୀ ପ୍ରତିନିଧିମାନେ ଦାବି କରିଛନ୍ତି। ଏହା ସହିତ ଜିଲାର ପ୍ରତ୍ୟେକ ସାର ଡିଲର ସେମାନଙ୍କ ଦୋକାନ ସମ୍ମୁଖରେ ସାରଦର ତାଲିକା ଉଲ୍ଲେଖ ରଖିବା, ଚଢ଼ାଦରରେ ସାରବିକ୍ରି କରୁଥିବା ଦୋକାନୀ ତଥା ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ନକଲି ସାର, କୀଟନାଶକ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି।



ବରଗଡ଼ ବ୍ଲକ କଲାପାଣିର ଜଣେ ଚାଷୀ ଜମିରେ ସାର ପ୍ରୟୋଗ କରୁଛନ୍ତି।





ସାର କଳାବଜାର ନେଇ ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟୁଛନ୍ତି।

ଖରିଫରେ ଜିଲାର ଉଭୟ କେନାଲ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନଚାଷ କରାଯାଇଥାଏ। ଫଳରେ ରବି ତୁଳନାରେ ଖରିଫ ଫସଲରେ ଯଥେଷ୍ଟ ଅଧିକ ସାର ଆବଶ୍ୟକ ହୋଇଥାଏ। ଖରିଫ ପାଇଁ ଜିଲାରେ ୩୨ହଜାର ୫୦୦ ମେଟ୍ରିକ ଟନ ୟୁରିଆର ଆବଶ୍ୟକତା ରହିଛି। କିନ୍ତୁ ଏପର୍ଯ୍ୟନ୍ତ ଜିଲାକୁ ୨୨ହଜାର ୭୪୯.୬୭୬ ମେଟ୍ରିକ ଟନ୍ ସାର ପହଞ୍ଚିଛି। ସେହିପରି ୧୧ହଜାର ମେଟ୍ରିକ ଟନ ଡିଏପି ସାରର ଆବଶ୍ୟକତା ରହିଥିବାବେଳେ ଜିଲାକୁ ମାତ୍ର ୩୯୫୫.୫୯ ମେଟ୍ରିକ ଟନ୍ ଡିଏପି ସାର ଆସିଛି। ଅନ୍ୟପଟେ ଏମଓପି ସାର ଆବଶ୍ୟକତାଠାରୁ ଅଧିକ ପହଞ୍ଚିଛି।

**ସାର ବିକ୍ରିରେ କଳାବଜାର, ହାତବାନ୍ଧି ବସିଛି କୃଷି ବିଭାଗ**

୪ହଜାର ମେଟ୍ରିକ ଟନ ଏମଓପିର ଆବଶ୍ୟକ ଥିବାବେଳେ ୪୩୦୮.୫୬୫ ମେଟ୍ରିକ ଟନ ଏମଓପି ସାର ପହଞ୍ଚିଛି। ସେହିପରି ୧୭ହଜାର ଏନପିକେଏସ୍ ସାର ଆବଶ୍ୟକ ରହିଥିବାବେଳେ ୧୨ହଜାର ୬୩୩.୨୩ ମେଟ୍ରିକ ଟନ୍ ଏବଂ ୧ହଜାର ମେଟ୍ରିକ ଟନ୍ ଏସଏସପି ସାର ଦରକାର ଥିବାବେଳେ ୨୯୪ ମେଟ୍ରିକ ଟନ ଏହି ସାର ଆସିଛି। ଏହା ସହିତ ୩୧ମେଟ୍ରିକ ଟନ କମ୍ପୋଷ୍ଟ ସାର ଆସିଛି। ମୋଟାମୋଟି ଭାବେ ୭୨ହଜାର ୫୦୦ ମେଟ୍ରିକ ଟନ ସାରର ଆବଶ୍ୟକ ଥିବାବେଳେ ଏପର୍ଯ୍ୟନ୍ତ ଜିଲାକୁ ୪୩ହଜାର ୯୭୨.୦୭୧ ମେଟ୍ରିକ ଟନ୍ ସାର ପହଞ୍ଚିଛି। ଜିଲାକୁ ଆସିଥିବା ସାରକୁ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଏବଂ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ(ଡିଲର)ଙ୍କ ମାଧ୍ୟମରେ ବିକ୍ରି ବ୍ୟବସ୍ଥା କରାଯାଇଛି। ସରକାରୀ ନିର୍ଦ୍ଧାରିତ ଦରରେ ଚାଷୀଙ୍କୁ ସାରବିକ୍ରି ପାଇଁ କୃଷି ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ତେବେ ବିଭିନ୍ନ ପାକ୍ସରେ ପର୍ଯ୍ୟାପ୍ତ ସାର ମିଳୁ ନ ଥିବାବେଳେ ଲାଇସେନ୍ସପ୍ରାପ୍ତ ଡିଲରମାନେ ଗୋଦାମରେ ଗଚ୍ଛିତ ଥାଇ ମଧ୍ୟ ସାର ବିକ୍ରି କରୁନଥିବା ଏବଂ ଚଢ଼ାଦର ଦାବିକରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ସାର ବିକ୍ରିବେଳେ ୫୦୦ଟଙ୍କାର ଭିଟାମିନ୍ ନେବାକୁ ବ୍ୟବସାୟୀମାନେ ବାଧ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟ ମୁତାବକ ୟୁରିଆ ସାର ପକେଟ୍ ପ୍ରତି ୨୬୬ ଟଙ୍କା ରହିଛି। କିନ୍ତୁ ବ୍ୟବସାୟୀମାନେ ଏହାକୁ ୩୫୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେହିପରି ଡିଏପି ସାର ପକେଟ୍ ପ୍ରତି ସରକାରୀ ଧାର୍ଯ୍ୟ ଦର ୧୩୫୦ ଟଙ୍କା ରହିଥିବାବେଳେ ଏହାକୁ ୧୫୦୦ ଟଙ୍କାରେ ବିକ୍ରିକରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାରେ ଖୋଲାଖୋଲି ଭାବେ ଏଭଳି ସାର ବିକ୍ରିରେ କଳାବଜାର ଚାଲିଥିବାବେଳେ କୃଷି ବିଭାଗ ହାତ ବାନ୍ଧି ବସିଥିବାରୁ ଏଥିରେ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ଚାଷୀମହଲରେ ନାନା ସନ୍ଦେହ ଉପୁଜିଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ସଂଗଠନର ରମେଶ ମହାପାତ୍ର, ସୁରେଶ ନେକାଣ୍ଡି, ନିରଞ୍ଜନ ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଶିକ୍ଷା ସପ୍ତାହରେ କ୍ରୀଡ଼ା ଦିବସ ପାଳନ

**ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗୁଡିଦାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଦିବସ ପାଳନ ଅବସରରେ କ୍ରୀଡ଼ା ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ହରବଲ୍ଲବ ପ୍ରଧାନ, ଶିକ୍ଷକ ସୁବୋଧ ଭୋଇ, ଶିକ୍ଷୟିତ୍ରୀ ରୀନା କୁମାରୀ ମେହେର, ମେନକା ସୁନା, ତନୟା ତନସନା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଉପରେ ଆଧାରିତ ସାଧାରଣଜ୍ଞାନ ପ୍ରତିଯୋଗିତା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

ସେହିପରି ଭୁକ୍ତାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକ ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ ଏବଂ ରଞ୍ଜିତ ସାହୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ ପାରମ୍ପାରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



କ୍ରୀଡ଼ା ଦିବସରେ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି।

## ନଟରାଜ କଳା ପରିଷଦର ନୃତ୍ୟ ପ୍ରତିଯୋଗିତା

**ସରଣ୍ଡା,୨୯।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ନଟରାଜ କଳା ପରିଷଦରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଟିକେଲାଲ ଚାନ୍ଦ, ଭାରତୀ କଳା ବିକାଶ କେନ୍ଦ୍ରର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ, ପି. ଗଣେଶ କୁମାର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ନୃତ୍ୟଗୁରୁ ଶର୍ମିଷ୍ଠା ଭୁତିଆ, ସୁମନ ଢ଼ାଳି ବିଚାରକଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶ୍ରେୟାଂଶୀ ସନସିତା ଜେନା, ଆଲିଶା ମିଶ୍ର, ନନ୍ଦିତା ମହାପାତ୍ର, ଜୁନିୟର ବିଭାଗରେ ପୂର୍ଣ୍ଣାଶ୍ରୀ ମିଶ୍ର, ଇସିତା ପାଢ଼ୀ, ବିନାଂଶୀ ପ୍ରଧାନ, ସବଜୁନିୟର ବିଭାଗରେ ଯୁକ୍ତା ମହାପାତ୍ର, ଆସ୍ଥା ପଟେଲ, ସମୀକ୍ଷା ମହାପାତ୍ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଅନୁଷ୍ଠାନର ସଭାପତି ନିର୍ମଳ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସୁମନ୍ତ ସାହୁ, ରାଜେଶ ଭୋଇ, ପୂଜା ପରୀମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ନୂତନ ବ୍ରିଜ୍ ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବି

**ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ନିକଟସ୍ଥ ବରିକେଲ ପଞ୍ଚାୟତ ଫଟାମୁଣ୍ଡା ଗାଁର ଲୋକେ ସୋମବାର ପଦ୍ମପୁର ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଭେଟି ଫଟାମୁଣ୍ଡାରୁ ବୁଧାପାଲି ରାସ୍ତା ମଧ୍ୟରେ ଥିବା ନାଳ ଉପରେ ଏକ ବ୍ରିଜ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ପ୍ରକାଶ ଯେ, ବର୍ଷା ସମୟରେ ଉକ୍ତ ନାଳରେ ପାଣି ବହି ଯାତାୟାତକୁ ଅବରୋଧ କରିଥାଏ। ଫଳରେ ରୋଗୀକୁ ଡାକ୍ତରଖାନା ନେବା, ଛାତ୍ରୀଛାତ୍ର ପାଠପଢ଼ି ଯିବା ପାଇଁ ସମସ୍ୟା ସହ ଜରୁରୀକାଳୀନ ସେବାଗୁଡିକ ସମସ୍ୟା ଦେଖା ଦେଇଥାଏ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ବହୁ କଷ୍ଟ ସହ ସମସ୍ୟା ଭୋଗିବାକୁ ପଡେ। ଗତ ୩ ଦିନ ତଳେ ପ୍ରବଳ ବର୍ଷା ଯୋଗୁ ଉକ୍ତ ନାଳ ଉପରେ ପାଣି ବହିବାରୁ ଦୁଇ ଦିନ ଧରି ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇପଡ଼ିଥିଲା। ପ୍ରତେକ ବର୍ଷ ବର୍ଷା ସମୟରେ ବଢି ପାଣି ଯୋଗୁ ଗମନାଗମନ ବ୍ୟାଘାତ ହୋଇ ଆସୁଛି। ଏହାକୁ ନେଇ ଫଟାମୁଣ୍ଡା ଗ୍ରାମବାସୀ ଏକତ୍ରିତ ହୋଇ ବିଭାଗୀୟ ଯନ୍ତ୍ରୀଙ୍କୁ ଲିଖିତ ଜଣାଇଛନ୍ତି। ଅଧିକ୍ଷଣ ଯନ୍ତ୍ରୀ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବରପାଲି ଜଗନ୍ନାଥ ନଗର ରାସ୍ତା ମରଣଯନ୍ତା

**ବରପାଲି,୨୯।୭(ଚିତ୍ତରଞ୍ଜନ ସାହୁ)**

ବରପାଲି ରାମପୁର ଜଗନ୍ନାଥ ସଡ଼କର ଜଗନ୍ନାଥ ନଗର ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ବରପାଲି ସହରର ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ପଡ଼ିଛି। ସେହି ରାସ୍ତାର ଅବସ୍ଥା ନ ଦେଖିଲେ ବିଶ୍ୱାସ କରି ହେବନାହିଁ। ରାସ୍ତା ଉପରେ ଆଣ୍ଠୁ ଏ ଲେଖା ଗାତ ଏବେ ପୁଣି ବର୍ଷା ଯୋଗୁ ଗାତ ପାଣିରେ ଭର୍ତ୍ତି ହେବା ଯୋଗୁ ବାଇକ, ସାଇକେଲ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଥାଉ ଏହି ରାସ୍ତାରେ ବରପାଲିର ସମସ୍ତ ଘରୋଇ, ସରକାରୀ ସ୍କୁଲ, କଲେଜ ଥିବାରୁ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଯିବାଆସିବା କରନ୍ତି। ରେଳ ଓଭର ବ୍ରିଜ କାମ ବହୁ ବର୍ଷ ହେଲା ଅଧାରୁ ବନ୍ଦ ପଡିଛି। ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ ଜନସାଧାରଣଙ୍କ ଏହି ସମସ୍ୟା ପ୍ରତି ଦୃଷ୍ଟି ହିଁ ନାହିଁ। ଏହି ଜଗନ୍ନାଥ ସଡ଼କ ପୁରୀ- ରାୟପୁରକୁ ସଂଯୋଗ ଥିବାରୁ ଶହ ଶହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଛି। କିଛି ମାସ ପୂର୍ବରୁ ଏହି ରାସ୍ତାରେ ଦିନ ବେଳା ଭାରୀଯାନ ଚଳାଚଳ ବନ୍ଦଥିଲା। ହେଲେ ଏବେ ପୁଣି ଅନାୟସ ରେ ଯାତାୟାତ କରୁଛି। ଜଗନ୍ନାଥ ନଗରରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ପାଣି ରାସ୍ତା ଉପରେ ଜମି ରହୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରଶାସନ ପକ୍ଷରୁ ଏହାର ସମାଧାନ କରା ନ ଗଲେ ରାସ୍ତା ଅବରୋଧ କରାଯିବ ବୋଲି ଜଗନ୍ନାଥନଗରବାସୀ ଚେତାବନୀ ଦେଇଛନ୍ତି।



ଜଗନ୍ନାଥ ନଗର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

## ବିକାଶ ନର୍ସିଂ କଲେଜରେ ହେପାଟାଇଟିସ୍ ଦିବସ

**ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ନର୍ସିଂ କଲେଜରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବିକାଶ ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ ଅଧ୍ୟକ୍ଷତା କରିଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ପ୍ରଫେସର ଗିରିଜା ପ୍ରସାଦ ମିଶ୍ର ହେପାଟାଇଟିସ୍ ଭୂତାଣୁର ପ୍ରକାର ଏବଂ ହେପାଟାଇଟିସ୍‌ର ପ୍ରତିରୋଧକ ଟୀକା ଉପରେ ଆଲୋକପାତ କରିଥିଲେ। ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ହେପାଟାଇଟିସ୍ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ମାଇକ୍ରୋ ବାୟୋଲୋଜିଷ୍ଟ ଡା. ଗୀତାରାଣୀ ପୁରୋହିତ, ଜିଲା ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋ ବାୟୋଲୋଜିଷ୍ଟ ଭାଗ୍ୟଶ୍ରୀ ପୁହାନ ହେପାଟାଇଟିସ୍ ଚିହ୍ନଟ ଏବଂ ମାଗଣା ପରୀକ୍ଷା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଡା. ସତୀଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଶିବିରରେ ୬୧ ଅଭିଯୋଗ ପଞ୍ଜୀକୃତ

**ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ପଞ୍ଚାୟତ ସମିତ ସଭାକକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଏସପି ପି.ଏସ୍ ମିନା, ଉପଜିଲାପାଳ କୁମାର ନାଗଭୂଷଣ, ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ଼, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ଉପରେ ସମୁଦାୟ ୬୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୨ଅଭିଯୋଗ ବ୍ୟକ୍ତିଗତ ଏବଂ ୯ ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକର ଶୁଣାଣି କରି ତାର ତ୍ୱରିତ୍ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପାଇକମାଳ ଛକ ରାସ୍ତା ଶୋଚନୀୟ

**ପାଇକମାଳ,୨୯।୭(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ଛକରେ ଚାରି ଦିଗକୁ ଲମ୍ବି ଯାଇଛି ଚାରୋଟି ରାସ୍ତା। ପୂର୍ବ ଦିଗକୁ ପଦ୍ମପୁର ରାସ୍ତା, ପଶ୍ଚିମ ଦିଗକୁ ନୂଆପଡା ରାସ୍ତା, ଦକ୍ଷିଣ ଦିଗକୁ ନୃସିଂହନାଥ ମନ୍ଦିର ରାସ୍ତା ଯାଇଥିଲା ବେଳେ ଉତ୍ତର ଦିଗକୁ ଝାରବନ୍ଧରୁ ଛତିଶଗଡ ରାସ୍ତା। ତେବେ ଝାରବନ୍ଧ ରାସ୍ତା ଛକରୁ ଆରମ୍ଭ ହୋଇଛି ଖାଲଖମା ପାଣି ଭରା ସୁନ୍ଦରିଆ ରାସ୍ତା ପରିପୂର୍ଣ୍ଣ ଦୋକାନୀମାନଙ୍କ ଅଳିଆରେ। ପ୍ରାୟ ଏହି ସ୍ଥାନରେ ଦୈନନ୍ଦିନ ଛୋଟବଡ ଘଟୁଥିବା ଦୁର୍ଘଟଣା ଘଟୁଛି। ପ୍ରଶାସନ ଅଧିକାରୀମାନେ ସବୁଦିନ ଏହି ରାସ୍ତାରେ ଯିବା ଆସିବା କରନ୍ତି। ତାଙ୍କ ଚାରି ଚକିଆ ଗାଡି ଏଠାରେ ତଳ ଉପର ମଧ୍ୟ ହୁଏ, କିନ୍ତୁ ସେମାନେ ନ ଜାଣିଲା ପରି କରନ୍ତି। ବିଜୁ ଏକ୍ସପ୍ରେସ ୱେ ପାଇକମାଳ ମୁଖ୍ୟ ରାସ୍ତାରେ ବଡବଡ ଗାତ ସୃଷ୍ଟି ହୋଇଛି। ଅନେକ ଥର ଅନେକ ଲୋକ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଥିପ୍ରତି ଦୃଷ୍ଟି ପକାଇବାକୁ ପାଇକମାଳ ଜନତା କହୁଛନ୍ତି।



## ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ବ୍ରାହ୍ମଣଡିହ ଦୁରବସ୍ଥା

**ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ)**

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୦୯-୧୦ରୁ ଆରମ୍ଭ ହୋଇଛି ଆଦର୍ଶ ଗ୍ରାମ ଯୋଜନା। ଏହି କେନ୍ଦ୍ରୀୟ ଯୋଜନା ଅଧୀନରେ ୫୦ପ୍ରତିଶତରୁ ଅଧିକ ଅନୁସୂଚିତଜାତି ବର୍ଗ ଥିବା ଗ୍ରାମରେ ବିଭିନ୍ନ ଜନହିତକର ପ୍ରକଳ୍ପ କାର୍ଯ୍ୟ କରିବା। ମାତ୍ର ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମପଞ୍ଚାୟତ ଆଦର୍ଶ ଗ୍ରାମ ଭାବେ ବ୍ରାହ୍ମଣଡିହିକୁ ଘୋଷଣା କରାଯାଇଛି। ମାତ୍ର ଏହାର ଦୁରବସ୍ଥା କହିଲେ ନସରେ। ଏବେ ବି ଏହି ଗାଁ ରାସ୍ତା କାଦୁଅ ପଚପଚ। ଗାଁ ମୁଣ୍ଡ ସାଜିଛି ଡମ୍ପିୟାଡ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଆଦର୍ଶ ଗ୍ରାମରେ ପ୍ରାୟ ୫୦ଲକ୍ଷ ଟଙ୍କା ଖର୍ଚ୍ଚରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଅଧିକାଂଶ ଦିନ ଜଳଯୋଗାଣ ବନ୍ଦ ରହିଥିବା ଗ୍ରାମବାସୀ କହିଛନ୍ତି। ସେହିଭଳି ଗାଁ ମୁଣ୍ଡରେ ଏକ ଶ୍ମଶାନ ଘାଟ ନିର୍ମିତ ହୋଇଛି। ମାତ୍ର ତାହା ଘାସବୁଦା ମାଡି ଭଗ୍ନ ଅବସ୍ଥାରେ ଥିବା ସହିତ ରାସ୍ତା ମଧ୍ୟ ନାହିଁ। ଗୋଷ୍ଠୀ ଖଳା ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ଲକ୍ଷ ଟଙ୍କା ବ୍ୟୟରେ ଖଳା ନିର୍ମାଣ ହୋଇଛି। ମାତ୍ର ଖଳାକୁ ଯିବା ପାଇଁ ରାସ୍ତା ନାହିଁ। ପ୍ରାୟ ସମସ୍ତଙ୍କ ଘରେ ପାଇଖାନା ଥିବା ସତ୍ତ୍ୱେ ଲୋକମାନେ ବାହାରେ ଶୌଚ କରୁଛନ୍ତି। ଆବର୍ଜନା କୁଣ୍ଡ ଗାଁରୁ ଦୂରରେ ଥିବା ଯୋଗୁ ରାସ୍ତା କଡରେ ଆବର୍ଜନା ପଡିରହୁଛି। ସରକାର ଏହି ଆଦର୍ଶ ଗ୍ରାମ ଯୋଜନାରେ ଲକ୍ଷାଧିକ ଟଙ୍କା ଅନୁଦାନ ଦେବା ସତ୍ତ୍ୱେ କାର୍ଯ୍ୟାକାରୀ କରୁଥିବା ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ଏଭଳି ବିକାଶ ମୂଳକ ଯୋଜନା ବାସ୍ତବତାରୁ ଅନେକ ଦୂରରେ। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।





ଖଳାକୁ ଯିବା ପାଇଁ ରାସ୍ତା ନାହିଁ, ଘାସବୁଦା ପରିପୂର୍ଣ୍ଣ ଶ୍ମଶାନ ଘାଟ।

## ସଂକ୍ଷେପରେ

### ମ୍ୟୁଜିକ୍ ଥେରାପିର ମାସିକ ସଙ୍ଗୀତ ଆସର

**ରାଉରକେଲା,୨୯।୭(ଦିନେଶ ମିଶ୍ର):** ସିଭିଲଟାଉନ୍‌ସ୍ଥିତ ଏକ ହୋଟେଲ ପରିସରରେ ସହରର ଅନ୍ୟତମ ସଙ୍ଗୀତ ଅନୁଷ୍ଠାନ ମ୍ୟୁଜିକ୍ ଥେରାପିର ମାସିକ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ଗାୟକ ମନରଞ୍ଜନ ଦାଶ, ଅଜୟ ଖଟୁଆ, ସ୍ମିତା ମିଶ୍ର, ଲୀନା ସେନାପତି, ଶର୍ମିଳା ରାଜଗୁରୁ, ଅନିତା ମହାନ୍ତି, ମିନର୍ଭା ମିଶ୍ର, ଅନିଲ ବାୱାରା, ଝୁନୁ ନାୟକ, ଶ୍ୟାମଲାଲ ଗୁପ୍ତା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ବାଦ୍ୟଯନ୍ତ୍ରରେ ସରୋଜ ପଣ୍ଡା,ରଜନୀଶ ସିଂ, ତୀର୍ଥ ଲୋହାର, ଟୁନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସଦସ୍ୟା ସ୍ମିତା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମ୍ୟୁଜିକ୍ ଥେରାପି ମାଧ୍ୟମରେ କିଭଳି ମନ ଓ ଶରୀରର କ୍ଳାନ୍ତ ଦୂରୀକରଣ କରିହେବ ସେ ନେଇ ମଧ୍ୟ ଉକ୍ତ ଥେରାପି କାର୍ଯ୍ୟକ୍ରମରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପୁଷ୍ପା ଲେଙ୍କା, ରାଜୀବ ସିଂ, ଚନ୍ଦ୍ରଶେଖର ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲା ରେଡକ୍ରସ ତରଫରୁ ସହାୟତା

**ସୁନ୍ଦରଗଡ,୨୯।୭(ଜୟ ନାରାୟଣ ମେଣ୍ଡୁଲି):** ଟାଙ୍ଗପାଲି ବ୍ଲକ ମଙ୍ଗସପୁର ପଞ୍ଚାୟତର ଦଲଦଲି,କରମାପଡ଼ା,ବାଉଁଶମୁଡ଼ା ଓ ମଙ୍ଗସପୁର ଅଞ୍ଚଳରେ ଭଙ୍ଗା ଘରେ ବସବାସ କରୁଥିବା ଗରିବ ଅସହାୟ ଲୋକଙ୍କୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଜିଲା ରେଡକ୍ରସ ତରଫରୁ ଜରି (ତିର୍ପଲ) ବଣ୍ଟନ କରାଯାଇଛି। ଏହାକୁ ଶୁଭମ ମହାପାତ୍ର ଓ ଲଳିତ ମେହେର ବଣ୍ଟନ କରିଛନ୍ତି। ତୁରନ୍ତ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

### ଏକ ବ୍ୟକ୍ତି, ଏକ ବୃକ୍ଷ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୯।୭(ଜୟ ନାରାୟଣ ମେଣ୍ଡୁଲି):** ସଦର ଥାନା ନିକଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ଷମ ପକ୍ଷରୁ ଏକ ବ୍ୟକ୍ତି, ଏକ ବୃକ୍ଷ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକ୍ଷମ କାର୍ଯ୍ୟାଳୟ ପରିସର ଓ ପାର୍ଶ୍ୱବର୍ତ୍ତୀ ରାସ୍ତା କଡରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଉମେଶ ବାବୁ,ଉପସଭାପତି କଳାକୃଷ୍ଣ ଓରାମ, କୋଷାଧ୍ୟକ୍ଷ ଅଶୋକ ଦାସଙ୍କ ସମେତ ସଦସ୍ୟ,ମନିଷା କୁଜୁର୍ ,ସାଗତ ଯୋଶୀ, ଶାଶତ ପ୍ରିୟଦର୍ଶନ, ବଳରାମ ନାଏକ, ଲିପ୍ସା ପ୍ରିୟଦର୍ଶିନୀ,ନେଲସନ ସୋରେଙ୍ଗ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

### ଆସନ୍ତୁ ଗଛଟିଏ ଲଗାଇବା କାର୍ଯ୍ୟକ୍ରମ ଆରମ୍ଭ

**ରାଉରକେଲା,୨୯।୭(ଦିନେଶ ମିଶ୍ର):** ବାସନ୍ତୀ ପାଠାଗାର ଓ ମିଶନ ସଣ୍ଡେର ମିଳିତ ଆନୁକୂଲ୍ୟରେ ସାମାଜିକ ବନୀକରଣ ଓ ପରିବେଶ ସୁରକ୍ଷା ପାଇଁ 'ଆସନ୍ତୁ ଗଛଟିଏ ଲଗାଇବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସାଧାରଣ ସମ୍ପାଦକ ଅଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଠାଗାରର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପ୍ରଥମେ ଚାରା ରୋପଣ କରିଥିଲେ। ପରେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ହୋଇ ଡିଏଭି ସରୋବର ଓ ରାଉରକେଲା ରିଙ୍ଗରୋଡ କଡରେ ନିମ୍ବ, ପଣସ, କଦମ୍ବ ଭଳି ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବୃକ୍ଷ ଲଗାଇଥିଲେ। ସହରକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଏହା ଏକ ଛୋଟ ପ୍ରୟାସ ବୋଲି ପାଠାଗାରର ସାଧାରଣ ସମ୍ପାଦକ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୁଦତ୍ତ ବେହେରା, ପ୍ରକାଶ ଚନ୍ଦ୍ର ପାଢ଼ୀ, ବସନ୍ତ ମହାରଣା, ଅନିଲ କୁମାର ଦାଶ, ଶରତଚନ୍ଦ୍ର ରାଉତ, ଶ୍ରୀକାନ୍ତ ପାଣିଗ୍ରାହୀ, ଅନିରୁଦ୍ଧ ଦାସ, ଗୀତାଞ୍ଜଳି ମହାରଣା, ରବୀନ୍ଦ୍ର ଠାକୁର, ଗଦାଧର ରଥ, ସୁବାସିନୀ ସାହୁଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବୃକ୍ଷ ଲଗାଯାଇଥିବା ସ୍ଥାନଗୁଡ଼ିକରେ ସୁରକ୍ଷାବାଡ଼ ବ୍ୟବସ୍ଥା କରାଯାଇଥିଲା। ଶେଷରେ ଜାତୀୟ ସଙ୍ଗୀତ ଗାନ କରି ମିଶନ ସଣ୍ଡେର ଦେବାଶିଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଘଣ୍ଟା ଖୋଲୁଛି ଆର୍‌ଜିଏଚ୍ ନିଦାନ ବିଭାଗ

■ ବହିର୍ବିଭାଗ ରୋଗୀ ହନ୍ତସନ୍ତ
■ ଘରୋଇ ପାଥୋଲାବ୍‌ର ଶିକାର ହେଉଛନ୍ତି ରୋଗୀ

**ରାଉରକେଲା,୨୯।୭(ଦିନେଶ ମିଶ୍ର)**




ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ସହରର ଏକ ପ୍ରମୁଖ ଡାକ୍ତରଖାନା। ରାତି ପାହିଲେ ଏଠାକୁ ହଜାର ହଜାର ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ରୋଗୀଙ୍କୁ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ ସେନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅହରହ ଉଦ୍ୟମ ଜାରି ରହିଛି। ହେଲେ ଡାକ୍ତରଖାନାରେ କିଛି ବିଭାଗ ରହିଛି ଯାହା ରୋଗୀମାନଙ୍କ ପାଇଁ ବହୁତ ଅଳ୍ପ ସମୟ ଖୋଲୁଛି। ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ନିଦାନ ବିଭାଗରେ ଦେଖିବାକୁ ମିଳିଛି। ଉକ୍ତ ବିଭାଗ ଡାକ୍ତରଖାନାର ଏକ ପ୍ରମୁଖ ବିଭାଗ ହୋଇଥିବାବେଳେ ବହିର୍ବିଭାଗ ରୋଗୀଙ୍କ ପାଇଁ ସକାଳେ ମାତ୍ର ୪ଘଣ୍ଟା ଖୋଲା ଯାଉଛି। ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲାଯିବା ପରେ ବନ୍ଦ ହୋଇଯାଉଛି। ଯଦି କୌଣସି ରୋଗୀ ୧୧ଟା ପରେ ରକ୍ତ ନମୁନା ପରୀକ୍ଷା କରିବାକୁ ଆସନ୍ତି ତେବେ ସେ ଫେରିକି ଯିବା ଟା ସାରା। ବାଧ ହୋଇ ଡାକ୍ତରଖାନା ପାଖରେ ଥିବା ବିଭିନ୍ନ ଘରୋଇ ପାଥୋଲାବରେ ରକ୍ତ ନମୁନା ପରୀକ୍ଷା କରି ଶୋଷଣର ଶିକାର ହେଉଛନ୍ତି। ସେହିପରି ସନ୍ଧ୍ୟା ସମୟରେ ମାତ୍ର ୧ ଘଣ୍ଟା ଖୋଲାଯାଇ ରୋଗୀମାନଙ୍କ ରିପୋର୍ଟ ପ୍ରଦାନ ପରେ ଏହା ପୂର୍ଣ୍ଣ ବନ୍ଦ ହୋଇଯାଇ ଥାଏ। ଜଣେ ରୋଗୀ ଏହି ନିଦାନ ବିଭାଗରୁ ସନ୍ଧ୍ୟା ସମୟରେ ନମୁନା ରିପୋର୍ଟ ପାଇବା ପରେ ସକାଳ ସମୟରେ ପରାମର୍ଶ କରିଥିବା ଡାକ୍ତରଙ୍କୁ ଉକ୍ତ ରକ୍ତ ପରୀକ୍ଷଣ ରିପୋର୍ଟ ଦେଖାଇବାରୁ ବଞ୍ଚିତ ହୋଇଥାନ୍ତି। ଏନେଇ ରାଉରକେଲା ସରକାରୀ ଡାକ୍ତରଖାନାର ଡେପୁଟି ସୁପରିଟେଣ୍ଡେଣ୍ଟ ଡକ୍ଟର ପଣ୍ଡିତ ସାହୁଙ୍କୁ ପଚାରିବାରୁ, ଆର୍‌ଜିଏଚ୍‌ର ନିଦାନ ବିଭାଗ ଜରୁରୀକାଳୀନ ରୋଗୀଙ୍କ ପାଇଁ ୨୪ଘଣ୍ଟା ଖୋଲା ରହିଛି। ଏଥିସହ ଆର୍‌ଜିଏଚ୍ ଅନ୍ତର୍ବିଭାଗରେ ହଜାର ହଜାର ସଂଖ୍ୟାରେ ରୋଗୀ ଭର୍ତ୍ତି ହୋଇ ରହିଥିବାବେଳେ ସେମାନଙ୍କର ଏହି ବିଭାଗରେ ବିଭିନ୍ନ ରକ୍ତ ନମୁନା ପରୀକ୍ଷଣ କରାଯାଉଛି। ଏହି ନିଦାନ ବିଭାଗରେ ୫ଟି ପରୀକ୍ଷଣ ବିଭାଗ ରହିଥିବାବେଳେ ମଧ୍ୟ ଏଠାରେ ଆବଶ୍ୟକ ମୁତାବକ କର୍ମଚାରୀ ନାହାନ୍ତି। ତଥାପି ମେଡିକାଲ କର୍ତ୍ତୃପକ୍ଷ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ରଖି ଉକ୍ତ ଦାୟିତ୍ୱ ବହନ କରୁଛି। ବହିର୍ବିଭାଗ ରୋଗୀମାନଙ୍କ ପାଇଁ ଯେତିକି ସମୟ ରହିଛି ଯଦି କୌଣସି ଅସୁବିଧା ହୁଏ ତେବେ ସେମାନେ ଦିନକ ପରେ ପୁଣ ଆସି ଏଠାରେ ନିଜର ରକ୍ତ ପରୀକ୍ଷଣ କରିବାର ବ୍ୟବସ୍ଥା କରାଯାଇଥିବା କହିଛନ୍ତି।

# ଶିଳ୍ପାଞ୍ଚଳରେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଭେଟିଲେ ଶ୍ରମିକ ପ୍ରତିନିଧି

**ରାଉରକେଲା,୨୯।୭(ସଙ୍ଗୀତା ଜେନା)**

ରାଉରକେଲା ଶିଳ୍ପାଞ୍ଚଳ ଓ ଆଖପାଖ ଅଞ୍ଚଳରେ ଡେଙ୍ଗୁ ସ୍ଥିତି ଅଣାୟତ ହୋଇପଡିଛି। ବିଶେଷତଃ ଶିଳ୍ପାଞ୍ଚଳରେ ୧୬୬ ଡେଙ୍ଗୁ ଆକ୍ରାନ୍ତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସିତ ହୋଇସାରିଲେଣି। ହସ୍ପିଟାଲରେ ୭ଜଣ ଡେଙ୍ଗୁ ରୋଗୀ ଅଦ୍ୟାବଧି ଚିକିତ୍ସିତ ହେଉଛନ୍ତି। ଏହାର ପ୍ରତିକାର ବ୍ୟବସ୍ଥା ଓ କିଛି ପ୍ରସ୍ତାବ ନେଇ ସୋମବାର ଶ୍ରମ ସଂଗଠନ ଭାରତୀୟ ମଜଦୁର ସଭା(ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆର୍‌ଆଇକେକେଏସ୍) ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଭେଟିଥିଲେ। ଆର୍‌ଏସ୍‌ପି ସହରସେବା ସିଜିଏମ୍ ପ୍ରତାପ ସ୍ୱାଇଁଙ୍କୁ ଭେଟି ଆଲୋଚନା କରାଯାଇଥିଲା। ଏହି ଅବସରରେ ଆର୍‌ଆଇକେକେଏସ୍ ସାଧାରଣ ସମ୍ପାଦକ ବଳ କହିଥିଲେ, ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ଟିମ୍ ଗଠନ କରି ସଚେତନତା ଓ ସଫେଇ କାର୍ଯ୍ୟକ୍ରମ କରୁଛନ୍ତି। ତାହା ସ୍ୱାଗତଯୋଗ୍ୟ। ବହୁ ପୂର୍ବରୁ ଶିଳ୍ପାଞ୍ଚଳରେ କ୍ୱାର୍ଟର ଗୁଡିକରୁ ଅଳିଆ ଆବର୍ଜନା ସଂଗ୍ରହ କରାଯାଉଛି। ହେଲେ ବାଡିବଗିଚାରୁ ବାହାରୁ ଥିବା ଗଛଲତା, ଘାସ ଆଦିକୁ ସଂଗ୍ରହ କରାଯାଇପାରୁନାହିଁ। ବର୍ଷା ହେବା ଯୋଗୁ ଏଥିରେ ପାଣି ଜମି ରହୁଛି। ଡେଙ୍ଗୁ ଆଶଙ୍କା ବୃଦ୍ଧିପାଉଛି। ତେଣୁ କ୍ୱାର୍ଟର ଗୁଡିକ ମଧ୍ୟରେ ଏକ ଗାର୍ବେଜ୍ ପଏଣ୍ଟ ତିଆରି କରି ଏହି ଅଳିଆ ଗୁଡ଼ିକ ସଂଗ୍ରହ କରାଯାଉ ବୋଲି ବଳ ପ୍ରସ୍ତାବ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସିଜିଏମ୍ ସ୍ୱାଇଁ ଏହି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସହରରେ ଡେଙ୍ଗୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସିଜିଏମ୍ ସ୍ୱାଇଁ କହିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଅକ୍ଷୟ ଧଳ, ସୁଧାଂଶୁ ସାମଲ, ଉମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପିଛାଛାଡୁନି ବସ୍ତିବାସୀଙ୍କ ସମସ୍ୟା

ରାସ୍ତା, ଡ୍ରେନେଜ୍, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ସାଜୁଛି ମୁଣ୍ଡବିନ୍ଧାର କାରଣ

**ରାଉରକେଲା,୨୯।୭(ବିପ୍ଲବ ରଞ୍ଜନ ଦାଶ)**


ବସ୍ତି ରାସ୍ତାରେ ପାଣି ଜମା ହୋଇଛି।

ରାଉରକେଲା ମହାନଗର ନିଗମ ଅଧୀନ ୫ନଂ ୱାର୍ଡରେ ରହିଛି ପାନପୋଷର କୋଏଲ ବ୍ୟାଙ୍କ ଏବଂ ଖରିଆ ବାହାଲ ବସ୍ତି। ବସ୍ତିର ଜନସଂଖ୍ୟା ୫ ହଜାରରୁ ଊର୍ଦ୍ଧ୍ୱ ହେବ। ମାତ୍ର ଉଭୟ ବସ୍ତିର ରାସ୍ତା, ଡ୍ରେନେଜ ଓ ଷ୍ଟ୍ରିଟ ଲାଇଟ ସମସ୍ୟା ଲୋକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜୁଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ଧରି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ମରାମତି ହେଉନାହିଁ। ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଏଲଏନଟି ତରଫରୁ ୱାର୍ଡର ପ୍ରତି ଗଳିରୁ ଅଳିଆ ପାଣି ନିଷ୍କାସନ କରିବା ପାଇଁ ଡ୍ରେନେଜ ସିଷ୍ଟମ ସହ ପାଇପ୍ ଲାଇନ ସଂଯୋଗ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ ହେଲା। ମାତ୍ର ପାଇପ ଲାଇନ ସଂଯୋଗୀକରଣ ଜନିତ ପ୍ୟାକିଙ୍ଗ କାର୍ଯ୍ୟ ବେପରୁଆ ଭାବେ କରାଯିବା କାରଣରୁ ଡ୍ରେନେଜ ସିଷ୍ଟମରୁ ଅଳିଆ ପାଣି ରାସ୍ତା ଉପରେ ବୋହୁଛି। ସବୁଠାରୁ ବଡ଼ କଥା ହେଲା ରୋଗୀଙ୍କ ନିକଟରେ ଠିକ ସମୟରେ ଆମ୍ବୁଲାନ୍ସ ପହଞ୍ଚିବା ଜଟିଳ ହୋଇପଡୁଛି। ଏଥିସହିତ ସହରର ପ୍ରତ୍ୟେକ ଗଳିକନ୍ଦିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ସୁଦୃଢୀକରଣ ହେଉଥିବା ବେଳେ ୫ ନଂ ୱାର୍ଡର ମଦର୍ସା ସୁଫିୟାନା ରାସ୍ତା ଠାରୁ ପାନପୋଷ ଶବ ବ୍ୟବଚ୍ଛେଦ କେନ୍ଦ୍ର ଯାଏଁ ଷ୍ଟିଟ ଲାଇଟ ବ୍ୟବସ୍ଥା ଏଯାଏଁ କାର୍ଯ୍ୟକାରୀ ହୋଇ ପାରିନାହିଁ। ସନ୍ଧ୍ୟା ହେଲେ ଅଞ୍ଚଳ ଅନ୍ଧାର ରହୁଛି। ଆର୍‌ଏମସି ତରଫରୁ ତୁରନ୍ତ ୫ ନଂ.ୱାର୍ଡର ଏହିସବୁ ସମସ୍ୟା ଉପରେ ସର୍ବେକ୍ଷଣ କରାଯାଇ ସମାଧାନ କରିବାକୁ ଉକ୍ତ ୱାର୍ଡର ବାସିନ୍ଦା ଏମଡି ଅର୍ଷଦ ଅଲ୍ଲୀ ଦାବି କରିଛନ୍ତି। ଏନେଇ ଆର୍‌ଏମସି କମିସନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ସମସ୍ୟା ଗୁଡିକର ସମାଧାନ ପାଇଁ ଆରଏମସି ପକ୍ଷରୁ ସର୍ବେକ୍ଷଣ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ଶ୍ରଦ୍ଧା, ରତି ଓ ଭକ୍ତି ଅତିକ୍ରମ କଲେ ଭଗବତପ୍ରାପ୍ତ ହୋଇଥାଏ

**ରାଉରକେଲା,୨୯।୭(ଦିନେଶ ମିଶ୍ର)**

ଶିକ୍ଷାବିତ୍ ସଚ୍ଚିଦାନନ୍ଦ କବି ଶତପଥୀଙ୍କ ସ୍ମୃତିରେ ଛେଣ୍ଡସ୍ଥିତ ସଚ୍ଚିଦାନନ୍ଦ ସ୍ମୃତି ସମିତି ପକ୍ଷରୁ ୨ ଦିନିଆ କୃଷ୍ଣକଥା ଅମୃତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଭାଗୃହରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ସଭାରେ ପ୍ରାଚୀନ ଧର୍ମଶାସ୍ତ୍ର ବିଶାରଦ ଡକ୍ଟର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ମନୁଷ୍ୟ ସମାଜର ଶ୍ରେଷ୍ଠ ପ୍ରାଣୀ। ଯେତେବେଳେ କୌଣସି ମନୁଷ୍ୟ ଶ୍ରଦ୍ଧା, ରତି ଓ ଭକ୍ତିମାର୍ଗକୁ ଅତିକ୍ରମ କରେ ସେତେବେଳେ ସେ ଭଗବତପ୍ରାପ୍ତ ହୋଇଥାଏ ବୋଲି ଆଲୋଚକ ଷଡ଼ଙ୍ଗୀ ମତ ପ୍ରକାଶ କରିଥିଲେ। ଏଥିସହ ପ୍ରଥମ ଦିନ କୃଷ୍ଣଙ୍କ ଜନ୍ମ, କୃଷ୍ଣ କିପରି ପାଣ୍ଡବଙ୍କ ପିଉସୀ ପୁଅ ଭାଇ ହେଲେ ଓ ଶ୍ରଦ୍ଧାଯୋଗ, ପରଂବ୍ରହ୍ମ ଭଗବତ ସେବା ସହ ପରିଚର୍ଯ୍ୟା ସମ୍ପର୍କରେ ଆଲୋଚକ ଷଡ଼ଙ୍ଗୀ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଶୁକଦେବ ଗୋସ୍ୱାମୀ ଓ ପରିକ୍ଷିତଙ୍କ କଥୋପକଥନରୁ ମହାପ୍ରଭୁଙ୍କ ସହ ଚକ୍ଷୁ ମିଳନରେ ମୋକ୍ଷପ୍ରାପ୍ତି, ଗଙ୍ଗାଙ୍କ ଉତ୍ପତ୍ତି ସ୍ଥଳେ ବିଷ୍ଣୁଙ୍କ ପାଦ ନଖକୋଣ ସହ ଭଗବାନ କିପରି ଜ୍ଞାନର ପ୍ରତୀକ ଓ ପୁତନା କିପରି ଅଜ୍ଞାନର ପ୍ରତୀକ ଭଳି ବିଭିନ୍ନ ଦିଗ ଉପରେ ଧର୍ମଶାସ୍ତ୍ର ବିଶାରଦ ଷଡ଼ଙ୍ଗୀ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ଅବଗତ କରିଥିଲେ। ପ୍ରାରମ୍ଭରେ ଏହି କୃଷ୍ଣକଥା ଆଲୋଚନାଚକ୍ରକୁ କଳ୍ପତରୁ ଆଶ୍ରମର ଅଧକ୍ଷା ଡକ୍ଟର ସରୋଜିନୀ ପତି ଉଦ୍‌ଘାଟନ କରିଥିଲେ। ଆବାହକ ତଥା ଚିନ୍ମୟ ବିଦ୍ୟାଳୟର ଅଧକ୍ଷା ଶର୍ମିଷ୍ଠାକବି ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କୃଷ୍ଣକଥା ଅମୃତ କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ଏହି ଆଧ୍ୟାତ୍ମିକ ଆଲୋଚନାଚକ୍ରକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଅଗଷ୍ଟ ୨୧ରେ ଗୋଲ୍‌ଡେନ ହତ୍ୟାକାଣ୍ଡର ରାୟ ଶୁଣାଣି

**ରାଉରକେଲା,୨୯।୭(ସଙ୍ଗୀତା ଜେନା)**

୨୦୧୬ରେ ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ହୋଇଥିବା ବହୁ ଚର୍ଚ୍ଚିତ ଗୋଲଡେନ୍ ହତ୍ୟାକାଣ୍ଡର ରାୟ ଶୁଣାଣି ସୋମବାର ହେବାର ଥିଲା। ହେଲେ କୌଣସି କାରଣ ବଶତଃ ଶୁଣାଣି ତାରିଖ ଅଗଷ୍ଟ୨୧କୁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ରାଉରକେଲା ଅଦାଲତରୁ ସୂଚନା ପ୍ରାପ୍ତ ହୋଇଛି। ଏଥିରେ ସରକାରୀ ଓକିଲ ଭାବେ ବିଜୟ ଦାସ ଥିବା ବେଳେ ପ୍ରତିପକ୍ଷରୁ ଚନ୍ଦ୍ରମଣି ଜେନା, ସମରେଶ ଦାସ, ଶୈବାଳ ସେନ୍ ପ୍ରମୁଖ ରହିଛନ୍ତି। ଉକ୍ତ ହତ୍ୟା ମାମଲାରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରାଯିବ। ଘଟଣାକ୍ରମରେ, ୨୦୧୬ ଜାନୁଆରୀରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଲାରୋଡ ଛକରେ ବାଇକ ଓ କାରରେ ଆସି ଦୁର୍ବୃତ୍ତ ମାନେ ମହମ୍ମଦ ଜାହିଦ ଅଂସାରୀ ଉର୍ଫ ଗୋଲଡେନ୍ ଉପରେ ଅତର୍କିତ ଗୁଳିଚଳାଇ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରେ ଗୋଲଡେନଙ୍କ ମୃତ୍ୟୁ ଘଟିଥିଲା।

# ବର୍ଷାପାଣିରେ ଉବୁଟୁବୁ ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି


ଜଳବନ୍ଦୀ ବିଶ୍ୱକର୍ମା ବିହାର ବସ୍ତି।

**ରାଉରକେଲା,୨୯।୭(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲାରେ ବର୍ଷା ଯୋଗୁ ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି ବର୍ଷା ପାଣିରେ ଉବୁଟୁବୁ ହୋଇଥିବା ଦେଖିବାକୁ ମିଳିଛି। ପାଣିରେ ପଶି ଲୋକେ ଯା' ଆସ କରୁଛନ୍ତି। ପାଣି ଜମି ରହୁଥିବାରୁ ମଶା ବଂଶ ବୃଦ୍ଧି ପାଉଛି। ୨ ଦିନ ହେଲା ମଶାଙ୍କ ଦୌରାତ୍ମ୍ୟରେ ବସ୍ତିବାସୀ ଅତିଷ୍ଠ ହୋଇପଡିଲେଣି। ତେବେ ଏଭଳି ସମସ୍ୟାର ମୁଖ୍ୟ କାରଣ ୨୦୧୬-୧୭ରେ ବୀରମିତ୍ରପୁର-ଲହୁଣିପଡା ଜାତୀୟ ରାଜପଥ ନିର୍ମାଣ କାମ ଦାୟୀ ବୋଲି ବସ୍ତିବାସୀ କହିଛନ୍ତି। ରାଜପଥ ନିର୍ମାଣ ପାଇଁ ବିଶ୍ୱକର୍ମା ବିହାର ବସ୍ତି ମୁଖ୍ୟରାସ୍ତା ପାର୍ଶ୍ୱ ଡ୍ରେନକୁ ପୋତି ଦେଇ ରାସ୍ତା ନିର୍ମାଣ କରାଗଲା। ଆରଏମସି ପକ୍ଷରୁ ମଧ୍ୟ ରାଜପଥ ନିର୍ମାଣର ନିରୀକ୍ଷଣ କରାଯିବା ସହିତ ରାସ୍ତା ନିର୍ମାଣ ପାଇଁ ସହମତି ପ୍ରଦାନ ହେଲା। ମାତ୍ର ଡ୍ରେନେଜ ଉପରେ କାହାରି ନଜର ପଡିଲା ନାହିଁ। ଫଳରେ ଜାତୀୟ ରାଜପଥର ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ବର୍ଷା ସମୟରେ ସିଧାସଳଖ ବର୍ଷାପାଣି ରାସ୍ତାପାର୍ଶ୍ୱ ଦେଇ ବସ୍ତିକୁ ପ୍ରବେଶ କରୁଛି। ଫଳରେ ପ୍ରାୟ ୫ବର୍ଷ ହେଲା ବର୍ଷା ସମୟରେ ବସ୍ତିରେ ବସବାସ କରୁଥିବା ପାଖାପାଖି ୨ହଜାର ଲୋକ ବର୍ଷା ହେଲେ ଜଳବନ୍ଦୀ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ତେବେ ଏହାର ସମାଧାନ ପାଇଁ ବସ୍ତିର ଛୋଟୁ ଭୁମିଜ, ଗୁପ୍ତେଶ୍ୱର ଶର୍ମା, ବିଶ୍ୱନାଥ ପ୍ରସାଦ ପ୍ରମୁଖ ଦାବି କରିଛନ୍ତି।

# ପୁରସ୍କୃତ ହେଲେ ଠିକା ଶ୍ରମିକ



ପୁରସ୍କୃତ ଠିକା ଶ୍ରମିକଙ୍କ ସହିତ ଆରଏସପି ପ୍ରକଳ୍ପ ବିଭାଗ ସିଜିଏମ ଓ ଅନ୍ୟମାନେ।

**ରାଉରକେଲା,୨୯।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ପ୍ରକଳ୍ପ ବିଭାଗଠାରେ ତତ୍କାଳ ସ୍ୱୀକୃତି ଯୋଜନାଧିନ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ବିଭାଗ ସିଜିଏମ ଏ.ଏନ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମେସର୍ସ ହାଇଟେକ, ମେସର୍ସ ନ୍ୟୁମାନ୍ କନଷ୍ଟ୍ରକସନ, ମେସର୍ସ ସାରଦା ଏଣ୍ଟରପ୍ରାଇଜେସ, ମେସର୍ସ ରାଜ ଏଣ୍ଟରପ୍ରାଇଜେସ,ମେସର୍ସ ମା ଏଣ୍ଟରପ୍ରାଇଜେସ ଏବଂ ମେସର୍ସ ରାଜେଶ କନଷ୍ଟ୍ରକସନର ୧୦ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଆର ସିଏଲସି ବିଭାଗର ସିନିୟର ମ୍ୟାନେଜର ରାଜୀବ ମୁଖାର୍ଜୀ ଏବଂ ପ୍ରକଳ୍ପ ବିଭାଗର ଅନ୍ୟବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏଥିରେ ସାମିଲ ଥିଲେ। ଠିକା ଶ୍ରମିକଙ୍କ ଉଦାହରଣୀୟ ପ୍ରଦର୍ଶନ ପାଇଁ ସିଜିଏମ ମିଶ୍ର ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ କାରଖାନାର ପ୍ରଦର୍ଶନ ବଜାୟ ରଖିବା ପାଇଁ ପ୍ରତିବଦ୍ଧତା ସହିତ କାର୍ଯ୍ୟ ଜାରି ରଖିବାକୁ ଅନୁପ୍ରେରିତ କରିଥିଲେ। ପୁରସ୍କାର ଟିଏସ-୧,ଅକ୍ସିଜେନ ପ୍ଲାଣ୍ଟ ଓ ସହରାଞ୍ଚଳର ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରକଳ୍ପରେ ଠିକା ଶ୍ରମିକଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଦକ୍ଷତାକୁ ନେଇ ପ୍ରଦାନ କରା ଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକଳ୍ପ ବିଭାଗର ଏଜିଏମ ଅନୁପମ ଦାସ ସଂଯୋଜନା କରିଥିଲେ।

### ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ଶୈବପୀଠ


ପାନପୋଷ ହକି ଛକରୁ ହନୁମାନ ବାଟିକା ମୁଖ୍ୟମାର୍ଗରେ କାଉଡିଆମାନେ ବିଶାଳକାୟ ତ୍ରିଶୂଳ ସହିତ ଯାଉଛନ୍ତି।

**ରାଉରକେଲା,୨୯।୭(ବିପ୍ଳବ ରନ ଦାଶ)**

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ରାଉରକେଲା ସହରର ବିଭିନ୍ନ ଶୈବ ପୀଠରେ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଥିଲା। ସହରରେ ପ୍ରବାହିତ ହେଉଥିବା ଶଙ୍ଖ,ବ୍ରାହ୍ମଣୀ ଓ କୋଏଲ ଆଦି ପବିତ୍ର ନଦୀରୁ ଜଳ ଉଠାଇ ଶ୍ରଦ୍ଧାଳୁମାନେ ବିଭିନ୍ନ ଶୈବପୀଠରେ ଜଳାଭିଷେକ କରିଥିଲେ। ବେଦବ୍ୟାସ ଛକ ଠାରୁ ରାଜଗାଙ୍ଗପୁର ଛକର ବିଭିନ୍ନ ସାମାଜିକ ସଂଗଠନ ତରଫରୁ ଟେଣ୍ଟ ଲଗାଯାଇ ବିଭିନ୍ନ ପ୍ରକାରର ଫଳମୂଳ,ମିଷ୍ଟାନ୍ନ ସହିତ ଟା ଜଳଖିଆର ବ୍ୟବସ୍ଥା କରା ଯାଇଥିଲା। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶୈବପୀଠରେ କାଉଡିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# କଏନ ନେଉନାହାନ୍ତି ବ୍ୟବସାୟୀ

**ରାଉରକେଲା,୨୯।୭ (ସଙ୍ଗୀତା ଜେନା)**

■ ବଜାର, ହାଟରେ କଏନ୍ ଅଧା ଦରରେ ଅଦଳବଦଳ
■ ଅଧା ଦାମ୍‌ରେ କିଣି ବାହାର ରାଜ୍ୟକୁ ପଠାଉଛନ୍ତି ଦଲାଲ
■ ରାଷ୍ଟ୍ରାୟତ୍ତ,ଘରୋଇ ବ୍ୟାଙ୍କ ପକ୍ଷରୁ ହେଉନି ସଚେତନତା କାର୍ଯ୍ୟକ୍ରମ

ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ କଏନ୍ ବ୍ୟବହାର ନେଇ ଲୋକେ କୁଣ୍ଠାବୋଧ କରୁଥିବା ଦେଖାଦେଇଛି। ଏପରିକି ହାଟ ବଜାରରେ ଦୋକାନୀ ଓ ବ୍ୟବସାୟୀମାନେ କଏନ୍ ଗ୍ରହଣ କରିବାକୁ ଇଚ୍ଛାପ୍ରକାଶ କରୁନାହାଁନ୍ତି। ହୋଲସେଲରମାନେ ମଧ୍ୟ ଏହି କଏନ୍‌କୁ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ଉଠାଉଛନ୍ତି ହାଟ ବଜାରରେ ବସିଥିବା କଏନ୍ ଦଲାଲମାନେ। ଏହାକୁ ଅଧା ଦାମ୍‌ରେ କିଣି ଅନ୍ୟ ରାଜ୍ୟକୁ ବେଆଇନ ଭାବେ ଚାଲାଣ କରୁଛନ୍ତି। ଦୈନିକ ଅଖାରେ ଭର୍ତ୍ତି ହୋଇ ଏପରି କଏନ୍ ଗୁଡ଼ିକ ରାଜ୍ୟ ବାହାରକୁ ଚାଲିଯାଉଛି। ଝିରପାଣି ହାଟ, ନୂଆଗାଁ, ବିଶ୍ରା, ଛେଣ୍ଡ, ପାନପୋଷ , ଝାଡଖଣ୍ଡ ମାର୍କେଟ ସମେତ କେତେକ ବଜାରରେ ୧ ଟଙ୍କିଆ କଏନ୍ ବ୍ୟବହାର ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସେକ୍ଟର-୧୯ ଝାଡଖଣ୍ଡ ମାର୍କେଟର ଜଣେ ବ୍ୟସାୟୀ ରାକେଶ ସାହୁ କହିଛନ୍ତି, ଗ୍ରାହକଙ୍କ ଠାରୁ ୧ ଟଙ୍କା କଏନ୍ ଗ୍ରହଣ କରାଯାଉଛି। ଏହାକୁ ହୋଲସେଲର ନିକଟରେ ପୈଠ କରିବାକୁ ଗଲାବେଳେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ହୋଲସେଲରମାନେ କଏନ ଗ୍ରହଣ କରୁନାହାଁନ୍ତି। ଗ୍ରାହକଙ୍କୁ ଅନ୍‌ଲାଇନ୍ ପେମେଣ୍ଟ ପାଇଁ କୁହାଯାଉଛି। ବର୍ତ୍ତମାନ ବଜାରରେ ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇବ୍ୟାଙ୍କ ଗୁଡ଼ିକ ଗ୍ରାହକ ସେବା ଦେଉଛନ୍ତି। ଅନ୍ତତଃପକ୍ଷେ ସେମାନେ ଗ୍ରାହକ ସଚେତନତା କଲେ ସ୍ଥିତି ପରିବର୍ତ୍ତନ ହୋଇପାରନ୍ତା ବୋଲି ସାହୁ କହିଥିଲେ। ଏ ସମ୍ପର୍କରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପ୍ରବନ୍ଧକ ମାନସ ମହାନାଙ୍କୁ ପଚାରିବାରୁ, ଏହି ସମସ୍ୟା ଅତ୍ୟନ୍ତ ଗୁରୁତ୍ୱପର୍ଣ୍ଣ। ଗ୍ରାହକଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିମାଣରେ କଏନ୍ ବଦଳାଇବା ପାଇଁ ବ୍ୟବସ୍ଥା ରହିଛି। ବଜାରରେ ଏହି କଏନ୍ ଗୁଡ଼ିକ ସୁଚାରୁ ରୂପେ ପ୍ରଚଳନ କରିବାକୁ କୁହାଯାଉଛି ବୋଲି ମହାନା କହିଥିଲେ। ଅନୁରୂପ ଭାବେ ଏସ୍‌ବିଆଇ କରେନ୍ସି ଚେଷ୍ଟ ପରିଚାଳନା କରୁଥିବା ସେକ୍ଟର-୧୯ ମୁଖ୍ୟ ଶାଖାର ଶାଖାପ୍ରବନ୍ଧକ ସୁପର୍ଣ୍ଣା ମଲ୍ଲିକଙ୍କୁ ପଚାରାଯିବାରୁ, କଏନ୍‌ର ବ୍ୟବହାର ଓ ଉପଯୋଗ ନ କରିବା ଆଦୌ ଗ୍ରହଣୀୟ ନୁହେଁ। ପ୍ରତ୍ୟେକ ମାସରେ ଗ୍ରାହକଙ୍କ ସୁବିଧା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ କଏନ୍ ଏକ୍ସଚେଞ୍ଜ ମେଳା ଓ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ପରାମର୍ଶ ମଧ୍ୟ ଦିଆଯାଉଛି ବୋଲି ମଲ୍ଲିକ କହିଥିଲେ।

## ପାଞ୍ଚଗଛିଆ ରାସ୍ତା ସମସ୍ୟାର ସମାଧାନ ଦାବି

ସମ୍ବଲପୁର,୨୯।୭
(ଭବାନୀ ଶଙ୍କର ଭୋଇ)

ସଫାଇ ଅପନାଓ ବିମାରି ଭଗାଓ ସ୍ଲୋଗାନ ଦେଇ ସୋମବାର ମହାନଗର ନିଗମ ପକ୍ଷରୁ ମୋଦିପଡ଼ା ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ମହାଗର ନିଗମ ପକ୍ଷରୁ ଆରମ୍ଭ କରାଯାଇଥିବା ୨୧ ଦିନିଆ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୋମବାର ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ, ୱାର୍ଡ଼ ଅଫିସର, ସମ୍ବଲ ଅନୁଷ୍ଠାନର ରାମଦାସ ପଣ୍ଡା ଓ ଆରଏସ୍ଏସ୍‌ର ପ୍ରତିନିଧି ବିରଞ୍ଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଲୋକେ ନିଜ ପରିବେଶକୁ କିଭଳି ସ୍ୱଚ୍ଛ ଓ ପରିମଳ ରଖିବେ ସେନେଇ ସଚେତନ କରାଯାଇଥିଲା। ଏଥିସହ ନିଜ ଘର ଆବର୍ଜନାକୁ ଏଣେ ତେଣେ ନ ପକାଇ ମହାନଗର ନିଗମର ଆବର୍ଜନା ସଂଗ୍ରହ ଗାଡ଼ିରେ ଦେବାପାଇଁ ପରାମର୍ଶ ଦିଆଯାଇଥିଲା ।

# ମହାନଗର ଅଫିସ ଆଗରେ ୧୦୨ ପରିବାରଙ୍କ ବିକ୍ଷୋଭ



ମହାନଗର ନିଗମ କାର୍ଯ୍ୟାଳୟ ଆଗରେ ପଡାବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଲକ୍ଷ୍ମୀଡୁଙ୍ଗୁରିରେ ବିସ୍ଥାପିତଙ୍କୁ ମହାନଗର କମିଶନର ଭେଟ ନ ହେବାରୁ ଅସନ୍ତୋଷ

ସମ୍ବଲପୁର,୨୯।୭
(ଭବାନୀ ଶଙ୍କର ଭୋଇ)

ଜାତୀୟ ରାଜପଥ ପ୍ରାଧିକରଣ ଟନେଲ ନିର୍ମାଣ କରିବା ପାଇଁ ଲକ୍ଷ୍ମୀ ଡୁଙ୍ଗୁରି ଗ୍ରାମର ୧୦୨ ପରିବାର ଘର ଭାଙ୍ଗିବାକୁ ନୋଟିସ ଜାରି କରିଛି। ଏହାର ସମାଧାନ ପାଇଁ ସୋମବାର ଅଞ୍ଚଳର ଶତାଧିକ ମହିଳା ଏବଂ ପୁରୁଷ ଦୁର୍ଗାପାଲି ସ୍ଥିତ ମହାନଗର ନିଗମର କାର୍ଯ୍ୟାଳୟ ପହଞ୍ଚି ମହାନଗର କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ନିବେଦନ କରିଥିଲେ। ତେବେ ମହାନଗର କମିଶନର ସେମାନଙ୍କୁ ସମୟ ଦେଇ ନ ଥିବା ଅଭିଯୋଗ କରି ମହାନଗର କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବରୁ ଅଞ୍ଚଳବାସୀ ସମ୍ବଲପୁର ଜିଲାପାଳ, ସମ୍ବଲପୁର ବିଧାୟକ ଏବଂ ଓଡିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁହାରି ଶୁଣିବା ପରେ ୩ ମାସ ସମୟ ଦେବାକୁ ଜିଲାପାଳ ଏବଂ ସମ୍ବଲପୁର କମିଶନରଙ୍କୁ ଭେଟିବାକୁ ପରାମର୍ଶ ଦେଇଥିଲେ । ହେଲେ ସୋମବାର ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ନିକଟକୁ ଦାବିପତ୍ର ଦେବାକୁ ଯାଇଥିବା ବେଳେ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ କମିଶନରଙ୍କୁ ଅପେକ୍ଷା କରି ନିରାଶ ହୋଇଥିଲେ। ଅଫିସରେ ପଚାରିଲେ ଗ୍ରୀଭାନ୍ସ ଥବା କୁହାଯାଇଥିବା ବେଳେ ପଡା ବାସୀଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମହାନଗର କମିଶନର ନ ଆସିବା ପର୍ଯ୍ୟନ୍ତ ମହାନଗର ନିଗମ କାର୍ଯ୍ୟାଳୟ ଆଗରୁ ଉଠିବେ ନାହିଁ କହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ ଆନ୍ଦୋଳନ ସ୍ଥଳୀକୁ ପହଞ୍ଚି କମିଶନରଙ୍କ ସହିତ ସାକ୍ଷାତ ପାଇଁ ଆବେଦନପତ୍ର ଦେଇ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ପଡାବାସୀ ଏହାପରେ ସାକ୍ଷାତକାର ଆବେଦନପତ୍ର ପ୍ରଦାନ କରି ଫେରିଥିଲେ । କମିଶନର ସମୟ ଦେଲେ ସିଧାସଳଖ ତାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଥିଲେ ।

# କ୍ରୀଡ଼ା ଛାତ୍ରାବାସ, ଡିଷ୍ଟ୍ରିକ୍ଟ ଜିମ୍ନାଷ୍ଟିକ ଆସୋସିଏଶନ ବିଜୟୀ


ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗରେ ଅତିଥି ଓ ଖେଳାଳିମାନେ।

ସମ୍ବଲପୁର,୨୭।୭(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗ୍ ତଥା ନକ୍ ଆଉଟ ପ୍ରତିଯୋଗିତା ସୋମବାର ମ୍ୟାଚରେ କ୍ରୀଡା ଛାତ୍ରାବାସ ଓ ଡିଷ୍ଟ୍ରିକ ଜିମ୍ନାଷ୍ଟିକ ଆସୋସିଏଶନ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ କ୍ରୀଡାଛାତ୍ରାବାସ ଓ କୁଚିଣ୍ଡା କ୍ରୀଡା ସଂଘ ମଧ୍ୟରେ ହୋଇଥିଲା। କ୍ରୀଡା ଛାତ୍ରାବାସ ୫–୦ ଗୋଲରେ ଏକତରଫା ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ମଧ ଡିଷ୍ଟ୍ରିକ ଜିମ୍ନାଷ୍ଟିକ ଆସୋସିଏଶନ ଓ ଗୋଲଡେନ ଇଗଲ ମଧ୍ୟରେ ଏକତରଫା ହୋଇଥିଲା। ଡିଷ୍ଟ୍ରିକ ଜିମ୍ନାଷ୍ଟିକ ଆସୋସିଏସନ ୩–୦ ଗୋଲରେ ବିଜୟୀ ହୋଇଥିଲା। ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ମ୍ୟାଚ ହୋଇଥିଲା। ମ୍ୟାଚକୁ ରେଫରି ପରେଶ ଭୋଇ, ପରେଶ ମିର୍ଦ୍ଧା, ପ୍ରକାଶ ସାହୁ, ରାଜାରାମ ଓରାମ, ବତଗୟ ଓରାମ, ଅଭିମନ୍ୟୁ ମିର୍ଦ୍ଧା, କର୍ଣ୍ଣ ବେହେରା ଓ ଅରୁଣ ଭୋଇ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଜିଲା ଭାଜପାର ଯୁବ ନେତ୍ରୀ ସୁଭଶ୍ରୀ ମିଶ୍ର ଯୋଗଦେଇଥିଲେ।

# ପାଞ୍ଚଫୁଟ୍ ହାଇସ୍କୁଲରେ ଶିକ୍ଷା ସପ୍ତାହ ପାଳିତ

ସମ୍ବଲପୁର,୨୯।୭(ବି.ଶଙ୍କର)


ଶିକ୍ଷା ସପ୍ତାହରେ ଛାତ୍ରୀଛାତ୍ର ବିଭିନ୍ନ ଅଞ୍ଚଳର ପୋଷାକ ପରିଧାନ କରିଛନ୍ତି।

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ପାଞ୍ଚଫୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ସୋମବାର ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନ, ବୃକ୍ଷ ରୋପଣ, ମାଆ ପାଇଁ ଗଛଟିଏ, ମାଟି ଓ କାଗଜରେ ବିଭିନ୍ନ କଳାକୃତିର ପ୍ରଦର୍ଶନ, ପାରମ୍ପରିକ କ୍ରୀଡା ଅନ୍ତର୍ଗତ କବାଡି, କେଳି ବାଡି, କିତ କିତ, ନଟୁ ପ୍ରଭୃତି ଆୟୋଜନ ହୋଇଥିଲା । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶର ଅନେକ ଅଞ୍ଚଳର ପୋଷାକ ପରିଧାନ, ଖାଦ୍ୟ, ବିହୁ ସମ୍ବଲପୁରୀ ନୃତ୍ୟ, ଡିଜିଟାଲ ଦକ୍ଷତାର ପ୍ରଦର୍ଶନ କରିଥିଲେ । ଶେଷ ଦିବସରେ ଗୋଷ୍ଠୀ ସଂପୃକ୍ତି ଦିବସ ହେଇଥିଲା । ସମାଜିକକର୍ମୀଙ୍କୁ ବିଦ୍ୟାଳୟର ବିକାଶରେ ଅନ୍ତର୍ଭୁକ୍ତ କରୁଥିବା ବିଦ୍ୟାଞ୍ଜଳି ଉପରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରା ମାଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଅପରାହ୍ନରେ ଏ ସମ୍ପର୍କିତ ସଭା ପ୍ରଧାନ ଶିକ୍ଷକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଙ୍ଗଲୁ ମେହେର, ପଞ୍ଚାୟତ ସଭ୍ୟ ସଦାନନ୍ଦ ପଶାୟତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

### ବିଦ୍ୟାଞ୍ଜଳି ଉପରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା

ବରିଷ୍ଠ ଶିକ୍ଷକ ମଧୁସୂଦନ ମିଶ୍ର, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା ବିଦ୍ୟାଞ୍ଜଳି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ଅବସରରେ ସକ୍ରିୟ ସାମାଜିକକର୍ମୀଙ୍କୁ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସପ୍ତାହବ୍ୟାପୀ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ସତ୍ୟଜିତ ବେହେରା, ରମେଶ କୁମାର ବେରିହା, ଜ୍ୟୋର୍ତିମୟୀ ଭୋଇ, ସୀତାରାମ ସାହୁ , ବିକାଶ ଓରାମ, ସୁଜିତ ଭୋଇ, ସ୍ୱର୍ଣ୍ଣଲତା ମାହାନା, ଦେବେଶ ପ୍ରଧାନ, କିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# କର୍ମଜୀବୀ ପ୍ରଫେଶନାଲ୍‌ଙ୍କ ଦ୍ୱିତୀୟ ଏମ୍‌ବିଏ ବ୍ୟାଚ୍‌କୁ ସ୍ୱାଗତ

ସମ୍ବଲପୁର,୨୯।୭(ପ୍ରମୋଦ ବହିଦାର)

ଭାରତର ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀସ୍ଥିତ କ୍ୟାମ୍ପସ୍ ଆଇଏସ୍ଆଇଡି ବସନ୍ତକୁଞ୍ଜରେ ଆନୁଷ୍ଠାନିକ ଭାବେ କର୍ମଜୀବୀ ପ୍ରଫେଶନାଲ୍‌ମାନଙ୍କ ଦ୍ୱିତୀୟ ଏମବିଏ ବ୍ୟାଚ୍ ଉଦ୍‌ଘାଟିତ ହୋଇଛି। ଏନ୍ଏସ୍ଇ ଏକାଡେମୀ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ସାମ୍ପ୍ରତିକ ପରିସ୍ଥିତିରେ ପ୍ରତିଯୋଗିତାମୂଳକ ବ୍ୟବସାୟିକ ପରିବେଶରେ ଶିଳ୍ପକୈନ୍ଦ୍ରୀକ ଶିକ୍ଷା କ୍ଷେତ୍ରରେ ନେତୃତ୍ୱ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି ବୋଲି ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲ କହିଛନ୍ତି। ପ୍ରାରମ୍ଭରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲ ସ୍ୱାଗତ ଅଭିଭାଷଣ ମାଧ୍ୟମରେ ଏହା କହିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାସହ ସେ ଦ୍ୱିତୀୟ ଏମବିଏ ବ୍ୟାଚ୍ କର୍ମଜୀବୀ ପ୍ରଫେସନାଲ୍‌ମାନଙ୍କୁ ସ୍ୱାଗତ କରିଥିଲେ।

ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଇନଷ୍ଟିଚ୍ୟୁଟର ଷ୍ଟଡିଜ୍ ଇନ୍ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ (ଆଇଏସ୍ଆଇଡି)ର ନିର୍ଦ୍ଦେଶକ ପ୍ରଫେସର ନାଗେଶ କୁମାର ବିକାଶ ଓ ବ୍ୟବସାୟ ଶିକ୍ଷାର ଭବିଷ୍ୟତ ସମ୍ପର୍କରେ ନିଜର ଦୃଷ୍ଟିକୋଣ ବର୍ଣ୍ଣନା କରି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ସୋପ୍ରାଷ୍ଟେରିଆ ଇଣ୍ଡିଆର ଉପସିଇଓ ସୁନୀଲ ତାଙ୍କ ବକ୍ତବ୍ୟରେ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଆଜିର ଗତିଶୀଳ ବ୍ୟବସାୟିକ ପରିବେଶରେ ନିରନ୍ତର ଅନୁକୂଳ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଆମେରିକାର ଆଇଓୱା ଷ୍ଟେଟ୍ ୟୁନିଭର୍ସିଟି ଆଇଭି କଲେଜ ଅଫ୍ ବିଜନେସର ପ୍ରଫେସର ରାଜ ଅଗ୍ନିହୋତ୍ରୀ ଏକ ସ୍ୱତନ୍ତ୍ର ଅଭିଭାଷଣରେ ଶିଳ୍ପ ସଂପୃକ୍ତି ଓ ବ୍ୟବସାୟ ଶିକ୍ଷାର ବିକଶିତ ଗତିଶୀଳତାର ଅବତାରଣା କରିଥିଲେ। ସେ ବ୍ୟବସାୟ ମଡେଲ ପ୍ରସ୍ତୁତିରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକୁ ଅକ୍ଳେଶରେ ଅତିକ୍ରମ କରିବାକୁ ବୈଜ୍ଞାନିକ ଓ କଳାତ୍ମକ ଆଭିମୁଖ୍ୟର ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏନ୍ଏସ୍ଇ ଏକାଡେମୀର ସିଇଓ ଅଭିଲାଷ ମିଶ୍ର କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ମିଶ୍ର ବୃତିଗତ ଅଭିବୃଦ୍ଧିରେ ଅଭିନବ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ 'ଡିଜିଟାଲ ଯୁଗରେ ନୈତିକ ନେତୃତ୍ୱ: ନବସୃଜନ ଓ ଦାୟିତ୍ୱର ସନ୍ତୁଳନ' ଏବଂ 'ଇନୋଭେଟିଭ୍ ଆନ୍ତ୍ରେପ୍ରେନରସିପ୍: ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ଅଗ୍ରଣୀ ସ୍ଥାୟୀ ବ୍ୟବସାୟ' ଶୀର୍ଷକ ଦୁଇଟି ପର୍ଯ୍ୟାୟରେ ପ୍ୟାନେଲ ଆଲୋଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଇଂ ଇଣ୍ଡିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର କଣ୍ଟ୍ରି କାଉନସେଲ ଡ. ଖିଳ ପ୍ରସାଦ, ଗ୍ରିଡ କଣ୍ଟ୍ରୋଲର ଅଫ୍ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ(ମାନବ ସମ୍ବଳ) ଅମିତ ମଦନ, ଇଣ୍ଡସ୍ଇଣ୍ଡ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ(ମାନବ ସମ୍ବଳ) ଏନ୍ ଶ୍ରୀକାନ୍ତ ନାଗୁମୋଟ୍ଟୁ, ଏକ୍ସଏଲ୍ ଆନାଲିଟିକ୍ସର ଏଭିପି(ମାନବ ସମ୍ବଳ) ଏମି ଅନିତା ଗିଲବର୍ଟ, ଶ୍ରୀରାମ ଲିମିଟେଡ ଏଲଆଣ୍ଡଡି ଡିଜିଏମ୍ ଇଏକ୍ସଏଲ୍ ଆନାଲିଟିକ୍ସ ଅମରେଶ ରାଜ, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ମୁଖ୍ୟ ରିସ୍କ ଅଫିସର ପ୍ରଦୀପ କେ ରଙ୍ଗୀ, ଜେଏଲଏଲ ଇଣ୍ଡିଆର ଗ୍ଲୋବାଲ ପ୍ରୋସେସ୍ ଟ୍ରାନ୍ସଫର୍ମେସନ ନିର୍ଦ୍ଦେଶକ ନୀତିନ ଶ୍ରୀବାସ୍ତବ, ଡିପି ୱାର୍ଲ୍ଡର ନିର୍ଦ୍ଦେଶକ ଯୋଗପାଲ ସିଂ, ଅଟୋଟେକ୍ ମୁଖ୍ୟ(ମାନବ ସମ୍ବଳ) ଶ୍ୱାତି ଯାଦବ, ସିଏଚଆର୍‌ଓ କେ ଏଣ୍ଡ ଏସ୍ ପାର୍ଟନର ଜୟନ୍ତୀ ଜଗନ୍ନାଥ, ସିଂହ, ଡିପି ୱାର୍ଲ୍ଡର ନିର୍ଦ୍ଦେଶକ; ସ୍ୱାତୀ ଯାଦବ, ଫିଣ୍ଟୋକ ଇନଭେଷ୍ଟ ମାର୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନୀତିନ ସାହି; ଏକ୍ସଟ୍ରେମମ୍ ଆନାଲିଟିକ୍ସର ସହ-ପ୍ରତିଷ୍ଠାତା ତଥା ମୁଖ୍ୟ ଡାଟା ଓ ଆନାଲିଟିକ୍ସ ଅଫିସର ଶୈଳେଶ ଗିରି, ସୋପ୍ରା ଷ୍ଟେରିଆର ସହକାରୀ ମୁଖ୍ୟ ନିର୍ବାହୀ ଅଧିକାରୀ ସୁନୀଲ ଗୋୟଲ, ଏକ୍ସଟ୍ରେମମ୍ ଆନାଲିଟିକ୍ସର ସିଇଓ ଅମିଷା ସକ୍ସେନା, ଗ୍ଲୋବାଲ ଏଚସିଏମ ଷ୍ଟ୍ରାଟେଜି ନିର୍ଦ୍ଦେଶକ ତଥା ଓରାକଲର ଏପିଏସି ଲିମିଟେଡ୍ ନୀରଜ ନାରଙ୍ଗ, ବ୍ଲିଙ୍କିଟ୍ ପିପୁଲ୍ ଅପ୍ସ ଉପାଧ୍ୟକ୍ଷ କର୍ଣ୍ଣେଲ ତରୁଣ ଭୋରା ଓ ଇଣ୍ଡିଆ ଆକ୍ସେଲେରେଟରର ସହ–ପ୍ରତିଷ୍ଠାତା ଦୀପକ ଶର୍ମା ପ୍ରମୁଖ ଅନୁଷ୍ଠାନ ଗୁଡ଼ିକର ମୁଖ୍ୟମାନେ ଯୋଗଦେଇଥିଲେ।

# ଯୁଯୋମୁରା ବ୍ଲକଠାରେ ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି

ସମ୍ବଲପୁର,୨୯।୭
(ଭବାନୀ ଶଙ୍କର ଭୋଇ)

ସୋମବାର ଯୁଯୋମୁରା ବ୍ଲକ କାର୍ଯ୍ୟାଳୟ କକ୍ଷ ଠାରେ ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଏସପି ମୁକେଶ କୁମାର ଭାମୁ, ଜିଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର କୁମାର ମଲ୍ଲିକ, ଉପ ଜିଲାପାଳ ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା,ବିଡ଼ିଓ ବିଜୟ କୁମାର ସଏ, ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଯୁଯୋମୁରା ତହସିଲଦାରଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଜିଲାପାଳ ଓ ଏସପି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସବୁ ଆପତ୍ତି ଅଭିଯୋଗ ଗୁଡିକ ଶୁଣିଥିଲେ । ଏଥିରେ ମୋଟ ୫୯ ଗୋଟି ଅଭିଯୋଗ ଶୁଣାଣୀ ପାଇଁ ଆସିଥିବା ବେଳେ ୨ ଗୋଟି ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଓ କିଛି ହିତାଧିକାରୀଙ୍କୁ ଜିଲାପାଳ ଶ୍ରମିକ କାର୍ଡ ମଧ ପ୍ରଦାନ କରିଥିବା ନେଇ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଟ୍ରେନ୍‌ରେ ଗଞ୍ଜେଇ ଚୋରା ଚାଲାଣ

ସମ୍ବଲପୁର,୨୯।୭(ପ୍ରମୋଦ ବହିଦାର)

- ୨ମହିଳାଙ୍କ ସହ ୪ ଗିରଫ
- ୭୭ କେଜି ଗଞ୍ଜେଇ ଜବତ

ଟ୍ରେନ୍‌ରେ ଧାନବାଦକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ବଲାଙ୍ଗିର ଏସ୍କର୍ଡ ସ୍କାର୍ଡର ରେଳବାଇ ସୁରକ୍ଷା କର୍ମୀମାନେ ଦୁଇ ଜଣ ମହିଳାଙ୍କ ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ରେଳବାଇ ସୁରକ୍ଷା କର୍ମୀମାନେ ଝାରସୁଗୁଡ଼ା ରେଳବାଇ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା କୁମୁରସିଂହାର ନରୀ ମହାନନ୍ଦିଆ(୪୦), ତାଙ୍କ ସ୍ତ୍ରୀ ଆରତୀ ମହାନନ୍ଦିଆ (୩୫), ବୌଦ୍ଧ ଜିଲା ଖୁଣ୍ଟୱନ ଗ୍ରାମର ବିଦ୍ୟାଧର ମାହାର(୩୫) ଓ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ରାୟନ ଗ୍ରାମର ମୂଳବାସିନ୍ଦା ତଥା ବର୍ତ୍ତମାନ ବୌଦ୍ଧ ଜିଲା ଖୁଣ୍ଟୱନ ଗ୍ରାମରେ ରହୁଥିବା କାଞ୍ଚନ ଦେବୀ(୩୫)। ସୂଚନାଯୋଗ୍ୟ, ଗିରଫ ହୋଇଥିବା ନରୀ ମହାନନ୍ଦିଆଙ୍କ ସ୍ତ୍ରୀ ଆରତୀଙ୍କ ସହିତ ତାଙ୍କର ୧ ବର୍ଷରୁ କମ୍ ଏକ ଶିଶୁ ସନ୍ତାନ ମଧ୍ୟ ରହିଛି। ସେମାନଙ୍କ ନିକଟରୁ ଦୁଇଟି ବ୍ୟାଗରେ ପୃଥକ ଭାବେ ୩୬ କେଜି ଓ ୪୧ କେଜି ମିଶି ମୋଟ ୭୭ କେଜି ଗଞ୍ଜେଇ ଜବତ କରାଯାଇଛି।

ଉକ୍ତ ଅଭିଯୁକ୍ତମାନେ ଦୁଇଟି ବ୍ୟାଗ ଓ ଅନ୍ୟାନ ସାମଗ୍ରୀ ଧରି ୧୩୩୫୨ ନଂ. ଧାନବାଦ ଏକ୍ସପ୍ରେସ୍ ଟ୍ରେନରେ ବାଲାଙ୍ଗିରରୁ ବସିଥିଲେ। ସେମାନେ ଧାନବାଦ ଅଭିମୁଖେ ଯାଉଥିବା ବେଳେ ସେମାନଙ୍କ ନିକଟରେ ଧାନବାଦ ପର୍ଯ୍ୟନ୍ତ ସଂରକ୍ଷିତ ଟିକେଟ୍ ମଧ୍ୟ ରହିଥିଲା। ତେବେ ସେମାନଙ୍କ ଗତିବିଧି ଉପରେ ସନ୍ଦେହ ହେବାରୁ ଉକ୍ତ ଟ୍ରେନ୍‌ରେ ଥିବା ବଲାଙ୍ଗିର ଏସ୍କର୍ଟ ସ୍କାର୍ଡର ରେଳବାଇ ସୁରକ୍ଷା କର୍ମୀ ସେମାନଙ୍କ ବ୍ୟାଗଗୁଡ଼ିକ ଯାଞ୍ଚ କରିଥିଲେ। ପ୍ରଥମେ ସେମାନେ ବ୍ୟାଗରେ ଘରକରଣା ସାମଗ୍ରୀ ରହିଛି ବୋଲି କହି ଯାଞ୍ଚ ପାଇଁ ମନା କରିଥିଲେ। ମାତ୍ର ରେଳବାଇ ସୁରକ୍ଷା କର୍ମୀମାନେ ବ୍ୟାଗ ଖୋଲି ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପରେ ନରି ମହାନନ୍ଦ ଗଞ୍ଜାଇକୁ ଧାନବାଦ ଚୋରାରେ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ସେମାନଙ୍କୁ ଗିରଫ କରି ଝାରସୁଗୁଡ଼ା ରେଳବାଇ ପୋଲିସର ଜିମା ଦିଆଯାଇଥିବା ବେଳେ ଏନେଇ ଝାରୁସୁଗୁଡ଼ା ଥାନାରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ମହିଳା ଅଭିଯୁକ୍ତ କାଞ୍ଚନ ଦେବୀ ଗଞ୍ଜେଇ ଚୋରା ଚାଲାଣର କିଙ୍ଗପିନ ବୋଲି ଜଣାପଡ଼ିଛି।


ରେଲଓ୍ୱ ସୁରକ୍ଷା କର୍ମୀଙ୍କ ଦ୍ୱାରା ଗିରଫ ଅଭିଯୁକ୍ତଙ୍କ ସହିତ ଜବତ ଗଞ୍ଜେଇ।

# ଜିଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୨୯।୭(ବି.ଶଙ୍କର)

ଦୁଇ ଦିନିଆ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଡୋର ଷ୍ଟାଡିୟମଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୧୧ ବର୍ଷରୁ କମ୍ ପୁରୁଷ ସିଙ୍ଗିଲ୍ସରେ ସିବାଙ୍ଗ ସରିନ ବିଜେତା ଏବଂ ଭିଭାନ ପୁରୋହିତ ରନର୍ସ ଅପ୍ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ଆରାନୀ ବେହେରା ବିଜେତା ଏବଂ ଏଲିନା ରାଜ ରନର୍ସ ଅପ ହୋଇଥିଲେ। ୧୩ ବର୍ଷରୁ କମ ପୁରୁଷ ସିଙ୍ଗିଲ୍ସ ବର୍ଗରେ ଆୟଙ୍କ ସାହୁ ବିଜେତା ଓ ଲିପସୋମ ବାର ରନର୍ସ ଅପ ହୋଇଥିବା ବେଳେ ମହିଳା ବର୍ଗରେ ସାଧିକା ଦାସ ବିଜେତା ଓ ଆଲ୍ୟାସା ପ୍ରଧାନ ରନର୍ସ ଅପ ହୋଇଥିଲେ। ସେହିଭଳି ୧୩ ବର୍ଷରୁ କମ ପୁରୁଷ ଡବଲ୍ସ ଫାଇନାଲରେ ଆୟଙ୍କ ସାହୁ ଓ ସଞ୍ଜଲ ପଂସାରୀଙ୍କ ଯୋଡି ହର୍ଷିତ ଅଗ୍ରୱାଲ ଓ ବିରାଟ ଜୈନଙ୍କ ଯୋଡିକୁ ପରାସ୍ତ କରିଥିଲେ। ୧୫ ବର୍ଷରୁ କମ ପୁରୁଷ ସିଙ୍ଗିଲ୍ସ ବର୍ଗରେ ଆରଣ୍ୟକ ଦାସ ବିଜେତା ଏବଂ ଏକାଂଶ ବିଶ୍ୱାସ ଉପବିଜେତା ହୋଇଥିଲେ । ମହିଳା ବର୍ଗରେ ସାଧିକା ଦାସ ଏବଂ ସଞ୍ଜିତା ବାରିକ ଯଥାକ୍ରମେ ବିଜେତା ଏବଂ ଉପବିଜେତା ହୋଇଥିଲେ। ୧୫ ବର୍ଷରୁ କମ ପୁରୁଷ ଡବଲ୍ସରେ ଆୟଙ୍କ ସାହୁ ଓ ଏକାଂଶ ବିଶ୍ୱାସଙ୍କ ଯୋଡି ଅନିଭାସ ସାହୁ ଓ ଆରଣ୍ୟକ ଦାସଙ୍କ ଯୋଡିକୁ ପରାସ୍ତ କରିଥିଲେ। ମହିଳା ବର୍ଗରେ ଅଲ୍ୟାଶା ପ୍ରଧାନ ଓ ସାଧିକା ଦାସଙ୍କ ଯୋଡି ସାନଭି ଗଥାନି ଓ ତନିସି କେଡ଼ିଆଙ୍କ ଯୋଡିକୁ ପରାସ୍ତ କରିଥିଲେ। ୧୭ ବର୍ଷରୁ କମ ପୁରୁଷ ସିଙ୍ଗଲରେ ପିୟୁଷ ଅଗ୍ରୱାଲ ବିଜେତା ହୋଇଥିବା ବେଳେ ରେହାନ ପ୍ରଧାନ ରନର୍ସ ଅପ ହୋଇଥିଲେ। ମହିଳା ବର୍ଗରେ ସଞ୍ଚିତା ବାରିକ ବିଜେତା ଏବଂ ଜୀୟା ଶାହ ଉପବିଜେତା ହୋଇଥିଲେ। ୧୭ ବର୍ଷରୁ କମ ପୁରୁଷ ଡବଲ୍ସରେ ରେହାନ ପ୍ରଧାନ ଓ ପିୟୁଷ ଅଗ୍ରୱାଲଙ୍କ ଯୋଡି ନାଗେଶ ଦୀପ ଓ ସ୍ୱସ୍ତିକ ଦାସଙ୍କ ଯୋଡିକୁ ପରାସ୍ତ କରିଥିଲେ। ମହିଳା ବର୍ଗରେ ହିୟା ଶାହ ଓ ଜିୟା ଶାହାଙ୍କ ଯୋଡି ସାଧିକା ଦାସ ଓ ପଲକ କେଡ଼ିଆଙ୍କ ଯୋଡିକୁ ପରାସ୍ତ କରିଥିଲେ। ଅଣ୍ଡର ୧୭ ମିକ୍ସଡ଼ ଡବଲ୍ସ ଫାଇନାଲରେ ପିୟୁଷ ଅଗ୍ରୱାଲ ଓ ପଲକ କେଡ଼ିଆଙ୍କ ଯୋଡି ଅମନ ଅଗ୍ରୱାଲ ଓ ଚାର୍ବି ଚିନ୍ନା ଶ୍ରୀଙ୍କ ଯୋଡିକୁ ହରାଇଥିଲେ। ୧୯ ବର୍ଷରୁ କମ ପୁରୁଷ ସିଙ୍ଗିଲ୍ସରେ ପିୟୁଷ ଅଗ୍ରୱାଲ ବିଜେତା ଏବଂ ଆଶୁତୋଷ ସେଠି ରନର୍ସ ଅପ ହୋଇଥିଲେ। ୧୯ ବର୍ଷରୁ କମ ପୁରୁଷ ଡବଲ୍ସ ଫାଇନାଲରେ ଆୟୁଷ ସାହୁ ଓ ଶଶାଙ୍କ ଶେଖର ଜେନାଙ୍କ ଯୋଡି କିତିଶ ପରିଡା ଓ ନିତ୍ୟାନନ୍ଦ ଦାସଙ୍କ ଯୋଡିକୁ ପରାସ୍ତ କରିଥିଲେ। ମହିଳା ବର୍ଗରେ ଲିଜୁନ ସ୍ୱାଇଁ ଓ ସାଇ ସାୱନ ସେଠିଙ୍କ ଯୋଡି ହିୟା ଶାହା ଓ ଜୀୟା ଶାହାଙ୍କ ଯୋଡିକୁ ହରାଇଥିଲେ। ସେହିପରି ଅଣ୍ଡର ୧୯ ମିକ୍ସଡ଼ ଡବଲ୍ସରେ ଆଶୁତୋଷ ସେଠି ଓ ଲିଜୁନ ସ୍ୱାଇଁଙ୍କ ଯୋଡି ପିୟୁଷ ଅଗ୍ରୱାଲ ଓ ପଲକ କେଡ଼ିଆଙ୍କ ଯୋଡିକୁ ହରାଇ ବାଜିମାତ କରିଥିଲେ। ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ସେଟେଲମେଣ୍ଟ ବିଭାଗର ଅତିରିକ୍ତ କମିଶନର ମିର୍ଦ୍ଧା ଟପ୍ପୋ, ଏମ୍‌ସିଏଲ୍‌ର ମୁଖ୍ୟଯନ୍ତ୍ରୀ ଦୁଃଖନାଶନ ସେଠି, ଇଣ୍ଡିଆନ ବ୍ୟାଙ୍କର ସାକ୍ଷୀପଡା ଶାଖା ପରିଚାଳକ ନିର୍ମଳ ପଂସାରୀ, ବ୍ୟାଡ଼ମିଣ୍ଟନ ପ୍ରଶଂସକ ବିକ୍ରମ ପ୍ରଧାନ, ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନର ସମ୍ପାଦକ ନିଲିନ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ବଲପୁର ବ୍ୟାଡ଼ମିଣ୍ଟନ ଆସୋସିଏଶନର ଉପ ସଭାପତି ପ୍ରବୀଣ ବେହେରା, କୋଷାଧ୍ୟକ୍ଷ ଲକ୍ଷପତି ନନ୍ଦ, ସଦସ୍ୟ ଅଭିଷେକ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।



ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର ଷ୍ଟାଡିୟମଠାରେ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ଖେଳାଳି।

## ସଂକ୍ଷେପରେ

### ଭୀରକୁପଡ଼ାରେ ଝାଡ଼ାବାନ୍ତି

**ଡାକ୍ତରଙ୍କ ଦେଖା ନାହିଁ, ଆଶାକର୍ମୀ ହିଁ ଭରସା**

ପାଇକମାଳ,୨୯।୭(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଭୁତମୁଣ୍ଡା ଗ୍ରାମର ଭିରକୁପଡାରେ ୩ ଦିନ ହେଲା ଝାଡାବାନ୍ତି ଦେଖାଦେଇଛି। ଶନିବାର ଭିରକୁପଡାକୁ ଆସି ପାରିଲା ନାହିଁ ଆମ୍ବୁଲାନ୍ସ। ଭୁତମୁଣ୍ଡା ଗ୍ରାମରେ ଅଟକି ଥିବା ଆମ୍ବୁଲାନ୍ସ ପାଖକୁ ଖଟିଆରେ ପ୍ରାୟ ୧ କି.ମି. ବୁହା ହେଲା ରୋଗୀ ବିଦ୍ୟାଧର ମାଝି (୪୬)। ସେଠାରୁ ତାଙ୍କୁ ନୂଆପଡ଼ା ସରକାରୀ ଚିକିତ୍ସାଳୟ ନେଇ ଭର୍ତ୍ତି କରାଗଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ବେଳେ ସୋମବାର ପୁଣି ଆଉ ୪ଜଣ ସାନ୍ତରା ମାଝି (୫୬), ବେଲମତି ମାଝି (୩୨), ନବୀନା ମାଝି (୨୫), ମାନସିଂ ମାଝି (୨୭)ଙ୍କୁ ଝାଡାବାନ୍ତି ହେବାରୁ ପୁଣି ଆମ୍ବୁଲାନ୍ସରେ ସେମାନଙ୍କୁ ନୂଆପଡା ପଠାଯାଇଛି। ଆଶା କର୍ମୀ ତିଲୋତ୍ତମା ସେଠ ଆମ୍ବୁଲାନ୍ସ ଡକାଇ ତାଙ୍କୁ ନୂଆପଡା ଚିକିତ୍ସା ପାଇଁ ପଠାଇ ଥିବା ବେଳେ ଏହି ପଡ଼ାରେ ରହୁଥିବା ୯ଟି ପରିବାରର ସମସ୍ତଙ୍କୁ ଓଆରଏସ ପାଉଡର ସହ ଔଷଧ ବଣ୍ଟନ କରିଛନ୍ତି। ତେବେ ଏଠାକୁ କୌଣସି ଡାକ୍ତର ଟିମ ସୋମବାର ପହଞ୍ଚି ନ ଥିଲେ। ଭିରକୁପଡ଼ାକୁ ଡାକ୍ତର ନ ଥିବାରୁ ଏହି ଅଞ୍ଚଳର ରୋଗୀମାନେ ସେବା ପାଇ ପାରୁନାହାନ୍ତି। ବରଗଡ ସିଡିଏମଓ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଭିରକୁପଡ଼ାରେ ଆଶା କର୍ମୀ ତିଲୋତ୍ତମା ସାହାଯ୍ୟ କରୁଥିବାରୁ ତଥା ଡାକ୍ତର ଆସୁ ନ ଥିବାରୁ ପଡ଼ାବାସୀ ଆଶା ହିଁ ସାହା ଭରସା ବୋଲି କହୁଛନ୍ତି।

# ଦୃଷ୍ଟି ଆଢୁଆଳରେ ୧୭ ଆଦିବାସୀ ପରିବାର



ନାଳ ପାଣି ସଂଗ୍ରହ କରୁଛନ୍ତି ମହିଳା।

- ୨୪ ବର୍ଷ ହେଲା ଜଙ୍ଗଲ ଭିତରେ ଜୀବନ ଜିଉଛନ୍ତି
- ସ୍କୁଲ ଦେଖିନାହାନ୍ତି ଆଦିବାସୀ ଛାତ୍ରୀଛାତ୍ର

ଭବାନୀପାଟଣା,୨୯।୭ (ଉତ୍ତମ କୁମାର ଦାଶ)

ମୁଖ୍ୟତଃ ଜଙ୍ଗଲ ଭିତରେ ବସବାସ କରୁଥିବା ଆଦିବାସୀଙ୍କୁ ବନବାସୀ ବୋଲି କୁହାଯାଇଥାଏ। ଏହି ଆଦିବାସୀ ବା ଜନଜାତିଙ୍କ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବା ନେଇ ମଧ୍ୟ ଯୋଜନା କରିଛନ୍ତି। ହେଲେ ସମସ୍ତ ଯୋଜନା ଯେପରି ଅଧିକାରୀଙ୍କ ନାଲିଫିତା ତଳେ ରହିଯାଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଘନାଜଙ୍ଗଲ ପାଦଦେଶରେ ଥିବା କାଲୁଭାଟି ଗାଁରେ। ଭାଲୁ ଜଙ୍ଗଲ ଭିତରେ ଥିବା ଏହି ଗାଁରେ ୨୦୦୦ ମସିହାରୁ ୧୭ ଆଦିବାସୀ ପରିବାର ବସବାସ କରିଆସୁଛନ୍ତି। ଏହି ଆଦିବାସୀମାନେ ପୂର୍ବରୁ ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ନେହେଲା ଗ୍ରାମରେ ବସବାସ କରୁଥିଲେ। ବିଗତ ୨୪ବର୍ଷ ହେବ ଏମାନେ ଜୁନାଗଡ଼ ବ୍ଲକର ଭାଲୁ ଜଙ୍ଗଲ ଭିତରେ ଝାଟିମାଟି ଘର ତିଆରି କରି ରହିଆସୁଛନ୍ତି। ଭାଲୁ ଜଙ୍ଗଲରେ କାଲୁଭାଟି ନାମକ ଏକ ଝରଣା ଥିବାରୁ ସେହି ଅନୁସାରେ ଗାଁର ନାମ ମଧ୍ୟ କାଲୁଭାଟି ରଖିଛନ୍ତି। ଏହି ଗାଁରେ ବର୍ତ୍ତମାନ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ୪କି.ମି. ପାଦଚଲା ଜଙ୍ଗଲିଆ ରାସ୍ତାରେ ଚାଲି ଚାଲି ଗାଁକୁ ଯିବାକୁ ପଡିଥାଏ। ଗ୍ରାମବାସୀ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ନଳକୂପ ନ ଥିବାବେଳେ ଗ୍ରୀଷ୍ମ ଓ ଶୀତଋତୁରେ ଶଗଡାନଦୀ ଓ ବର୍ଷା ଋତୁରେ ଜଙ୍ଗଲରେ ବୋହିଯାଉଥିବା ନାଳ ପାଣି ପିଇଥାନ୍ତି । ଏମାନେ ପକ୍କା ଘର, ରାସ୍ତା, ବିଜୁଳି, ମୋବାଇଲ ନେଟୱର୍କ ସେବାରୁ ବଞ୍ଚିତ। ଅଙ୍ଗନୱାଡ଼ି କ'ଣ ଜାଣିନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଗାଁର ପିଲାମାନେ ସ୍କୁଲ ଦେଖିନାହାନ୍ତି। ଏହି ଆଦିବାସୀମାନଙ୍କ ପାଇଁ ଅପହଞ୍ଚ ସରକାରୀ ଯୋଜନା। ଏମାନଙ୍କ ଖବର ସରକାର କିମ୍ବା ପ୍ରଶାସନ ପାଖରେ ମଧ୍ୟ ନାହିଁ। ୨୪ ବର୍ଷ ବିତିଯାଇଥିଲେ ସୁଦ୍ଧା କିଭଳି ନିର୍ବାଚିତ ପ୍ରତିନିଧି କିମ୍ବା ବ୍ଲକ ଓ ଜିଲା ପ୍ରଶାସନ ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଆସିଥିବା ବେଳେ ଏହି ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ସହ ୧୭ ଆଦିବାସୀ ପରିବାରକୁ ସରକାରୀ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି।

## ବାଇକ୍‌ରେ ଆସି ଲୁଟିନେଲେ ସୁନାଚେନ୍





ଲୁଟ୍ ବେଳେ ସିସିଟିଭିର କଏଦ ହୋଇଥିବା ଦୃଶ୍ୟ ଓ ଲୁଟ୍‌ର ଶିକାର ଆହତ ବ୍ୟକ୍ତି।

**ଲୁଟେରା ଫେରାର, ଭୟଭୀତ ସହରବାସୀ**

ଦେବଗଡ଼,୨୯।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସହରର ଜନଗହଳିପୂର୍ଣ୍ଣ ନବୋଦୟ ସାହି (ଗାର୍ଲ୍ସ ହାଇସ୍କୁଲ)ଛକରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସୋମବାର ସ୍ୱଷ୍ଟ ଦିବାଲୋକରେ ଜଣେ ବ୍ୟକ୍ତି ପିନ୍ଧିଥିବା ସୁନା ଚେନ ଲୁଟି ନେଇଥିବା ଜଣାପଡିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଦେବଗଡ ସହରରେ ଆଲୋଡନ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ ନବୋଦୟ ସାହିର ଅବସରପ୍ରାପ୍ତ ସରକାରୀ କର୍ମଚାରୀ କମଳ ଲୋଚନ ମିଶ୍ର (୬୪) ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବଜାରରୁ କ୍ଷୀର ଏବଂ ଏକ ଲେମ୍ବୁ ଚାରା ଧରି ନବୋଦୟସାହିସ୍ଥିତ ଘରକୁ ଫେରୁଥିଲେ। ସେ ପୁରୁଣା ଜାତୀୟ ରାଜପଥରୁ ନବୋଦୟସାହି ଛକ(ଗାର୍ଲ୍ସ ହାଇସ୍କୁଲ ଛକ)ରୁ ଗଡାଣିକୁ ଓହ୍ଲାଇଉଥିବା ବେଳେ ଏକ ଆପାଚି ବାଇକରେ ୨ଜଣ ଲୁଟେରା ତାଙ୍କୁ ସେଠାରେ ଅଟକାଇଥିଲେ। ମିଶ୍ର କୌଣସି କଥା ଚିନ୍ତା କରିବା ପୂର୍ବରୁ ଲୁଟେରା ଦ୍ୱୟ ସେ ବେକରେ ପିନ୍ଧିଥିବା ସୁନା ଚେନ୍ ଟାଣି ଛିଣ୍ଡାଇବାକୁ ଉଦ୍ୟମ କରିଥିଲେ। ଫଳରେ ମିଶ୍ର ତଳେ ପଡିଯାଇଥିଲେ ଓ ଲୁଟେରା ଦ୍ୱୟ ସୁନା ଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ତଳେ ପଡିଯିବାରୁ ମିଶ୍ରଙ୍କ ମୁହଁରେ ଓ ହାତରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ସେ ଏ ନେଇ ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ଦେବଗଡ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ଦୋକାନରେ ରେକର୍ଡ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଲୁଟେରାମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇନାହିଁ। ଦେବଗଡ ଥାନା ପୋଲିସ ପକ୍ଷରୁ ନିୟମିତ ପାଟ୍ରୋଲିଂ ହେଉ ନ ଥିବାରୁ ଗତ କିଛି ଦିନ ହେଲା ସହରରେ ଏଭଳି ଅନେକ ଘଟଣା ଘଟିବାରେ ଲାଗିଛି। ଫଳରେ ସହରବାସୀ ନିୟମିତ ପାଟ୍ରୋଲିଂ କରିବାକୁ ଦାବି କରିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କେସିଙ୍ଗା,୨୯।୭ (ତୁମେଶ୍ୱର ସାହୁ)

କେସିଙ୍ଗା ରେଳ ଷ୍ଟେଶନଠାରୁ ପ୍ରାୟ ୪କି.ମି. ଦୂର ତୁମେରମୁଣ୍ଡାଠାରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିରୋଲ ଗ୍ରାମ ପଞ୍ଚାୟତ ପୋଢ଼ଖମ୍ଭ ଗ୍ରାମର ଲମ୍ବୋଦର ଗୌଡ଼ (୪୫)। ସୂଚନା ଅନୁଯାୟୀ ଲମ୍ବୋଦର ଜଣେ ମାନସିକ ରୋଗୀ ହୋଇଥିବାବେଳେ ବିଭିନ୍ନ ସମୟରେ ଟ୍ରେନ୍ ଅଟକାଇବାକୁ ଉଦ୍ୟମ କରନ୍ତି। ରବିବାର ବିଳମ୍ବିତ ରାତିରେ ସେ ତୁମେରମୁଣ୍ଡା ଯାଉଥିବା ବେଳେ କାଣ୍ଡେଲ ରୋଡ଼ରୁ କେସିଙ୍ଗାକୁ ସଂଯୋଗ ହୋଇଥିବା ରେଳଲାଇନ୍‌ରେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ଟ୍ରେନ୍ ପାଇଲଟ କେସିଙ୍ଗା ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଷ୍ଟେଶନ ମାଷ୍ଟରଙ୍କଠାରୁ ଖବର ପାଇ ଟିଟିଲାଗଡ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ସନ୍ଦେହରେ ୭ ଶିକ୍ଷକଙ୍କ ପ୍ରମାଣପତ୍ର

**ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ଯାଞ୍ଚର ୨ୟ ଦିନ**



ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କାର୍ଯ୍ୟ ଚାଲିଛି।

ସରଣ୍ଡା,୨୯।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଅତାବିରା ବ୍ଲକରେ କାର୍ଯ୍ୟ କରୁଥିବା ୪୧୦ ଜଣଙ୍କ ମଧ୍ୟରୁ ଦ୍ୱିତୀୟ ଦିନ ସୁଦ୍ଧା ୩୬୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ସେମାନଙ୍କ ମଧ୍ୟରୁ ୭ଜଣ ଶିକ୍ଷକଙ୍କ ପ୍ରମାଣ ପତ୍ର ବାହାର ରାଜ୍ୟର ହୋଇଥିବା ଏବଂ ଅନ୍ୟ କେତେକ ସମସ୍ୟା ଥିବା ଯାଞ୍ଚକାରୀ ଅଧିକାରୀଙ୍କ ଦୃଷ୍ଟିକୁ ଆସିଥିବା କୁହାଯାଇଛି। ସେମାନଙ୍କ ପ୍ରମାଣ ପତ୍ରର ତଦନ୍ତ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦି ଆଯାଇଥିବା ଯାଞ୍ଚ ଅଧିକାରୀ ଖଗେଶ୍ୱର ଅମନ୍ତ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅତାବିରାଠାରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ପ୍ରକାର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗଙ୍କ ଉପସ୍ଥିତିରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଖଗେଶ୍ୱର ଅମନ୍ତ, ଦୀପକ ପ୍ରଧାନ, ସ୍ନେହା କୁମ୍ଭାର ଓ ଆନନ୍ଦ ବେହେରାଙ୍କ ଦ୍ୱାରା କରାଯାଇଥିଲା। ନୋଡାଲ ଅଧିକାରୀ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନ ସୋମବାର ଶେଷ ସୁଦ୍ଧା ୩୬୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଏଥିରେ ସିଆରସିସି ରଷ୍ଟୁଭ ପଣ୍ଡା, ନନ୍ଦିଘୋଷ ଭୁଏ, ଧରମ ନାଏକ, ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, କିଚକ ସୁନା, ଜୟଦେବ ନାଏକ, ରାଜୀବ ବିଶାଳ ଓ ରଶ୍ମିରାଣୀ ନନ୍ଦ ସହଯୋଗ କରିଥିଲେ।

## ଅଙ୍ଗନୱାଡି ସହାୟିକା ନିଯୁକ୍ତି ପ୍ରତିବାଦରେ ବିଡିଓଙ୍କ ଦ୍ୱାରସ୍ଥ ହେଲେ ପୋଡମୁଣ୍ଡ ପଡ଼ାବାସୀ

ଖପ୍ରାଖୋଲ,୨୯।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମା ପୋଡ଼ମୁଣ୍ଡପଡ଼ା ବାସୀ ଅଙ୍ଗନୱାଡି ସହାୟିକା ନିଯୁକ୍ତି ପ୍ରତିବାଦରେ ସୋମବାର ଖପ୍ରାଖୋଲ ବିଡ଼ିଓଙ୍କ ଠାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ୮ ମାସ ତଳେ ପୋଡମୁଣ୍ଡପଡ଼ାର ଅଙ୍ଗନୱାଡିରେ ସହାୟିକା ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିଥିଲା। ବିଜ୍ଞାପନ ବାହାରିବା ପରେ ଗ୍ରାମର ଜଣେ ଯୁବତୀ ଚାକିରି ପାଇଁ ଆବେଦନ କରିଥିଲେ। ବିଭାଗ ତରଫରୁ ଆବେଦନ କରିଥିବା ଜଣେ ମାତ୍ର ଯୁବତୀ ବିଦେଶିନୀ ପାରାଭୁଏଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାକୁ ପଡା ବାସୀ ବିରୋଧ କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ପଡାବାସୀ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ଖପ୍ରାଖୋଲ ସିଡ଼ିପିଓ ସୁଜାତା ଦୋରାଙ୍କୁ ପଚାରିବାରୁ ଜଣେ ମାତ୍ର ଆବେଦନ କରିଥିବାରୁ ନିୟମ ଅନୁସାରେ ତାକୁ ନିଯୁକ୍ତି ଦିଆଯାଇଥିବା କହିଛନ୍ତି।

## ସୁରଙ୍କ ବିରୋଧରେ ଥାନାରେ ଏତଲା



ବରଗଡ଼ ଟାଉନ ଥାନା ଆଇଆଇସି ଏତଲା ଗ୍ରହଣ କରୁଛନ୍ତି।

ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଘେଁସ ମାଟିର ଶହୀଦ ମାଧୋ ସିଂହଙ୍କ ପ୍ରତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସୁର ରାଉତରାୟ ଦେଇଥିବା ମନ୍ତବ୍ୟକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ରବିବାର କୋସଲ ସେନା ସୁରଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବାବେଳେ ସୋମବାର ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ମଧ୍ୟ ବରଗଡ଼ ଟାଉନ ଥାନାରେ ଅନୁରୂପ ଏତଲା ଦେଇଛି। ଏହା ସହିତ ବରଗଡ଼ ଗାନ୍ଧିଛକରେ ସୁରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସୁରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦାବି କରିଛି। ସେହିପରି ଶହୀଦ ମାଧୋ ସିଂହ ଏବଂ ତାଙ୍କ ୪ ପୁଅଙ୍କ ବଳିଦାନକୁ ରାଜ୍ୟ ସରକାର ପାଠ୍ୟ ପୁସ୍ତକରେ ସ୍ଥାନିତ କରିବାକୁ ଦାବି ହୋଇଛି। ଯୁବାମଞ୍ଚର ସଭାପତି ଅଜିତ କୁମାର ପତିଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ବରିଷ୍ଠ ଆଡଭୋକେଟ୍ ସୁରେନ୍ଦ୍ର ପଣ୍ଡା, ନିଷ୍ଠା ପରିବାରର ଅଶ୍ୱିନୀ ତ୍ରିପାଠୀ, ସଂକଳ୍ପ ପରିବାର ବିକାଶ ଅଗ୍ରୱାଲଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଭୂମିହୀନଙ୍କ ଚାଷଜମିକୁ ବନ ବିଭାଗର ଦଖଲ ଉଦ୍ୟମ

ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ବ୍ଲକ ଖଣ୍ଡହଥା ପଞ୍ଚାୟତ ଅନ୍ତର୍ଗତ ନୂଆଗଡ଼ ଏବଂ ଭେଡ଼େନ ବ୍ଲକ ତାଲମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦେହେରୀପାଲି, ବହଲପାଲି ଗ୍ରାମର ଦଳିତ, ଭୂମିମାନଙ୍କ ପ୍ରତି ବନବିଭାଗ ଅନ୍ୟାୟ କରୁଥିବା ଅଭିଯୋଗ ହୋଇଛି। ବାପଅଜା ଅମଳରୁ କିଛି ଜମିକୁ ସମତୁଳ କରି ସେମାନେ ଚାଷବାସ କରି ପରିବାର ଗୁଜୁରାଣ ମେଣ୍ଟାଇ ଆସୁଥିବାବେଳେ ଏବେ ବନବିଭାଗ ବନୀକରଣ ଆଳରେ ସେହି ଜମି ନିଜ ଦଖଲକୁ ନେବା ପାଇଁ ଉଦ୍ୟମ କରୁଛି ବୋଲି ପ୍ରଭାବିତ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ସୋମବାର ପ୍ରଭାବିତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଦୀର୍ଘ ୪୫ ବର୍ଷ ହେଲା ଖଣ୍ଡହଥା ପଞ୍ଚାୟତ ସୀମାରେ ରହିଥିବା କିଛି ଜମିକୁ ସେମାନେ ସମତୁଳ କରି ଚାଷକାର୍ଯ୍ୟ କରି ଆସୁଛନ୍ତି। ପାଖରେ କେନାଲ ଯାଇଥିବା ଯୋଗୁ ସେହି ଜମି ଚାଷୋପଯୋଗୀ ହୋଇ ପାରିଛି। ସେଥିରୁ ଯାହା ରୋଜଗାର ହୁଏ, ସେମାନଙ୍କ ପରିବାର ଚଳେ ବୋଲି ପ୍ରଭାବିତ ଲୋକେ କହିଛନ୍ତି। ତେବେ ଉକ୍ତ ଜମି ଉପରେ ବନବିଭାଗ ଆଖି ପକାଇଛି। ଜେସିବି ମେଶିନ ଲଗାଇ ଉକ୍ତ ଜମିର ହିଡ଼କୁ ବନ କର୍ମଚାରୀମାନେ ଭାଙ୍ଗି ଦେଉଥିଲେ। ତାହା ଜାଣିବା ପରେ ପ୍ରଭାବିତ ଲୋକେ ବିରୋଧ କରିଥିଲେ। ଏହାସତ୍ତ୍ୱେ ବନ ବିଭାଗ ଉକ୍ତ ଜମି ନିଜ ଦଖଲକୁ ନେବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ୨୦୦୭ରେ ବନବିଭାଗ ସମ୍ପୃକ୍ତ ଜମି ଉପରେ ଏଭଳି ଉଦ୍ୟମ କରିଥିଲା। କିନ୍ତୁ ପ୍ରଭାବିତ ଲୋକେ ସେତେବେଳେ ତାର ଦୃଢ଼ ପ୍ରତିବାଦ କରିଥିଲେ। ଏ ନେଇ ଅନେକ ଲୋକଙ୍କ ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ରହିଛି। ସେହିପରି ସେତେବେଳେ ଘଟଣା ସମ୍ପର୍କରେ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ପରେ ବନ ବିଭାଗକୁ ତାଗିଦ୍ କରାଯାଇଥିଲା ଏବଂ ବନ ବିଭାଗ ସେଥିରୁ ନିବୃତ୍ତ ରହିଥିଲା। କିନ୍ତୁ ବନ ବିଭାଗ ପୁଣି ସେଭଳି ଉଦ୍ୟମ କରୁଥିବା ଯୋଗୁ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ପ୍ରଭାବିତ ଲୋକେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସାମାଜିକ କର୍ମୀ ଲକ୍ଷ୍ମଣ ସୁନାଙ୍କ ନେତୃତ୍ୱରେ ଅନେକ ପ୍ରଭାବିତ ଲୋକେ ଏଭଳି ଅଭିଯୋଗ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।




ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।

# ଦୁର୍ଘଟଣା ନୁହେଁ, ପିକ୍‌ଅପ୍ ଭ୍ୟାନ୍ ଚଢ଼ାଇ ୩ଜଣଙ୍କୁ ହତ୍ୟା

**ପିକ୍‌ଅପ୍ ଧକ୍କାରେ ୩ ଯୁବକଙ୍କ ମୃତ୍ୟୁ ଘଟଣା**

- ଦୁର୍ଦ୍ଦାନ୍ତ ଅପରାଧୀ ଦୀପକ ଗିରଫ
- ବ୍ୟବସାୟିକ ଶତ୍ରୁତାରୁ ହତ୍ୟାକାଣ୍ଡ : ଏସ୍‌ପି



ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସୋନପୁର,୨୯।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ମେଟାକାନୀ ମନ୍ଦିର ଛକ ନିକଟରେ ଗତ ଗୁରୁବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ତିନି ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଉଲୁଣ୍ଡା ଥାନା ଅଇଁଳାଛାଟ ଅଞ୍ଚଳର ରାଜେଶ କୁମ୍ଭାର(୧୯), ନାରାୟଣଟିକ୍ରା ଗ୍ରାମର ଦେବାନନ୍ଦ ସୁରଜାଲ(୩୫) ଓ ବଲପାଲିର ସୁଶାନ୍ତ ସାହୁ(୨୦)। ଅଇଁଳାଛାଟ ଗ୍ରାମର କରଣ କୁମ୍ଭାର ଓରଫ ରାହୁଲ(୨୦) ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାରମ୍ଭରେ ଏହା ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ସନ୍ଦେହ କରାଯାଉଥିଲା। ଅଧିକ ତଦନ୍ତ ପରେ ଏହା ଦୁର୍ଘଟଣା ନୁହେଁ ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ଏହି ଘଟଣାରେ ରବିବାର ବିଳମ୍ବିତ ରାତିରେ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ଦୁର୍ଦ୍ଦାନ୍ତ ଅପରାଧି ଦୀପକ ଚୌଧୁରୀ(୨୮)ଙ୍କୁ ଲକ୍ଷ୍ମଣପୁର ଅଞ୍ଚଳରୁ ଗିରଫ କରିଛି। ତେବେ ତାଙ୍କ ସାନଭାଇ ତଥା ଅନ୍ୟତମ ଅଭିଯୁକ୍ତ ଅଭିଷେକ ଚୌଧୁରୀ ଫେରାର ହୋଇଯାଇଛି। ଅଭିଷେକ ଓ ମୃତ ରାଜେଶ ବିଦ୍ୟୁତ୍ ତାର ଚୋରି କରି ବିକ୍ରି କରୁଥିଲେ। ଟଙ୍କା ଭାଗବଣ୍ଟା ଓ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ କିଛି ଦିନ ପୂର୍ବରୁ ଝଗଡା ହୋଇଥିଲା। ଦୁହେଁ ଦୁହିଁଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହି ଶତ୍ରୁତାରୁ ଅଭିଷେକ ବଡ ଭାଇ ଦୀପକଙ୍କ ସହାୟତାରେ ପିକ୍‌ଅପ୍ ଭ୍ୟାନ୍ ଚଢାଇ ରାଜେଶ ଓ ତାର ଅନ୍ୟ ଦୁଇ ସହଯୋଗୀଙ୍କୁ ହତ୍ୟା କରିଥିବା ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍ ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଦୀପକଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଦୀପକ ଓ ଅଭିଷେକ ମୂଳତଃ ବିହାରର ସମସ୍ତିପୁର ଅଞ୍ଚଳର। ସେମାନେ ଦୀର୍ଘ ବର୍ଷ ଧରି ପରିବାର ସହିତ ବରଗଡ ଟାଉନ ଥାନା ଅନ୍ତର୍ଗତ ମାନବନ୍ଧପଡା ଅଞ୍ଚଳରେ ରହି ଆସୁଥିଲେ। ଦୁଇ ଭାଇ ସମ୍ବଲପୁର, ବରଗଡ ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ତାର ଚୋରି, ଡକାୟତି ଓ ଛିନ୍‌ତାଇ କରୁଥିଲେ। ପୋଲିସ ହାତରେ ଧରା ପଡିବା ଭୟରେ ଦୀପକ କିଛି ଦିନ ହେବ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚରଦା ନୂଆପାଲି ଅଞ୍ଚଳରେ ଓ ଅଭିଷେକ ଉଲୁଣ୍ଡା ଥାନା ଅଇଁଳାଛାଟ ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। ଅଭିଷେକ ଓ ଅଇଁଳାଛାଟ ଗ୍ରାମର ରାଜେଶ ବିଦ୍ୟୁତ୍ ତାର ଚୋରି କରି ବିକ୍ରି କରୁଥିଲେ। ରାଜେଶଙ୍କୁ ନାରାୟଣଟିକ୍ରା ଗ୍ରାମର ଦେବାନନ୍ଦ, ବଲପାଲିର ସୁଶାନ୍ତ ଓ ଅଇଁଳାଛାଟ ଗ୍ରାମର କରଣ କୁମ୍ଭାର ଓରଫ ରାହୁଲ ସହଯୋଗ କରୁଥିଲେ। ପ୍ରାରମ୍ଭିକ ସମୟରେ ଅଭିଷେକ ଓ ରାଜେଶଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲା। ତେବେ ୧୫ ଦିନ ପୂର୍ବରୁ ଟଙ୍କା ଭାଗବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଦୀପକ ଓ ଅଭିଷେକ ରାଜେଶଙ୍କୁ ଧମକ ଦେଇଥିଲେ। ଏପରିକି ଗତ ୨୩ ତାରିଖ ସକାଳେ ରାଜେଶ ଏକ ଗାଡିରେ ବିଦ୍ୟୁତ୍ ତାର ବୋଝେଇ କରି ବିନିକା ଯାଉଥିଲେ। ସୂଚନା ପାଇ ଦୀପକ ପିକ୍‌ଅପ୍ ଭ୍ୟାନ୍‌ରେ ଆସି ମହାନଦୀ ବ୍ରିଜ୍ ନିକଟରେ ରାଜେଶଙ୍କୁ ଅଟକାଇ ବିଦ୍ୟୁତ୍ ତାର ଗୁଡିକୁ ଜବରଦସ୍ତ ନେଇ ଯାଇଥିଲେ। ଏହି ଘଟଣାରେ ଦୀପକ, ଅଭିଷେକ ଓ ରାଜେଶଙ୍କ ଗୋଷ୍ଠୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ୨୪ ତାରିଖ ରାତିରେ ରାଜେଶଙ୍କ ଗୋଷ୍ଠୀ ଅଭିଷେକଙ୍କ ଅଇଁଳାଛାଟ ସ୍ଥିତ ଭଡା ଘରକୁ ଆସି ହତ୍ୟା ଧମକ ଦେଇଥିଲେ। ଏପରିକି ଅଭିଷେକଙ୍କ ଏକ ପଲସର ବାଇକ୍‌କୁ ରାଜେଶ ବଳପୂର୍ବକ ନେଇ ଯାଇଥିଲେ। ଅଭିଷେକ ଏ ସମ୍ପର୍କରେ ବଡ ଭାଇ ଦୀପକଙ୍କୁ ଜଣାଇବା ପରେ ସେ ଅଇଁଳାଛାଟ ଆସି ତାଙ୍କୁ ଉଦ୍ଧାର କରିଥିଲେ। ୨୫ ତାରିଖରେ ଏହି ଘଟଣାକୁ ନେଇ ଦୀପକ ଓ ରାଜେଶ ଫୋନ୍‌ରେ ଉଭୟ ଉଭୟଙ୍କୁ ହତ୍ୟା ଧମକ ଦେଇଥିଲେ। ରାଜେଶ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ ଭାବେ ନେଇ ମୋଟର ସାଇକେଲରେ ମେଟାକାନୀ ମନ୍ଦିର ଛକକୁ ଆସିଥିଲେ। ଅପରାହ୍ନରେ ଦୀପକ ଓ ତାଙ୍କ ସାନ ଭାଇ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ନଂ. ଓଡି୧୭ଏଏ-୪୦୧୫ରେ ଆସି ହତ୍ୟା ଉଦ୍ଦେଶ୍ୟରେ ବାଇକ୍ ଓ ରାଜେଶଙ୍କ ଗୋଷ୍ଠୀର ୪ ଜଣଙ୍କୁ ଧକ୍କା ଦେଇଥିଲେ। ଅପରାଧ ଘଟାଇ ଦୁର୍ଘଟଣାର ରୂପ ଦେବା ପାଇଁ ଦୀପକ ଓ ଅଭିଷେକ ଫେରାର ହୋଇଯାଇଥିଲେ। ପୋଲିସ ବଡମାଲ ରାସ୍ତାରୁ ଉକ୍ତ ପିକ୍‌ଅପ୍‌କୁ ଜବତ କରିଥିଲେ। ସମ୍ବଲପୁର ଓ ବରଗଡ ଜିଲାରେ ଦୁଇ ଭାଇଙ୍କ ନାମରେ ଏକାଧିକ ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ଉଲୁଣ୍ଡା ଆଇଆଇସି ପଞ୍ଚାନନ ନାଏକ ଓ ସୋନପୁର ଆଇଆଇସି ରମେଶ ମାହାନା ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରାଇଭରଙ୍କ ସମେତ ୧୫ ଯାତ୍ରୀ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍।

ରୂପସା(ବାଞ୍ଛାନିଧି ଦେ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୯।୭

## ଗଛକୁ ପିଟିଲା ବସ୍

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ପୁଟୁରା ଛକ ନିକଟରେ ସୋମବାର ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱ ଗଛକୁ ଧକ୍କା ଦେଇଛି। ଫଳରେ ବସ୍ ଡ୍ରାଇଭର ଓ ହେଲପରଙ୍କ ସମେତ ୧୫ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ ନୂପୁର ନାମକ ଏକ ବସ ସୋମବାର ସକାଳେ ବାଲିଆପାଳରୁ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିଲା। ବାଲିଆପାଳ-ଗାନ୍ଧୀ ଛକ ରାସ୍ତାର ପୁଟୁରା ଛକ ନିକଟରେ ବସ୍‌ର ଆଗ ଚକା ଫାଟିଯିବାରୁ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଜୋରରେ ଧକ୍କା ଦେଇ ଅଟକି ରହିଥିଲା। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭର ଓ ହେଲପରଙ୍କ ସମେତ ୧୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ବସ୍‌ର ସମ୍ମୁଖ ନଷ୍ଟ ହୋଇଥିଲା। ଡ୍ରାଇଭର ଜଣକ ଦୀର୍ଘ ସମୟ ଧରି ବସ୍ ଭିତରେ ଫଶି ରହିଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଇଥିଲେ। ଖବରପାଇ ଘଟଣାସ୍ଥଳରେ ସିଂଲା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ହୀରାକୁଦ ଜଳଭଣ୍ଡାର ନିଷିଦ୍ଧାଞ୍ଚଳରେ ଉଡ଼ିଲା ଡ୍ରୋନ୍

- ଫଟୋ, ଭିଡିଓ ଭାଇରାଲ
- ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି
- ଘଟଣାର ତଦନ୍ତ କରାଯିବ

ସମ୍ବଲପୁର,୨୯।୭ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ହୀରାକୁଦ ଜଳଭଣ୍ଡାର ନିଷିଦ୍ଧାଞ୍ଚଳରେ ଉଡ଼ିଛି ଡ୍ରୋନ କ୍ୟାମେରା। ସମ୍ପୂର୍ଣ୍ଣ ଜଳଭଣ୍ଡାର, ଲିଫ୍ଟ ଅପରେଶନ ଗ୍ୟାଲେରି ଆଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ହୀରାକୁଦ ଜଳଭଣ୍ଡାରର ଅତିରିକ୍ତ ବନ୍ୟାଜଳ ନିଷ୍କାସନ ବେଳେ ନିଷିଦ୍ଧାଞ୍ଚଳକୁ କୌଣସି ବାହାର ଲୋକ ଏପରିକି ଗଣମାଧ୍ୟମର ପ୍ରବେଶକୁ ମଧ୍ୟ ବାରଣ କରାଯାଇଛି। ଏପରିସ୍ଥଳେ ଏହି ସମୟର ଫଟୋ ଓ ଭିଡିଓ ଭାଇରାଲ ଘଟଣା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇ ଦେଇଛି।

ଜଳଭଣ୍ଡାରର ବନ୍ୟାଜଳ ନିଷ୍କାସନ ପାଇଁ ସମସ୍ତ ପ୍ରକାର କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆଇଜିଙ୍କଠାରୁ ଆରମ୍ଭ କରି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସ୍ଲୁଇସ୍ ଗେଟ୍‌ଗୁଡ଼ିକ ଖୋଲାଯାଇଥିଲା। ଏଭଳି ସମୟରେ ଡ୍ରୋନ୍ ମାଧ୍ୟମରେ ଜଳଭଣ୍ଡାରର ସମ୍ବେଦନଶୀଳ ଅଞ୍ଚଳର ଫଟୋ ବା ଭିଡିଓ ଭାଇରାଲରେ ସୀମିତ ନ ଥିଲା। ବରଂ ଅପରେଶନ ଗ୍ୟାଲେରି ଭିତରେ ଲିଫ୍ଟ କ୍ରେନ୍‌ରେ ଜଣେ ବ୍ୟକ୍ତି ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଛନ୍ତି। ଯାହା ହୀରାକୁଦ ଜଳଭଣ୍ଡାର ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ସମସ୍ତ ସୁରକ୍ଷା ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ବେଳେ ଏଥିପାଇଁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ଅବହେଳା ଓ ଜିଲା ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଏହାକୁ ନେଇ ମୁଖ୍ୟଯନ୍ତ୍ରୀ ମହାନଦୀ ବେସିନ ଇଂ. ସୁଶୀଳ କୁମାର ବେହେରା କହିଛନ୍ତି, ଏ ସମ୍ପର୍କରେ ତାଙ୍କୁ ବିଭିନ୍ନ ମାଧ୍ୟମରୁ ଖବର ମିଳିଛି। ରବିବାର ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ସମୟରେ କୌଣସି ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳି ନ ଥିଲା। ତେଣୁ ଏହି ଭିଡ଼ିଓ ଓ ଫଟୋ ରବିବାର ଜଳଭଣ୍ଡାର ଜଳ ନିଷ୍କାସନ ପ୍ରକ୍ରିୟା ସମୟର ବା ଅନ୍ୟ କୌଣସି ସମୟର ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ମାତ୍ର ଯେକୌଣସି ସମୟରେ ହେଲେ ମଧ୍ୟ ନିଷିଦ୍ଧାଞ୍ଚଳ ଉପରେ ଡ୍ରୋନ ଉଡ଼ିବା ଓ ଏହାର ଫଟୋ ବା ଭିଡିଓ ଭାଇରାଲ କରିବା ଆଇନସମ୍ମତ ନୁହେଁ। ଏହା ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ବୋଲି ଧରାଯାଇପାରେ। ତେବେ ଘଟଣାର ବିଧିବଦ୍ଧ ଯାଞ୍ଚ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।





ହୀରାକୁଦ ଜଳଭଣ୍ଡାର ଉପରେ ଉଡୁଛି ଡ୍ରୋନ୍ କ୍ୟାମେରା ଏବଂ ଡ୍ରୋନ୍ କ୍ୟାମେରାରୁ ଉତ୍ତୋଳିତ ହୀରାକୁଦ ନିଷିଦ୍ଧାଞ୍ଚଳର ଚିତ୍ର।

# ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୪୨ ଗ୍ରାମ୍ ସୁନା ମିଳିଲା

ଘଟଗାଁ,୨୯।୭ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

## ମା' ତାରିଣୀଙ୍କ ହୁଣ୍ଡି ଗଣତି

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ଖୋଲାଯାଇ ସୋମବାର ଗଣତି କରାଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ଟି ହୁଣ୍ଡିରୁ ୨୪ ଲକ୍ଷ ୮୦ ହଜାର ୯୧୯ ଟଙ୍କା, ୪୨ ଗ୍ରାମ ୪୪୦ ମିଲିଗ୍ରାମ୍ ସୁନା ଓ ୬୯୫ ଗ୍ରାମ୍ ୯୪୦ ମିଲିଗ୍ରାମ୍ ରୁପା ମିଳିଥିବା ଜଣାଯାଇଛି। ଗଣତି ସମୟରେ ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତି, ନଳିନୀ ମହାନ୍ତ, ଶ୍ରୀନିବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିରର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖୀ, ଗଗନ ବେହେରା, ପୀତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖୀ ପ୍ରମୁଖ ଗଣତି କରିଥିଲେ। ଢେଙ୍କିକୋଟ୍ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ଯଶୋବନ୍ତ ନାରାୟଣ ନାଏକ, ପ୍ରଦୀପ ନାଏକ, ଶିଖା ସ୍ୱଲିପ୍ତା ପାଢ଼ୀ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ଏନ୍.ବି.ଏସ୍ ରାଜପୁତଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୨୯।୭(ଅସମାପିକା ସାହୁ)

ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଭାବେ ୧୯୯୯ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ଏନ୍.ବି.ଏସ୍ ରାଜପୁତ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜପୁତ ବିଦାୟୀ ପ୍ରମୁଖ ଶାସନ ସଚିବ ୧୯୯୬ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ଶାଶ୍ୱତ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରମୁଖ ଶାସନ ସଚିବ ରାଜପୁତ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷତ କରି ରାଜଭବନର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ବିଦାୟୀ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱ ମିଳିଛି। ପୂର୍ବରୁ ସେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ରହିବା ସହିତ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଟ ଯାଏ ନାଳେ ନାଳେ**
**ଥାଳେ ପିଏ ପାଣି**
**ଥାଳକୁ ରସି ମୁଁ ଥାଳିକି ଛାଡ଼ିଲି**
**ବୁଲିଲି ପତର କିଣି।**

ସାଧାରଣତଃ ଖାଦ୍ୟ ଗ୍ରହଣ କରିସାରିଲା ପରେ ପାଣି ପିଆ ଯାଇଥାଏ। ତେବେ ପ୍ରଚୁର ପାଣି ପିଇସାରିବା ପରେ ଖାଦ୍ୟ ଅଛି ବୋଲି ଜାଣିବାକୁ ମିଳିଲେ ମନରେ ହତାଶାଭାବ ସୃଷ୍ଟି ହେବା ସ୍ୱାଭାବିକ। ପରୋକ୍ଷରେ ଭଲକୁ ଆଶା କରି ଭେଲ ପାଇ ମନ ଊଣା କରିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଳିକି**
**ନା, ଭାତ ନାହିଁ ଆଉ ଓଳିକି।**

ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ଅତି ଦୁଃଖେ କଷ୍ଟେ ଜୀବନଯାପନ କରିଥାନ୍ତି। ଗରିବ ବ୍ୟକ୍ତି ଦିନକୁ ଦି' ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଖସୁଛି ହୀରାକୁଦ ଜଳସ୍ତର: ୨୦ ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ଅବ୍ୟାହତ

ସମ୍ବଲପୁର,୨୯।୭ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଥିବାବେଳେ ସୋମବାର ମଧ୍ୟ ୨୦ଟି ସ୍ଲୁଇସ୍ ଗେଟ୍ ମଧ୍ୟ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ସୋମବାର ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇ ୬୧୬.୦୬ ଫୁଟରେ ପହଞ୍ଚିଛି। ସେହିପରି ଜଳଭଣ୍ଡାରକୁ ଜଳ ପ୍ରବେଶ ମଧ୍ୟ ହ୍ରାସ ପାଇଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୯୮ ହଜାର ୮୨୨ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ଡାହାଣ ପଟେ ୬ଟି ଓ ବାମ ପଟେ ୧୪ଟି ମିଶି ମୋଟ ୨୦ଟି ସ୍ଲୁଇସ୍ ଗେଟ୍ ଓ କେନାଲ ମାଧ୍ୟମରେ ପ୍ରତି ସେକେଣ୍ଡରେ ମୋଟ୍ ୩ ଲକ୍ଷ ୪୬ ହଜାର ୫୯୯ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ୨୦ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୩ ଲକ୍ଷ ୦୭ ହଜାର ୧୮୦ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୬ ହଜାର ୧୫୬ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୨୯୦ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୬୧ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୪.୪୧ ମିଲିମିଟର ଓ ତଳ ମୁଣ୍ଡରେ ୩.୭୮ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୁବନେଶ୍ୱର-ପଲାସା ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କଲେ ମହାପ୍ରବନ୍ଧକ

**ଭୁବନେଶ୍ୱର, ୨୯।୭(ଅନୁରାଧା ମହାରଣା):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୋମବାର ଭୁବନେଶ୍ୱର-ପଲାସା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ସେ ଅମୃତ ଷ୍ଟେଶନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅମୃତ ଷ୍ଟେଶନ ପ୍ରକଳ୍ପ ସହ ଭୁବନେଶ୍ୱର, ବାଲୁଗାଁ, ବ୍ରହ୍ମପୁର, ଛତ୍ରପୁର, ଖୋର୍ଦ୍ଧା ରୋଡ୍, ଲିଙ୍ଗରାଜ ଷ୍ଟେଶନ ରୋଡ୍, ପଲାସା ଏବଂ ଇଛାପୁରମ୍ ଆଦି ଷ୍ଟେଶନର ମଧ୍ୟ ନିରୀକ୍ଷଣ କରାଯାଇଥିଲା। ଏହି ଷ୍ଟେଶନଗୁଡିକରେ ଚାଲିଥିବା ନିର୍ମାଣ କାର୍ଯ୍ୟର ବର୍ତ୍ତମାନର ସ୍ଥିତିକୁ ମହାପ୍ରବନ୍ଧକ ତଦାରଖ କରିଥିଲେ। ଏଥିସହିତ ଫୁଙ୍କୱାଲ ବିଭିନ୍ନ ରେଳ ଷ୍ଟେଶନରେ ଟ୍ରାଫିକ ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ଭିତ୍ତିଭୂମି ଓ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପରଖିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସେବା ଓ ସୁବିଧା ଯୋଗାଇବାର ଗୁରୁତ୍ୱକୁ ଦର୍ଶାଇ ଏହି ପ୍ରକଳ୍ପ କାମ ଶୀଘ୍ର ଶେଷ ଲାଗି ସୁନିଶ୍ଚିତ କରିବାକୁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ନିରୀକ୍ଷଣରେ ଫୁଙ୍କୱାଲଙ୍କ ସହ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ କାର୍ଯ୍ୟର ନିର୍ମାଣକାରୀ ଦଳ ଏବଂ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ ଏସ ବଜୱାଙ୍କ ନେତୃତ୍ୱରେ ମଣ୍ଡଳ ସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ।


**DIRECTORATE OF MEDICAL EDUCATION & TRAINING, ODISHA**

Heads of Department Building, Bhubaneswar - 751001, Tel No. : 0674-2393847, 2394255, E-mail : physiotherapynocdmet@gmail.com www.dmetodisha.gov.in

**NOTICE FOR OPENING OF NEW PHYSIOTHERAPY INSTITUTION FOR THE ACADEMIC SESSION 2025-26**

Notice No. 12754 Dated 26/07/2024

No.E-150: Online applications are invited from interested organization / trust intending to open or start an institution to impart different Physiotherapy courses in the State for the academic session 2025-26.

The online application link, detail guidelines and instruction manual are available in the website of DMET (O), i.e.www.dmetodisha.gov.in.

The online applications portal starts from dated 31.07.2024 (10.00 A.M.) and ends on 16.08.2024 (05.00 P.M.). Manual application and online application after the last date will not be entertained.

OIPR-10016/11/0010/2425 **Sd./- Chairman-Cum-DMET (O)**

**e-Procurement Cell**
**OFFICE OF EXECUTIVE ENGINEER, BUILDING CONSTRUCTION DEPARTMENT, BUILDING DIVISION, KODERMA**

**Short Term e-Procurement Notice (2nd Call)**
**E-Tender Reference No.-RE/02/BCD/EE/KODERMA/2024-25 Date :- 29.07.2024**

| | | |
|---|---|---|
| 1 | Name of Work | Construction of New Principal District Judge Building and Barrack for 9 Person at Civil Court Complex, Koderma |
| 2 | Estimated Cost (Rs.) | 5,63,02,774.00 |
| 3 | Time of Completion | 15 MONTHS |
| 4 | Date of Publication of Tender on Website | 05.08.2024 at 10:00AM |
| 5 | Last Date/Time of Submission of Bids | 20.08.2024 up to 3:00PM |
| 6 | Tender Opening Date/Time | 21.08.2024 at 3:00PM |
| 6 | Name & address of office Inviting tender | e-Procurement Cell OFFICE OF EXECUTIVE ENGINEER, BUILDING CONSTRUCTION DEPARTMENT, BUILDING DIVISIOKODERMA |
| 7 | Contact no. of Procurement officer | 91029-79082 |
| 8 | Helpline number of e-Procurement cell | 99315-10044 |

**Note- Cost of Bidding Document (Not Refundable) & Bid Security (Security Deposit) shall be payable online through** http://jharkhandtenders.gov.in

**Any change can be seen on Website *http://jharkhandtenders.gov.in***

***Any other information can be seen on*** http://jharkhandtenders.gov.in

**Nodal Officer,e-Procurement Cell**
**OFFICE OF EXECUTIVE ENGINEER, BUILDING CONSTRUCTION DEPARTMENT, BUILDING DIVISION, KODERMA**

PR 331128 (Building)24-25*D

**ग्रामीण कार्य विभाग**
**कार्य प्रमंडल, देवघर**
**जिला परिषद बिल्डींग, सत्संगनगर, देवघर**

**ई-अल्पकालीन पुर्ननिविदा आमंत्रण सूचना**

ई–अल्पकालीन पुर्ननिविदा संख्या:- 01/RI/2024-25/RWD/EE/DEOGHAR दिनांक :- 29.07.2024

कार्यपालक अभियन्ता, ग्रामीण कार्य विभाग, कार्य प्रमंडल, देवघर द्वारा निम्न विवरण के अनुसार e-procurement पद्धति के रूप में पुर्ननिविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/EE/DEOGHAR/01/2024-25 | ग्राम बलथर पी0एम0जी0एस0वाई0 पथ से कपसिया मोड़ तक पथ निर्माण कार्य (लं0–4.00 कि0मी0) | 3,54,76,900.00 | तीन करोड़ चौवन लाख छियत्तर हजार नौ सौ मात्र। | 18 माह | द्वितीय |

(1). बेवसाईट में निविदा प्रकाशन की तिथि – **08.08.2024**
(2). ई0 निविदा प्राप्ति की अन्तिम तिथि – **27.08.2024** अपराह्न 5.00 बजे तक
(3). निविदा खोलने की तिथि एवं समय – **29.08.2024** पूर्वाह्न 3.30 बजे।
(4). निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियन्ता, ग्रा0 कार्य विभाग, कार्य प्रमंडल, देवघर।

**कार्यपालक अभियन्ता**
ग्रामीण कार्य विभाग
कार्य प्रमंडल, देवघर

PR 331070 Rural Development (24-25)_D

**DISTRICT OFFICE**
**MAYURBHANJ, BARIPADA**
**(Social Welfare Section)**
**Advertisement No. 2743/ DSWO dt.29.07.2024**

**ADVERTISEMENT FOR 7 Nos. OF POSTs AT UTKAL BALASHRAM, BARIPADA**

No. g-44:- Applications are invited from the intending candidates for **recruitment of staffs in different posts (7 nos.)** at Utkal Balashram, Baripada in Mayurbhanj district. The process of engagement as laid down in Resolution No.10102-WCD-CW-MISC-0023-2020 dt.15.09.2020 issued by W & CD Department, Odisha. The detailed advertisement is published in the District Website: **www.mayurbhanj.odisha.gov.in** and the application link for submission of online application **https://forms.gle/hRuLCTjZpVSRNhBd7**.

(a) Last date of Submission of Online Application : **13.08.2024**
(b) Last date of receipt of application form with documents by Registered post/ Speed Post: **20.08.2024 by 5 P.M.**

**Sd./- DSWO, Mayurbhanj**
OIPR-24405/11/0001/2425

**STATE DMLT AND DMRT COUNCIL**
**DIRECTORATE OF MEDICAL EDUCATION & TRAINING, ODISHA**

**ADVERTISEMENT FOR OPENING OF INSTITUTIONS FOR IMPARTING DMLT/DMRT COURSES IN THE STATE OF ODISHA FOR THE ACADEMIC SESSION 2025-26**
**No. 12752 Dt.26.07.2024**

No. E-151: Online applications are invited from interested Organization/Trust/Individual/Society/Central Govt./State Govt. Govt. Aided Institutions to open Institutions for imparting DMLT/DMRT Courses in the State of Odisha for the Academic Session 2025-26.

The online application link, detail guidelines and instruction manual are available in the website of DMET (O), i.e. **www.dmetodisha.gov.in** under the section of DMLT/RT Council.

The online applications portal starts from 31.07.2024 (10.00 A.M.) & ends on 16.08.2024 (05.00 P.M.). No manual application & application after the last date will be entertained.

**Sd./- Chairman DMLT/RT Council**
**OIPR-10016/11/0013/2425**

**DISTRICT PROJECT MANAGEMENT UNIT, (PM-POSHAN) MAYURBHANJ**
**(DISTRICT EDUCATION OFFICE, MAYURBHANJ, BARIPADA)**
No. 155/MDM/ Date. : 25.07.2024

**TENDER CALL NOTICE**
**(Engagement of Manpower Service Providing Agency for providing Data Entry Operator)**

No.n-56: Sealed tenders are invited from reputed and registered Manpower Service Providing Agencies to provide 27 no's of Data Entry Operators (DEOs) for **PM-Poshan Scheme** who are to be engaged at 26 BEO offices at Block HQ & 1 at DPMU, **PM-Poshan**, Mayurbhanj respectively for a period of one year. The interested Bidders shall submit the technical & financial Bid along with tender paper cost of **Rs. 10,000/- (non-refundable)** latest by 08.08.2024 (5.00 PM) at the Office of the District Education Officer, Mayurbhanj. Tender Papers shall be opened on09.08.2024 at 11.00 AM in the office Chamber of the Collector & District Magistrate, Mayurbhanj. For detailed terms & conditions kindly visit district website **https://mayurbhanj.odisha.gov.in.** The authority reserves the right to reject any or all tenders without assigning any reason thereof.

**Sd./- Collector & District Magistrate, Mayurbhanj**
OIPR-19409/11/0001/2425

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER : BARGARH**

**TENDER CALL NOTICE**
Tender Call No. : 4741 dt. : 26.07.2024

No.E-147 : Sealed tenders are hereby invited from authorized Agencies / Firms / Suppliers for supply of Drugs, Medical Consumables, BCL & miscellaneous items for Bargarh district. Bid documents should be submitted through Regd. Post / Speed Post / Courier. For date, time & terms and conditions regarding Tender Call Notice, please log on to the district website www.bargarh.odisha.gov.in.

Sd./-
**Chief District Medical & Public Health Officer, Bargarh**
OIPR-10124/11/0002/2425

**STATE COUNCIL FOR ALLIED MEDICAL SCIENCE, ODISHA**
(Under the Aegis of Director of Medical Education & Training, Odisha)

**ADVERTISEMENT FOR ONLINE APPLICATION TO OPEN OR START AN INSTITUTION TO IMPART ALLIED MEDICAL SCIENCE COURSES IN THE STATE FOR THE ACADEMIC SESSION 2025-26**

**MET-I-AMS-001-2024-12749 Dt.26.07.2024**

No. E-149: Online applications are invited from intersted organization/trust/individual/society/Central Govt./State Govt./Govt. Aided Institutions intending to open or start an Institution to impart Allied Medical Science Courses in the State for the Academic Session 2025-26.

The online application link, detail guidelines and instruction manual are available in the website of DMET (O), i.e. **www.dmetodisha.gov.in** under the section of "Odisha State Council for Allied Medical Science".

The online applications portal starts from Dt.31.07.2024 (10.00 A.M.) and ends on 16.08.2024 (05.00 P.M.). No manual application and application after the last date will be entertained.

**Sd./- Addl. DMET, Odisha & Chairperson**
**State Council for Allied Medical Science**
**OIPR-10016/11/0012/2425**

**OFFICE OF THE SUPERINTENDENT, MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR-760004, GANJAM, ODISHA**
Tel.0680-2292624, FAX.:0680-2292752
E.mail: supdtmkcg@gmail.com, mkcgmchberhampur@gmail.com
Website: www.mkcgmch.org
**No. 10553/MCH/CS/XIX/2024 Dt/Berhampur the 29.07.24**

**TENDER CALL NOTICE**

No. E-155:- The Superintendent, MKCG Medical College Hospital Berhampur- 760004, Dist. Ganjam, Orissa Invites sealed tenders in the prescribed proforma from the Registered and reputed Manufacturers, Authorized suppliers, Dealers, Stockiest and Wholesalers for **"Supply of Chemicals, Reagents, Diagnostic kits, Discs and Glass wares etc."** for M.K.C.G Medical College Hospital, Berhampur. The tenderer should submit the tender in two bids i.e (i) Technical Bid and (ii) Price Bid. ***The Technical bids*** shall contain (1) Tender cost & Security Deposit, (2) List of bided items, (3) valid PAN CARD, (4) Up to date valid GSTN certificate as per the Govt. rule, (5) Up to date valid Drug licenses issued by the Drugs Controller, Orissa, (6) Valid ISI/ISO/GMP certificate, (7) Valid manufacturing license/Authorization certificate for the items & (8) Up-to-date annual turnover Certificate (Average annual turnover more than 3 crores in last three years from Chartered Accountant. ***The Price bids*** should contain (1) Name of Manufacturer/ Brands (2) Total discount to be offered on Printed price list of manufacturer (MRP). The intending tenderers should submit their tenders separately in two sealed covers duly super scribed as **Technical Bid for "Supply of Chemicals, Reagents, Diagnostic kits, Discs and Glass wares etc" & Price Bid for "Supply of Chemicals, Reagents, Diagnostic kits, Discs and Glass wares etc"** putting in a single sealed cover.

The bidders may download the tender papers from websites: **www.ganjam.nic.in** and deposit the tender cost of Rs. 2360/- (two thousand three hundred sixty) (including GST) is non-refundable to be paid by way of E-Challan under the Head Of Account 0075-00-800-0097-02237-000 through Odisha Govt. Treasury Site. The last date of receipt of tenders through Regd. Post / Speed Post / Courier is on or before **20.08.2024 at 5.00 p.m.** and will be opened on **21.08.2024 at 12 Noon**. The date of opening may be differed/postponed in case of unavoidable circumstances.

The Superintendent, M.K.C.G Medical College Hospital, Berhampur reserves right to accept /reject/ cancel any or all the tenders in full or part without assigning any reason thereof.

**Sd./- Superintendent**
**MKCG Medical College Hospital, Berhampur**
OIPR-10028/11/0011/2425

# ଏ ସରକାର ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର : ନବୀନ

ଭୁବନେଶ୍ୱର, ୨୯।୭(ସୁନିତ୍ ମିଶ୍ର)


ନବୀନ ପଟ୍ଟନାୟକ

ରାଜ୍ୟରେ ଭାଜପା ଶାସନାଧୀନ ସରକାର ଆଗତ କରିଥିବା ବଜେଟ ଉପରେ ସୋମବାର ଅପରାହ୍ଣରେ ବିଧାନସଭାରେ ଆଲୋଚନା ହୋଇଛି। ଏଥିରେ ଭାଗ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ, ନୂଆ ସରକାରର ପ୍ରଥମ ବଜେଟ ପାଇଁ ଅଭିନନ୍ଦନ। ବିଜେଡି ସରକାର ସମୟରେ କାର୍ଯ୍ୟକାରୀ ହୋଇଥିବା ୮୦%ରୁ ଅଧିକ ଯୋଜନାକୁ ପୁନଃପ୍ରବର୍ତ୍ତନ କରିଥିବାରୁ ସ୍ୱତନ୍ତ୍ର ଅଭିନନ୍ଦନ। ଏଥର ବଜେଟର ୮୦% ପାଣ୍ଠି ବିଜେଡି ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନା ପାଇଁ ରଖାଯାଇଛି। ଭାଜପା କହିଥିଲା ସେମାନଙ୍କ ସରକାର ଗେମ୍ ଚେଞ୍ଜର ହେବ, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ନେମ୍ ଚେଞ୍ଜର ହୋଇଯାଇଛି ବୋଲି ନବୀନ କହିଛନ୍ତି।

ନବୀନ କହିଛନ୍ତି ଯେ, ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ଲୋକଙ୍କୁ ଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିଛି। ଆପଣଙ୍କ ବଜେଟ ପ୍ରସ୍ତାବ ସବୁ ଅନୁଧ୍ୟାନ କରିବା ପରେ ଦେଖୁଛି ବିଜେଡି ସରକାରଙ୍କ ସମୟରେ ଅଣାଯାଇଥିବା ୪୫ଟି ଯୋଜନାର ନାମ ପରିବର୍ତ୍ତନ କରାଯାଇଛି। ଏଥିରୁ ଜଣାପଡିଛି, ବିଜେଡି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡ଼ିକ ଲୋକାଭିମୁଖୀ, ପ୍ରଗତିଶୀଳ ଏବଂ ଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଥିଲା। ସେଥିଲାଗି ଭାଜପା ସରକାର ସମାନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବାକି ୨୦% ପାଣ୍ଠି ଆବଣ୍ଟନ ଭାଜପା ନିର୍ବାଚନ ଇସ୍ତାହାରରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ଦିଗରେ ଖର୍ଚ୍ଚ କରାଯିବ। ସେମାନେ ଦେଇଥିବା ଅନେକ ପ୍ରତିଶ୍ରୁତି ମଧ୍ୟରୁ ୩ରୁ ୪ଟି ପ୍ରତିଶ୍ରୁତି ବିଷୟରେ କହୁଛି। ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦିଆଯିବ ବୋଲି କୁହାଯାଉଛି। ଓଡ଼ିଶାରେ ୨ କୋଟିରୁ ଅଧିକ ମହିଳା ଅଛନ୍ତି। ଅଧିକନ୍ତୁ ୨ ବର୍ଷ ଭିତରେ ସବୁ ମହିଳାଙ୍କୁ ଏହି ଅର୍ଥ ଦେବା ପାଇଁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ଏହି ପ୍ରତିଶ୍ରୁତି ପାଳନ ପାଇଁ ଆପଣଙ୍କର ୧ଲକ୍ଷ କୋଟି ଟଙ୍କା ଦରକାର। କିନ୍ତୁ ଆପଣ ମାତ୍ର ୧୦ ହଜାର କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି। ଏହାଦ୍ୱାରା ମାତ୍ର ୧୦% ମହିଳା ଉପକାର ପାଇବେ। ବାକି ୧ କୋଟି ୯୦ ଲକ୍ଷ ମହିଳା କେବେ ପାଇବେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସାମାଜିକ ସୁରକ୍ଷା ମାସିକ ଭତ୍ତା ୩,୫୦୦ ଟଙ୍କା କରିବା ପାଇଁ ଭାଜପା ପ୍ରତିଶ୍ରୁତି ଦେଇଛି। ରାଜ୍ୟରେ ମୋଟ ୫୦ ଲକ୍ଷ ହିତାଧିକାରୀ ଅଛନ୍ତି। କିନ୍ତୁ ବଜେଟର ପ୍ରସ୍ତାବ ଅନୁଯାୟୀ ମାତ୍ର ଲକ୍ଷେ ହିତାଧିକାରୀ ଉପକାର ପାଇବେ। ବଜେଟରେ ଆପଣ କହିଛନ୍ତି ଯେ, ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦% ଠାରୁ ଅଧିକ ଅକ୍ଷମ ବ୍ୟକ୍ତିମାନେ ଏହି ବର୍ଦ୍ଧିତ ଭତ୍ତା ପାଇବେ। ତେବେ ୬୦ରୁ ୮୦ ବର୍ଷ ମଧ୍ୟରେ ଥିବା ବିଧବା, ଭିନ୍ନକ୍ଷମ ଏବଂ ଦୁଃଖୀ ଲୋକମାନେ କାହିଁକି ଏଥିରୁ ବଞ୍ଚିତ ହେବେ। ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ୩,୧୦୦ ଟଙ୍କା ରଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବଜେଟ ପ୍ରସ୍ତାବରେ ହୋଇଥିବା ସମ୍ବଳ ଆବଣ୍ଟନରୁ ଜଣାପଡୁଛି ଏହା ରାଜ୍ୟର ୩୦% ଚାଷୀଙ୍କ ପାଇଁ ମଧ୍ୟ ଯଥେଷ୍ଟ ହେବନାହିଁ। ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବା ପାଇଁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ସାରା ଦେଶର ୧ କୋଟି ଘରକୁ ମାଗଣା ବିଜୁଳି ଦେବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ତେଣୁ ଓଡ଼ିଶା ଭାଗରେ ମାତ୍ର ୩ ଲକ୍ଷ ଘର ପଡ଼ିପାରେ। କିନ୍ତୁ ଆମ ରାଜ୍ୟରେ ଦେଢ଼ କୋଟି ଘର ରହିଛି। ଲୋକଙ୍କୁ ମାଗଣା ବିଜୁଳି ଯୋଗାଇ ଦେବା ପାଇଁ ଏହା କ'ଣ ଆପଣଙ୍କ ପ୍ରତିଶ୍ରୁତି ବୋଲି ନବୀନ କହିଛନ୍ତି। ଚ୍ୟାଲେଞ୍ଜର ସହିତ କହିପାରିବି, ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟର ସମ୍ପୂର୍ଣ୍ଣ ଜନସଂଖ୍ୟାର ୫% ଲୋକଙ୍କୁ ମଧ୍ୟ ୩୦୦ ୟୁନିଟ ମାଗଣା ବିଜୁଳି ଦେବା ପାଇଁ ଭାଜପା ସକ୍ଷମ ହେବନାହିଁ। ସାମାଜିକ ଗଣମାଧ୍ୟମରେ ଏହି ଯୋଜନାକୁ ଆପଣ ଏଭଳି ଉପସ୍ଥାପନ କଲେ ଯେ, ଲୋକମାନେ ଜୁଲାଇରୁ ଶୂନ ବିଜୁଳି ବିଲ୍ ପାଇବାକୁ ଅପେକ୍ଷା କରିଛନ୍ତି। ଦୁଃଖ ଲାଗୁଛି ରାଜ୍ୟବାସୀଙ୍କୁ ଏ ସରକାର ପ୍ରତାରିତ କରିଛନ୍ତି। ଆପଣମାନେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଯଦି ପାଳନ ନ କରନ୍ତି, ତେବେ ଆପଣଙ୍କ ଇସ୍ତାହାର ଓ ବହୁଳ ପ୍ରଚାରିତ ଗ୍ୟାରେଣ୍ଟିଗୁଡ଼ିକ ମିଥ୍ୟାର ଦସ୍ତାବିଜ ପାଲଟିଯିବ। ରାଜ୍ୟବାସୀ ନ ଭାବନ୍ତୁ ମିଥ୍ୟା ତଥା ବୃଥା ସ୍ୱପ୍ନ ଦେଖାଇ ଆପଣ ନିର୍ବାଚନ ଜିତିଛନ୍ତି। ଏହା ରାଜ୍ୟ ତଥା ଜନସାଧାରଣଙ୍କ ପାଇଁ ମଙ୍ଗଳପ୍ରଦ ହେବନାହିଁ ବୋଲି ନବୀନ କହିଛନ୍ତି।

# ନାମ ପରିବର୍ତ୍ତନ କରି ଧୋକା ଦେବାରେ ବିଜେଡି ସରକାର ଓସ୍ତାଦ ଥିଲା: ଭାଜପା

ଭୁବନେଶ୍ୱର, ୨୯।୭(ସୁନିତ୍ ମିଶ୍ର)


ଦିଲୀପ ମହାନ୍ତି

ବାସ୍ତବରେ ଓଡ଼ିଶାବାସୀ ହେଉଛନ୍ତି ପ୍ରକୃତ ଗେମ୍ ଚେଞ୍ଜର। ୨୫ ବର୍ଷର ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାରରେ ଶିକାର ହୋଇଥିବା ରାଜ୍ୟବାସୀ ନବୀନ ପଟ୍ଟନାୟକଙ୍କ ସରକାରକୁ ଉପାଡ଼ି ଫୋପାଡ଼ି ଦେଇଛନ୍ତି। ଏହାସତ୍ତ୍ୱେ ରାଜ୍ୟବାସୀଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିବା ପାଇଁ ଖୋଦ୍ ନବୀନ ପଟ୍ଟନାୟକ ପ୍ରସ୍ତୁତ ନାହାନ୍ତି। ନାମ ପରିବର୍ତ୍ତନ କରି ଓଡ଼ିଶାବାସୀଙ୍କୁ ବାରମ୍ବାର ଧୋକା ଦେବାରେ ବିଜେଡି ସରକାର ଓସ୍ତାଦ୍ ଥିଲା ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନବୀନ ବଜେଟ ଉପରେ ରଖିଥିବା ମତକୁ ନେଇ ଦିଲୀପ କହିଛନ୍ତି ଯେ, ନବୀନ ତାଙ୍କ ଶାସନ କାଳରେ କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରି ନିଜ ନାମରେ ନାମିତ କରିବା ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ବାସଗୃହ, ପାନୀୟଜଳ, ଆମ୍ବୁଲାନ୍ସ, ଚାଉଳ ଆଦି କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ବ୍ରାଣ୍ଡିଂ କରି ଭୋଟ୍ ରାଜନୀତି କରୁଥିବା ନବୀନ ପଟ୍ଟନାୟକଙ୍କ ଏବର ବୟାନବାଜି ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ହାସ୍ୟାସ୍ପଦ। କ୍ଷମତା ନିଶାରୁ ବାହାରି ନ ଥିବା ନବୀନ ବର୍ତ୍ତମାନ ବି ଚିଠା ଲେଖିବାର ପୁରୁଣା ଅଭ୍ୟାସ ଛାଡ଼ିନାହାନ୍ତି। ଏପରିକି ଛାୟା କ୍ୟାବିନେଟ୍ ଗଠନ କରିଦେଲେ। ଭାଜପା 'ନାମ ନୁହେଁ, କାମରେ ବିଶ୍ୱାସ କରେ'। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପ୍ରଥମ ବଜେଟକୁ ସବୁ ବର୍ଗର ଲୋକ, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନ ସ୍ୱାଗତ କରୁଥିବାବେଳେ ନବୀନ ବାବୁଙ୍କ ବକ୍ତବ୍ୟରୁ ତାଙ୍କ ଅସହିଷ୍ଣୁତା ମନୋଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ଦିଲୀପ କହିଛନ୍ତି।

# ବିଜେଡି ଜନପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ



ଜନପ୍ରତିନିଧିମାନେ ସୋମବାର ସିମୁଳିଆ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଧମକ

ସିମୁଳିଆ,୨୯।୭ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ହେଉଥିବା ବିଭିନ୍ନ କାର୍ଯ୍ୟରେ ଅନିୟମିତତା, ଦଳୀୟ ପାତରଅନ୍ତର ନୀତି ଓ ବ୍ଲକ ଅଧ୍ୟକ୍ଷଙ୍କ ଜୁଲମ ଆଦି ୬ଦଫା ଦାବି ନେଇ ୨୨ଟି ପଞ୍ଚାୟତର ବିଭିନ୍ନ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଦସ୍ୟ ସୋମବାର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ବିଜେଡି ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯିବା ସହିତ ବ୍ଲକ ଫାଟକରେ ଧାରଣାରେ ବସିବା ପାଇଁ ବିଡିଓ ସମ୍ବିତ କୁମାର କରଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

ପଞ୍ଚାୟତିରାଜ ନିୟମ ଅନୁସାରେ ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ବିଭିନ୍ନ ପଞ୍ଚାୟତରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସମ୍ପୃକ୍ତ କରାଇବା ଓ ଗୁରୁତ୍ୱ ଦେବାର ନିୟମ ଥିଲେ ମଧ୍ୟ ସିମୁଳିଆ ବ୍ଲକରେ ଏଥିରେ ବ୍ୟତିକ୍ରମ କରାଯାଉଥିବା ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦମାନେ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ କାର୍ଯ୍ୟ ପାଇଁ ଫାଇଲ ଖୋଲାଯାଇ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟ ପାଇଁ ଠିକାଦାର ଆବଶ୍ୟକ ବାଲି, ମେଣ୍ଟାଲ ଆଦି ପକାଇବା ପରେ ଦଳୀୟ ମତଭେଦକୁ କେନ୍ଦ୍ର କରି ଅପରଗୋଷ୍ଠୀ ପୁଣି ସେହି ସ୍ଥାନରେ ବାଲି, ମେଣ୍ଟାଲ ଆଦି କାମ କରିବା ପାଇଁ ଜମା କରୁଛନ୍ତି। ଫଳରେ ଗୋଷ୍ଠୀ ବିବାଦ ସୃଷ୍ଟି ହେବ ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ ଦଳୀୟ ବିଜେଡି ସମର୍ଥିତ ଜନ ପ୍ରତିନିଧିମାନଙ୍କୁ ପାତରଅନ୍ତର କରିବା, ପ୍ରତ୍ୟେକ କାର୍ଯ୍ୟ ପାଇଁ ୨ରୁ ୫ ଶତକଡ଼ା ଅର୍ଥ ଦାବି କରିବା ଓ ବିଜେଡି କର୍ମୀମାନଙ୍କ ବିଭିନ୍ନ ପ୍ରକଳ୍ପର ଫାଇଲଗୁଡ଼ିକୁ ଚାପି ରଖିବା ଯୋଗୁ ବିବାଦ ସୃଷ୍ଟି ହେଉଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆନ୍ଦୋଳନକୁ ଜୋରଦାର କରାଯିବା ସହିତ ତାଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ ଅଣାଯିବା ସମ୍ପର୍କରେ ଶ୍ୟାମସୁନ୍ଦରପୁର ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବିଧାୟକ କୌଣସି ବ୍ୟତିକ୍ରମ କରୁ ନ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ଉତ୍ତମ ଆଚରଣ ପ୍ରଦର୍ଶନ କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ହରିଶଙ୍କର ନାୟକ, ସ୍ୱପ୍ନାଲିସା ବେହେରା, ଅହଲ୍ୟା ନାୟକ, କବିତା ନାୟକ, ହେମଲତା ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମହାପାତ୍ର, ନିରଞ୍ଜନ ଓଝା, ଅମର ପତି, ପୂର୍ବତନ ଜିଲାପରିଷଦ କ୍ଷୀତିଷ କୁମାର ମହାନ୍ତି ପ୍ରମୁଖ ୨୩ଜଣ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ନିୟମ ଅନୁସାରେ ପ୍ରତ୍ୟେକ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ସେହିପରି ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକଙ୍କୁ ପଚାରିବାରୁ ଅଭିଯୋଗ ମୂଲ୍ୟହୀନ ଓ ତାଙ୍କ ନାମରେ ମିଥ୍ୟା ଆରୋପ ଲଗାଯାଉଥିବାର ସେ ମତବ୍ୟକ୍ତ କରିଛନ୍ତି।

# ପୋଲାଭରମ୍ ଯୋଗୁ ମାଲକାନଗିରି ଜିଲାର ବହୁ ଅଞ୍ଚଳ ବୁଡ଼ିଯିବ: ପ୍ରଦୀପ

ଭୁବନେଶ୍ୱର,୨୯।୭(ଅନିଲଦାସ)

ଓଡ଼ିଶା ସ୍ୱାର୍ଥର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ନିକଟରେ ଶେଷ ହୋଇଥିବା ନୀତି ଆୟୋଗ ବୈଠକରେ ପୋଲାଭରମ୍ ପ୍ରସଙ୍ଗ ନ ଉଠାଇବା ସମସ୍ତ ଓଡ଼ିଆଙ୍କୁ ବ୍ୟଥିତ କରିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ବିଜେଡି ମୁଖପାତ୍ର ପ୍ରଦୀପ ମାଝୀ କହିଛନ୍ତି। ସୋମବାର ଶଙ୍ଖଭବନଠାରେ ଅନୁଷ୍ଠିତ ଏକ ଖବରଦତା ସମ୍ମିଳନୀରେ ସେ କହିଛନ୍ତି, ପୋଲାଭରମ୍ ପ୍ରକଳ୍ପକୁ ଦୀର୍ଘବର୍ଷ ହେଲା ଓଡ଼ିଶା ବିରୋଧ କରି ଆସୁଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଛତିଶଗଡ଼ ସମେତ ମାଲକାନଗିରି ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହେବା ସହ ଜୀବନଜୀବିକା ପ୍ରଭାବିତ ହେବ। କିନ୍ତୁ ବିଡ଼ମ୍ବନାର ବିଷୟ ରାଜ୍ୟ ସରକାର ଏହି ବାବଦରେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି । ସୁପ୍ରିମକୋର୍ଟରେ ପୋଲାଭରମ୍ ମାମଲା ବିଚାରାଧୀନ ଥିବା ସମୟରେ ଚଳିତ ବଜେଟରେ ଏକତରଫା ଭାବେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ରର ଭାଜପା ସରକାର ଅର୍ଥ ମଞ୍ଜୁର କରିବା ଦୁର୍ଭାଗ୍ୟଜନକ। ଏଥିସହିତ ନିକଟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ ୨୦୨୬ ମାର୍ଚ୍ଚ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି ।

ଏହି ପ୍ରକଳ୍ପ ହେବା ଦ୍ୱାରା ଆଦିବାସୀଙ୍କ ସ୍ୱାର୍ଥହାନି ହେଉଥିଲା ବେଳେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇ ମଧ୍ୟ ଚୁପ୍ ରହିବା ଦୁର୍ଭାଗ୍ୟଜନକ । ତୁରନ୍ତ ଏ ପ୍ରସଙ୍ଗରେ ହସ୍ତକ୍ଷେପ କରି ମୁଖ୍ୟମନ୍ତ୍ରୀ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପ୍ରଦୀପ କହିଛନ୍ତି।

# ସୁରଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦେଲା ଭାଜପା

ଭୁବନେଶ୍ୱର, ୨୯।୭ (ବନ୍ଦନା ସେଠୀ)

## ଶହୀଦ ମାଧୋ ସିଂଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ

ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂଙ୍କ ପ୍ରତି ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ଦେଇଥିବା ଅପମାନଜନକ ମନ୍ତବ୍ୟକୁ ନେଇ ବିଭିନ୍ନ ଆଡୁ ସମାଲୋଚନା କରାଯାଇଛି। ଭାଜପା ଏହାର ତୀବ୍ର ପ୍ରତିବାଦ କରିଛି। ଏପରିକି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ସୁରଙ୍କ ନାମରେ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଭାଜପା ଯୁବ ମୋର୍ଚ୍ଚାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ସ୍ୱୟଂ ସେବକ ରାୟଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଥାନାରେ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସୁରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରେଶ ସାହୁ, ସ୍ଥାନୀୟ ମଣ୍ଡଳ ସଭାପତି ପ୍ରଭାତ କୁମାର ମଲ୍ଲିକ, ଜଗବନ୍ଧୁ ସ୍ୱାଇଁ, ନୀତେଶ ରଥ, ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


କ୍ୟାପିଟାଲ ଥାନାରେ ଏତଲା ଦେବାକୁ ଆସିଥିବା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

# ଜାତୀୟ ଶିକ୍ଷା ନୀତି ଆଶାର ପ୍ରତୀକ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୭ (ସୁନିତ୍ ମିଶ୍ର)

ଜାତୀୟ ଶିକ୍ଷା ନୀତି ଆମର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଆମ ଜନସଂଖ୍ୟାକୁ ସଶକ୍ତ କରିବା ତଥା ଦେଶର ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆଶାର ପ୍ରତୀକ ଭାବେ ଉଭା ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜାତୀୟ ଶିକ୍ଷା ନୀତି -୨୦୨୦ କ୍ରିୟାନ୍ୱୟନର ୪ ବର୍ଷ ପୂର୍ତ୍ତି ହେବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଦେଶର ଛାତ୍ରୀଛାତ୍ର ସମୂହ, ଅଭିଭାବକ, ଶିକ୍ଷା ପରିବାରକୁ ଶୁଭେଚ୍ଛା। ନୂଆପିଢ଼ିର ବିଦ୍ୟାର୍ଥୀଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଦିଗରେ ଆରମ୍ଭ ହୋଇଥିବା ଯାତ୍ରାକୁ ୪ ବର୍ଷ ପୂରଣ ହୋଇଛି। ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ଆମର ଶିକ୍ଷାକୁ ଅଧିକ ଜୀବନ୍ତ କରିଛି। ଭାରତର ଶିକ୍ଷାକୁ ଭବିଷ୍ୟତବାଦୀ କରିବା, ରୁଟେଡ୍, ବିଶ୍ୱସ୍ତରୀୟ ଏବଂ ଆଉଟକମ୍ ଆଧାରିତ କରିବା ପାଇଁ ଭାରତ ସରକାରଙ୍କ ପ୍ରଚେଷ୍ଟାକୁ ଶିକ୍ଷା ନୀତି ମାର୍ଗଦର୍ଶନ ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷା ନୀତିକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଅପରପକ୍ଷରେ ଜାତୀୟ ଶିକ୍ଷା ନୀତିର ୪ ବର୍ଷ ପୂର୍ତ୍ତି ଅବସରରେ ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ-୨୦୨୪(ଏବିଏସ୍ଏସ୍) ପାଳନ ହୋଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ସୁକାନ୍ତ ମଜୁମଦାରଙ୍କ କରକମଳରେ ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ଭାରତୀୟ ଜ୍ଞାନ ପ୍ରଣାଳୀ(ଆଇକେଏସ୍)କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୪ଟି ପୁସ୍ତକ ଏବଂ ବକ୍ତୃତା ନୋଟ୍ ଉନ୍ମୋଚନ କରାଯାଇଛି।

# ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିଲ, କାମ ଦିଅ

## ସୁକିନ୍ଦାରେ ଶ୍ରମିକଙ୍କ ଦାବି

କାଳିଆପାଣି, ୨୯।୭ (ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଶ୍ରମିକଙ୍କ ରୋଷର ଏବେ ଶିକାର ହୋଇଛନ୍ତି ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ। ଏଥିସହିତ ତାଙ୍କ ଦ୍ୱାରା ନିୟନ୍ତ୍ରିତ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଅଡୁଆରେ ପଡ଼ିଛି। ୨୦୨୪ ନିର୍ବାଚନ ବେଳେ ବିଜେଡିର ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନଙ୍କୁ ଜିତାଇଲେ ଚାକିରି କରାଇ ଦେବାକୁ ଶ୍ରମିକ ସଂଘ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲା। ହେଲେ ଭାଜପାର ପ୍ରଦୀପ ବଳସାମନ୍ତ ବିଧାୟକ ହେବା ପରେ ବିଜେଡିକୁ ସମର୍ଥନ ଦେଇଆସୁଥିବା ଶ୍ରମିକମାନେ ଖଣି ଅଞ୍ଚଳରେ କାମ ପାଇବା କଷ୍ଟକର ହେଉଛି। ଏଭଳି ସ୍ଥଳେ ସେମାନେ ଉକ୍ତ ଶ୍ରମିକ ସଂଘ ନିକଟରେ ଦାବି କରି କହୁଛନ୍ତି 'ପ୍ରତିଶ୍ରୁତି ଦେଇଥିଲ, ଏବେ କାମ ଦିଅ'। ପ୍ରୀତିରଞ୍ଜନ ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ନିଜର ଜନ ସମର୍ଥନ ବଜାୟ ରଖିବା ଲାଗି ପ୍ରୟାସ କରୁଛନ୍ତି। ହେଲେ କାମ ନ ପାଇବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳୁଛି।

ସେପଟେ ଶ୍ରମିକଙ୍କ ବାରମ୍ବାର ଦାବିକୁ ସାମ୍ନା କରିବାରେ ଅକ୍ଷମ ଥିବା ଶ୍ରମିକ ସଂଘ ଅନନ୍ୟୋପାୟ ହୋଇ ସୋମବାର କେତେଜଣ ଶ୍ରମିକଙ୍କୁ ଧରି ଲୋଡିଂ ଠିକାଦାରଙ୍କ ଟାଟା ବଜାରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସଂଘର ନୂତନ ସମ୍ପାଦକ ଭରତ ମହାନ୍ତଙ୍କ ସହ ଭଗବତୀ ମହାନ୍ତ, ପ୍ରଭାତ ପ୍ରଧାନ ଓ କିଛି ଛାମୁଆ ବିଜେଡି କର୍ମୀ ଶ୍ରମିକଙ୍କୁ କାମ ଦେବା ନେଇ ଠିକାଦାର ପ୍ରାଣକୃଷ୍ଣ ମହାନ୍ତଙ୍କ ନିକଟରେ ଦାବି ଜଣାଇଛନ୍ତି। ତେବେ ଦାବି କରିଥିବା ଶ୍ରମିକମାନେ କେବେ ଲୋଡିଂ କାମ କରି ନ ଥିବା କିମ୍ବା ସେମାନେ ତାଙ୍କଠାରେ ରେଜିଷ୍ଟ୍ରୀଭୁକ୍ତ ନୁହନ୍ତି ବୋଲି ପ୍ରାଣକୃଷ୍ଣ କହିଛନ୍ତି।

ଶ୍ରମିକଙ୍କ ଦାବିକୁ ନେଇ ଉପୁଜିଥିବା ଅସ୍ୱାଭାବିକ ସ୍ଥିତି ବିଷୟରେ ଜାଣିବା ପାଇଁ ପ୍ରୀତିରଞ୍ଜନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଭାଜପା ୩୭ ନମ୍ବର ଜୋନ୍ ପ୍ରଭାରୀ ସତ୍ୟଜିତ ଦାସ କହିଛନ୍ତି, ପ୍ରତିଥର ନିର୍ବାଚନରେ ଖଣିରେ ନିଯୁକ୍ତି ଭେଳିକି ଦେଖାଇ ଲୋକଙ୍କ ଭୋଟ ହାତଉଥିବା ବିଜେଡି ଛାମୁଆ ଶ୍ରମିକ ସଂଘର ନେତା ନିର୍ବାଚନରେ ହାରିବା ପରେ ଶ୍ରମିକଙ୍କୁ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। ଶ୍ରମିକ ସଂଘ ସଭାପତି ପ୍ରୀତିରଞ୍ଜନ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ଦେଖାଇହେବା ପାଇଁ ବର୍ତ୍ତମାନ ଏଭଳି ଭେଳିକି କରିଛନ୍ତି ବୋଲି ଦାସ ପ୍ରକାଶ କରିଛନ୍ତି।


କାମ ଦାବିରେ ଶ୍ରମିକମାନେ ସୋମବାର ଲୋଡିଂ ଠିକାଦାରଙ୍କ ଟାଟା ବଜାରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

# ଚପିଂ ବୋର୍ଡ ସମ୍ପର୍କରେ

**ପରିବା କାଟିବା ପାଇଁ ଅଧିକାଂଶ ଗୃହିଣୀ ଘରେ ପ୍ଲାଷ୍ଟିକ୍ ଚପିଂ ବୋର୍ଡ ବ୍ୟବହାର କରିଥାନ୍ତି। କିନ୍ତୁ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଖରାପ।**

ପ୍ଲାଷ୍ଟିକ୍ ଚପିଂ ବୋର୍ଡରେ ପରିବା କାଟିବା ଫଳରେ ସେଥିରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ ଆମ ଶରୀର ଭିତରକୁ ଯାଇଥାଏ, ଯାହା ଅତ୍ୟନ୍ତ ଖରାପ। ବାରମ୍ବାର ଛୁରିରେ କାଟିବା ଫଳରେ ଏଥିରେ ହୋଇଥିବା ଦାଗ ସ୍ଥାନରେ ବ୍ୟାକ୍ଟେରିଆ ହେବାର ଆଶଙ୍କା ରହିଥାଏ। ପ୍ଲାଷ୍ଟିକ୍ ବିଘଟିତ ହୋଇ ନଷ୍ଟହେବା ପାଇଁ ହଜାର ହଜାର ବର୍ଷ ଲାଗିଥାଏ। ତେଣୁ ଶରୀରକୁ ଯାଉଥିବା ମାଇକ୍ରୋ ପ୍ଲାଷ୍ଟିକ୍ ନଷ୍ଟ ନ ହୋଇ ରକ୍ତରେ ମିଶିଯାଏ, ଯାହା ବହୁ ସମସ୍ୟା ସୃଷ୍ଟି କରିଥାଏ। କାଠର ବୋର୍ଡ ମଧ୍ୟ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ। ଚପିଂ ବୋର୍ଡ ବ୍ୟବହାର ଫଳରେ କିଭଳି ସମସ୍ୟା ଆସିପାରେ ଆସନ୍ତୁ ଜାଣିବା।

⏭ ଚପିଂ ବୋର୍ଡ ମାଧ୍ୟମରେ ଶରୀରକୁ ପ୍ଲାଷ୍ଟିକ୍ କଣିକା ଯିବା ଫଳରେ ଧୀରେ ଧୀରେ ଇମ୍ୟୁନ ସିଷ୍ଟମ ଉପରେ ବିପରୀତ ପ୍ରଭାବ ପଡ଼ିଥାଏ। କିଛିଦିନ ପରେ ଇମ୍ୟୁନିଟି କମ୍ ହୋଇଯାଏ ଓ ସଂକ୍ରମଣ ହେବା ଆଶଙ୍କା ବଢ଼ିଯାଏ।

⏭ ଚପିଂ ବୋର୍ଡରେ ଥିବା ବ୍ୟାକ୍ଟେରିଆ କାରଣରୁ ପେଟ ଦରଜ ସମସ୍ୟା ଦେଖା ଦେଇଥାଏ। ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ଏହା ବହୁ ସମସ୍ୟା ସୃଷ୍ଟି କରିଥାଏ।

⏭ ବେଳେବେଳେ ବାନ୍ତି କିମ୍ବା ଡାଇରିଆ ଭଳି ସମସ୍ୟା ମଧ୍ୟ ଏଥିପାଇଁ ସୃଷ୍ଟି ହୋଇଥାଏ। ତେଣୁ ଏଭଳି କ୍ଷେତ୍ରରେ ତୁରନ୍ତ ଚପିଂ ବୋର୍ଡ ବ୍ୟବହାର ବନ୍ଦ କରିବା ଦରକାର।

# ସାକ୍ଷାତ୍କାରରେ ସଫଳତା ଲାଗି...

**ଶିକ୍ଷାଗତ ଯୋଗ୍ୟତା ସତ୍ତ୍ୱେ ଅନେକ ସମୟରେ ସାକ୍ଷାତ୍କାରରେ ବିଫଳତା ମିଳିଥାଏ। ତେବେ ଏଥିରେ ସଫଳ ହେବା ପାଇଁ ବିଭିନ୍ନ ଦିଗରୁ ପ୍ରସ୍ତୁତି କରିବାକୁ ହେବ।**

■ ସାକ୍ଷାତକାର ଦେବାକୁ ଯିବା ପୂର୍ବରୁ ସର୍ବପ୍ରଥମେ କେଉଁ ସବୁ ବିଷୟରେ ଆପଣଙ୍କୁ ପ୍ରଶ୍ନ ଆସିବ ସେନେଇ ପ୍ରସ୍ତୁତ ହୁଅନ୍ତୁ। ନଚେତ୍ ସେହି ସବୁ ବିଷୟରେ ପ୍ରଶ୍ନର ଉତ୍ତର ଦେଇ ନ ପାରିଲେ ଆପଣଙ୍କ ଅଜ୍ଞତାକୁ ନେଇ ସେଠାରେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇପାରେ।

■ ନିଜର ଆଗ୍ରହ ଥିବା କ୍ଷେତ୍ରରେ ହିଁ କ୍ୟାରିୟର ଚୟନ କରନ୍ତୁ। ଫଳରେ ଏ କ୍ଷେତ୍ରରେ ଆପଣ ନିଜ ଆଡୁ ଭିନ୍ନ କିଛି କରିବା ପାଇଁ ପ୍ରୟାସ କରିବେ। ଫଳରେ ଆପଣ ଏ କ୍ଷେତ୍ରରେ ନିଜକୁ ଇଣ୍ଟରଭ୍ୟୁରେ ଯୋଗ୍ୟ ପ୍ରମାଣିତ କରିପାରିବେ।

■ ସାକ୍ଷାତକାର ନିମନ୍ତେ ପ୍ରତିଦିନ ଅଭ୍ୟାସ କରନ୍ତୁ। କିଭଳି ସମସ୍ତଙ୍କ ସାମ୍ନାରେ କହିବେ ସେକଥା ଭାବି ପ୍ରସ୍ତୁତ ହୁଅନ୍ତୁ। ସଫଳ ନ ହେବା ପର୍ଯ୍ୟନ୍ତ ବାରମ୍ବାର ବିଷୟବସ୍ତୁ ପଢ଼ନ୍ତୁ। ଏହା ସହ ନିଜ ବ୍ୟକ୍ତିତ୍ୱ ବଢ଼ାଇବାକୁ ପ୍ରୟାସ କରନ୍ତୁ।

■ ସାକ୍ଷାତକାରକୁ ଯିବା ସମୟରେ ପରିଧାନର ଏକ ବିଶେଷ ଗୁରୁତ୍ୱ ରହିଥାଏ। ସେଥିପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯେଉଁ କମ୍ପାନୀକୁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ସେଠି ଅନ୍ୟମାନେ କିଭଳି ପୋଷାକ ପିନ୍ଧୁଛନ୍ତି ଲକ୍ଷ୍ୟ କରନ୍ତୁ। ସେହି ଅନୁସାରେ ନିଜେ ପ୍ରସ୍ତୁତ ହୋଇ ଯାଆନ୍ତୁ।

■ ଏହି ସମୟରେ ଆତ୍ମବିଶ୍ୱାସ ହରାନ୍ତୁ ନାହିଁ। କୌଣସି ବିଷୟରେ ଜାଣିନାହାନ୍ତି ଭାବି ଆଦୌ ନର୍ଭସ ହୁଅନ୍ତୁ ନାହିଁ। ବରଂ ଆତ୍ମବିଶ୍ୱାସ ଥିବା ଅନୁଭବ କଲେ ଆପଣ ସଫଳ ହୋଇପାରିବେ।



# ଘରେ ମେଡ୍ ରଖିଥିଲେ...



**ଆଜିକାଲି ଅଧିକାଂଶ ପରିବାରରେ ମେଡ୍‌ଙ୍କ ସହାୟତା ନେବାକୁ ବାଧ ହେଉଛନ୍ତି ଗୃହିଣୀ। ତେବେ ଘରେ ଏମାନେ କାମ କରୁଥିବା ସମୟରେ ବିଭିନ୍ନ ଦିଗକୁ ନେଇ ସଚେତନ ରହିବାକୁ ହୁଏ। ନଚେତ୍ ବହୁ ସମସ୍ୟା ଆସିଥାଏ। ଏହି ଦୃଷ୍ଟିରୁ କେଉଁ ସବୁ କଥାକୁ ଦୃଷ୍ଟିଦେବାକୁ ହେବ ଜାଣନ୍ତୁ...**







ଆଜିକାଲି ଅଧିକାଂଶ ମହିଳା କର୍ମଜୀବୀ ହେବାକୁ ପସନ୍ଦ କରୁଛନ୍ତି। ତେଣୁ ଘରକାମରେ ସହାୟତା ପାଇଁ ସେମାନେ ମେଡ୍ ରଖିବାକୁ ବାଧ ହେଉଛନ୍ତି। କେତେକ କ୍ଷେତ୍ରରେ ଗୃହିଣୀମାନେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିବାରୁ ମେଡ୍‌ଙ୍କ ସହାୟତା ନେବାକୁ ଚାହୁଁଛନ୍ତି। ଏଭଳି କ୍ଷେତ୍ରରେ ନିଜର ଆବଶ୍ୟକତା ଅନୁସାରେ କେହି ଫୁଲ୍ ଟାଇମ୍ ତ କେହି ପାର୍ଟ ଟାଇମ୍ ମେଡ୍ ରଖୁଛନ୍ତି। ତେବେ ଯାହା ବି ହେଉ ଘରେ ଯଦି ମେଡ୍ କାମ କରୁଛି ସେ ସମୟରେ ଆପଣଙ୍କୁ ବିଭିନ୍ନ ଦୃଷ୍ଟିରୁ ସଚେତନ ରହିବାକୁ ହେବ। ନଚେତ୍ ଏମାନଙ୍କ କାରଣରୁ ବହୁ ପାରିବାରିକ ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବାକୁ ବେଶି ସମୟ ଲାଗିବ ନାହିଁ।

**ମେଡ୍ ସାମ୍ନାରେ ଝଗଡ଼ା କରନ୍ତୁ ନାହିଁ:** ବେଳେବେଳେ ଅତ୍ୟଧିକ ରାଗରେ ଆମେ କାହାକୁ କ'ଣ ସବୁ କହି ଦିଅନ୍ତି ସେକଥା ନିଜେ ବି ଜାଣିପାରନ୍ତି ନାହିଁ। ଏଭଳି ସ୍ଥିତିରେ ଘରେ ଯଦି ମେଡ୍ କାମ କରୁଥିବାବେଳେ ଆପଣ କାହା ସହ ଝଗଡ଼ାକରି କିଛି କହି ଦିଅନ୍ତି ତ ସେସବୁ କଥାକୁ ଶୁଣିଥାଏ ମେଡ୍। ତା'ପରେ ସେ ଘରର ଝଗଡ଼ା ସମ୍ପର୍କରେ ବିଭିନ୍ନ କଥା ଅନୁଭବ କରି ବାହାରେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିଥାଏ। ଫଳରେ ଆପଣଙ୍କୁ ନେଇ ବାହାରେ ଖୁବ୍ ଆଲୋଚନା ହୁଏ ଓ ଲୋକେ ଆପଣଙ୍କ ପଛରେ ହସିଥାନ୍ତି। ତେଣୁ କୌଣସି ସମୟରେ ବି ମେଡ୍ ଆଗରେ ଏଭଳି ଭୁଲ୍ କରନ୍ତୁ ନାହିଁ। ବିଶେଷକରି ସ୍ୱାମୀଙ୍କ ସହ ଝଗଡ଼ା କରନ୍ତୁ ନାହିଁ।

**ପଡ଼ୋଶୀଙ୍କ ନିନ୍ଦା କରନ୍ତୁ ନାହିଁ:** ପଡ଼ୋଶୀଙ୍କ ବିଷୟରେ ମେଡ୍ ଆଗରେ କୌଣସି ପ୍ରକାର ନକାରାତ୍ମକ କଥା କୁହନ୍ତୁ ନାହିଁ କିମ୍ବା ତା' ଠାରୁ ଶୁଣନ୍ତୁ ନାହିଁ। ଏଭଳି ଭୁଲ୍ ପାଇଁ ବହୁ ଆପଣ ଅସୁବିଧାରେ ପଡ଼ିପାରନ୍ତି। କାରଣ କୌଣସି ମୁହୂର୍ତ୍ତରେ ହୁଏତ ମେଡ୍ ପଡ଼ୋଶୀଙ୍କ ଆଗରେ ଆପଣ କହିଥିବା କଥା କହି ସେମାନଙ୍କ ନିକଟତର ହେବାକୁ ଚେଷ୍ଟା କରିପାରେ। ଏହା ଫଳରେ ଅଯଥାରେ ପଡ଼ୋଶୀଙ୍କ ସହ ଆପଣଙ୍କର ସମ୍ପର୍କ ଖରାପ ହୋଇପାରେ।

**ଟଙ୍କା ଥିବା ନେଇ ଦେଖେଇ ହୁଅନ୍ତୁ ନାହିଁ:** ଆପଣଙ୍କର ଅଧିକ ଟଙ୍କା ଓ ସୁନା ଅଳଙ୍କାର ଅଛି ବୋଲି ମେଡ୍ ଆଗରେ ଆଦୌ ପ୍ରକାଶ କରନ୍ତୁ ନାହିଁ କି ସେଭଳି କୌଣସି ଆଚରଣ କରନ୍ତୁ ନାହିଁ। କାରଣ ଟଙ୍କା ପ୍ରତି ଅଧିକାଂଶ ମେଡ୍‌ଙ୍କର ଲୋଭ ଆସିଥାଏ। ଫଳରେ ସେମାନେ ଟଙ୍କା ନେବା ପାଇଁ ହୁଏତ ଆପଣଙ୍କୁ ମିଛ କହିପାରନ୍ତି କିମ୍ବା ଚୋରୀ କରିବା ପାଇଁ ଚେଷ୍ଟା କରିପାରନ୍ତି। ତେଣୁ ସେମାନଙ୍କ ଆଗରେ ଟଙ୍କାର ଲୋଭ ସୃଷ୍ଟି କରାନ୍ତୁ ନାହିଁ ନିଜେ ଅସୁବିଧାରେ ପଡ଼ିବେ।

**ବିରୋଧରେ ଗପିବାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ:** ଅନେକ ସମୟରେ ଘରେ କାମ କରିବା ସହ ପାରିବାରିକ ଜୀବନରେ ହସ୍ତକ୍ଷେପ କରିବା ପାଇଁ ଚେଷ୍ଟା କରନ୍ତି ମେଡ୍। ଏଥିପାଇଁ ସେମାନେ ପ୍ରଥମେ ଘରର ସଦସ୍ୟଙ୍କ ସହ ଘନିଷ୍ଠତା ଦେଖାଇବାକୁ ଚେଷ୍ଟା କରନ୍ତି। ପରେ ଜଣଙ୍କ ବିରୋଧରେ ଅନ୍ୟ ଆଗରେ କହି ନିଜର ହେବାକୁ ଚେଷ୍ଟା କରନ୍ତି। କିନ୍ତୁ ତାଙ୍କୁ ଏହି ସୁଯୋଗ ଦିଅନ୍ତୁ ନାହିଁ। ଏମିତିକି ବାହାର ଲୋକଙ୍କ ବିଷୟରେ ଯଦି ସେମାନେ କିଛି କହିବାକୁ ଚେଷ୍ଟା କରନ୍ତି ସେସବୁକୁ ମଧ୍ୟ ଶୁଣନ୍ତୁ ନାହିଁ। ଘରର କୌଣସି ସଦସ୍ୟଙ୍କ ବିଷୟରେ ଆପଣଙ୍କୁ କହି ଆତ୍ମୀୟତା ଦେଖାଇବାକୁ ଚେଷ୍ଟାକଲେ ତୁରନ୍ତ ଆକଟ କରନ୍ତୁ।

**ଦାମୀ ଜିନିଷକୁ ସୁରକ୍ଷିତରେ ରଖନ୍ତୁ :** ଘରର କୌଣସି ଦାମୀ ଜିନିଷକୁ ଖାମଖିଆଲ ଢଙ୍ଗରେ ଏଣେ ତେଣେ ରଖନ୍ତୁ ନାହିଁ। କାରଣ ମେଡ୍ ଯେ ସଚ୍ଚୋଟ ହୋଇଥିବେ ତା' ସବୁବେଳେ ଠିକ୍ ହୋଇ ନ ଥାଏ। ତେଣୁ ଲୋଭର ବଶବର୍ତ୍ତୀ ହୋଇ ସେ ଚୋରି କିମ୍ବା ଆକ୍ରମଣ ଯୋଜନା କରିପାରନ୍ତି। ଏସବୁ ଦୃଷ୍ଟିରୁ ବିଚାରକଲେ ଘରେ ସବୁ ଜିନିଷକୁ ସୁରକ୍ଷିତ ସ୍ଥାନରେ ସାଇତି ରଖିବା ହିଁ ଠିକ୍ ହେବ।

## ଏମାନେ କ'ଣ କୁହନ୍ତି

**ଗାଇଡ୍ କରିବାକୁ ହୁଏ**



ଘରକାମରେ ସାହାଯ୍ୟ ପାଇଁ ମେଡ୍ ରଖିଛି ସତ, ହେଲେ ସେଥିପାଇଁ ବହୁ ଟେନ୍‌ସନ ନେବାକୁ ପଡୁଛି। ଅଧିକାଂଶ ଦିନ ସେ ଠିକ୍ ସମୟରେ ଆସୁନାହିଁ। ବେଳେବେଳେ ସକାଳ ସମୟରେ ଡେରି କରିଦେଉଛି ତ କେବେ ପୁଣି ସନ୍ଧ୍ୟାବେଳେ ଡେରିରେ ଆସୁଛି। ଏଥିପାଇଁ ଅସୁବିଧା ହେଲେ ବି କିଛି କହିହେଉନି। ମେଡ୍‌କୁ ବିଳମ୍ବ କଥା ପଚାରିଲେ ସେ ବିଭିନ୍ନ ପ୍ରକାର କାରଣ କହିଥାଏ। ତେଣୁ ଭଲ ଲାଗେନି। ବରଂ ନିଜେ ବେଳେବେଳେ କଷ୍ଟ ହେଲେ ବି କାମ କରିଦିଏ। ସେ ଆସିବା ପରେ ତା' ପାଇଁ କମ୍ କାମ ଥାଏ। ଏହା ସହ ସେ କାମ କରିବାବେଳେ ସବୁବେଳେ ତାକୁ ଗାଇଡ୍ କରିବାକୁ ହୁଏ, ନଚେତ୍ ସବୁ କାମ ଏପଟ ସେପଟ କରିଦେବ। ତେଣୁ ସବୁବେଳେ ତା' ଉପରେ ନଜର ରଖିବା ସହ ତାକୁ କଣ ସବୁ କରିବାକୁ ହେବ କହିଥାଏ।

*– **ମମତା ଜେନା,** ଗୃହିଣୀ, ବରଗଡ଼, ଭୁବନେଶ୍ୱର*

**ସିସିଟିଭି ଲଗେଇଛି**



ଘରେ ମେଡ୍ ରଖିଛି ବୋଲି ସିସିଟିଭି ଲଗାଇବାକୁ ବାଧ ହେଲି। କାହିଁକିନା ସେମାନଙ୍କୁ ସହଜରେ ବିଶ୍ୱାସ କରି ହେଉନି। ସିସିଟିଭି ଲଗାହୋଇଛି ଜାଣିବା ପରେ ସେ କୌଣସି ଭୁଲ୍ କାମ କରିବାକୁ ସାହସ କରୁନି। କିନ୍ତୁ ଅନେକ ଥର ଡେରିରେ ଆସିବା ଆଉ ବାରମ୍ବାର ଛୁଟିରେ ରହିବା ପାଇଁ ସେ ବାହାନା କରେ। ସବୁ ଜାଣିବା ପରେ ବି ତାକୁ କିଛି କହି ହୁଏନି। ଯାହା ବି ହେଉ ସେ ନ ଆସିଲେ ସବୁ କାମ କରିହେବନି। ଘରର ସବୁ କାମ, ପିଲାଙ୍କ ଖବର ବୁଝିବା ପାଇଁ ମତେ ଏକା ସମୟ ହେଉନି। ତେଣୁ ମେଡ୍ ଉପରେ ନିର୍ଭର କରୁଛି। ସେ ଆସିବା ଫଳରେ ମତେ ସାହାଯ୍ୟ ମିଳୁଛି। ତେଣୁ ବାଧହୋଇ ତାକୁ କାମ କରିବାକୁ କହୁଛି ଓ ସେ କାମ କରିବାବେଳେ ସବୁବେଳେ ମୋ ନଜର ବି ତା' ଉପରେ ରହିଥାଏ।

*– **ସୁସ୍ମିତା ସାହୁ,** ଗୃହିଣୀ, ମହାନଦୀବିହାର, କଟକ*



ସୌନ୍ଦର୍ଯ୍ୟ

# ବର୍ଷାରେ ଗ୍ଲୋଇଂ ସ୍କିନ୍



**ବର୍ଷାଦିନେ ସୁନ୍ଦର ଓ ଗ୍ଲୋଇଂ ତ୍ୱଚା ପାଇବା ନିମନ୍ତେ କିଭଳି ଯତ୍ନ ନେବାକୁ ହେବ ଜାଣିରଖନ୍ତୁ।**

⏭ ତ୍ୱଚାକୁ ସୁନ୍ଦର କରିବା ପାଇଁ ପ୍ରଥମେ କ୍ଲିଞ୍ଜର ଲଗାନ୍ତୁ। ଯେକୌଣସି ପ୍ରକାରର ଲାଇଟ୍ କ୍ଲିଞ୍ଜର ବ୍ୟବହାର କରନ୍ତୁ। ଏହାଦ୍ୱାରା ପ୍ରାକୃତିକଭାବେ ତ୍ୱଚା ଚିକ୍କଣ ରହିଥାଏ। ତେବେ ମୁହଁକୁ ସଫା କରିବା ପାଇଁ ସବୁବେଳେ ଭଲ କ୍ୱାଲିଟିର କ୍ଲିଞ୍ଜର ବ୍ୟବହାର କରନ୍ତୁ।

⏭ ବର୍ଷାଦିନେ ତ୍ୱଚା ସାମାନ୍ୟ ଢିଲା ହୋଇଥାଏ। ତେଣୁ ପ୍ରତିଦିନ ମଶ୍ଚରାଇଜର ଲଗାନ୍ତୁ। ଫଳରେ ତ୍ୱଚା ସୁନ୍ଦର ଦେଖାଯିବ।

⏭ ବର୍ଷାଦିନେ ବି ବାହାରକୁ ବାହାରିଲେ ସନ୍‌ସ୍କ୍ରିନ୍ ଲୋସନ ଲଗାନ୍ତୁ। ଏହି ଋତୁରେ ତ୍ୱଚା ଅଧିକ ଅଏଲି ଦେଖାଯାଏ, ତେଣୁ ୱାଟରବେସ୍ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବା ଦରକାର। ସାଧାରଣତଃ ଖରାଦିନେ ସନ୍‌ସ୍କ୍ରିନ୍ ଲୋସନ ଲଗାଇବା ଦରକାର ବୋଲି ଲୋକେ ଭାବିଥାନ୍ତି। ମାତ୍ର ଏହି ଧାରଣା ଭୁଲ୍। ସବୁ ଋତୁରେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ହୋଇଥାଏ।

⏭ ବର୍ଷାଦିନେ ଯଦି ମେକ୍‌ଅପ୍ ନେଉଛନ୍ତି ତେବେ ବ୍ଲଟିଂ ପେପର ବ୍ୟବହାର କରନ୍ତୁ। ଏଥିରେ ମେକ୍‌ଅପ୍ ଭଲଭାବେ ସେଟ୍ ହୋଇ ରହିବ ଓ ମୁହଁରେ ଥିବା ଅତ୍ୟଧିକ ତୈଳ ଅଂଶ କମ୍ ହୋଇଯିବ।

⏭ ବର୍ଷାଦିନେ ତ୍ୱଚାର ଗ୍ଲୋ ବଢ଼ାଇବା ପାଇଁ ଉଷୁମପାଣିରେ ମୁହଁ ଧୁଅନ୍ତୁ। ଏହା ସହ ମଝିରେ ମଝିରେ ସ୍କ୍ରବ୍ ନିଶ୍ଚୟ କରନ୍ତୁ। ପାଣି ଅଧିକ ପିଅନ୍ତୁ। ଏହା ବ୍ୟତୀତ ଭିଟାମିନ୍ ସି ସେରମ୍ ଲଗାନ୍ତୁ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ତ୍ୱଚା ପାଇଁ ବହୁ ଜରୁରୀ। ପ୍ରତିଦିନ ଏହାର ବ୍ୟବହାର ଫଳରେ ସ୍କିନ୍ ଟାଇଟ୍ ହେବା ସହ ବ୍ରଣ ଦାଗ ମଧ୍ୟ ରହି ନ ଥାଏ।



ଖାଦ୍ୟରୁଚି

# ଭେଜିଟେବଲ ସ୍ପ୍ରିଙ୍ଗ୍ ରୋଲ୍



**ଆବଶ୍ୟକ ସାମଗ୍ରୀ**

ମଇଦା– ୧ କପ୍, କର୍ନଫ୍ଲୋର– ୪ ବଡ଼ ଚାମଚ, ରିଫାଇନ୍ ତେଲ– ୨ ବଡ଼ ଚାମଚ, ଲୁଣ ଆବଶ୍ୟକ ଅନୁସାରେ

**ପୁର ନିମନ୍ତେ**

ପିଆଜ– ୧ଟି, କଞ୍ଚାଲଙ୍କା– ୨ଟି, ବନ୍ଧାକୋବି, ଗାଜର, ବିନ୍ସ ଓ କ୍ୟାପ୍ସିକମ୍– ଅଳ୍ପ। ସମସ୍ତ ପରିବାକୁ ସରୁ ସରୁ କରି କାଟିରଖନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ**

ସ୍ପ୍ରିଙ୍ଗ୍ ରୋଲ୍ କରିବା ନିମନ୍ତେ ପ୍ରଥମେ ମଇଦାରେ କର୍ନଫ୍ଲୋର ଓ ଅଳ୍ପ ରିଫାଇନ୍ ତେଲ ମିଶାଇ ଚକଟି ଦିଅନ୍ତୁ। ଏହାପରେ ଛୋଟ ଛୋଟ ଗୁଳାକରି ଏହାକୁ ବେଲି ରଖନ୍ତୁ। ତେବେ ଏହାକୁ ଅଧିକ ପତଳା କରି ବେଲି ଦିଅନ୍ତୁ। ଅନ୍ୟ ଏକ କଡ଼େଇକୁ ଗରମକରି ସେଥିରେ କିଛି ରିଫାଇନ୍ ତେଲ ପକାନ୍ତୁ। ଏବେ ସେଥିରେ କଟା ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ପକାଇ ଭାଜନ୍ତୁ। ଅଳ୍ପ ଭାଜିହୋଇ ଆସିଲେ ସେଥିରେ କଟାହୋଇ ରହିଥିବା ସମସ୍ତ ପରିବାକୁ ପକାନ୍ତୁ। ଏବେ ଲୁଣ ପକାନ୍ତୁ। କିଛି ସମୟ ପରେ ସେଥିରେ ସୋୟାସସ୍ ପକାଇ ଗୋଳାଇ ଦିଅନ୍ତୁ। ଅଳ୍ପ ଭାଜିବା ପରେ କଡ଼େଇ ଓହ୍ଲାଇ ଥଣ୍ଡା କରିବା ପାଇଁ ଛାଡ଼ି ଦିଅନ୍ତୁ। ଏବେ ବେଲି ରଖିଥିବା ରୋଲକୁ ଆଣି ସେଥିରେ ପୁର ଭର୍ତ୍ତି କରନ୍ତୁ। ଭଲଭାବେ ଦୁଇପଟକୁ ବନ୍ଦ କରି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ସ୍ପ୍ରିଙ୍ଗ୍ ରୋଲ୍‌ଗୁଡିକୁ ଛାଣି ଦିଅନ୍ତୁ। ଏବେ ଏହାକୁ ସସ୍ ସହ ଖାଆନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଜଳନ୍ଧର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୫.୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିଛନ୍ତି ଷ୍ଟାର୍ଟଅପ୍ କମ୍ପାନୀ

ଭୁବନେଶ୍ୱର, ୨୯।୭(ଅନୁରାଧା ମହାରଣା)

ଗତ କିଛି ବର୍ଷ ଧରି ଷ୍ଟାର୍ଟଅପ୍ କ୍ଷେତ୍ରରେ ଯୁବପିଢ଼ି ମନୋନିବେଶ କରୁଛନ୍ତି। ଏହାଦ୍ୱାରା ସେମାନେ ନିଜକୁ ରୋଜଗାରକ୍ଷମ କରିବ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ମଧ କରିପାରୁଛନ୍ତି। ଏହାଦ୍ୱାରା ଅନେକ ଶିକ୍ଷିତ ଯୁବକଯୁବତୀ ବେକାରୀ ସମସ୍ୟାରୁ ରକ୍ଷା ପାଇପାରୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାପ୍ତ ଏକ ସୂଚନାନସାରେ ସୋମବାର କହିଛନ୍ତି ଯେ ଦେଶର ଷ୍ଟାର୍ଟଅପ ଯେଉଁମାନେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ କମ୍ପାନୀ ୧୫.୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଗତ ଦଶନ୍ଧି ମଧ୍ୟରେ ଦେଶରେ ଷ୍ଟାର୍ଟଅପ ସଂସ୍କୃତି ବୃଦ୍ଧି ପାଇଁ ସରକାର ଅନେକ ପଦକ୍ଷେପ ନେଇଥିବାବେଳେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଶିଳ୍ପ ଏବଂ ବାଣିଜ୍ୟ ବିଭାଗ ଦ୍ୱାରା ୧,୪୦,୮୦୩ ଷ୍ଟାର୍ଟଅପ ଚିହ୍ନଟ କରାଯାଇଛି। କେନ୍ଦ୍ରୀୟ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)




ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ଉତ୍ପାଦନ କାର୍ଯ୍ୟକ୍ରମ (ପିଏମଇଜିପି) କାର୍ଯ୍ୟକାରୀ କରିଛି। ଏହା ଅଧୀନରେ, ଅଣ କୃଷି କ୍ଷେତ୍ରରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା କରିବାରେ ଶିଳ୍ପପତିମାନଙ୍କୁ ସାହାଯ୍ୟ କରିବା ଲକ୍ଷ ରହିଛି। ପାରମ୍ପରିକ କାରିଗର ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ବେକାର ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବା ସମ୍ଭବ ହେଉଛି। ଏହି ଯୋଜନା ଆରମ୍ଭ ହେବା ପରଠାରୁ ୯.୬୯ ଲକ୍ଷ ମାଇକ୍ରୋ ଉଦ୍ୟୋଗକୁ ୨୫,୫୦୦ କୋଟି ଟଙ୍କା ମୂଲ୍ୟର ସବସିଡି ପ୍ରଦାନ କରାଯାଇଛି ଏବଂ ସେମାନେ ୭୯ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ଯୋଗାଇ ଦେଇଛନ୍ତି। ଆସନ୍ତା ୨ ଆର୍ଥିକ ବର୍ଷରେ (୨୦୨୪-୨୫ ଏବଂ ୨୦୨୫-୨୬) ୧.୬ ଲକ୍ଷ ନୂତନ ଉଦ୍ୟୋଗ ସ୍ଥାପନ କରିବାକୁ ମନ୍ତ୍ରଣାଳୟ ଯୋଜନା କରିଛି। ଏହା ୧୨.୮ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଇବାର ସମ୍ଭାବନା ଅଛି। ସୂଚନା ଥାଉକି, ୨୦୨୪-୨୫ ସାଧାରଣ ବଜେଟରେ ସରକାର ଏଞ୍ଜେଲ ଟ୍ୟାକ୍ସ ପ୍ରତ୍ୟାହାର କରିଛନ୍ତି । ଏହଦ୍ୱାରା ଷ୍ଟାର୍ଟଅପରେ ବିଦେଶୀ ପାଣ୍ଠି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ, ୨୯।୭

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୩ (୨୩.୧୨) ପଏଣ୍ଟ ବଢି ୮୧,୩୫୬ (୮୧,୩୫୫.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ ୧ (୧.୨୫) ପଏଣ୍ଟ ବୃଦ୍ଧି ଘଟି ୨୪,୮୩୬ (୨୪,୮୩୬.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

## ୱଣ୍ଡେର୍ଲାରେ ବାଏ ୧ ଗେଟ୍ ୧ ଅଫର




ଭୁବନେଶ୍ୱର, ୨୯।୭

ୱଣ୍ଡେର୍ଲା ହଲିଡେଜ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ଅଫର 'ବାଏ ୧ ଗେଟ ୧'ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର କେବଳ ୨୦୨୪ ଅଗଷ୍ଟ ୪ ରେ ଦିନକ ପାଇଁ ଉପଲବ୍ଧ। ଏପରିକି ଏହି ସ୍ୱତନ୍ତ୍ର ଅଫର ଏବଂ ସୀମିତ ସଂଖ୍ୟକ ଟିକେଟ ଅନଲାଇନ ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ବିଶେଷ କରି ଚଳିତ ବର୍ଷ ବନ୍ଧୁତ୍ୱ ଦିବସ (ଫ୍ରେଣ୍ଡଶିପ ଡେ) ପାଳନ ନିମନ୍ତେ କମ୍ପାନୀର ବେଙ୍ଗାଲୁରୁ, ହାଇଦ୍ରାବାଦ, ଭୁବନେଶ୍ୱର ଓ କୋଚି ଆଦି ପାର୍କରେ ଏହି ସ୍ୱତନ୍ତ୍ର ଅଫର ଏବଂ ଅନନ୍ୟ ଆକର୍ଷଣ ନିମନ୍ତେ ଉଲ୍ଲାସର ସହିତ ଘୋଷଣା କରୁଛି।

ଅପରପକ୍ଷରେ ସମସ୍ତ ରୋମାଞ୍ଚକାରୀ ପାର୍କ ରାଇଡ ଏବଂ ସୁବିଧା ସୁଯୋଗ ସହିତ ଲାଇଭ ଡିଜେ, ସ୍ୱତନ୍ତ୍ର ସାନ୍ଧ୍ୟକାଳୀନ ଜୁମ୍ବା ସେସନ, ଫନ ଗେମସ ଏବଂ ପୁରସ୍କାର ସହିତ ୱଣ୍ଡେର୍ଲା ଆପଣଙ୍କର ଏକମାତ୍ର ବନ୍ଧୁତ୍ୱ ଦିବସ ପାଳନ ଲକ୍ଷ୍ୟ ସ୍ଥଳ ହେବ।

ଏ ସମ୍ପର୍କରେ ୱଣ୍ଡେର୍ଲା ହଲିଡେଜ ଲିମିଟେଡର ଏମଡି ଅରୁଣ କେ. ଚିଟ୍ଟିଲାପିଲ୍ଲି କହିଛନ୍ତି, ଆମେ ୱଣ୍ଡେର୍ଲା ପାର୍କ ସମୂହରେ ଆପଣଙ୍କ ପାଇଁ ଏକ ଅବିସ୍ମରଣୀୟ ବନ୍ଧୁତ୍ୱ ଦିବସ ପାଳନ ସୁଯୋଗ ଆଣି ଦେଉଛୁ, ଆମର ଲକ୍ଷ୍ୟ ହେଉଛି ଏକ ଚଳଚଞ୍ଚଳ ପରିବେଶ ସୃଷ୍ଟି କରିବା। ଯେଉଁଠାରେ ଜନସାଧାରଣ ସମବେତ ହୋଇ ରୋମାଞ୍ଚକାରୀ ରାଇଡ, ବାନ୍ଧି ରଖିବା ଭଳି ଲାଇଭ ସୋ ଏବଂ ବହୁବିଧ ଆକର୍ଷଣୀୟ କାର୍ଯ୍ୟକଳାପ ଉପଭୋଗ କରିପାରିବେ। ଆପଣ ଆମ ଡିଜେ ସହିତ ତାଳଦେଇ ନାଚନ୍ତୁ, ଫନ ଗେମସରେ ଅଂଶଗ୍ରହଣ କରନ୍ତୁଅଥବା ଏକ ଜୁମ୍ବା ସେସନରେ ଯୋଗ ଦିଅନ୍ତୁ, ୱଣ୍ଡେର୍ଲାରେ ପ୍ରତ୍ୟେକଟି ମୁହୂର୍ତ୍ତକୁ ଆପଣଙ୍କ ଦିନକୁ ସ୍ୱତନ୍ତ୍ର କରି ଗଢିତୋଳିବାକୁ ନିଖୁଣ ଭାବେ ପ୍ରସ୍ତୁତ କରାଯାଇଛି। ଆସନ୍ତୁ ଏବଂ ଆମ ସହିତ ୱଣ୍ଡେର୍ଲାରେ ବନ୍ଧୁତ୍ୱର ସମ୍ପର୍କକୁ ପାଳନ କରନ୍ତୁ।

## ନବୀନଙ୍କୁ ମହାତ୍ମା ହଂସରାଜ ଗୌରବ ସମ୍ମାନ



ଭୁବନେଶ୍ୱର, ୨୯।୭

ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ହଂସରାଜ କଲେଜର ୭୭ତମ ପ୍ରତିଷ୍ଠା ଦିବସ ସମାରୋହ ଉତ୍ସବରେ କୁରୁକ୍ଷେତ୍ର ସାଂସଦ ତଥା ଜଣାଶୁଣା ଶିଳ୍ପପତି ନବୀନ ଜିନ୍ଦଲଙ୍କୁ ନିକଟରେ ମହାତ୍ମା ହଂସରାଜ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ଜଗଦୀପ ଧନକର ତ୍ରିରଙ୍ଗାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ନବୀନ ଜିନ୍ଦଲଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେହିଭଳି ହଂସରାଜ କଲେଜର ୭୭ତମ ପ୍ରତିଷ୍ଠା ଦିବସରେ ନବୀନ ଜିନ୍ଦଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏପରିକି ଜିନ୍ଦଲ ଏହି କଲେଜର ପୂର୍ବତନ ଛାତ୍ର ଏବଂ ସେଠାରୁ ସେ ବାଣିଜ୍ୟରେ ଡିଗ୍ରୀ ହାସଲ କରିଛନ୍ତି। ଏହି ପ୍ରତିଭାବାନ ଛାତ୍ରଙ୍କ ସଫଳତା ପାଇଁ ହଂସରାଜ କଲେଜ ପକ୍ଷରୁ ତାଙ୍କୁ ମହାତ୍ମା ହଂସରାଜ ଗୌରବ ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯୋଗେଶ ସିଂହ ଏବଂ ହଂସରାଜ କଲେଜର ଅଧ୍ୟକ୍ଷ ପ୍ରଫେସର ରମା ନବୀନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ନବୀନ ଜିନ୍ଦଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଜରିଆରେ ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି, ତ୍ରିରଙ୍ଗା ପାଇଁ ତାଙ୍କର ପ୍ରୟାସ ଓ ସଂଘର୍ଷକୁ ଉପରାଷ୍ଟ୍ରପତିଙ୍କ ପ୍ରଶଂସା ତାଙ୍କ ପାଇଁ ଗର୍ବର ବିଷୟ। ତ୍ରିରଙ୍ଗା କେବଳ ଆମକୁ ଏକାଠି କରେ ନାହିଁ ବରଂ ଆମକୁ ଦେଶ ନିର୍ମାଣରେ ଯୋଗଦାନ କରିବାକୁ ପ୍ରେରଣା ଦେଇଥାଏ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ଜଗଦୀପ ଧନକର ତ୍ରିରଙ୍ଗାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ନବୀନ ଜିନ୍ଦଲଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

## ଆଇଆଇଟି ବମ୍ବେ ସହ ଜେଏସ୍ଏଲ୍‌ର ସହଭାଗିତା



ଭୁବନେଶ୍ୱର, ୨୯।୭

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ (ଜେଏସଏଲ) ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ବା ଆଇଆଇଟି ବମ୍ବେ ସହ ନିକଟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ ହୋଇଛି। ଏହି ସହଭାଗିତା କାର୍ଯ୍ୟକ୍ରମ ଜରିଆରେ ଜେଏସଏଲର କର୍ମଚାରୀଙ୍କ ପାଇଁ ଷ୍ଟିଲ ଟେକ୍ନୋଲୋଜିରେ ଦୁଇ ବର୍ଷିଆ ଏମଟେକ୍ ପାଠ୍ୟକ୍ରମର ଦ୍ୱିତୀୟ ବ୍ୟାଚ୍ ଆରମ୍ଭ କରିଛି। ଏପରିକି ଉନ୍ନତ ପ୍ରକ୍ରିୟା ଓ ଅଭ୍ୟାସ ପାଇଁ ଅଭିନବ ଉପାୟରେ ଜୀବନରେ ଉନ୍ନତି ଆଣିବା ଏବଂ ସ୍ଥାୟୀ ତଥା ବିଶ୍ୱସ୍ତରୀୟ ସମାଧାନ ସୃଷ୍ଟି କରିବାରେ ଅଗ୍ରଣୀ ସ୍ଥାନ ବଜାୟ ରଖିବା ପାଇଁ କମ୍ପାନୀ ଏହି ପାଠ୍ୟକ୍ରମ ଆରମ୍ଭ କରିଛି।

ସେହିଭଳି ଲୁହା ଏବଂ ଇସ୍ପାତ ତିଆରି ପ୍ରଯୁକ୍ତି ବିଦ୍ୟା ବିଷୟରେ କର୍ମଚାରୀଙ୍କ ଜ୍ଞାନକୁ ଗଭୀର କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀଙ୍କୁ ଅତ୍ୟାଧୁନିକ ଶିଳ୍ପ ଉଦ୍ଭାବନ ବିଷୟରେ ଅବଗତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରାୟୋଜିତ ପାଠ୍ୟକ୍ରମରେ ନାମଲେଖା ପାଇଁ ବିଭିନ୍ନ ଯୋଗ୍ୟତା ମାନଦଣ୍ଡ ଯଥା ଜିନ୍ଦଲ ଷ୍ଟେନଲେସ୍ କିମ୍ବା ଏହାର ସହାୟକ ସଂସ୍ଥାରେ ଅତିକମରେ ତିନି ବର୍ଷର କାର୍ଯ୍ୟକାଳ, ସର୍ବନିମ୍ନ ୬୦% ସହିତ ମେକାନିକାଲ କିମ୍ବା ମେଟାଲର୍ଜିରେ ବିଟେକ୍ ଡିଗ୍ରୀ ଏବଂ ସଂସ୍ଥାରେ ନିରନ୍ତର ଉତ୍ତମ ପ୍ରଦର୍ଶନଭଳି ମାନଦଣ୍ଡ ସାମିଲ ରହିଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବଜାର ଧାରାର ପୂର୍ବାନୁମାନ କରିବା ସହ ଅଗ୍ରଣୀ ରହିବା ପାଇଁ ବିଶେଷ ଜ୍ଞାନ ଥିବା ଉଚ୍ଚ କୁଶଳୀ ପେସାଦାର ସୃଷ୍ଟି କରିବା ସକାଶେ ଏହି ପଦକ୍ଷେପ ନିଆଯାଇଛି। ଜିନ୍ଦଲ ଷ୍ଟେନଲେସରେ ଆମେ ଲୋକଙ୍କ ଉପରେ ନିବେଶ କରିବା ଏବଂ ନିରନ୍ତର ଶିକ୍ଷା ଓ ଉଦ୍ଭାବନର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ବିଶ୍ୱାସ କରିଥାଏ। ଭାରତର ପ୍ରମୁଖ ଇଞ୍ଜିନିୟରିଂ କଲେଜ ସହ ଭାଗିଦାରୀ କରି ଆମେ କେବଳ ଆମର ଜ୍ଞାନ ପରିସର ବୃଦ୍ଧି କରୁ ନାହୁଁ, ବରଂ ଭାରତୀୟ ଷ୍ଟେନଲେସ୍ ଇସ୍ପାତ ଶିଳ୍ପର ମାନକୁ ମଧ ଉନ୍ନତ କରିବୁ ବୋଲି ଆମେ ବିଶ୍ୱାସ କରୁଛୁ।

## ରଣବୀର ସଂସାରର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର, ୨୯।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ହୋମ ଡେକୋର ଫ୍ୟାବ୍ରିକ୍ସ ଲିଡର ଡି'ଡେକୋରର ନୂତନ ବ୍ରାଣ୍ଡ୍ ସଂସାରର ବ୍ରାଣ୍ଡ୍ ଆମାସାଡର ଭାବେ ବଲିଉଡ ଅଭିନେତା ରଣବୀର ସିଂ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ବ୍ରାଣ୍ଡ୍ ୫୦ଟି ମେଟ୍ରୋ ଓ ଅଣ-ମେଟ୍ରୋ ସହରର ୩୫୦ ଷ୍ଟୋର୍‌ରେ ଉପଲବ୍ଧ। ଏପରିକି ସଂସାର ବ୍ରାଣ୍ଡ୍ ଯତ୍ନଶୀଳ ଭାବେ ନିର୍ମିତ ହୋମ୍ ଡେକୋର ଫ୍ୟାବ୍ରିକ୍ ପ୍ରଦାନ କରୁଛି। ସେହିଭଳି ଶୁଭାରମ୍ଭ ପୂର୍ବରୁ ସଂସାର ପକ୍ଷରୁ ଏକ ନୂତନ ଟେଲିଭିଜନ କମର୍ସିଆଲ (ଟିଭିସି) ଉନ୍ମୋଚନ କରାଯାଇଛି। ଯେଉଁଥିରେ ବ୍ରାଣ୍ଡ ଆମ୍ବାସାଡର ଓ ବଲିଉଡ ଅଭିନେତା ରଣବୀର ସିଂ 'ଲିଭ୍ କନ୍‌ସିୟସଲି' ଟ୍ୟାଗ୍‌ଲାଇନ୍ ସହ ଅଭିନୟ କରିଛନ୍ତି। ଏହା ଏଭଳି ଘରଗୁଡିକୁ ଚିତ୍ରଣ କରୁଛି, ଯେଉଁଠାରେ ପ୍ରତ୍ୟେକ ପସନ୍ଦ ପରିବେଶ ଉପରେ ଏକ ସକାରାତ୍ମକ ପ୍ରଭାବ ପ୍ରତି ଯୋଗଦାନ ଦେଉଛି। ସେହିପରି ସଂସାର ସହ ରଣବୀର ସିଂଙ୍କ ସହଭାଗିତା ଏକ ବାଧାହୀନ, ପରିବେଶ ସଚେତନତା ସହ ଏକତ୍ରିତ କରିବାର ବ୍ରାଣ୍ଡ୍ ବାର୍ତ୍ତାକୁ ସୂଚିତ କରୁଛି, ଯାହା ଉପଭୋକ୍ତାଙ୍କୁ ସେମାନଙ୍କର ବାସସ୍ଥାନକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ନତ କରିବା ଲାଗି ଏକ ସୁଯୋଗ ପ୍ରଦାନ କରୁଛି। ଏ ସମ୍ପର୍କରେ ସଂସାର ବିଜନେସ ହେଡ୍ ସଞ୍ଜନା ଅରୋରା କହିଛନ୍ତି, ଆମେ ବଲିଉଡ ଅଭିନେତା ରଣବୀର ସିଂଙ୍କୁ ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡାର ନିଯୁକ୍ତ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତରେ ନିର୍ମିତ ସଂସାରର ପ୍ରିମିୟମ, ମିନିମାଲିଷ୍ଟିକ ଫ୍ୟାବ୍ରିକଗୁଡିକୁ ନେଇ ଆମେ ଗର୍ବିତ ରହିଛୁ।

## ବନ୍ଧନ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୨୯।୭

ବନ୍ଧନ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କର ମୋଟ ବ୍ୟବସାୟ ୨୨% ବୃଦ୍ଧି ପାଇ ୨.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ମୋଟ ଜମାରେ ବ୍ୟାଙ୍କର ଖୁଚୁରା ଅଂଶ ବର୍ତ୍ତମାନ ପ୍ରାୟ ୬୯% ରହିଛି। ବିତରଣ, ବ୍ୟବସାୟ ଦକ୍ଷତା ଏବଂ ଅନୁକୂଳ ପରିଚାଳନାରେ ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୨୩% ବୃଦ୍ଧି ପାଇଛି।

## ବଜାଜ୍ ଫିନ୍‌ସର୍ଭର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୯।୭

ବଜାଜ ଫିନ୍‌ସର୍ଭ ଆସେଟ୍ ମ୍ୟାନେଜମେଣ୍ଟ ଲିମିଟେଡର ନୂତନ ଉତ୍ପାଦ 'ବଜାଜ ଫିନ୍‌ସର୍ଭ ଲାର୍ଜ କ୍ୟାପ୍ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଫଣ୍ଡ୍ ଦୀର୍ଘାବଧିରେ ଉତ୍ତମ ରିସ୍କ-ଆଡ୍‌ଜଷ୍ଟେଡ ରିଟର୍ନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ବଜାଜ ଫିନ୍‌ସର୍ଭ ଲାର୍ଜ କ୍ୟାପ୍ ଫଣ୍ଡର ଏକ ଉଚ୍ଚ ସହମତିପୂର୍ଣ୍ଣ ଷ୍ଟକ୍ ଚୟନ ଆଭିମୁଖ୍ୟ ସହିତ ଏକ କେନ୍ଦ୍ରୀଭୂତ ପୋର୍ଟଫୋଲିଓ ରହିବ, ଯାହା ଦୀର୍ଘାବଧିରେ ବେଞ୍ଚମାର୍କଠାରୁ ଭଲ ପ୍ରଦର୍ଶନ କରିବ। ବଜାଜ ଫିନ୍‌ସର୍ଭ ଲାର୍ଜ କ୍ୟାପ୍ ଫଣ୍ଡ ଲାର୍ଜ କ୍ୟାପ୍ କମ୍ପାନୀଗୁଡିକର ଇକ୍ୱିଟି ଏବଂ ଇକ୍ୱିଟି ସମ୍ବନ୍ଧିତ ସିକ୍ୟୁରିଟିଗୁଡିକରେ ୮୦%ରୁ ୧୦୦% ନିବେଶ କରିବ। ଏ ସମ୍ପର୍କରେ ବଜାଜ ଫିନ୍‌ସର୍ଭ ଆସେଟ୍ ମ୍ୟାନେଜମେଣ୍ଟ ଲିମିଟେଡର ସିଇଓ ଗଣେଶ ମୋହନ କହିଛନ୍ତି, ବଜାଜ ଫିନ୍‌ସର୍ଭ ଲାର୍ଜ କ୍ୟାପ୍ ଫଣ୍ଡ୍ ନିବେଶକଙ୍କୁ ଏକ ଏକକ ନିବେଶ ମାର୍ଗ ମାଧ୍ୟମରେ କର୍ପୋରେଟ୍ ଇଣ୍ଡିଆର ଚାମ୍ପିୟନଗୁଡିକରେ ନିବେଶ କରିବା ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଛି। ଏହି ଫଣ୍ଡ୍ ଷ୍ଟକ୍ ଚୟନ କ୍ଷେତ୍ରରେ ଦୃଢ ସହମତି ଦ୍ୱାରା ଚାଳିତ ଏକ କେନ୍ଦ୍ରୀଭୂତ ପୋର୍ଟଫୋଲିଓ ସୃଷ୍ଟି କରିବ ଏବଂ ଦୀର୍ଘାବଧିରେ ବେଞ୍ଚମାର୍କ ଇଣ୍ଡେକ୍ସକୁ ଅତିକ୍ରମ କରିବା ପାଇଁ ଏକ ଉଚ୍ଚ ସକ୍ରିୟ ଶେୟାର ରଣନୀତି ବଜାୟ ରଖିବ। ଏହି ଫଣ୍ଡ୍ ନିବେଶକଙ୍କ ପୋର୍ଟଫୋଲିଓରେ ଏକ ମୂଲ୍ୟବାନ ଯୋଗ ହେବ ଏବଂ ଏହା ସେମାନଙ୍କର ଆର୍ଥିକ ଲକ୍ଷ୍ୟକୁ ହାସଲ କରିବାରେ ସାହାଯ୍ୟ କରିବ ବୋଲି ଆମେ ବିଶ୍ୱାସ କରୁଛୁ। ସେହିପରି କମ୍ପାନୀର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ କହିଛନ୍ତି, ବଜାଜ ଫିନ୍‌ସର୍ଭ ଲାର୍ଜ କ୍ୟାପ୍ ଫଣ୍ଡ ଏକ କେନ୍ଦ୍ରୀଭୂତ ଆଭିମୁଖ୍ୟ ଗ୍ରହଣ କରି ଓ ଏକ ଉଚ୍ଚ ସକ୍ରିୟ ସେୟାର ରଖି ନିଜ ବର୍ଗରେ ଅନ୍ୟ ଫଣ୍ଡଗୁଡିକଠାରୁ ନିଜକୁ ପୃଥକ ଓ ସ୍ୱତନ୍ତ୍ର କରିବ। ଆମର ଲାର୍ଜ କ୍ୟାପ୍ ଫଣ୍ଡରେ ଆମେ ନିର୍ଦ୍ଦିଷ୍ଟ ୨୫-୩୦ଟି କମ୍ପାନୀ ଉପରେ ଗୁରୁତ୍ୱ ଦେଇ ଏକ ଉଚ୍ଚ ସକ୍ରିୟ ସେୟାର ରଖିବା ପାଇଁ ପ୍ରୟାସ କରିବୁ।


# Classified Everyday 0674-2580101, 2549949



REAL ESTATE

SALE

4BHK duplex bungalow at Botanda, Sundarpada, BBSR near Sai Villa, Ranging 1.10cr. Contact: 9861125539, 9040521173. D-76017

SC plot sale at Bagchi Cancer Hospital backside- 2000sqft.- 30,00,000. 6372753860. D-75972




3BHK flat available in Reeta Valley near Gudiapokhari. Contact No.- 9438143108. D-855

Commercial Office building Ground Floor Chandrasekharpur, Bhubaneswar 14 Rooms. 9437008388. D-862

1000sqft. Hall available in Samantarapur on High Way for rent. Contact No.- 7978097047. D-856




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

Kerala body Massage best Therapist Bhubaneswar. 9337672475. D-849

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) only ladies. 9827119799. D-847

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

LOST

ମୁଁ ଅରବିନ୍ଦ ପଣ୍ଡା, ପିତା- କାମେଶ୍ୱର ପଣ୍ଡା, ଶାଖା ପରିଚାଳକ, ଏକ୍ସିସ୍ ବ୍ୟାଙ୍କ ଲିଃ., ସମ୍ବଲପୁର, ଥାନା- ଅଇଁଠାପାଲି, ଜିଲ୍ଲା- ସମ୍ବଲପୁର ଘୋଷଣା କରୁଅଛି ଯେ, ମୌଜା- ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.-୫, ସାକ୍ଷୀଗୋପୀନାଥର ବାସିନ୍ଦା ଶ୍ରୀ ଅରବିନ୍ଦ କୁମାର ଜୟସ୍ୱାଲ, ପିତା- ଶ୍ୟାମଲାଲ ଜୟସ୍ୱାଲ ଓ ଶ୍ରୀମତୀ ଅଞ୍ଜୁ ଜୟସ୍ୱାଲ, ପିତା- ମଦନ ମୋହନ ଚୌଧୁରୀ, ସ୍ୱା- ଅରବିନ୍ଦ କୁମାର ଜୟସ୍ୱାଲ ଉଭୟଙ୍କ ନାମରେ ରେକର୍ଡ ଥିବା ଅରିଜିନାଲ ଆର୍.ଓ.ଆର୍. ଖାତା ନଂ.-୬୪୪/୨୩୭, ତା ୨୭।୦୯।୨୦୦୭, ଅରିଜିନାଲ୍ ରେଜିଷ୍ଟ୍ରି ସେଲ୍‌ଡିଡ୍ ନଂ.-୯୭୦, ତା ୨୫।୦୪।୨୦୦୭ ସହିତ ଅରିଜିନାଲ ଟ୍ୟାକ୍ସ ରସିଦ୍, ହୋଲ୍‌ଡିଂ ରସିଦ୍ ଓ ଭଡ଼ା ରସିଦ୍ ଆମ ବ୍ୟାଙ୍କ ପରିସର ମଧ୍ୟରେ ହଜିଯାଇଛି। ଯଦି କେହି ପାଇଥାନ୍ତି ତା'ହେଲେ, ଏକ୍ସିସ୍ ବ୍ୟାଙ୍କ ଲିଃ., ଅଇଁଠାପାଲି, ବୁଢ଼ାରଜା ରୋଡ୍ (ବ୍ଲାକ୍‌ବେରି ସୋରୁମ୍ ଉପରେ), ସମ୍ବଲପୁର- ୭୬୮୦୦୪ ଠିକଣାରେ ଜଣାଇବାକୁ ଅନୁରୋଧ।
ସ୍ୱା./- ଅରବିନ୍ଦ ପଣ୍ଡା, ଶାଖା ପ୍ରବନ୍ଧକ, ଏକ୍ସିସ୍ ବ୍ୟାଙ୍କ୍ ଲିଃ., ଅଇଁଠାପାଲି ବ୍ରାଞ୍ଚ
ଧ-୮୭୩

ମୁଁ ପ୍ରୀତମ କୁମାର ବିଡ଼ିକା, ଭୁରୁକୁଡ୍ଡୁ, ଗୁଡ଼ାରୀ ଲେଖି ଜଣାଉଛି କି ମୋର SLC ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି 9090706636ରେ ଜଣାଇବାକୁ ଅନୁରୋଧ। ଧ-୮୭୨

AFFIDAVIT

I, Mahimohan Mahapatra, S/o- Siva Prasad Mahapatra, At- Flat No.- B-403, Snehalata Apartment, Vivekananda Marg, P.O.- Old Town, P.S.- Shree Lingaraj, Bhubaneswar, Khordha, Odisha-751002 declare that in Passport No.- M6701223, my name wrongly mentioned as Mahi Mohana Mahapatra. My correct name is Mahimohan Mahapatra for all future purposes. D-868

By virtue of an affidavit (CF No.236 dt.11.06.2024) sworn before the Executive Magistrate, Sohela, I, Judhisthir Bhue, R/o- Village- Hirapali, P.O.- Chichinda, Dist.- Bargarh declare that both the names Judhisthir Bhoi and Judhistir Bhue is one and same person. That I have changed my date of birth from 05.11.1961 to 06.04.1957 for all purposes. D-874

By virtue of an affidavit sworn before Executive Magistrate, Bhubaneswar, dated 31.05.2024, I, Abhay Kumar Behera, address MIG-II, 21/2 Housing Board Colony, P.S.- Chandrasekharpur, Bhubaneswar, Khordha, Pin- 751016 declare that I have changed my Son's name from Sahil Priyadarshee to Ayushman Priyadarshee. Henceforth, he will be known as Ayushman Priyadarshee for all purposes. (Abhay Kumar Behera) D-871

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ କୁମୁନ୍ଦ ଚନ୍ଦ୍ର ସାହୁ
ସ୍ଥାନ- ଲୁଣୀ, ଇନ୍ଦିପୁର, ଢେଙ୍କାନାଳ
ଆବିର୍ଭାବ: ୦୭।୧୦।୧୯୬୮
ତିରୋଧାନ: ୦୧।୦୬।୨୦୨୩
ତୁମ୍ଭ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନାକରି ପରମ କାରୁଣିକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବର୍ଷଭରା ଅଶ୍ରୁଳ ଭକ୍ତି ନିବେଦନ ଶ୍ରଦ୍ଧାଞ୍ଜଳି ।
ତୁମ୍ଭକୁ ମନେ ପକାଉଥିବା ହତଭାଗା ପୁତ୍ର: ରିଙ୍କୁ, କନ୍ୟା: ରିଙ୍କି, ଜ୍ୱାଇଁ: ପପୁ, ନାତୁଣୀ: ବିକି ଏବଂ ଶଳା ଓ ଶଳାଭାଉଜମାନେ ।
ଧ-୭୫୪୪୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଅଳ୍ପକେ ପଦକ ହରାଇଲେ ଅର୍ଜୁନ ବବୁତା**

# ବ୍ରୋଞ୍ଜ୍ ପଦକ ପ୍ଲେ ଅଫ୍‌ରେ ମନୁ-ସରବଜୋତ୍


ଚାଟାରକ୍ସ ଶୁଟିଂ ରେଞ୍ଜ୍‌ରେ ଅର୍ଜୁନ ବବୁତା।


୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଅବସରରେ ଭାରତର ମନୁ ଭାକର ଓ ସରବଜୋତ ସିଂ।

ପ୍ୟାରିସ୍, ୨୯।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ସୋମବାର ଭାରତୀୟ ଶୁଟରଙ୍କୁ ମିଶ୍ରିତ ଫଳ ମିଳିଛି। ଭାରତୀୟ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ସାମିଲ ହୋଇଥିବା ବେଳେ ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି ଅର୍ଜୁନ ବବୁତା। ଚଳିତ ଅଲିମ୍ପିକ୍ସରେ ଭାରତ ପାଇଁ ଶୁଟିଂରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଥିବା ମନୁ ଭାକର ଓ ସରବଜୋତ୍ ସିଂଙ୍କ ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ସାମିଲ ହୋଇଛନ୍ତି। ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ ପଦକ ଜିତିଥିବା ୨୨ ବର୍ଷୀୟା ମନୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ନଜର ଆସିଥିଲେ। ପ୍ରଥମ ଦୁଇଟି ଶଟ୍‌ରେ ସେ ୯୮ ଲେଖାଏ ସ୍କୋର କରିଥିବା ବେଳେ ପରବର୍ତ୍ତୀ ଶଟ୍‌ରେ ୯୫ ସ୍କୋର କରିଥିଲେ। ତେବେ ସରବଜୋତ୍ ଓ ମନୁଙ୍କ ଯୋଡ଼ି ଯୋଗ୍ୟତା ପର୍ଯ୍ୟାୟରେ ୫୮୦ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ସ ରେକର୍ଡ ୫୮୨ ସ୍କୋର କରିଥିବା ତୁର୍କୀ ପ୍ରଥମ ଓ ସର୍ବିୟା ୫୮୧ ପଏଣ୍ଟ ସହ ପ୍ରଥମ ଦୁଇ ସ୍ଥାନରେ ରହି ଫାଇନାଲ ଖେଳିବେ। ଅନ୍ୟ ପକ୍ଷରେ ୫୭୯ ପଏଣ୍ଟ ସ୍କୋର କରିଥିବା କୋରିଆର ଓ ୟେ ଜିନ୍ ଓ ଲି ୟେନ୍ ହୋଙ୍କ ଯୋଡ଼ି ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ରିଦିମ୍ ସାଙ୍ଗୱାନ ଓ ଅର୍ଜୁନ ସିଂ ଚିମା ୫୭୬ ପଏଣ୍ଟ ସ୍କୋର କରି ଦଶମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ।

## ପଦକ ହରାଇଲେ ବବୁତା

ଭାରତୀୟ ପୁରୁଷ ଏୟାର ରାଇଫଲ ଶୁଟର ଅର୍ଜୁନ ବବୁତା ମାତ୍ର ୦.୯ ପଏଣ୍ଟ ପଛରେ ରହି ପଦକ ହରାଇଛନ୍ତି। ଆଗୁଆ ରହିଥିଲେ ମଧ୍ୟ ଏଲିମିନେଶନରେ ମାତ୍ର ୯.୫ ପଏଣ୍ଟ ସ୍କୋର କରି ପଛରେ ପଡ଼ି ଯାଇଥିଲେ ଅର୍ଜୁନ। ୨୫ ବର୍ଷୀୟ ଅର୍ଜୁନ ଚମତ୍କାର ଆରମ୍ଭ କରିଥିଲେ। ଆରମ୍ଭରୁ ଆତ୍ମବିଶ୍ୱାସର ସହ ଖେଳିଥିବା ଅର୍ଜୁନ ପ୍ରଥମ ୨ ସିରିଜ ଶେଷ ହେବା ସୁଦ୍ଧା ୨ ନମ୍ବର ସ୍ଥାନରେ ରହିଥିଲେ। ୧ ନମ୍ବର ସ୍ଥାନରେ ଥିବା ଶେଙ୍ଗ ଲି ହାଓ ଓ ଅର୍ଜୁନଙ୍କ ମଧ୍ୟରେ ମାତ୍ର ୦.୧ ପଏଣ୍ଟର ଫରକ ରହିଥିଲା। ତେବେ ଏଲିମିନେଶନ ରାଉଣ୍ଡର ଚାପର ଶିକାର ହୋଇ ଅର୍ଜୁନ ଖରାପ ପ୍ରଦର୍ଶନ କରିଥିଲେ। ତୃତୀୟ ସ୍ଥାନ ପ୍ଲେ ଅଫ୍‌ରେ ଅର୍ଜୁନ ୦.୩ ପଏଣ୍ଟରେ ଆଗୁଆ ଥିବା ବେଳେ ୯.୫ ପଏଣ୍ଟ ସ୍କୋର କରିଥିଲେ। କ୍ରୋଏସିଆର ମିରାନ ମାରିସିକ୍ ୧୦.୭ ପଏଣ୍ଟ ସ୍କୋର କରିବା ସହ ପୋଡିୟମ ଫିନିଶ କରିଥିଲେ।

ମହିଳା ୧୦ ମିଟର ରାଇଫଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ରମିତା ଜିନ୍ଦଲ ସପ୍ତମ ସ୍ଥାନରେ ରହି ବିଦାୟ ନେଇଥିଲେ। ଦୁଇ ସିରିଜ୍ ଶେଷ ସୁଦ୍ଧା ୧୦୪.୦ ପଏଣ୍ଟ ସହ ରମିତା ସପ୍ତମ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ଶଟ୍‌ରେ ସେ ୧୦.୫ ପଏଣ୍ଟ ସ୍କୋର କରି ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଥିଲେ। ତେବେ ସମାନ ଫର୍ମ ବଜାୟ ରଖି ନ ପାରି ରମିତା ବିଦାୟ ନେଇଥିଲେ।

## ଟେନିସ୍‌ରେ ଚ୍ୟାଲେଞ୍ଜ ଶେଷ

ପ୍ୟାରିସ୍ ଅଲିମ୍ପିକ୍ସର ଟେନିସ୍ ଇଭେଣ୍ଟରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ପ୍ରଥମେ ସୁମିତ ନାଗଲ ପରାଜିତ ହୋଇଥିବା ବେଳେ ପୁରୁଷ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା- ଏନ୍ ଶ୍ରୀରାମ ବାଲାଜୀ ହାରି ଯାଇଥିଲେ। ବୋପାନ୍ନା-ବାଲାଜୀ ଯୋଡ଼ି ୭-୫, ୬-୨ ସେଟରେ ଏଡୁଆର୍ଡ ରୋଜର ଭେସଲିନ-ଗେଲ ମନଫିଲ୍ସଙ୍କ ନିକଟରୁ ପରାଜିତ ହୋଇଥିଲେ।

## କ୍ୱାର୍ଟରରେ ଝୁଣ୍ଟିଲେ ପୁରୁଷ ଆର୍ଚର

ଭାରତୀୟ ପୁରୁଷ ଆର୍ଚେରୀ ଦଳ ୬-୨ରେ ତୁର୍କୀ ନିକଟରୁ ହାରିଯାଇଛି। ପ୍ରଥମ ସେଟ୍‌ରେ ଭାରତ ୫୩-୫୭ରେ ପରାଜିତ ହୋଇଥିଲା। ଦ୍ୱିତୀୟ ସେଟ୍‌ରେ ଭାରତ ୫୨-୫୫ରେ ହାରିଥିବା ବେଳେ ତୃତୀୟ ସେଟ୍‌କୁ ୫୫-୫୪ରେ ଜିତିଥିଲା। ତେବେ ନିର୍ଣ୍ଣାୟକ ଅନ୍ତିମ ସେଟ୍‌ରେ ଧୀରଜ ବୋମ୍ମାଦେବରାଙ୍କ ଏକ ଖରାପ ଶଟ୍ କାରଣରୁ ଭାରତ ୫୭-୬୪ରେ ହାରିବା ସହ ବିଦାୟ ନେଇଥିଲା।

## ଇସ୍ରାଏଲ ଜୁଡୋକାଙ୍କ ସହ ଲଢ଼ିଲେ ନାହିଁ

ପ୍ୟାରିସ, ୨୯।୭ (ଏପି)

ଓଜନ ବେଳେ ଅନୁପସ୍ଥିତ ଯୋଗୁ ଇସ୍ରାଏଲର ତୋହାର ବୁଟ୍‌ବୁଲ୍ ବିପକ୍ଷ ମୁକାବିଲାର ଦିନକ ପୂର୍ବରୁ ଅଲଜେରିଆର ମେସାଉଦ୍ ଦ୍ରିସ୍‌ଙ୍କୁ ପ୍ୟାରିସ ଅଲିମ୍ପିକ୍ସ ଜୁଡୋ ପ୍ରତିଯୋଗିତାରୁ ବିଧିବଦ୍ଧ ଭାବେ ବାଦ୍ ଦିଆଯାଇଛି। ଫଳତଃ ଅନ୍ତର୍ଜାତୀୟ ଜୁଡୋ ମହାସଂଘ ବୁଟ୍‌ବୁଲ୍‌ଙ୍କୁ ୱାକ୍‌ଓଭରରେ ବିଜୟୀ ଘୋଷଣା କରିଛି। ସୋମବାର ୭୩ କିଲୋଗ୍ରାମ ଡିଭିଜନର ଏହା ପ୍ରଥମ ବାଉଟ ଥିଲା। ଏହାପଛରେ ରାଜନୈତିକ କାରଣ ରହିଥିବା ଅନେକ ସନ୍ଦେହ କରୁଛନ୍ତି। କ୍ରମାଗତ ଦ୍ୱିତୀୟ ଅଲିମ୍ପିକ୍ସରେ ଏହି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଟୋକିଓରେ ବୁଟ୍‌ବୁଲ୍‌ଙ୍କ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମୁକାବିଲାରୁ ଆଲଜେରିଆର ଫେଥି ନୋରିନ୍ ଓହରିଯାଇଥିଲେ। ପାଲେଷ୍ଟାଇନ ପ୍ରତି ତାଙ୍କର ସମର୍ଥନ ଥିବା ନୋରି ୩ ବର୍ଷ ପୂର୍ବେ ଘୋଷଣା କରିଥିଲେ। ବୋଧ ହୁଏ ଏହି କାରଣରୁ ସେ ଓହରିଯାଇଥଲେ। ଅନ୍ତର୍ଜାତୀୟ ଜୁଡୋ ମହାସଂଘ ୨୦୨୧ ସେପ୍ଟେମ୍ବରରେ ନୋରି ଓ ତାଙ୍କ କୋଚ୍ ଅମର ବେନିଖଲିଫ୍‌ଙ୍କୁ ୧୦ ବର୍ଷ ପାଇଁ ସସ୍‌ପେଣ୍ଡ କରିଥିଲା। ଅଲଜେରିଆ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଇସ୍ରାଏଲକୁ ଏକ ଦେଶ ଭାବେ ସ୍ୱୀକୃତି ଦେଇ ନାହିଁ। ବହୁ ଦଶନ୍ଧି ପୂର୍ବେ ଆଲଜେରିଆ ଯୁଦ୍ଧ ପରଠାରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଜାରି ରହିଛି। ସୂଚନାଯୋଗ୍ୟ, ଗତବର୍ଷ ଗାଜା ଉପରେ ଆକ୍ରମଣକୁ ନେଇ ପ୍ୟାରିସ ଅଲିମ୍ପିକ୍ସରେ ବିଭିନ୍ନ ପ୍ରସଙ୍ଗରେ ଇସ୍ରାଏଲର ଉପସ୍ଥିତିକୁ ବିରୋଧ କରାଯାଉଛି। କିନ୍ତୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାରେ ଇସ୍ରାଏଲର ଅଧିକାର ପ୍ରତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଫ୍ରାନ୍ସ ସରକାରଙ୍କ ଦୃଢ଼ ସମର୍ଥନ ରହିଛି। ଇସ୍ରାଏଲ ଅଲିମ୍ପିକକୁ ୧୨ ଜଣିଆ ବୃହତ୍ ଜୁଡୋକା ଦଳ ପଠାଇଛି। ଆରେନା ଚାମ୍ପ୍-ଡି-ମାର୍ସଠାରେ ପ୍ରତିଯୋଗିତାର ପ୍ରଥମ ଦୁଇ ଦିନରେ ଇସ୍ରାଏଲର ପ୍ରଥମ ୪ ଜୁଡୋକାଙ୍କୁ କେହି ଏଡାଇ ଯାଇ ନାହାନ୍ତି। ରବିବାର ମରକ୍କୋର ଆବଦରାମେନ୍ ବୋସିସ୍ତା ଓ ତାଜିକିସ୍ତାନର ନୁରାଲି ଇମୋମାଲି ଉଭୟେ ସେମାନଙ୍କ ବାଉଟ ପରେ ବାରୁଚ ସ୍ମାଇଲୋଭଙ୍କ ସହିତ କରମର୍ଦ୍ଦନ କରିବାକୁ ମନା କରିଦେଇଥିଲେ। ବୋସିସ୍ତାଙ୍କୁ ପରାସ୍ତ କରିବା ପରେ ସ୍ମାଇଲୋଭ ଇସ୍ରାଏଲ ପତାକାକୁ ତାଙ୍କ ମସ୍ତକରେ ସ୍ପର୍ଶ କରୁଥିବା ବେଳେ ବସିସ୍ତା ତାଙ୍କଠାରୁ ଦୂରେଇ ଯାଇଥିଲେ।

## ଡିଲିଟି ହେଲା ଲକ୍ଷ୍ୟଙ୍କ ପ୍ରଥମ ମ୍ୟାଚ୍

ପ୍ୟାରିସ୍, ୨୯।୭(ପି.ଟି.)

ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍‌ଙ୍କ ପ୍ରଥମ ମ୍ୟାଚ୍‌ର ଫଳାଫଳକୁ ରେକର୍ଡ ବୁକ୍‌ରୁ ଡିଲିଟି କରାଯାଇଛି। ଗ୍ରୁପ୍ ଏଲ୍‌ର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ୟ ସେନ୍ ଗୁଆଟେମାଲାର କେଭିନ୍ କୋର୍ଡୋନଙ୍କୁ ପରାସ୍ତ କରିଥିଲେ। ତେବେ ଏହି ମ୍ୟାଚ୍ ପରେ କହୁଣି ଆଘାତ କାରଣରୁ କେଭିନ୍ ଅଲିମ୍ପିକ୍ସରୁ ଓହରି ଯାଇଥିଲେ। ଫଳରେ ପ୍ରଥମ ମ୍ୟାଚ୍‌ର ଫଳାଫଳକୁ ରେକର୍ଡରୁ ଡିଲିଟି କରାଯାଇଛି। ବର୍ତ୍ତମାନ ଏହି ଗ୍ରୁପ୍‌ର ୩ ଖେଳାଳିଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହା ସହ ଏହି ଗ୍ରୁପ୍‌ର ମ୍ୟାଚ୍ ସମୟଗୁଡିକ ମଧ୍ୟ ପରିବର୍ତ୍ତନ କରାଯାଇଛି। ଲକ୍ଷ୍ୟଙ୍କ ସହିତ ଏହି ଗ୍ରୁପ୍‌ରେ ଜୁଲିଆନ୍ କାରାଗି ଓ ଜୋନାଥନ୍ କ୍ରିଷ୍ଟି ରହିଛନ୍ତି। ସୋମବାର ଲକ୍ଷ୍ୟ ଜୁଲିଆନ୍ କାରାଗିଙ୍କୁ ୨୧-୧୯ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଜର୍ମାନୀ ଖେଳାଳି ମାର୍କ ଲାମ୍ସଫସ୍ ଆଣ୍ଠୁରେ ଆଘାତ କାରଣରୁ ଓହରି ଯିବା ଫଳରେ ଭାରତୀୟ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡି-ଚିରାଗ ସେଟ୍ଟୀଙ୍କ ମ୍ୟାଚ ବାତିଲ କରାଯାଇଛି। ଫଳରେ ଭାରତୀୟ ଯୋଡି କ୍ୱାର୍ଟର ଫାଇନାଲରେ ପହଞ୍ଚି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଡବଲ୍ସ ଖେଳାଳି ଭାବରେ ଉଭୟ ଏହି ସଫଳତା ହାସଲ କରିଛନ୍ତି। ଭାରତୀୟ ମହିଳା ଡବଲ୍ସ ଖେଳାଳି ଅଶ୍ୱିନୀ ପୋନାପ୍ପା-ତନିଶା କାଷ୍ଟ୍ରୋ ବିଶ୍ୱ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଜାପାନର ମାଟସୁମା ନାମି-ସିଡା ଚିହାରୁଙ୍କ ନିକଟରୁ ୨୧-୧୧, ୨୧-୧୨ ସେଟରେ ପରାଜିତ ହୋଇଛନ୍ତି।


ଲକ୍ଷ୍ୟ ସେନ୍

## ଭାରତର କାର୍ଯ୍ୟସୂଚୀ (ମଙ୍ଗଳବାର)

**ଶୁଟିଂ**: ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ବ୍ରୋଞ୍ଜ ପ୍ଲେ ଅଫ୍ (ଅପରାହ୍ନ ୧.୦୦)
ମନୁ ଭାକର, ସରବଜୋତ ସିଂ।
ଟ୍ରାପ୍ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ(ଅପରାହ୍ନ ୧୨.୩୦)
ପୃଥ୍ୱୀରାଜ ଟୋଣ୍ଡାଇମାନ।
ଟ୍ରାପ୍ ମହିଳା ଯୋଗ୍ୟତା ପର୍ଯ୍ୟାୟ(ଅପରାହ୍ନ ୧୨.୩୦)
ଶ୍ରେୟାସୀ ସିଂ, ରାଜେଶ୍ୱରୀ କୁମାରୀ
**ହକି**:ପୁଲ୍ ବି (ଅପରାହ୍ନ ୪.୪୫)
ଭାରତ ବନାମ ଆୟର୍ଲାଣ୍ଡ
**ବ୍ୟାଡମିଣ୍ଟନ**:ପୁରୁଷ ଡବଲ୍ସ (ଅପରାହ୍ନ ୫.୩୦)
ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ବନାମ ଆଲ୍ଫିଆନ୍ ଫଜର- ଆଡ୍ରିଆଣ୍ଟୋ ମହମ୍ମଦ ରିଆନ।
ମହିଳା ଡବଲ୍ସ (ସନ୍ଧ୍ୟା ୬.୨୦)
ଅଶ୍ୱିନୀ ପୋନାପ୍ପା-ତନିଶା କାଷ୍ଟ୍ରୋ ବନାମ ମପାସା ସେଟ୍ୟାନା-ୟୁ ଆଞ୍ଜେଲାଞ୍ଜେ
**ଆର୍ଚେରୀ** : ମହିଳା ବ୍ୟକ୍ତିଗତ ଇଭେଣ୍ଟ
ଅଙ୍କିତା ଭକତ ବନାମ ୱିଓଲେଟା ମିସଜୋର(ସମୟ: ଅପରାହ୍ନ ୫.୧୫)।
ଭଜନ କୌର ବନାମ ସିଇଫା ନୁରାଫିଫା କମଲ (ସମୟ: ଅପରାହ୍ନ ୫.୩୦)।
ପୁରୁଷ ବ୍ୟକ୍ତିଗତ ଇଭେଣ୍ଟ
ଧୀରଜ ବୋମ୍ମାଦେବରା ବନାମ ଆଡାମ୍ ଲି(ସମୟ: ରାତି ୧୦.୪୬)।
**ବକ୍ସିଂ**: ପୁରୁଷ ୫୧ କିଗ୍ରା ରାଉଣ୍ଡ ଅଫ୍ ୧୬
ଅମିତ ପଂଘାଲ ବନାମ ପ୍ୟାଟ୍ରିକ୍ ଚିନ୍ୟେମ୍ବା (ସମୟ: ୭.୧୬)।
ମହିଳା ୫୭ କିଗ୍ରା ରାଉଣ୍ଡ ଅଫ୍ ୩୨ (ରାତି ୯.୨୫)
ଜସ୍ମିନ୍ ଲାମ୍ବୋରିୟା ବନାମ ନେସ୍ଥି ପେଟେଇକୋ
ମହିଳା ୫୪ କିଗ୍ରା ରାଉଣ୍ଡ ଅଫ୍ ୧୬ (ରାତି ୧.୨୦)
ପ୍ରୀତି ପାୱାର

## ଫୋନ୍, ଇଣ୍ଟରନେଟ୍ ସେବା ଅଚଳ କଲେ ଉପଦ୍ରବୀ

ପ୍ୟାରିସ୍, ୨୯।୭(ପି.ଟି.)

ଉପଦ୍ରବକାରୀଙ୍କ ହିଂସାକାଣ୍ଡ କାରଣରୁ ଫ୍ରାନ୍ସର କିଛି ଅଞ୍ଚଳରେ ଫୋନ୍ ଓ ଇଣ୍ଟରନେଟ୍ ସେବା ଅଚଳ ହୋଇପଡିଛି। ଉପଦ୍ରବୀମାନେ ହିଂସାକାଣ୍ଡ କରି ଏକାଧିକ ଟେଲି କମ୍ୟୁନିକେଶନ ଓ ଫାଇବର ଲାଇନ୍‌କୁ ଅଚଳ କରି ଦେଇଛନ୍ତି। ଫଳରେ ଏକାଧିକ ଅଞ୍ଚଳରେ ଲ୍ୟାଣ୍ଡଲାଇନ୍ ଫୋନ୍ ସେବା ସହ ଇଣ୍ଟରନେଟ ସେବା ଅଚଳ ହୋଇପଡିଛି। ଏହି ଘଟଣାର ପ୍ରଭାବ କେତେ ଗୁରୁତର ଓ ଏହାଦ୍ୱାରା ଅଲିମ୍ପିକ୍ସ ପ୍ରଭାବିତ ହୋଇଛି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଉପଦ୍ରବୀମାନେ ଅଲିମ୍ପିକ୍ସ ଉଦ୍‌ଘାଟନୀ ସମାରୋହ ପୂର୍ବରୁ ରେଳ ଲାଇନ୍‌ର କଣ୍ଟ୍ରୋଲର ନିଆଁ ଲଗାଇ ପୋଡି ଦେଇଥିଲେ। ଫଳରେ ହଜାର ହଜାର ଯାତ୍ରୀଙ୍କୁ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା।

ଫ୍ରାନ୍ସ ଡିଜିଟାଲ ସେକ୍ରେଟାରୀ ମାରିନା ଫେରାରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ରବିବାର ରାତିରୁ ସୋମବାର ସକାଳ ମଧ୍ୟରେ ଏହି ଘଟଣା ଘଟିଥିବା କହିଛନ୍ତି ମାରିନା। ସେହିପରି ଫ୍ରାନ୍ସ ପ୍ରଶାସନ ଅଧୀନରେ ଥିବା ୬ଟି ବିଭାଗର କାର୍ଯ୍ୟ ଏହି ଆକ୍ରମଣ ଦ୍ୱାରା ପ୍ରଭାବିତ ହୋଇଥିବା ଜନୈକ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଫୁଟବଲ ଓ ସେଲିଂ ଭଳି ଇଭେଣ୍ଟ ଆୟୋଜନ କରୁଥିବା ମାର୍ସେଲିରେ ଏହି ଆକ୍ରମଣ ସବୁଠାରୁ ଅଧିକ ରହିଛି।

## ହରମନପ୍ରୀତ୍‌ଙ୍କ ଗୋଲ ସମ୍ମାନ ରଖିଲା

**ଅଲିମ୍ପିକ୍ସ ପୁରୁଷ ହକି**

■ ଭାରତ-ଆର୍ଜେଣ୍ଟିନା ମ୍ୟାଚ ଡ୍ର

**ପ୍ୟାରିସ, ୨୯।୭:** ଅଧିନାୟକ ହରମନପ୍ରୀତ୍ ସିଂଙ୍କ ବିଳମ୍ବିତ ଗୋଲ ସୋମବାର ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ହକିରେ ଭାରତର ସମ୍ମାନ ରଖିଛି। ପୁଲ୍ 'ବି'ର ଭାରତ-ଆର୍ଜେଣ୍ଟିନା ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୨୨ତମ ମିନିଟରେ ଲୁକାସ ମାର୍ଟିନେଜ୍‌ଙ୍କ ଗୋଲ ବଳରେ ଆର୍ଜେଣ୍ଟିନା ଅଗ୍ରଣୀ ନେଇଥିଲା। ତୃତୀୟ କ୍ୱାର୍ଟରରେ କୌଣସି ଦଳ ଗୋଲ ଦେଇ ପାରି ନ ଥିଲେ। ୪ର୍ଥ କ୍ୱାର୍ଟରରେ ମଧ୍ୟ ଆର୍ଜେଣ୍ଟିନା ପ୍ରଭାବୀ ପ୍ରଦର୍ଶନ ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଭାଗ୍ୟଦେବୀ ଭାରତକୁ ସାଥ୍ ଦେଇଥିଲେ। ୫୯ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହରମନପ୍ରୀତ ଭାରତୀୟ ଶିବିରରେ ଖୁସି ଖେଳାଇ ଦେଇଥିଲେ। ଅନ୍ୟପକ୍ଷରେ ବିଜୟ ସ୍ୱପ୍ନରେ ମସଗୁଲ ଥିବା ଆର୍ଜେଣ୍ଟିନାକୁ ଡ୍ର'ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ପୂରା ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିବା ଆର୍ଜେଣ୍ଟିନା ଗୋଲକିପର ଟୋମାସ ସାଣ୍ଟିଆଗୋ କିନ୍ତୁ ହରମନପ୍ରୀତ୍‌ଙ୍କ ଡ୍ରାଗ୍ ଫ୍ଲିକ୍ ଆଗରେ ପରାସ୍ତ ହୋଇଥିଲେ। ଭାରତ ଏହାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରିଥିଲା। ଫଳରେ ୨ ମ୍ୟାଚରୁ ଏହି ଦଳ ୪ ପଏଣ୍ଟ ପାଇ ପୁଲ୍ 'ବି' ଟେବୁଲର ତୃତୀୟ ସ୍ଥାନରେ ରହିଛି। ବେଲଜିୟମ ଓ ଅଷ୍ଟ୍ରେଲିଆ ୨ଟି ଲେଖାଏ ମ୍ୟାଚରୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିବା ଆର୍ଜେଣ୍ଟିନା ପଏଣ୍ଟ ଖାତା ଖୋଲିଛି। ୧ ପଏଣ୍ଟ ସହ ଦଳ ୪ର୍ଥ ସ୍ଥାନରେ ରହିଛି। ସୋମବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୨-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା।


ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ପୁରୁଷ ହକି ମ୍ୟାଚରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ପ୍ୟାରିସ ଅଲିମ୍ପିକ୍ସ ସର୍ଫିଙ୍ଗ୍ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ ଅବସରରେ ଦକ୍ଷିଣ ଆଫ୍ରିକାର ଜୋର୍ଡି ସ୍ମିଥ୍।

# ନୀରଜଙ୍କ ପାଇଁ ସାଇକେଲରେ ପ୍ୟାରିସ

## ଦୁଇ ବର୍ଷରେ ୨୨,୦୦୦ କିମି ଯାତ୍ରା କଲେ କେରଳ ସାଇକ୍ଲିଷ୍ଟ

ପ୍ୟାରିସ, ୨୯।୭ (ପି.ଟି.)

କେରଳର ଫୈଜ୍ ଅଶ୍ରଫ ଅଲି ଭାରତର ଷ୍ଟାର ଆଥଲେଟ ନୀରଜ ଚୋପ୍ରାଙ୍କ ଜଣେ ବଡ଼ ସମର୍ଥକ। ପ୍ୟାରିସ ଅଲିମ୍ପିକ୍ସରେ ଏହି ଜାଭେଲିନ ଥ୍ରୋୟରଙ୍କୁ ଉତ୍ସାହିତ କରିବା ଲାଗି ସେ କାଲିକଟରୁ ସାଇକେଲରେ ଦୀର୍ଘ ୨୨,୦୦୦ କି.ମି. ଯାତ୍ରା କରି ପ୍ୟାରିସରେ ପହଞ୍ଚିଛନ୍ତି। ଏଥିପାଇଁ ତାଙ୍କୁ ୨ବର୍ଷ ସମୟ ଲାଗିଥିଲା। ସେ ୨୦୨୨ ଅଗଷ୍ଟରୁ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ଫ୍ରାନ୍ସ ରାଜଧାନୀରେ ପହଞ୍ଚିବା ଲାଗି ତାଙ୍କୁ ୩୦ଟି ଦେଶ ଅତିକ୍ରମ କରିବାକୁ ପଡ଼ିଥିଲା। ଅଲି ପ୍ରକୃତରେ ଶାନ୍ତି ଓ ଏକତାର ଏକ ବାର୍ତ୍ତାର ପ୍ରଚାର ନେଇ ଭାରତରୁ ଲଣ୍ଡନ ଏକ ସାଇକେଲ ମିଶନରେ ବାହାରିଥିଲେ। ସେ ୧୭ଟି ଦେଶ ଅତିକ୍ରମ କରିସାରିବା ପରେ ଗତବର୍ଷ ଅଗଷ୍ଟମାସର ଏକ ଅପରାହ୍ନରେ ବୁଦାପେଷ୍ଟଠାରେ କିଛି ସମୟ ଅଟକିଥିଲେ। ସେ ଜାଣିବାକୁ ପାଇଥିଲେ ଯେ, ବିଶ୍ୱଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଆଥଲେଟିକ୍ସ ଦଳ ସହିତ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ନୀରଜ ସେଠାକୁ ଆସିଛନ୍ତି ଆଉ ଏକ ଐତିହାସିକ ବିଜୟ ପାଇଁ। ନୀରଜଙ୍କୁ ସାକ୍ଷାତ କରିବା ଲାଗି ସେ କେରଳର ଜଣେ ବିଶିଷ୍ଟ କୋଚ୍‌ଙ୍କ ସହାୟତା ନେଇଥିଲେ। ସେ ଭାରତୀୟ ଆଥଲେଟମାନଙ୍କ ବ୍ୟତୀତ ତାଙ୍କ ସ୍ପୋର୍ଟିଂ ଆଇଡଲଙ୍କୁ ସାକ୍ଷାତ୍ କରିବାର ସୁଯୋଗ ମଧ୍ୟ ପାଇଥିଲେ। ବାର୍ତ୍ତାଳାପ ସମୟରେ ନୀରଜ ତାଙ୍କ କହିଥିଲେ ତୁମେ ଲଣ୍ଡନ ଯାଉଛ, ଅଲିମ୍ପିକ୍ସ ପାଇଁ କାହିଁକି ପ୍ୟାରିସ ଆସୁନାହଁ। କେରଳର ଏହି ସାଇକ୍ଲିଷ୍ଟଙ୍କୁ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ତାଙ୍କୁ ଆବଶ୍ୟକ ଭିଜା ଯୋଗାଡ଼ କରିବାକୁ ପଡ଼ିଥିଲା। ରବିବାର ସ୍ଥାନୀୟ ଇଣ୍ଡିଆ ହାଉସ୍‌ଠାରେ ତାଙ୍କ ଯାତ୍ରା ଶେଷ କରିବା ପରେ ଅଲି ଖବରଦାତାମାନଙ୍କୁ ତାଙ୍କ ଗସ୍ତକ୍ରମ ବିଷୟରେ ବଖାଣିବା ବେଳେ ଏ ସବୁ ବିଷୟ ପ୍ରକାଶ କରିଛନ୍ତି। ପ୍ୟାରିସରେ ପହଞ୍ଚିବା ପରେ ସେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ମୁଖ୍ୟ ପି.ଟି.ଉଷାଙ୍କୁ ଭେଟିଥିଲେ। ଅଗଷ୍ଟ ୮ରେ ଅଲିମ୍ପିକ୍ସ ଜାଭେଲିନ୍ ଇଭେଣ୍ଟରେ ନୀରଜଙ୍କୁ ଉତ୍ସାହିତ କରିବା ଲାଗି ସେ ଆସିଥିବା ବିଷୟ ଜଣାଇଥିଲେ। ଅଲି ତାଙ୍କ ସହିତ ୪ ଯୋଡ଼ା ପୋଷାକ, ଗୋଟିଏ ଟେଣ୍ଟ, ଏକ ସ୍ଲିପିଙ୍ଗ ବ୍ୟାଗ୍ ଓ ଏକ ମ୍ୟାଟ୍ ନେଇକରି ଆସିଛନ୍ତି। ଏସବୁର ଓଜନ ମାତ୍ର ୫୦କେଜି ହେବ। ସେ କହିଛନ୍ତି, ତାଙ୍କୁ ପ୍ରାୟୋଜକଙ୍କ ଅଭାବ ନ ଥିଲେ ମଧ୍ୟ ବାଟରେ ସେ କେବେ ଏକ ହୋଟେଲରେ ଅବସ୍ଥାନ କରିନାହାନ୍ତି। ଭିଜା ଯୋଗାଡ଼ ପାଇଁ କେବଳ ଦୁଇଥର ସେ ବିମାନ ଯୋଗେ କେରଳ ଆସି ଫେରିଯାଇଛନ୍ତି। ଗୋଟିଏ ଦେଶର ସୀମା ଅତିକ୍ରମ କରି ଅନ୍ୟ ଦେଶକୁ ଗଲେ ଭିଜାର ଆବଶ୍ୟକତା ପଡ଼ିଥାଏ। ସୀମା ପାର ବେଳେ ଜଣେ ସାଇକ୍ଲିଷ୍ଟ ପାଇଁ ଭିଜା ବ୍ୟତୀତ ଅନ୍ୟ କୌଣସି କାଗଜପତ୍ରର ଆବଶ୍ୟକ ପଡ଼ି ନ ଥାଏ। ଅଲି କହିଛନ୍ତି, ତାଙ୍କର ଏହି ଅଭିଯାନ ବେଳେ ସେ କେବେ କ୍ଳାନ୍ତ ଅନୁଭବ କରିନ ନାହାନ୍ତି କିମ୍ବା ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ିନାହାନ୍ତି। ବାଟରେ ବିଭିନ୍ନ ସ୍ଥାନରେ ଲୋକମାନଙ୍କଠାରୁ ଆଦର ଓ ସ୍ନେହ ପାଇଛନ୍ତି। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ କ୍ରିସ୍ ଗେଲ, ହରଭଜନ ସିଂ ଓ ସୁରେଶ ରାଇନାଙ୍କ ଭଳି ଷ୍ଟାର କ୍ରିକେଟର ତାଙ୍କୁ ସ୍ୱାଗତ କରିଛନ୍ତି। ଅଲି ପେଶାରେ ହେଉଛନ୍ତି ଜଣେ ଇଂଜିନିୟର। ସେ ୪ବର୍ଷ ସାଉଦି ଆରବରେ ଥିଲେ।



ପ୍ୟାରିସର ଆଇଫେଲ ଟାୱାର ନିକଟରେ ଫୈଜ୍ ଅଶ୍ରଫ ଅଲି।

# ବାଇଜେ ରୁଲର୍ସ ଚାମ୍ପିୟନ



ବିଏଏସ୍‌ଓ ସ୍ନୁକର ପ୍ରିମିୟର ଲିଗ୍ ଚାମ୍ପିୟନ ବାଇଜେ ରୁଲର୍ସ ଦଳ।

**ଭୁବନେଶ୍ୱର, ୨୯।୭ (ତପନ ସ୍ୱାଇଁ):** ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏଏସ୍‌ଓ) ଆନୁକୂଲ୍ୟରେ ସ୍ନୁକର ପ୍ରିମିୟର ଲିଗ୍ ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଇଜେ ରୁଲର୍ସ ଓ ବ୍ଲୁ ହକ୍ସ ମଧ୍ୟରେ ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇ ୨-୨ରେ ଟାଇ ରହିଥିଲା। ଟୁର୍ନାମେଣ୍ଟରେ ବାଇଜେ ରୁଲର୍ସ ଅପରାଜିତ ରହିଥିବାରୁ ଚାମ୍ପିୟନ ଘୋଷିତ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନରଅପ୍‌କୁ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବାଇଜେ ରୁଲର୍ସର ଚେତନ ଆନନ୍ଦ ଶ୍ରେଷ୍ଠ ଖେଳାଳି ଓ ଗୁଡ଼୍‌ୱିନ କୁଲୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପାଇଥିଲେ। ବିଏସ୍‌ଏଓ ସମ୍ପାଦକ ସମୀର ଅଲୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସଭାପତି ତାରା ରଞ୍ଜନ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ। ଲିଗ୍‌ରେ ଭାଗ ନେଇଥିବା ୫ ଦଳରେ ଗୋବିନ୍ଦ ଶର୍ମା ପର୍ପଲ ସ୍କ୍ୱିରେଲ, ମିଶାଲ ସ୍ୱାଇଁ ବାଇଜେ ରୁଲର୍ସ, ଶ୍ୟାମ ଅଗ୍ରୱାଲ ବ୍ଲୁ ହକ୍ସ, ଅମିତ ରଞ୍ଜନ ନାୟକ ଆଲ୍ଫା ଇଗଲ୍ସ ଓ ଜ୍ଞାନ ରଞ୍ଜନ ବେହେରା କାଫେ ଡି ବିଲିଆର୍ଡ୍ସ ଦଳର ମାଲିକ ଥିଲେ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଦ.କୋରିଆ | ୫ | ୩ | ୧ | ୯ |
| ଜାପାନ | ୫ | ୨ | ୪ | ୧୧ |
| ଚାଇନା | ୫ | ୨ | ୨ | ୯ |
| ଫ୍ରାନ୍ସ | ୪ | ୬ | ୩ | ୧୩ |
| ଅଷ୍ଟ୍ରେଲିଆ | ୪ | ୩ | ୦ | ୭ |
| ଆମେରିକା | ୩ | ୭ | ୪ | ୧୪ |
| ବ୍ରିଟେନ | ୨ | ୪ | ୩ | ୯ |
| ଜର୍ମାନୀ | ୨ | ୦ | ୦ | ୨ |
| ଇଟାଲୀ | ୧ | ୨ | ୩ | ୬ |
| କାନାଡା | ୧ | ୧ | ୨ | ୪ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ବେଲଜିୟମ | ୧ | ୦ | ୧ | ୨ |
| ହଂକଂ | ୧ | ୦ | ୦ | ୧ |
| ଉଜବେକିସ୍ତାନ | ୧ | ୦ | ୦ | ୧ |
| ବ୍ରାଜିଲ | ୦ | ୧ | ୨ | ୩ |
| ସୁଇଡେନ୍ | ୦ | ୧ | ୨ | ୩ |
| | | ----- | | |
| ଭାରତ | ୦ | ୦ | ୧ | ୧ |

(ରାତି ୧୦ଟା ସୁଦ୍ଧା)

# ଭାରତରେ ହେବ ୨୦୨୫ ଏସିଆ କପ୍

କୁଆଲାଲମ୍ପୁର, ୨୯।୭ (ପି.ଟି.)

୨୦୨୫ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଭାରତରେ ଆୟୋଜନ ହେବ। ୨୦୨୬ରେ ଭାରତରେ ଟି୨୦ ବିଶ୍ୱକପ ହେବାର ଥିବାରୁ ଏସିଆନ କ୍ରିକେଟ କାଉନ୍‌ସିଲ ଭାରତକୁ ଏସିଆ କପ୍ ଟି୨୦ ଆୟୋଜନ ଅଧିକାର ପ୍ରଦାନ କରିଛି। ଏସିଆ କପ୍‌କୁ ସବୁବେଳେ ବିଶ୍ୱକପ୍‌ର ଡ୍ରେସ ରିହର୍ସାଲ ଭାବେ ବ୍ୟବହାର କରାଯାଉଛି। ଅର୍ଥାତ୍ ବିଶ୍ୱକପ ଯେଉଁ ଫର୍ମାଟରେ ହେବାକୁଥିବା ତା' ପୂର୍ବ ଏସିଆ କପ୍‌ରୁ ସେହି ଫର୍ମାଟରେ ଆୟୋଜନ କରାଯାଉଛି। ସେହି ଅନୁସାରେ ୨୦୨୭ରେ ବାଂଲାଦେଶରେ ହେବାକୁଥିବା ଏସିଆ କପ୍ ଦିନିକିଆ ଫର୍ମାଟରେ ଅନୁଷ୍ଠିତ ହେବ। କାରଣ ସେହିବର୍ଷ ଦକ୍ଷିଣ ଆଫ୍ରିକାରେ ୫୦ ଓଭର ବିଶିଷ୍ଟ ଦିନିକିଆ ବିଶ୍ୱକପ ଅନୁଷ୍ଠିତ ହେବ। ଟି୨୦ ଫର୍ମାଟରେ ଭାରତ ଓ ଦିନିକିଆ ଫର୍ମାଟରେ ବାଂଲାଦେଶରେ ହେବାକୁଥିବା ଏସିଆ କପ୍‌ରେ ୧୩ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ୨୦୨୩ ସଂସ୍କରଣ ପାକିସ୍ତାନରେ 'ହାଇବ୍ରିଡ୍ ମଡେଲ'ରେ ଅନୁଷ୍ଠିତ ହୋଇଥିଲା। ଭାରତ ଏହାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିଥିଲା।

## ଆନ୍ଧ୍ର ପ୍ରଦେଶରେ ଓଡ଼ିଶା ସିନିୟର କ୍ରିକେଟ ଦଳର କ୍ୟାମ୍ପ

**ଭୁବନେଶ୍ୱର, ୨୯।୭ (ତପନ ସ୍ୱାଇଁ):** ଆଗାମୀ ରଣଜୀ ଟ୍ରଫି କ୍ରିକେଟ ସିଜନ ପାଇଁ ପ୍ରସ୍ତୁତ ହେବାଲାଗି ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର କ୍ୟାମ୍ପ ଆନ୍ଧ୍ର ପ୍ରଦେଶରେ ଅନୁଷ୍ଠିତ ହେବ। ଓଡ଼ିଶାର ୩୦ ଖେଳାଳିଙ୍କ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ଅବକାଶ ଖଟୁଆ, ମ୍ୟାନେଜର ଦେବାଶିଷ ପାଢ଼ୀ ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ମାନେ ଭାଇଜାଗ୍ ଯାତ୍ରା କରିବେ। ଓଡ଼ିଶା ଦଳ ସେଠାରେ ଟ୍ରେନିଂ ନେବାସହ ଅଭ୍ୟାସ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି ବୋଲି ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରକାଶ କରାଯାଇଛି। ବିସିସିଆଇ ଘରୋଇ ସିଜନ ୨୦୨୪-୨୫ର ସୟଦ ମୁସ୍ତାକ ଅଲୀ ଟ୍ରଫିକୁ ଦୃଷ୍ଟିରେ ରଖି ଓଡ଼ିଶା ଦଳ ସେଠାରେ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଟି୨୦ ଅଭ୍ୟାସ ମ୍ୟାଚ ଖେଳିବ।

# ଓଡ଼ିଶା ୩-୨ରେ ମିଜୋରାମକୁ ହରାଇଲା



ନରେଶ କୁମାର ଧନ



ଅମନ ଲାକ୍ରା



ମଣ୍ଟୁ ନାଗ୍

## ଜାତୀୟ ଜୁନିୟର ଫୁଟବଲ

ଭୁବନେଶ୍ୱର, ୨୯।୭ (ତପନ ସ୍ୱାଇଁ)

କୋଲକାତା ଦକ୍ଷିଣ ୨୪ ପ୍ରଗଣାର ନରେନ୍ଦ୍ରପୁରସ୍ଥିତ ରାମକ୍ରିଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ଜୁନିୟର ଫୁଟବଲ (ବି.ସି. ରୟ ଟ୍ରଫି) ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ଆରମ୍ଭରୁ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଓଡ଼ିଶା ପ୍ରଥମାର୍ଦ୍ଧ ଶେଷ ବେଳକୁ ୩-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଦଳ ପକ୍ଷରୁ ମଣ୍ଟୁ ନାଗ୍ ୧୫, ଅମନ ଲାକ୍ରା ୨୨ ଓ ନରେଶ କୁମାର ଧନ୍ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମିଜୋରାମ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତେବେ ଦଳ ୨ଟି ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା। ଭାନସାଙ୍ଗପୁଇଆ ରାଲ୍‌ଟେ ୫୨ ଓ ଫ୍ରାନ୍ସିସ ଲାଲହ୍ମଇଜେଲା ୯୦+୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ଗତ ୨୭ ତାରିଖରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ମଣ୍ଟୁ ନାଗ୍ ୬ଷ୍ଠ, ଶମ୍ଭୁନାଥ ମାଝି ୬୪ ଓ ଭିକି ମାଝି ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ଅଭ୍ୟାସ ଆରମ୍ଭ କଲେ ରୋହିତ, କୋହଲି

**କଲମ୍ବୋ, ୨୯।୭ (ପି.ଟି.):** ଅଗଷ୍ଟ ୨ରୁ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଭାରତ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସମେତ ଅନ୍ୟ କେତେଜଣ ଖେଳାଳି ସୋମବାରଠାରୁ ସେମାନଙ୍କ ଅଭ୍ୟାସ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ସୂର୍ଯ୍ୟକୁମାର ଯାଦବଙ୍କ ଅଧୀନରେ ଭାରତୀୟ ଟି୨୦ ଟିମ୍ ମଙ୍ଗଳବାର ପାଲିକେଲଠାରେ ଏହାର ତୃତୀୟ ତଥା ଅନ୍ତିମ ମ୍ୟାଚ ଖେଳିବ। ରୋହିତ, କୋହଲି ଏବଂ ହର୍ଷିତ ରାଣାଙ୍କ ଭଳି ଅନ୍ୟ କେତେଜଣ ଯୁବ ଖେଳାଳି ରବିବାର କଲମ୍ବୋରେ ପହଞ୍ଚିଛନ୍ତି। ଆମେରିକାରେ ଭାରତ ଦ୍ୱିତୀୟ ଥର ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ରୋହିତ, କୋହଲି ଓ କୁଲଦୀପ ପାଖାପାଖି ଏକ ମାସ ପଡ଼ିଆକୁ ଓହ୍ଲାଇ ନାହାନ୍ତି। ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ପାଇଁ ଶ୍ରେୟସ ଆୟର ଜାତୀୟ ଦଳକୁ ଫେରିବେ। ଆୟର ଶେଷ ଥର ପାଇଁ ଏକ ସୀମିତ ଓଭର ମ୍ୟାଚ ଗତ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ।

# ହ୍ୟାଣ୍ଡ ଟୁ ହ୍ୟାଣ୍ଡ ଫାଇଟିଂରେ ଓଡ଼ିଶାର ସଫଳତା




ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୯।୭ (ତପନ ସ୍ୱାଇଁ)

ହ୍ୟାଣ୍ଡ ଟୁ ହ୍ୟାଣ୍ଡ ଫାଇଟିଂ ସ୍ପୋର୍ଟ୍ସର ଜାତୀୟ ଚାମ୍ପିୟନଶିପ୍ ମଧ୍ୟପ୍ରଦେଶରେ ଗତ ୨୭ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ୧୮ଟି ରାଜ୍ୟର ୩୭୫ ଆଥଲେଟ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ମୋଟ ୨୧ ପ୍ରତିଯୋଗୀ ଉଭୟ ଫାଇଟିଂ ଓ ସେଲ୍ଫ ଡିଫେନ୍ସରେ ଅଂଶଗ୍ରହଣ କରି ୬ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ସେଲ୍ଫ ଡିଫେନ୍ସରେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସାମିଲ। ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିମାନେ ହେଲେ ଧନଞ୍ଜୟ ସାହୁ, ଆୟୁଷ ଅଂଶୁମାନ ରାଉତ, ଅବିନାଶ ଦାସ, ବିଶ୍ୱନାଥ ପରିଡ଼ା, ହରପ୍ରୀୟା ସେଠୀ ଓ ଆଦ୍ୟାଶା ନାୟକ। ସେହିପରି ଶାଶ୍ୱତ ସାହୁ, ସାଇ ଆଶୁତୋଷ ବାରିକ, କହ୍ନେଇ ସାହୁ, ଶ୍ରୀନାଥ ବେହେରା ଓ ସାଇ ଆଦର୍ଶ ବଳିୟାରସିଂ ରୌପ୍ୟ ଏବଂ ଆକାଶ ଗୌରବ ବେହେରା, ସାଇ ଶୁଭମ୍ ସେଠୀ, ରଘୁନାଥ ପରିଡ଼ା, ଆଦ୍ୟାଶା ନାୟକ, ପି. କେଶବ ରେଡ୍ଡୀ, ବିଶ୍ୱଜିତ ମଲିକ, ରାହୁଲ ଭୋଇ, ରୋହନ ମଲିକ, ଘନଶ୍ୟାମ ସାହୁ, ସାଇଶ୍ରୀ ମହାନ୍ତି ଓ ରଶ୍ମି ରଞ୍ଜନ ବେହେରା ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶା ଦଳସହ ମ୍ୟାନେଜରଭାବେ ଜୀତେନ୍ଦ୍ର ପ୍ରସାଦ ସାମଲ, କୋଚ୍ କୈବଲ୍ୟ ନାୟକ, ରେଫରି ଜାଡୁ ହାଁସଦା, ତପନ ମଣ୍ଡଳ ଓ ଅନ୍ତ୍ୟାମି ଖିଲାର ମଧ୍ୟ ପ୍ରଦେଶ ଯାତ୍ରା କରିଥିଲେ।

# ୱାକୋ ଇଣ୍ଡିଆ କିକ୍‌ବକ୍ସିଂ: ଓଡ଼ିଶାକୁ ୯ ସ୍ୱର୍ଣ୍ଣ, ୧ ରୌପ୍ୟ

ଭୁବନେଶ୍ୱର, ୨୯।୭ (ତପନ ସ୍ୱାଇଁ)

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ୱାକୋ ଇଣ୍ଡିଆ ଜାତୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୯ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ କୌସ୍ତୁଭ ମହାନ୍ତି, ସମ୍ବିତ କୁମାର ଲେଙ୍କା, ଆର୍ଯ୍ୟନ ଶର୍ମା, ସାଇ ସାଗର ସୁବୁଦ୍ଧି, ବିନୟ କୁମାର ନାୟକ, ଅମିତ ପ୍ରସାଦ, ଶିବାଶିଷ ମହାପାତ୍ର, ମହମ୍ମଦ ଦୁକ୍କ ଖାଁ ଓ ମହମ୍ମଦ ୟଶ୍ ଖାଁ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଯୁବରାଜ ସିଂ ରୌପ୍ୟ ପଦକ ହାସଲ କରିଛନ୍ତି ବୋଲି ୱାକୋ ଓଡ଼ିଶା ଆସୋସିଏଶନ ସଭାପତି ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କିକ୍ ବକ୍ସର ବିଭୂତି ଭୂଷଣ ବେହେରା ପ୍ରକାଶ କରିଛନ୍ତି। ଖେଳାଳିଙ୍କ ସହ ଟିମ୍ ଲିଡର ବିଭୂତିଙ୍କ ବ୍ୟତୀତ ଗଙ୍ଗାଧର ସାହୁ ଓ ନିଖତ ବାନୁ ଟିମ୍ ଅଫିସିଆଲ, ମହମ୍ମଦ ସଲିମ ଖାଁ କୋଚ୍ ଏବଂ ନିର୍ମଳା ମହାପାତ୍ର ମ୍ୟାନେଜରଭାବେ ଜୟପୁର ଯାତ୍ରା କରିଥିଲେ। ପଦକ ବିଜୟୀ କ୍ରୀଡ଼ାବିତ୍‌ଙ୍କୁ ୱାକୋ ଓଡ଼ିଶା ଆସୋସିଏଶନର ସମ୍ପାଦକ ଦୀନବନ୍ଧୁ ବେହେରା, ଉପସଭାପତି ଲୋପାମୁଦ୍ରା ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ଟିମ୍ ଅଫିସିଆଲଙ୍କ ସହ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ